# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଫେବୃୟାରୀ ୨୨/୨୦୧୯ (୨୦ ପୃଷ୍ଠା ) Sambalpur, Friday, February 22 / 2019 ★★

୧୫ଶ ଭାଗ ୬୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ଶହୀଦଙ୍କ ପିଲାଙ୍କୁ ସହାୟତା ଦେବେ ରବିନା

ପୁଲ୍‌ଓ୍ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନ୍‌ଙ୍କ ପିଲାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ବଲିଉଡ୍ ଅଭିନେତ୍ରୀ ରବିନା ଟଣ୍ଡନ।

୦୨

୧୮

## ଗିନିଜ ବୁକ୍‌ରେ ହିଲୀ

ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳର ଉଇକେଟ୍‌କିପର ଆଲିସା ହିଲା ସର୍ବୋଚ୍ଚ କ୍ୟାଚ୍ ନେଇ ଗିନିଜ୍ ୱାର୍ଲ୍ଡ ରେକର୍ଡ ବୁକ୍‌ରେ ନିଜ ନାମକୁ ସ୍ଥାନିତ କରିଛନ୍ତି।








### ଆତ୍ମଘାତୀ ଆକ୍ରମଣ ନେଇ ଗୋଇନ୍ଦା ଆଲର୍ଟ ଜାରି

# ଆହୁରି ବଡ଼ ଷଡ଼ଯନ୍ତ୍ର ରଚୁଛି ଜୈଶ୍

**ନୂଆଦିଲ୍ଲୀ,୨୧।୨**

ପୁଲଓ୍ୱାମା ଆକ୍ରମଣ ପରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦ (ଜେଇଏମ୍) ଆହୁରି ବଡ଼ଧରଣର ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର ରଚୁଛି। ସମ୍ଭାବ୍ୟ ଆକ୍ରମଣରେ ସୁରକ୍ଷା ବଳକୁ ଅଧିକ କ୍ଷତି ସହିବାକୁ ପଡ଼ିପାରେ ବୋଲି ଆଶଙ୍କା କରାଯାଉଛି। ଜେଇଏମ୍ ହ୍ୟାଣ୍ଡଲରଙ୍କ ମଧ୍ୟରେ ହୋଇଥିବା ଟେଲିଫୋନ୍ ବାର୍ତ୍ତାଳାପର କୋଡ୍ ୱାର୍ଡରୁ ଗୋଇନ୍ଦା ସଂସ୍ଥାଗୁଡ଼ିକ ଏହା ଜାଣିପାରିଛନ୍ତି। ଏହି ତଥ୍ୟ ସାମ୍ନାକୁ ଆସିବା ପରେ ଆଲର୍ଟ ଜାରି କରାଯାଇଛି।

ଜମ୍ମୁ-କଶ୍ମୀରର ପୁଲଓ୍ୱାମାସ୍ଥିତ ଅଓ୍ୱନ୍ତିପୋରା ନିକଟସ୍ଥ ଲେଥ୍‌ପୋରାରେ ଗତ ୧୪ ତାରିଖରେ ଜେଇଏମ୍ ଆତ୍ମଘାତୀ ବିସ୍ଫୋରଣ କରିଥିଲା। ଏଥିରେ ସିଆର୍‌ପିଏଫ୍ ବସ୍‌ରେ ଯାଉଥିବା ୪୯ ଯବାନ ଶହୀଦ ହୋଇଥିଲେ। ଗୋଇନ୍ଦା ତଥ୍ୟ ☞ପୃଷ୍ଠା-୪

## ଶ୍ରୀମନ୍ଦିର ସୁରକ୍ଷା ପାଇଁ ଚିଠି

**ପୁରୀ ଅଫିସ,୨୧।୨**

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀଙ୍କ ନଜର ଥିବା ପୂର୍ବରୁ ଏକାଧିକଥର କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା ପକ୍ଷରୁ ରିପୋର୍ଟ ଦିଆଯାଇଛି। ଏହାସତ୍ତ୍ୱେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଉପଯୁକ୍ତ ଭାବେ ହୋଇନାହିଁ। ଜାତୀୟ ସୁରକ୍ଷା ଗାର୍ଡ (ଏନ୍‌ଏସ୍‌ଜି) କିଛିବର୍ଷ ହେବ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛି। ଗତବର୍ଷ ଅଗଷ୍ଟରେ ଏନ୍‌ଏସ୍‌ଜିର ଅଧିକାରୀମାନେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା



ଯାଞ୍ଚ କରିବା ସହ କେତେକ ସୁପାରିସ କରିଥିଲେ। ସେବାୟତ, ଅଣସେବାୟତ ଏବଂ ଶ୍ରୀମନ୍ଦିର କର୍ମଚାରୀଙ୍କୁ ☞ପୃଷ୍ଠା-୪


‘ପିଏମ୍ କିଷାନ’କୁ ମୁଖ୍ୟମନ୍ତ୍ରୀଙ୍କ ଟାର୍ଗେଟ | ପୃଷ୍ଠା ........୫........


# ପିଏମ୍-କିଷାନରେ ସାମିଲ ହେବ ଓଡ଼ିଶା

**ଭୁବନେଶ୍ୱର,୨୧।୨(ବ୍ୟୁରୋ)**

- କାଳିଆ ଯୋଜନାରେ ୨୭ ଲକ୍ଷ ଚାଷୀଙ୍କୁ ସହାୟତା
- କାଳିଆ ଛାତ୍ରବୃତ୍ତି ପାଇଁ ଖୋଲିବ ଅନ୍‌ଲାଇନ ପୋର୍ଟାଲ
- ୧୮୧ ଶିକ୍ଷାନୁଷ୍ଠାନରେ ପଢୁଥିବା ପିଲା ପାଇବେ ବୃତ୍ତି
- ଅନ୍ୟ ବୃତ୍ତି ପାଉଥିଲେ କାଳିଆ ଛାତ୍ର ବୃତ୍ତି ମିଳିବନି

ପ୍ରଧାନମନ୍ତ୍ରୀ (ପିଏମ୍)-କିଷାନ ଯୋଜନାରେ ଓଡ଼ିଶାର କୃଷକମାନଙ୍କୁ ସାମିଲ କରାଯିବ। ସେହି ଅନୁଯାୟୀ ଆବଶ୍ୟକ ତଥ୍ୟ ସମ୍ପୃକ୍ତ ୱେବ୍‌ସାଇଟରେ ଅପ୍‌ଲୋଡ କରିବାକୁ କୃଷି ଓ ସଶକ୍ତୀକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାଳିଆ (କୃଷକ ଆସିଷ୍ଟାନ୍ସ ଫର ଲାଇଭ୍‌ଲିହୁଡ ଆଣ୍ଡ ଇନକମ ଅଗ୍‌ମେଣ୍ଟେଶନ) ଯୋଜନା ସମୀକ୍ଷା ବୈଠକରେ ଏହି ସୂଚନା ଦିଆଯାଇଛି। ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ଗଣମାଧ୍ୟମକୁ କହିଛନ୍ତି ଯେ, କାଳିଆ ଯୋଜନାର ରାଜ୍ୟସ୍ତରୀୟ କମିଟି ବୈଠକରେ ସମୀକ୍ଷା କରାଯାଇଥିଲା। ଏହି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୪ ଲକ୍ଷ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିଛନ୍ତି। ଉଭୟ ପର୍ଯ୍ୟାୟକୁ ମିଶାଇ ଏ ପର୍ଯ୍ୟନ୍ତ ୨୭.୨ ଲକ୍ଷ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ସହିତ ୩ ଲକ୍ଷ ୨୦ ହଜାର ଭୂମିହୀନ କୃଷି ଶ୍ରମିକଙ୍କୁ ସହାୟତା ମିଳିଛି। ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୧୩.୨ ଲକ୍ଷ ହିତାଧିକାରୀଙ୍କୁ ସହାୟତା ଯୋଗାଇ ଦିଆଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୧୪ ଲକ୍ଷ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଦୁଇଟି ଯାକ ପର୍ଯ୍ୟାୟରେ ୨୭.୨ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସାମିଲ କରାଯାଇଛି। ଏହାଛଡ଼ା ୩.୨୦ ଲକ୍ଷ ଭୂମିହୀନ କୃଷିଶ୍ରମିକଙ୍କୁ ମଧ୍ୟ ସହାୟତା ଯୋଗାଇ ଦିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ସହାୟତା ଖୁବ୍‌ଶୀଘ୍ର ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅନଲାଇନ ଜରିଆରେ ପ୍ରଦାନ କରାଯିବ। କାଳିଆ ସ୍କଲାରଶିପ ସ୍କିମ୍ ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ଆରମ୍ଭ କରାଯାଇଛି। ଏହି ଯୋଜନା ସରକାରୀ କଲେଜ, ସରକାରୀ ପଲିଟେକ୍‌ନିକ ଏବଂ ଆଇଟିଆଇରେ ଛାତ୍ରୀଛାତ୍ରଙ୍କ ପାଇଁ ଏହା କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ସୌରଭ ଗର୍ଗ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମୁତାବକ କାଳିଆ ଛାତ୍ରବୃତ୍ତି ପ୍ରଦାନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଛାତ୍ରବୃତ୍ତି ୧୩ଟି ବୈଷୟିକ ପାଠ୍ୟକ୍ରମ ଏବଂ ☞ପୃଷ୍ଠା-୪

# ଆଜିଠାରୁ ମାଟ୍ରିକ ପରୀକ୍ଷା

**କଟକ ଅଫିସ,୨୧।୨**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ୨୦୧୯ ମାଟ୍ରିକ ପରୀକ୍ଷା, ମଧ୍ୟମା ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି ବୋର୍ଡ ସଭାପତି ଡ. ଜହାଁଆରା ବେଗମ ସୂଚନା ଦେଇଛନ୍ତି। ୩୦୪ ନୋଡାଲ ସେଣ୍ଟର ଓ ୧୦୦ ପରୀକ୍ଷାକେନ୍ଦ୍ରରେ ଚଳିତବର୍ଷ ସିସି କ୍ୟାମେରା ଖଞ୍ଜାଯାଇଛି। ଓରିଏଣ୍ଟେଶନ କାର୍ଯ୍ୟକ୍ରମ ମାଧ୍ୟମରେ ସ୍କ୍ୱାଡ୍ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ମଧ୍ୟ ଡ. ବେଗମ କହିଛନ୍ତି। ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ସଂଖ୍ୟା ହେଉଛି ୫ଲକ୍ଷ ୭୨ହଜାର ୬୯୯ ଜଣ। ଏହାମଧ୍ୟରେ ୫ଲକ୍ଷ ୪୫ହଜାର ୩୬୪ଜଣ ରେଗୁଲାର ପରୀକ୍ଷାର୍ଥୀ ଓ ☞ପୃଷ୍ଠା-୪

## ଆଇସିଏସ୍‌ଇ ଦଶମ ପରୀକ୍ଷା ଆଜି

**ଭୁବନେଶ୍ୱର,୨୧।୨(ବ୍ୟୁରୋ)**

କାଉନ୍‌ସିଲ ଫର୍ ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ୍ ଏକ୍‌ଜାମିନେଶନ (ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଇଣ୍ଡିଆନ ସାର୍ଟିଫିକେଟ୍ ଅଫ୍ ସେକେଣ୍ଡାରୀ ଏଜୁକେଶନ (ଆଇସିଏସ୍‌ଇ)ର ଦଶମ ଶ୍ରେଣୀ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେଉଛି। ପ୍ରଥମ ଦିନ ଇଂଲିଶ ପରୀକ୍ଷା ରହିଥିବା ବେଳେ ପୂର୍ବାହ୍ନ ୧୧ଟାରେ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟାରେ ସରିବ। ଛାତ୍ରୀଛାତ୍ରମାନେ ପରୀକ୍ଷା ହଲ୍‌କୁ ସାଢ଼େ ୧୦ଟାରେ ପ୍ରବେଶ କରିବେ। ୧୦ଟା ୪୫ରେ ପ୍ରଶ୍ନପତ୍ର ଦିଆଯିବ। ପ୍ରଶ୍ନପତ୍ର ପଢ଼ିବା ପାଇଁ ଛାତ୍ରୀଛାତ୍ରଙ୍କୁ ୧୫ ମିନିଟ୍ ସମୟ ମିଳିବ। ଆସନ୍ତା ମାର୍ଚ୍ଚ ୨୫ରେ ☞ପୃଷ୍ଠା-୪


*We wish the best of luck to all H.S.C. Examinees*

**NEWTON COLLEGE OF +2 SCIENCE/ NEWTON HIGHER SECONDARY SCHOOL OF SCIENCE**

**DEBAIPALI (MAJHIPALI), SAMBALPUR**

Admission for Foundation Course in all Science subjects & English begins on

**Dt. 10.3.2019**

Commencement of classes:

**Dt. 01.04.2019**

For further details kindly contact:

Mob. 9438069105, 9938586082, 9583325666

Web. www.newtoncollegesbp.org,

E-mail: info@newtoncollegesbp.org







**ଆଜିର ସମ୍ପାଦକୀୟ**

ଛୋଟ ପଦକ୍ଷେପ

**ଆଜିର ମନ୍ତବ୍ୟ**

"କଶ୍ମୀରୀ ଛାତ୍ରଙ୍କ ଉପରେ ଆକ୍ରମଣ ହେଉଥିବାବେଳେ ପ୍ରଧାନମନ୍ତ୍ରୀ ଓ କଂଗ୍ରେସ ନୀରବ ରହିବା ଦୁର୍ଭାଗ୍ୟଜନକ।

– ଓମାର ଅବ୍‌ଦୁଲ୍ଲା, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ


ଇପିଏଫ୍ ସୁଧ ହାର ୮.୬୫%କୁ ବୃଦ୍ଧି

........୫........



NATIONAL EGG CO-ORDINATION COMMITTEE 21.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 75 | 126 | 136 |
| CTC | 76 | 127 | 137 |
| DKL | 75 | 126 | 136 |
| BDK | 80 | 132 | 142 |
| BLS | 81 | 133 | 143 |
| ANG | 77 | 128 | 138 |

*Conditions Apply

Eggs Retail Price- 55/-Dozen

Issued in the Interest of Consumers







"ଇଭିଏମ୍ ଭାରତୀୟ ଗଣତନ୍ତ୍ରର 'ବିସ୍ମୟ ଯନ୍ତ୍ର' । ଏହା ଉପରେ ପ୍ରଶ୍ନ ଉଠାଉଥିବା ଲୋକେ ସନ୍ଦେହର ବୀଜ ବୁଣି ଗଣତନ୍ତ୍ରକୁ ନ୍ୟୂନ କରିବାକୁ ଷଡ଼ଯନ୍ତ୍ର ରଚୁଛନ୍ତି ।
- ଏସ୍.ୱାଇ. କୁରେଶୀ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର

## ଫଟୋରେ ଖବର



ବେଙ୍ଗାଲୁରୁରେ ଚାଲିଥିବା ଏରୋ ଇଣ୍ଡିଆ ୨୦୧୯ର ଦ୍ୱାଦଶ ସଂସ୍କରଣର ଦ୍ୱିତୀୟ ଦିନରେ ଗୁରୁବାର ଯୁଦ୍ଧବିମାନ 'ତେଜସ୍'ରେ ଉଡ଼ାଣ ଆରମ୍ଭ ପୂର୍ବରୁ ସ୍ଥଳସେନା ମୁଖ୍ୟ ଜେନେରାଲ ବିପିନ ରାୱତ୍।



ପୁଲ୍‌ୱାମା ଆକ୍ରମଣ ପରେ ଦୁଇ ପଡୋଶୀ ମଧ୍ୟରେ ଉତ୍ତେଜନା ବୃଦ୍ଧିପାଇଥିବାବେଳେ ଲାହୋର ରେଲଷ୍ଟେଶନରେ ଗୁରୁବାର ଜଣେ ପାକିସ୍ତାନୀ ମହିଳା ସମଝୌତା ଏକ୍ସପ୍ରେସ୍‌ରେ ଭାରତ ଆସୁଥିବା ତାଙ୍କ ସମ୍ପର୍କୀୟମାନଙ୍କୁ ବିଦାୟ ଜଣାଉଛନ୍ତି।



ବାଂଲାଦେଶ ରାଜଧାନୀ ଢାକାସ୍ଥିତ ଚୌକ୍‌ବଜାର ଅଞ୍ଚଳରେ ବୁଧବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୮୧ ଜଣଙ୍କ ଜୀବନ ଯାଇଛି। ନିଆଁ ଲାଗିଥିବା ଏକ କୋଠା ଚାରିପଟେ ଗୁରୁବାର ସକାଳେ ଅଗ୍ନିଶମ ବାହିନୀ।

## ସଂକ୍ଷେପରେ

### ପୁଣି ଜାରି ହେଲା ତିନି ତଲାକ୍ ଅଧ୍ୟାଦେଶ

**ନୂଆଦିଲ୍ଲୀ,୨୧।୨(ପି.ଟି.)**-ତତ୍କାଳ ତିନି ତଲାକ୍ ପ୍ରଥାକୁ ଦଣ୍ଡନୀୟ ଅପରାଧ କରିବା ଲାଗି ଅଣାଯାଇଥିବା ଅଧ୍ୟାଦେଶ ଗୁରୁବାର ତୃତୀୟ ଥର ପାଇଁ ଜାରି କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ମୁସ୍‌ଲମାନ ମହିଳା (ବିବାହ ଅଧିକାର ସୁରକ୍ଷା) ଅଧ୍ୟାଦେଶକୁ ସ୍ୱୀକୃତି ଦେଇଥିବା ଆଇନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅଧ୍ୟାଦେଶ ପୁନର୍ବାର ଜାରି କରିବା ଲାଗି ଗତ ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ନେଇଥିଲା। ତିନି ତଲାକ୍ ବିଲ୍ ଲୋକ ସଭାରେ ଗୃହୀତ ହୋଇ ରାଜ୍ୟ ସଭାର ବିଚାରାଧୀନ ରହିଛି। ଜୁନ୍ ୩ରେ ଲୋକ ସଭା କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବାରୁ ଉକ୍ତ ବିଲ୍ ରଦ୍ଦ ହୋଇଯିବ। ତତ୍କାଳ ତିନି ତଲାକ୍ ଦେଇ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଉଥିବା ମୁସଲମାନ ପୁରୁଷଙ୍କ ପାଇଁ ବିଲ୍‌ରେ ୩ ବର୍ଷ ଜେଲଦଣ୍ଡ ବ୍ୟବସ୍ଥା ରହିଛି।

### କଶ୍ମୀରରେ ଯବାନଙ୍କୁ ମାଗଣା ବିମାନଯାତ୍ରା ସୁବିଧା

**ନୂଆଦିଲ୍ଲୀ,୨୧।୨(ପି.ଟି.)**-କଶ୍ମୀର ଉପତ୍ୟକାରେ ଆତଙ୍କବାଦ ଦମନ ଲାଗି ମୁତୟନ ଅର୍ଦ୍ଧସାମରିକ ବାହିନୀର ଯବାନମାନଙ୍କୁ ବ୍ୟବସାୟିକ ବିମାନରେ ମାଗଣା ଯାତ୍ରା ସୁବିଧା ମିଳିବ। ସେମାନେ ନିଯୁକ୍ତି ସ୍ଥାନକୁ କିମ୍ବା ଛୁଟିରେ ଘରକୁ ଯିବା ଲାଗି ଏହି ସୁବିଧା ଉପଲବ୍ଧ କରିପାରିବେ। ପୁଲ୍‌ୱାମା ଆକ୍ରମଣରେ ୪୯ ସିଆରପିଏଫ୍ ଯବାନ ଶହୀଦ ହେବା ପରେ ଗୁରୁବାର କେନ୍ଦ୍ର ସରକାର ଉପରୋକ୍ତ ଘୋଷଣା କରିଛନ୍ତି। କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍)ର ସମସ୍ତ ଯବାନଙ୍କ ଦିଲ୍ଲୀ-ଶ୍ରୀନଗର, ଶ୍ରୀନଗର-ଦିଲ୍ଲୀ, ଜମ୍ମୁ-ଶ୍ରୀନଗର ଏବଂ ଶ୍ରୀନଗର-ଜମ୍ମୁ ସେକ୍ଟରରେ ବିମାନ ଯାତ୍ରା ଅଧିକାରକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅନୁମୋଦନ କରିଛି। ପୂର୍ବରୁ ଏହି ସୁବିଧା କେବଳ ଇନ୍‌ସପେକ୍ଟର ଏବଂ ତଦୂର୍ଦ୍ଧ୍ୱ ପାହ୍ୟାର ଅଧିକାରୀମାନଙ୍କୁ ମିଳୁଥିଲା।

### ସୁନନ୍ଦା ମୃତ୍ୟୁ ମାମଲା
### ଶୁଣାଣି ମାର୍ଚ୍ଚ ୭କୁ ଘୁଞ୍ଚିଲା



**ନୂଆଦିଲ୍ଲୀ,୨୧।୨(ପି.ଟି.)**-ସୁନନ୍ଦା ପୁଷ୍କର ମୃତ୍ୟୁ ମାମଲାରେ ଗୁରୁବାର କଂଗ୍ରେସ ନେତା ଶଶୀ ଥରୁରଙ୍କ ବିରୋଧରେ ଶୁଣାଣି ଥିବାବେଳେ ଏହାକୁ ଦିଲ୍ଲୀର ଏକ ଅଦାଲତ ମାର୍ଚ୍ଚ ୭ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଥରୁର ବାହାରିନ ଏବଂ କାତାର ଭ୍ରମଣରେ ଯିବା ପାଇଁ ଆବେଦନ କରିବାରୁ ଏହା ଉପରେ ଶୁକ୍ରବାର ଜବାବ ଦାଖଲ କରିବାକୁ ସ୍ୱତନ୍ତ୍ର ଜଜ୍ ଅରୁଣ ଭରଦ୍ୱାଜ ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୪ ତାରିଖରେ ଅଦାଲତ ମାମଲାକୁ ସେସନ୍ସ କୋର୍ଟକୁ ପଠାଇଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସୁନନ୍ଦାଙ୍କ ସ୍ୱାମୀ ଥରୁରଙ୍କ ବିରୋଧରେ ଆଇପିସିର ଧାରା ୪୯୮-କ ଏବଂ ୩୦୬ରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ତାଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ। ୨୦୧୪ ଜାନୁୟାରୀ ୧୭ରେ ସୁନନ୍ଦାଙ୍କ ମୃତଦେହ ଦିଲ୍ଲୀର ଏକ ଲକ୍ସ୍‌ଜ୍ୟୁରୀ ହୋଟେଲ ସୁଟ୍‌ରୁ ସନ୍ଦେହଜନକ ଅବସ୍ଥାରେ ମିଳିଥିଲା।

### ପାକିସ୍ତାନୀ ସେନାକୁ ଇମ୍ରାନ୍‌ଙ୍କ ନିର୍ଦ୍ଦେଶ
# ଆକ୍ରମଣ କଲେ ଜବାବ ଦିଅ

**ଇସ୍‌ଲାମାବାଦ,୨୧।୨(ଆଇଏଏନ୍‌ଏସ୍)**

ଭାରତ ଆକ୍ରମଣ କଲେ କଡ଼ା ଜବାବ ଦେବା ପାଇଁ ପାକିସ୍ତାନୀ ସେନାକୁ ସେଠାକାର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ପୁଲ୍‌ୱାମା ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଇଥିବା ଉତ୍ତେଜନା ପରିପ୍ରେକ୍ଷୀରେ ଜାତୀୟ ନିରାପତ୍ତା କମିଟି (ଏନ୍‌ଏସ୍‌ସି) ବୈଠକରେ ଇମ୍ରାନ୍‌ଙ୍କ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଥିବା କୁହାଯାଉଛି।



ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲ୍ଲା ଅବନ୍ତିପୋରା ନିକଟସ୍ଥ ଲେଥ୍‌ପୋରାରେ ଗତ ୧୪ ତାରିଖରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆକ୍ରମଣ କରିଥିଲା। ଏହି ଆତ୍ମଘାତୀ ବିସ୍ଫୋରଣରେ ୪୯ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ସେବେଠୁ ଏଯାଏ ଭାରତ ପକ୍ଷରୁ ପ୍ରତିଶୋଧ ସମ୍ପର୍କିତ ନାନା ମତମନ୍ତବ୍ୟ ପ୍ରକାଶ ପାଉଛି। ଏଥିରେ ବିଚଳିତ ହୋଇ ଇମ୍ରାନ୍ ଦୁଇଦିନ ତଳେ ଏକ ଭିଡିଓ ଜାରି କରିଥିଲେ। ଭାରତ ଆକ୍ରମଣ କଲେ ପାକିସ୍ତାନ ଜବାବ ଦେବ ବୋଲି ସେ କହିଥିଲେ। ଇସ୍‌ଲାମାବାଦରେ ଇମ୍ରାନ୍‌ଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏନ୍‌ଏସ୍‌ସି ବୈଠକ ବସିଛି। ଭାରତ ପକ୍ଷରୁ କୌଣସି ଅତିକ୍ରମଣ ବା ଦୁଃସାହସିକ ପଦକ୍ଷେପ ନିଆଗଲେ ତା'ର କଡ଼ା ଜବାବ ଦେବାକୁ ସେଠାରେ ଉପସ୍ଥିତ ସେନାର ଶୀର୍ଷ ଅଧିକାରୀମାନଙ୍କୁ ଇମ୍ରାନ୍ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସେଠାକାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓ ସୁରକ୍ଷା ସଂସ୍ଥାଗୁଡ଼ିକର ନିରାପତ୍ତା ବନ୍ଦୋବସ୍ତ ତୁରନ୍ତ ବଢ଼ାଇବା ଲାଗି ମଧ୍ୟ ଇମ୍ରାନ୍ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ପୁଲ୍‌ୱାମା ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତି ନେଇ ମଙ୍ଗଳବାର ଇମ୍ରାନ ଭାରତକୁ କାର୍ଯ୍ୟାନୁଷ୍ଠାନଯୋଗ୍ୟ ପ୍ରମାଣ ମାଗିଥିଲେ। ଭାରତ ଏହାକୁ ସକାରାତ୍ମକ ଭାବେ ଗ୍ରହଣ କଲେ ପାକିସ୍ତାନ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଗୁରୁବାର ଇମ୍ରାନ୍ କହିଥିବା ଏକ ବିବୃତିରେ ଉଲ୍ଲେଖ କରାଯାଇଛି। ଏନ୍‌ଏସ୍‌ସି ବୈଠକ ପୂର୍ବରୁ ଇମ୍ରାନ୍ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ କମାର ଜାଭେଦ୍ ବାଜ୍‌ୱାଙ୍କ ସହ ରୁଦ୍ଧଦ୍ୱାର ବୈଠକ କରି ଦେଶର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି।

## ପାକିସ୍ତାନକୁ ଦିଆଯିବନି ପାଣି

**ନୂଆଦିଲ୍ଲୀ,୨୧।୨**



### ବନ୍ଦ ହେବ ୩ ନଦୀର ଜଳପ୍ରବାହ: ଗଡ଼କରୀ

ଭାରତ ସିନ୍ଧୁ ନଦୀ ଜଳରେ ନିଜ ଭାଗକୁ ପାକିସ୍ତାନକୁ ବୋହିଯିବାକୁ ଦେବ ନାହିଁ ବୋଲି ଗୁରୁବାର ଘୋଷଣା କରିଛି। ପାକିସ୍ତାନକୁ ବୋହିଯାଉଥିବା ନଦୀଜଳର ଭାରତୀୟ ଭାଗକୁ ରୋକିବା ଲାଗି ସରକାର ନିଷ୍ପତ୍ତି ନେଇଥିବା ଜଳସମ୍ପଦ ମନ୍ତ୍ରୀ ନୀତୀନ ଗଡକରୀ କହିଛନ୍ତି। ସିନ୍ଧୁନଦୀ ଜଳ ଚୁକ୍ତିନାମା ଅନୁଯାୟୀ ଏହାଦ୍ୱାରା ପାକିସ୍ତାନ ଭାଗ ଜଳ ପ୍ରଭାବିତ ହେବନାହିଁ। ପୂର୍ବାଞ୍ଚଳରେ ପ୍ରବାହିତ ସିନ୍ଧୁର ଶାଖା ନଦୀ ରାବି, ବେଆସ ଏବଂ ସତ୍‌ଲେଜ ଜଳ ସ୍ରୋତର ଦିଗ ପରିବର୍ତ୍ତନ କରି ଏହାକୁ ଜମ୍ମୁ-କଶ୍ମୀର ଏବଂ ପଞ୍ଜାବ ଲୋକଙ୍କ ବ୍ୟବହାର ପାଇଁ ଛଡାଯିବ। ପୁଲ୍‌ୱାମା ଆକ୍ରମଣ ପରେ ପାକିସ୍ତାନକୁ ନଦୀଜଳ ପ୍ରବାହ ବନ୍ଦ କରିବା ଲାଗି ଦାବି ହୋଇଥିଲା। ରାବି ନଦୀର ଶାହପୁର-କାଣ୍ଡିଠାରେ ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ୟୁଜେଏସ୍ ପ୍ରୋଜେକ୍ଟ ଆମ ଭାଗ ଜଳକୁ ଗଚ୍ଛିତ ରଖିପାରିବ। ଚୁକ୍ତିନାମା ଅନୁଯାୟୀ ରାବି, ବେଆସ ଏବଂ ସତ୍‌ଲେଜ ନଦୀଜଳ ଉପରେ ଭାରତର ପୂର୍ଣ୍ଣ ଅଧିକାର ରହିଥିଲାବେଳେ ଚେନାବ୍, ଝେଲମ୍ ଓ ସିନ୍ଧୁ ନଦୀଜଳ ଉପରେ ପାକିସ୍ତାନର ଅଧିକାର ରହିଛି। ଅନ୍ୟପକ୍ଷରେ ଭାରତ ନଦୀଜଳ ପ୍ରବାହକୁ ବନ୍ଦ କରିପାରିବ ନାହିଁ ବୋଲି ପାକିସ୍ତାନ ନିଜ ପ୍ରତିକ୍ରିୟାରେ କହିଛି।

## ଆକ୍ରମଣ ପରେ ଶୁଟିଂରେ ବ୍ୟସ୍ତ ଥିଲେ ମୋଦି: କଂଗ୍ରେସ

**ନୂଆଦିଲ୍ଲୀ,୨୧।୨(ପି.ଟି.)**

ପୁଲ୍‌ୱାମା ଆକ୍ରମଣକୁ ନେଇ ଗୁରୁବାର ଭାଜପା ଓ କଂଗ୍ରେସ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଛି। ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଫିଲ୍ମ ଶୁଟିଂରେ ବ୍ୟସ୍ତ ଥିଲେ ବୋଲି କଂଗ୍ରେସ ଟାର୍ଗେଟ କରିଛି।

ଆକ୍ରମଣକୁ ନେଇ ସପ୍ତାହେ ନୀରବ ରହିବା ପରେ କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଏକ ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଜାତୀୟତାବାଦ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ୧୪ ତାରିଖ ଅପରାହ୍ନରେ ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ସିଆର୍‌ପିଏଫ୍ ଯବାନଙ୍କ ଉପରେ ଜୈଶ୍ ଆକ୍ରମଣ କରିଥିଲା। ଏଥିରେ ୪୯ ଯବାନ ଶହୀଦ ହୋଇଥିଲେ। ପ୍ରଧାନମନ୍ତ୍ରୀ ଆକ୍ରମଣ ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ଥାଇ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପରିବର୍ତ୍ତେ କୋର୍ବେଟ୍ ନ୍ୟାଶନାଲ ପାର୍କରେ ଫିଲ୍ମ ଶୁଟିଂରେ ବ୍ୟସ୍ତ ଥିଲେ। ଏହି ସମୟରେ କେହି ଜଣେ ହେଲେ ଭାରତୀୟ ଖାଦ୍ୟ ଗ୍ରହଣ କରି ନ ଥିବାବେଳେ ମୋଦି ସନ୍ଧ୍ୟା ୭ଟାରେ ଏକ ପିଡବ୍ଲ୍ୟୁଡି ଗେଷ୍ଟହାଉସ୍‌ରେ ବସି ଚା ପିଇ ସିଙ୍ଗଡ଼ା ଖାଉଥିଲେ। ନିଜକୁ ଜାତୀୟତାବାଦୀ ବୋଲି ଦାବିକରୁଥିବା ମୋଦି ଶହୀଦଙ୍କ ସମ୍ପର୍କରେ ସବୁକିଛି ଜାଣି ଡିସ୍‌କଭରି ଚ୍ୟାନେଲ୍ ପାଇଁ ହିମାଳୟରେ ତାଙ୍କ ଅତୀତ ଜୀବନ ସମ୍ପର୍କିତ କାହାଣୀର ଦୃଶ୍ୟ ଶୁଟିଂ କରିବାରେ କିପରି ବ୍ୟସ୍ତ ରହିପାରିଲେ ବୋଲି ସୁର୍ଜେୱାଲା ପ୍ରଶ୍ନ କରିଛନ୍ତି।

### ସିଓଲରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ମୋଦି
## ଆତଙ୍କବାଦ ବଡ଼ ଚ୍ୟାଲେଞ୍ଜ

**ସିଓଲ,୨୧।୨(ପି.ଟି.)**

ଆତଙ୍କବାଦ ଏବଂ ଜଳବାୟୁ ପରିବର୍ତ୍ତନ ମାନବ ସମାଜ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ବୋଲିଦକ୍ଷିଣ କୋରିଆ ରାଜଧାନୀ ସିଓଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ମହାତ୍ମା ଗାନ୍ଧୀଙ୍କ ନୀତି ଓ ମୂଲ୍ୟବୋଧ ଉଭୟ ଚ୍ୟାଲେଞ୍ଜକୁ ପ୍ରତିହତ କରିବାରେ ସହାୟକ ହୋଇପାରିବ ବୋଲି ସେ ମତ ଦେଇଛନ୍ତି। ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ରଣନୀତିକ ସମ୍ପର୍କକୁ ମଜଭୁତ କରିବା ଲାଗି ମୋଦି ସେଠାକୁ ଦୁଇଦିନିଆ ଗସ୍ତରେ ଯାଇଛନ୍ତି। ସେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜାଏ-ଇନ ଏବଂ ଜାତିସଂଘର ପୂର୍ବତନ ମହାସଚିବ ବାନ୍ କି-ମୁନ୍‌ଙ୍କ ସହ ସେୟାନସେଇ ବିଶ୍ୱବିଦ୍ୟାଳୟରେ ଗାନ୍ଧିଜୀଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଗାନ୍ଧିଜୀଙ୍କ ଚିନ୍ତାଧାରା ଏସିଆ ଏବଂ ଏସିଆ ବାହାରେ ଶାନ୍ତି ଏବଂ



ସମୃଦ୍ଧିକୁ ଆଗେଇନେଇପାରିବ ବୋଲି ମୁନ୍ ଆଶାବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ଦକ୍ଷିଣ କୋରିଆ ବ୍ୟବସାୟୀମାନଙ୍କୁ ଭାରତରେ ପୁଞ୍ଜିନିବେଶ ଲାଗି ଆହ୍ୱାନ ଦେଇଥିଲେ।

## ଶୁଣାଣି କରିବେ ସୁପ୍ରିମକୋର୍ଟ

### ରାଫାଲ ରିଭ୍ୟୁ ପିଟିଶନ

**ନୂଆଦିଲ୍ଲୀ,୨୧।୨(ପି.ଟି.)**

ରାଫାଲ ଯୁଦ୍ଧବିମାନ କିଣା ସଂକ୍ରାନ୍ତ ଡିସେମ୍ବର ୧୪ ରାୟ ଉପରେ ଆସିଥିବା ରିଭ୍ୟୁ ପିଟିଶନ୍‌ର ଶୁଣାଣି ପାଇଁ ବିଚାର କରାଯାଉଥିବା ସର୍ବୋଚ୍ଚ ଅଦାଲତ ଗୁରୁବାର କହିଛନ୍ତି। ୩୬ଟି ରାଫାଲ ଯୁଦ୍ଧବିମାନ କିଣାରେ ଭାରତ ଓ ଫ୍ରାନ୍ସ ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ ଚ୍ୟାଲେଞ୍ଜ କରାଯାଇଥିବା ପିଟିଶନ୍‌କୁ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା, ଅରୁଣ ସୌରୀ, ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ପ୍ରମୁଖ ୫୮ ହଜାର କୋଟି ଟଙ୍କାର ଏହି ଚୁକ୍ତିନାମାର ଆଇନଗତ ଯାଞ୍ଚ ଏବଂ କୋର୍ଟଙ୍କ ତଦାରଖରେ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବା ଲାଗି ଅଦାଲତଙ୍କୁ ଅନୁରୋଧ କରିଥିଲେ। ତେବେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ କୌଣସି ସନ୍ଦେହ ନ ଥିବା କହି ସର୍ବୋଚ୍ଚ ଅଦାଲତ ଉକ୍ତ ପିଟିଶନ୍‌ଗୁଡିକୁ ଖାରଜ କରିଦେଇଥିଲେ।

ସରକାରୀ ଅଧିକାରୀ କୋର୍ଟଙ୍କୁ ବିଭ୍ରାନ୍ତ କରିଥିବାରୁ ପୂର୍ବ ରାୟର ସମୀକ୍ଷା ପାଇଁ ରିଭ୍ୟୁ ପିଟିଶନ୍ ଦାଏର ହୋଇଥିଲା। ଗୁରୁବାର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ପ୍ରଶାନ୍ତ ଭୂଷଣ ଓ ଅନ୍ୟମାନଙ୍କ ପିଟିଶନ୍‌କୁ ଶୁଣାଣି ତାଲିକାରେ ସାମିଲ କରିବା ପାଇଁ ବିଚାର କରୁଥିବା ଜଣାପଡିଛି। ଖଣ୍ଡପୀଠରେ ଜଷ୍ଟିସ୍ ନାଗେଶ୍ୱର ରାଓ ଏବଂ ସଞ୍ଜୀବ ଖାନ୍ନା ଅଛନ୍ତି।

## ଫୁର୍‌ସତ

# 'ଖାଲ୍‌ସା ଏଡ୍'ର ମାନବିକ ସହାୟତା

**ଚଣ୍ଡିଗଡ:** ଶିଖ୍‌ଙ୍କ ପ୍ରାର୍ଥନାରେ ସବୁ ମଣିଷର ସୁଖଶାନ୍ତି ଓ ସମୃଦ୍ଧି ଲାଗି କାମନା କରାଯାଏ। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପରେ ପଞ୍ଜାବରେ କଶ୍ମୀରୀଛାତ୍ରଙ୍କ ଉପରେ ଆକ୍ରମଣ ଆଶଙ୍କା ଥିବାରୁ ଖାଲ୍‌ସା ଏଡ୍ ସହାୟତାର ହାତ ବଢ଼ାଇ ମହାନ୍ ମାନବିକତାର ନିଦର୍ଶନ ଦେଖାଇଛି। ଉକ୍ତ ସଂଗଠନ କଶ୍ମୀର ବାସିନ୍ଦାଙ୍କ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଥିଲା। ଏହାର ସଦସ୍ୟମାନେ କଶ୍ମୀରବାସୀଙ୍କୁ ଗୁରୁଦ୍ୱାରରେ ସୁରକ୍ଷିତ ଭାବେ ରହିବାର ବ୍ୟବସ୍ଥା କରିଥିଲେ। ଗୁରୁନାନକ ଦେବଙ୍କ ଶାନ୍ତି, ପ୍ରେମ, ଦୟା ତଥା ମାନବୀୟ ମୂଲ୍ୟବୋଧ ଆଧାରରେ ଖାଲ୍‌ସା ଏଡ୍‌ର ଏହି କାର୍ଯ୍ୟକୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ମୁଖ୍ୟା ମେହବୁବା ମୁଫ୍‌ତି ଏବଂ ନ୍ୟାଶନାଲ୍ କନ୍‌ଫରେନ୍ସର ଓମାର ଅବଦୁଲ୍ଲା ପ୍ରଶଂସା କରିଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପ୍‌ଟେନ୍ ଅମରିନ୍ଦର ସିଂଙ୍କ ସହାୟତା ଯୋଗୁ ଏହା ସମ୍ଭବ ହୋଇପାରିଥିବା ଖାଲ୍‌ସା ଏଡ୍ ସିଇଓ ରବୀନ୍ଦର ସିଂ ସୂଚନା ଦେଇଛନ୍ତି।



ଅନ୍ତର୍ଜାତୀୟ ମାନବତାବାଦୀ ସଂଗଠନ ଖାଲ୍‌ସା ଏଡ୍, ସ୍ଥାନୀୟ ଗୁରୁଦ୍ୱାର ଏବଂ ଶିଖ୍ ସମ୍ପ୍ରଦାୟର ବ୍ୟକ୍ତିବିଶେଷ କଶ୍ମୀରୀ ଛାତ୍ରଙ୍କୁ ସୁରକ୍ଷା, ଖାଦ୍ୟ ଏବଂ ନିରାପଦ ଆଶ୍ରୟ ଦେଇଥିଲେ। ଏହାପରେ ସେମାନଙ୍କୁ ନିରାପଦରେ କଶ୍ମୀରରେ ପହଞ୍ଚାଇ ଦେଇଥିବା ଭଳି ଏକ ମାନବିକ ସହାୟତା ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି। ଏପରି ସଂକଟଜନକ ପରିସ୍ଥିତିରେ କଶ୍ମୀରୀ ଲୋକଙ୍କୁ ସହାୟତା କରିଥିବାରୁ ବହୁ କଶ୍ମୀରବାସୀ, ଖବରଦାତା ଏବଂ ରାଜନୈତିକ ନେତୃବୃନ୍ଦ ଶିଖ୍ ସମ୍ପ୍ରଦାୟକୁ ଗଭୀର କୃତଜ୍ଞତା ଜଣାଇଛନ୍ତି। କୃତଜ୍ଞତାର ନିଦର୍ଶନ ସ୍ୱରୂପ କଶ୍ମୀରରେ ଶିଖ୍ ସମ୍ପ୍ରଦାୟକୁ ଡାକ୍ତରୀସେବାଠାରୁ ଆରମ୍ଭ କରି ଶିକ୍ଷା ଏବଂ ଗୁଲ୍‌ମାର୍ଗରେ ସ୍ନୋ-ବାଇକ୍ ରାଇଡ୍ ଆଦି ମାଗଣା ସେବା ଯୋଗାଇ ଦିଆଯାଉଛି। କଶ୍ମୀରର ବିଶିଷ୍ଟ କାର୍ଟୁନିଷ୍ଟ ସୁହେଲ୍ ନକ୍ସବନ୍ଦୀଙ୍କ ଏ ସମ୍ପର୍କିତ ଏକ ବ୍ୟଙ୍ଗଚିତ୍ର ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ବୁଡିଯାଉଥିବା କଶ୍ମୀର୍ ଲୋକଙ୍କୁ ଶିଖ୍ ସମ୍ପ୍ରଦାୟ ସହାୟତାର ହାତ ବଢ଼ାଇଥିବା ଏଥିରେ ଦର୍ଶାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଏବଂ ନ୍ୟାଶନାଲ୍ କନ୍‌ଫରେନ୍ସର ଓମାର ଅବଦୁଲ୍ଲା ଉକ୍ତ କାର୍ଟୁନ୍‌କୁ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। କଶ୍ମୀରୀ ଛାତ୍ରଙ୍କ ନିରାପତ୍ତା ପାଇଁ କାର୍ଯ୍ୟ କରିଥିବା ଶ୍ରୀନଗରସ୍ଥିତ ଏକ ରେସ୍ତୋରାଁ ମାଲିକ ଜାଭିଦ ପର୍ସା ଟୁଇଟର୍‌ରେ ଲେଖିଛନ୍ତି, ଶିଖ୍ ସମ୍ପ୍ରଦାୟ ଯେଭଳି ଦୟା ପ୍ରଦର୍ଶନ କରିଛନ୍ତି ଏଥିପାଇଁ ସେମାନେ ସମସ୍ତଙ୍କ ହୃଦୟ ଜିଣିପାରିଛନ୍ତି।

## ଇତିହାସର ଆଇନାରେ
### ଫେବୃୟାରୀ ୨୨ର ପ୍ରମୁଖ ଘଟଣା

୧୯୫୮ ଫେବୃୟାରୀ ୨୨ରେ ଇଜିପ୍ଟ ଓ ସିରିଆର ମିଶ୍ରଣ ଘଟି ୟୁନାଇଟେଡ ଆରବ ରିପବ୍ଲିକ୍ ଗଠିତ ହୋଇଥିଲା। ୧୯୫୮ରୁ ୧୯୭୧ ମଧ୍ୟରେ ମଧ୍ୟପ୍ରାଚ୍ୟରେ ୟୁନାଇଟେଡ ଆରବ ରିପବ୍ଲିକ୍ ଥିଲା ଏକ ସାର୍ବଭୌମ ରାଷ୍ଟ୍ର। ପ୍ରଥମେ ଇଜିପ୍ଟ ଓ ସିରିଆ ମଧ୍ୟରେ ରାଜନୈତିକ ମିଶ୍ରଣ ହୋଇଥିଲା। ୧୯୬୧ରେ ସିରିଆ ଏହି ମିଶ୍ରଣରୁ ବାହାରି ଆସିଥିଲେ ବି ଇଜିପ୍ଟ ୧୯୭୧ ପର୍ଯ୍ୟନ୍ତ ୟୁନାଇଟେଡ ଆରବ ରିପବ୍ଲିକ୍ ଭାବେ ପରିଚିତ ଥିଲା।

୨୦୧୨ ଫେବୃୟାରୀ ୨୨ରେ ଆର୍ଜେଣ୍ଟିନାର ବୁଏନ୍ସ ଏୟାର୍ସରେ ଟ୍ରେନ୍ ଦୁର୍ଘଟଣା ଯୋଗୁ ୫୧ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୭୦୦ ଆହତ ହୋଇଥିଲେ। ବୁଏନ୍ସ ଏୟାର୍ସ ହେଉଛି ଆର୍ଜେଣ୍ଟିନାର ରାଜଧାନୀ ତଥା ସର୍ବବୃହତ୍ ନଗରୀ। ସ୍ଥାନୀୟ ଭାଷାରେ ବୁଏନ୍ସ ଏୟାର୍ସର ଅର୍ଥ ସୁନ୍ଦର ପବନ। ଉକ୍ତ ନଗରୀ ରିଓ-ଡି-ଲା-ପ୍ଲାଟା ନଦୀର ପଶ୍ଚିମ ତଟରେ ଅବସ୍ଥିତ।

## କେମିତି ରହିବ ଆଜିର ପାଗ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୦ | ୧୮.୯ |
| ଚାନ୍ଦବାଲି | ୩୪.୮ | ୨୦.୨ |
| କଟକ | ୩୫.୬ | ୨୦.୬ |
| ପାରାଦ୍ୱୀପ | ୨୯.୫ | ୨୧.୫ |
| ଭୁବନେଶ୍ୱର | ୩୬.୩ | ୨୨.୫ |
| ଗୋପାଳପୁର | ୩୦.୦ | ୨୧.୪ |
| ପୁରୀ | ୩୦.୧ | ୨୩.୬ |
| ଅନୁଗୋଳ | ୩୫.୧ | ୧୬.୬ |
| ବାରିପଦା | ୩୪.୦ | ୧୮.୫ |
| ଝାରସୁଗୁଡ଼ା | ୩୪.୩ | ୧୭.୧ |
| କେନ୍ଦୁଝର | ୩୩.୩ | ୧୬.୭ |
| ସମ୍ବଲପୁର | ୩୫.୦ | ୧୭.୩ |
| ସୁନ୍ଦରଗଡ଼ | ୩୩.୦ | ୧୫.୦ |
| ହୀରାକୁଦ | ୩୪.୧ | ୧୭.୬ |
| ତାଳଚେର | ୩୫.୨ | ୨୧.୮ |
| ଭବାନୀପାଟଣା | ୩୫.୨ | ୧୮.୫ |
| ବଲାଙ୍ଗୀର | ୩୫.୨ | ୧୮.୦ |
| କୋରାପୁଟ | ୩୩.୨ | ୧୫.୬ |
| ଫୁଲବାଣୀ | --- | ୧୪.୫ |
| ଟିଟିଲାଗଡ଼ | --- | ୧୪.୪ |
| ମାଲକାନଗିରି | ୩୮.୦ | ୧୭.୬ |
| ସୋନପୁର | ୩୫.୮ | ୧୬.୪ |
| ଦାରିଙ୍ଗିବାଡ଼ି | ୩୧.୫ | ୧୫.୦ |

ଡିଗ୍ରୀ ସେଲ୍‌ସିୟସ୍

## ଶହୀଦଙ୍କ ପିଲାଙ୍କୁ ସହାୟତା ଦେବେ

**ମୁମ୍ବାଇ:** ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନ୍‌ଙ୍କ ପିଲାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ବଲିଉଡ୍ ଅଭିନେତ୍ରୀ ରବିନା ଟଣ୍ଡନ। ତାଙ୍କ ଫାଉଣ୍ଡେଶନ୍ ଶହୀଦ ପିଲାଙ୍କ ପଢ଼ାଖର୍ଚ୍ଚ ଯୋଗାଇବ ବୋଲି ଏଠାରେ ଆୟୋଜିତ ନାୟିକା-ଫେମିନା ବିଉଟି ଆୱାର୍ଡସ, ୨୦୧୯ ଅବସରରେ ରବିନା ପ୍ରକାଶ କରିଛନ୍ତି। ରିପୋର୍ଟ ଅନୁଯାୟୀ ରବିନା ମାନବିକ ସହାୟତା ପାଇଁ ବେଶ୍ ପରିଚିତ। ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟରେ ତାଙ୍କର ସମ୍ପୃକ୍ତି ରହିଛି। ଶହୀଦଙ୍କ କନ୍ୟାସନ୍ତାନଙ୍କୁ ସହାୟତ।



ଯୋଗାଇଦେବେ। ଏପରି ମୁହୂର୍ତ୍ତରେ ସମସ୍ତେ ଆଗେଇ ଆସିବା ସହିତ ଅଳ୍ପେ ବହୁତେ କିଛି ଅବଦାନ ରଖିବା ଉଚିତ ବୋଲି ସେ କହିଛନ୍ତି। କେବଳ ପୁଲ୍‌ୱାମା ଆକ୍ରମଣ ନୁହେଁ ବିଭିନ୍ନ କାରଣ ପାଇଁ ଶହୀଦ ହେଉଥିବା ଯବାନଙ୍କ ପିଲାଙ୍କୁ ମଧ୍ୟ ତାଙ୍କ ଫାଉଣ୍ଡେଶନ୍ ଶିକ୍ଷା ଓ ଛାତ୍ରବୃତ୍ତି ଦେବାକୁ ପ୍ରସ୍ତୁତ ରହିଥିବା ସେ ପ୍ରକାଶ କରିଥିଲେ। ପୁଲ୍‌ୱାମା ଆକ୍ରମଣ ପାଇଁ ଦାୟୀ ଆତଙ୍କବାଦୀଙ୍କୁ ପାକିସ୍ତାନ ଖୁବ୍‌ଶୀଘ୍ର ଗିରଫ କରିବା ଉଚିତ ବୋଲି ରବିନା ମତ ଦେଇଥିଲେ।

ରବିନା ଟଣ୍ଡନ




# ଆଜି କ୍ୟାବିନେଟ୍

**ଭୁବନେଶ୍ୱର, ୨୧।୨(ବ୍ୟୁରୋ):** ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଶୁକ୍ରବାର ସନ୍ଧ୍ୟା ୫ଟା ୪୫ମିନିଟରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ପ୍ରାୟ ୧୬ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିପାରେ। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଖୁବ୍ କମ୍ ସମୟ ଥିବାବେଳେ ଏହି କ୍ୟାବିନେଟ୍ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିବାର ସମ୍ଭାବନା ରହିଛି।

## କେନ୍ଦୁପତ୍ର କର୍ମଚାରୀଙ୍କ ବୟସ ସୀମା ୬୨କୁ ବୃଦ୍ଧି

**ଭୁବନେଶ୍ୱର, ୨୧।୨(ବ୍ୟୁରୋ):** କେନ୍ଦୁପତ୍ର କର୍ମଚାରୀଙ୍କ ଅବସର ବୟସସୀମା ରାଜ୍ୟ ସରକାର ୬୦ବର୍ଷରୁ ୬୨ବର୍ଷକୁ ବୃଦ୍ଧି କରିଛନ୍ତି। ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅନୁମୋଦନ କରିଛନ୍ତି। ଏହାଦ୍ୱାରା ରାଜ୍ୟର ୧୯ଟି କେନ୍ଦୁପତ୍ର ଡିଭିଜନରେ କାମ କରୁଥିବା ୧୮, ୦୨୮ ଜଣ ମୁନ୍‌ସୀ, ଚପରାସି, ବନ୍ଧାଳି ଓ ଚେକ୍‌ର ଆଦି କେନ୍ଦୁପତ୍ର କର୍ମଚାରୀମାନେ ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।






# ପାକିସ୍ତାନ ଗଣମାଧ୍ୟମରେ ବିଧାୟକଙ୍କ ଭିଡିଓ

■ ଓଡ଼ିଶା ନିନ୍ଦିତ: ଭାଜପା

■ ଭାଜପା ହୀନ ରାଜନୀତି କରୁଛି: ବିଧାୟକ

**କଟକ ଅଫିସ, ୨୧।୨**

କଟକ ଜିଲା ବିଜେଡି ସଭାପତି ତଥା ବାରବାଟୀ-କଟକ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ଏକ ଭିଡିଓ ପାକିସ୍ତାନ ଗଣମାଧ୍ୟମରେ ପ୍ରସାରିତ ହେଉଛି। ଜମ୍ମୁ-କଶ୍ମୀରର ପୁଲୱାମାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ନିଆଳି ଥାନା ଅଧୀନ ରତନପୁର ପଞ୍ଚାୟତ ଗଜାବର ଗ୍ରାମର ସିଆରପିଏଫ୍ ଯବାନ ମନୋଜ ବେହେରା ଶହୀଦ ହୋଇଥିଲେ। ୧୬ ତାରିଖରେ ଶହୀଦ ମନୋଜଙ୍କ ଶବସତ୍କାର ଗଜାବର ଗ୍ରାମରେ ହେଉଥିଲା। ବିଧାୟକ ସାମନ୍ତରାୟ ଶବସତ୍କାର ସ୍ଥଳରେ ଉପସ୍ଥିତ ଥିଲେ। ଏହି ସମୟରେ ବିଧାୟକ ସାମନ୍ତରାୟ ଶହୀଦଙ୍କ ଜଣେ ସମ୍ପର୍କୀୟଙ୍କୁ ଠେଲାପେଲା କରୁଥିବା ନେଇ ଏକ ଭିଡିଓ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଉକ୍ତ ଘଟଣାକୁ ନେଇ ବିଧାୟକ କ୍ଷମାପ୍ରାର୍ଥନା କରିଥିଲେ। ଶହୀଦ ଓ ତାଙ୍କ ପରିବାରବର୍ଗଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ଓ ସମବେଦନା ଥିବା କହିଥିଲେ। ଗାର୍ଡ ଅଫ ଅନର୍ ସମୟରେ ସେଠାରେ ସାମାନ୍ୟ ବିଶୃଙ୍ଖଳା ଉପୁଜିଥିଲା। ଫଳରେ ଜଣେ ବ୍ୟକ୍ତିଙ୍କୁ ସେ ସେଠାରେ ବସାଇ ଦେବାକୁ ଉଦ୍ୟମ କରିଥିଲେ। ପରେ ଜାଣିଲେ ଯେ ସମ୍ପୃକ୍ତ ବ୍ୟକ୍ତି ଜଣକ ଶହୀଦଙ୍କ ଜଣେ ସମ୍ପର୍କୀୟ। କିନ୍ତୁ ଏହି ଘଟଣା ପାଇଁ ସେ ଦୁଃଖିତ ଓ ଏଥିପାଇଁ କ୍ଷମାପ୍ରାର୍ଥନା କରିଥିଲେ। କିନ୍ତୁ ଉକ୍ତ ଦୃଶ୍ୟ ପାକିସ୍ତାନର ଆଜାଦ୍ ନ୍ୟୁଜ ନାମକ ଏକ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଉକ୍ତ ଗଣମାଧ୍ୟମରେ ପ୍ରକାଶିତ ଖବର ଗୁରୁବାର ଭାଇରାଲ ହେବା ପରେ ଏହାକୁ ନେଇ ରାଜନୀତି ଜୋର ଧରିଛି। ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିଧାୟକଙ୍କୁ ସମାଲୋଚନା କରାଯାଉଛି। ଭାଜପା ରାଜ୍ୟ ସମ୍ପାଦକ ଦିଲୀପ ମଲ୍ଲିକ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ବିଧାୟକ ସାମନ୍ତରାୟ ଓଡ଼ିଶାକୁ ବିଶ୍ୱ ଦରବାରରେ ନିନ୍ଦିତ କରିଛନ୍ତି। ତେଣୁ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ସେହିପରି ବିଧାୟକଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରିବା ପାଇଁ ଓଡ଼ିଶା ସୁରକ୍ଷା ସେନାର ମୁଖ୍ୟ ଅଭିଷେକ ଜୋଷୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଧାୟକ ସାମନ୍ତରାୟ କହିଛନ୍ତି ଯେ, ଭାଜପା ଅତ୍ୟନ୍ତ ହୀନ ରାଜନୀତି କରୁଛି। ପାକିସ୍ତାନକୁ ପ୍ରୋତ୍ସାହନ ଯୋଗାଇବା ପାଇଁ ଏଭଳି କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ। ଭାଜପାର ଏଭଳି ହୀନ ରାଜନୀତି ଉକ୍ତ ଦଳର ଦେଶପ୍ରେମକୁ ପଦାରେ ପକାଇଛି।







ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ। ଏବଂ ଜୀବନର ପ୍ରତିଟି ଗତିବୃତ୍ତି ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶକ ହେବା ଉଚିତ। -ଶ୍ରୀମା

# ଛୋଟ ପଦକ୍ଷେପ

ପୁଲଓ୍ୱାମା ଆକ୍ରମଣର ଦିନକ ପରେ କ୍ଷୁବ୍ଧ ଭାରତ ପାକିସ୍ତାନଠାରୁ ସବୁଠୁ ଅନୁଗୃହୀତ ରାଷ୍ଟ୍ର (ଏମ୍ଏଫ୍ଏନ୍) ମାନ୍ୟତା ପ୍ରତ୍ୟାହାର କରିନେଇଛି। ଏହି ପଡ଼ୋଶୀ ଦେଶକୁ ଆର୍ଥିକ ଓ କୂଟନୈତିକ ସ୍ତରରେ ଏକଘରିଆ କରିବା ପାଇଁ ଭାରତ ନେଇଥିବା କେତେଗୁଡ଼ିଏ ଆକ୍ରମଣାତ୍ମକ ପଦକ୍ଷେପ ମଧ୍ୟରୁ ଏହା ହେଉଛି ପ୍ରଥମ। ତେବେ ପାକିସ୍ତାନକୁ ଏମ୍ଏଫ୍ଏନ୍ ମାନ୍ୟତା ଦେବା ଓ ତାକୁ ପୁଣି ପ୍ରତ୍ୟାହାର କରିନେବା ଦ୍ୱାରା ବିଶେଷ କିଛି ପ୍ରଭାବ ପଡ଼ିବ ନାହିଁ। କାରଣ ବିଶ୍ୱ ବାଣିଜ୍ୟ ସଂଗଠନର ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ର ଅନ୍ୟ ସଦସ୍ୟ ରାଷ୍ଟ୍ରକୁ ଜେନେରାଲ ଏଗ୍ରିମେଣ୍ଟ ଅନ୍ ଟାରିଫ୍ସ ଆଣ୍ଡ୍ ଟ୍ରେଡ୍ର ଧାରା ୧ ଅନୁସାରେ ଏହି ମାନ୍ୟତା ଦେବାର ଆବଶ୍ୟକତା ରହିଛି। ତେବେ ଏମ୍ଏଫ୍ଏନ୍ ଏକ ଅନୁପଯୁକ୍ତ ନାମ କାରଣ ପ୍ରକୃତରେ ଏହାର ଅର୍ଥ ହେଉଛି ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପାତରଅନ୍ତର ନ କରିବା। ଅଧିକନ୍ତୁ, ଏହି ଦୁଇ ଦେଶ ମଧ୍ୟରେ ୨ ବିଲିୟନ ଡଲାର ବ୍ୟବସାୟ ହେଉଛି। ଭାରତ ୧୯୯୬ ମସିହାରେ ପାକିସ୍ତାନ ପ୍ରତି ବନ୍ଧୁତାର ହାତ ବଢ଼େଇ ତା'ଠାରୁ ଅନୁରୂପ ବ୍ୟବହାର ପାଇବାର ଆଶା ରଖିଥିଲେ ମଧ୍ୟ ୨୩ ବର୍ଷ ଭିତରେ ପାକିସ୍ତାନ ସେପରି କିଛି କରିନାହିଁ। ସେହି ଦୃଷ୍ଟିରୁ ଭାରତ ପାକିସ୍ତାନଠାରୁ ଏମ୍ଏଫ୍ଏନ୍ ମାନ୍ୟତା ପ୍ରତ୍ୟାହାର କରିନେଲେ ମଧ୍ୟ କୂଟନୈତିକ ସ୍ତରରେ ବିଶେଷ କିଛି ପ୍ରଭାବ ପଡ଼ିବ ନାହିଁ। ପୁଲଓ୍ୱାମା ପରି ଘଟଣା ଘଟିବା ପର୍ଯ୍ୟନ୍ତ ଅପେକ୍ଷା ନ କରି ଆମେ ଏହି ମାନ୍ୟତା ବହୁ ଆଗରୁ ପ୍ରତ୍ୟାହାର କରିବାର ଥିଲା।

ଆମର ପାକିସ୍ତାନ ସହ ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ପର୍କ ସର୍ବଦା ଖରାପ ରହିଆସିଛି ଏବଂ ଅଭିବୃଦ୍ଧି କେବେ ବି ଦୁଇ ଅଙ୍କ ସ୍ପର୍ଶ କରିନାହିଁ। ଦୁଇ ଦକ୍ଷିଣ ଏସୀୟ ପଡ଼ୋଶୀ ଦେଶ ଭିତରେ ମୋଟ ବାଣିଜ୍ୟ କାରବାର ୨୦୧୭-୧୮ରେ ୬ ପ୍ରତିଶତ ବୃଦ୍ଧି ପାଇ ୨.୪ ବିଲିୟନ ଡଲାରକୁ ଛୁଇଁଥିଲା, ଯେଉଁଥିରେ ରପ୍ତାନି ଥିଲା ୧.୯ ବିଲିୟନ ଡଲାରର ଏବଂ ଆମଦାନି ଥିଲା ୫୦୦ ମିଲିୟନ ଡଲାରର। ପାକିସ୍ତାନ ଭାରତ ଉପରେ ବାଣିଜ୍ୟିକ ପ୍ରତିବନ୍ଧକ ଲଗାଇଥିବାରୁ ବର୍ତ୍ତମାନ ପାକିସ୍ତାନ ସହ ଯେଉଁସବୁ ବାଣିଜ୍ୟ କାରବାର ହେଉଛି, ତାହା ସଂଯୁକ୍ତ ଆରବ ଏମିରେଟ୍ସ ବା ସିଙ୍ଗାପୁର ବାଟ ଦେଇ ହେଉଛି। ଏବେ ଭାରତ ପାକିସ୍ତାନଠାରୁ ଏମ୍ଏଫ୍ଏନ୍ ମାନ୍ୟତା ପ୍ରତ୍ୟାହାର କରିନେବା ପରେ ଅନ୍ୟ ବାଟ ଦେଇ ବାଣିଜ୍ୟିକ କାରବାର ବୃଦ୍ଧି ପାଇବାର ସମ୍ଭାବନା ରହିଛି।

## ଆଜିର ଅର୍ଥନୀତି

ପାକିସ୍ତାନ ସହ ଭାରତର ଆମଦାନି ଓ ରପ୍ତାନି କାରବାର ଯଥାକ୍ରମେ ୧.୫୫ ଓ ୨.୫୫ ପ୍ରତିଶତ ହେଉଛି। ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟିକ କାରବାରର ପରିମାଣ ନଗଣ୍ୟ ହୋଇଥିବାରୁ ଭାରତ ପାକିସ୍ତାନଠାରୁ ଏମ୍ଏଫ୍ଏନ୍ ମାନ୍ୟତା ପ୍ରତ୍ୟାହାର କରିନେବା ଦ୍ୱାରା ଦୁଇଦେଶ ଉପରେ ପ୍ରାୟ କିଛି ବି ପ୍ରଭାବ ପଡ଼ିବ ନାହିଁ। ଏହି ପଦକ୍ଷେପ ହେଉଛି ପ୍ରତୀକାତ୍ମକ ମାତ୍ର ଏବଂ ଏହାଦ୍ୱାରା ଦୁଇଦେଶ ଭିତରେ ଚୋରା ବେପାର ବୃଦ୍ଧିପାଇବାର ସମ୍ଭାବନା ଅଛି। ପାକିସ୍ତାନରୁ ଭାରତ ସିମେଣ୍ଟ, ପେଟ୍ରୋଲିୟମ୍ ଉତ୍ପାଦ, ଫଳ, ପଲିଶ୍ ହୋଇଥିବା ଚମଡ଼ା, ଖଣିଜ ଓ ଖଣିଜ ପଥର ଆମଦାନି କରେ ଏବଂ ସେ ଦେଶକୁ କପା, ରାସାୟନିକ, ପ୍ଲାଷ୍ଟିକ୍, ହାତକଟା ସୂତା ଓ ରଙ୍ଗ ପ୍ରଭୃତି ରପ୍ତାନି କରେ। ଦୁଇଦେଶ ଭିତରେ ରହିଥିବା ବାଣିଜ୍ୟିକ ସନ୍ତୁଳନ ଭାରତ ପାଇଁ ଅନୁକୂଳ ଥିଲା।

ଏବେ ଏମ୍ଏଫ୍ଏନ୍ ମାନ୍ୟତା ପ୍ରତ୍ୟାହାର ପରେ ଭାରତ ପାକିସ୍ତାନୀ ସାମଗ୍ରୀଗୁଡ଼ିକ ଉପରେ ଆମଦାନୀ ଶୁଳ୍କ ଦୁଇଗୁଣ ବୃଦ୍ଧି କରିଛି। ଏହା ଦୁଇ ଦେଶର ବ୍ୟବସାୟୀମାନଙ୍କ ଉପରେ କୁପ୍ରଭାବ ପକାଇବ। ବିଶେଷତଃ ପାକିସ୍ତାନର ସିମେଣ୍ଟ ଶିଳ୍ପ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହେବ। ଭାରତର ବ୍ୟବସାୟୀମାନେ ସେମାନଙ୍କ ଅର୍ଡର ଖାରଜ କରିବାକୁ ଆରମ୍ଭ କଲେଣି। ଉଚ୍ଚହାରର ଆମଦାନୀ ଶୁଳ୍କ ହେତୁ ଫଳ ଓ କପା ବ୍ୟବସାୟୀମାନେ ମଧ୍ୟ ବିଶେଷ ପ୍ରଭାବିତ ହୋଇଛନ୍ତି ଏବଂ ଭାରତ ସହ ସେମାନଙ୍କ ରପ୍ତାନି କାରବାର ଏକପ୍ରକାର ବନ୍ଦ କରିବାକୁ ବସିଲେଣି। ଅମଦାନୀ ଶୁଳ୍କ ବୃଦ୍ଧି ଯୋଗୁ ଛୋଟ ବ୍ୟବସାୟୀମାନଙ୍କର ବିପୁଳ ଆର୍ଥିକ କ୍ଷତି ଘଟିବ। ପାକିସ୍ତାନର ଚିନି, ଇସ୍ପାତ, ବୟନ ଓ ରସାୟନ ପ୍ରଭୃତି ଶିଳ୍ପଗୁଡ଼ିକ କ୍ଷତିଗ୍ରସ୍ତ ହେବେ। ଭାରତରୁ ଆମଦାନି ଉପରେ ନିର୍ଭର କରୁଥିବା ମୌଳିକ ରାସାୟନିକ ଓ ସୂତାକଳଗୁଡ଼ିକ ଖୁବ୍ ପ୍ରଭାବିତ ହେବେ। ଭାରତୀୟ ବ୍ୟବସାୟୀମାନେ ପାକିସ୍ତାନକୁ ରପ୍ତାନି ବନ୍ଦ କରିବାକୁ ବସିଲେଣି। ଭାରତରୁ ଯେଉଁ ଟମାଟୋ ରପ୍ତାନି କରାଯାଉଥିଲା, ସେଥିରୁ ପାକିସ୍ତାନରେ ତିନିଗୁଣା ଲାଭ ମିଳୁଥିଲା। ପୁଲଓ୍ୱାମା ଘଟଣା ପରେ ମଧ୍ୟପ୍ରଦେଶର ଝାବୁଆ ଜିଲାର ଚାଷୀମାନେ ପାକିସ୍ତାନକୁ ଟମାଟୋ ରପ୍ତାନି ସମ୍ପୂର୍ଣ୍ଣ ବନ୍ଦ କରିଦେଲେଣି। ରିପୋର୍ଟରୁ ଜଣାପଡ଼ିଛି ରୋଷେଇ ଘରର ଏହି ଅତ୍ୟାବଶ୍ୟକ ପରିବା ପାକିସ୍ତାନରେ ଏବେ କିଲୋ ପିଛା ୧୮୦ ଟଙ୍କାରେ ବିକ୍ରି ହେଉଛି। ଏମ୍ଏଫ୍ଏନ୍ ମାନ୍ୟତା ପ୍ରତ୍ୟାହାର ପରେ ପାକିସ୍ତାନକୁ ଚାପରେ ରଖିବା ପାଇଁ ତା' ସହ କାରବାର କରୁଥିବା ଅନ୍ୟ ଦେଶଗୁଡ଼ିକ ପ୍ରତି ମଧ୍ୟ ଭାରତ କୂଟନୈତିକ ବଶୀକରଣ ଅସ୍ତ୍ର ପ୍ରୟୋଗ କରିବା ଦରକାର। ପାକିସ୍ତାନ ପ୍ରତି ସବୁଆଡୁ ଆର୍ଥିକ କଟକଣା ଲାଗୁ ହେଲେ ଏହା ଆଉ ନିଜ ଦେଶରେ ଆତଙ୍କବାଦୀ ଭିତ୍ତିଭୂମି ଚଳାଇବା ସମ୍ଭବ ହେବ ନାହିଁ। ପାକିସ୍ତାନଠାରୁ ଏମ୍ଏଫ୍ଏନ୍ ମାନ୍ୟତା ପ୍ରତ୍ୟାହାର ଏକ ଛୋଟିଆ ପଦକ୍ଷେପ ହୋଇପାରେ, ମାତ୍ର ଏହା ଆଗକୁ ଯାଇ ଯେ ଏକ ବିଶାଳ ଆଲୋଡ଼ନ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ।

# ଶିଷ୍ୟତ୍ୱର ପରିଭାଷା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ମଣିଷ ଜନ୍ମରୁ ଅଜ୍ଞାନ ଥାଏ। ବୟସର ବୃଦ୍ଧି ସଙ୍ଗେ ସଙ୍ଗେ ସେ ଅଜ୍ଞାନତାରୁ ମୁକ୍ତ ହୁଏ। ଅଜ୍ଞାନ ଅନ୍ଧକାରରୁ ଜ୍ଞାନାଲୋକକୁ ଯିବା ପାଇଁ ସେ ଜଣେ ପ୍ରାଜ୍ଞ ପୁରୁଷଙ୍କ ଶିଷ୍ୟତ୍ୱ ଗ୍ରହଣ କରେ। ଗୁରୁଙ୍କଠାରୁ ଶିକ୍ଷା ଗ୍ରହଣ କରିବା ସମୟରେ ସେ ଅନେକ ସନ୍ଦେହର ସମ୍ମୁଖୀନ ହୁଏ ଏବଂ ତା'ର ନିରାକରଣ ପାଇଁ ସେ ବିନମ୍ରତା ସହ ଅନେକ ପ୍ରଶ୍ନ ପଚାରେ। ଶେଷରେ ସେ ଯେତେବେଳେ ନିଜକୁ ଗୁରୁଙ୍କ ପାଖରେ ସମର୍ପି ଦିଏ, ଗୁରୁ ତାକୁ ସମୁଚିତ ମାର୍ଗଦର୍ଶନ କରାନ୍ତି ଓ ଶିଷ୍ୟ ନିଜ ସନ୍ଦେହ ନିରାକରଣ ହେଲାପରେ ଗୁରୁ ଆଜ୍ଞା ପାଳନ କରେ। ଶିଷ୍ୟତ୍ୱର ଏହି ପରିଭାଷା ଅତି ସୁନ୍ଦର ଭାବରେ ଭଗବତ୍ ଗୀତାରେ ପ୍ରତିପାଦିତ ହୋଇଛି। ମହାଭାରତ ଯୁଦ୍ଧ ଆରମ୍ଭରେ ଅର୍ଜୁନଙ୍କୁ ଗ୍ରାସ କରିଛି କାତରତା ଓ ଧର୍ମବିମୂଢ଼ତା। ଏକ ପକ୍ଷରେ ଯୁଦ୍ଧରେ କୁଟୁମ୍ବ ଓ ଗୁରୁଜନମାନଙ୍କୁ ହତ୍ୟା କରିବା ମହାପାପ ଓ ଅନ୍ୟପକ୍ଷରେ ଧର୍ମ ପ୍ରତିଷ୍ଠା ପାଇଁ ଯୁଦ୍ଧ କରିବା କ୍ଷତ୍ରିୟର ଧର୍ମ। ଏହି ଦୁଇଟି ଦିଗ ଅର୍ଜୁନଙ୍କୁ ଧର୍ମସଙ୍କଟରେ ପକାଇଛି। ଏହି ଧର୍ମସଙ୍କଟରୁ ମୁକ୍ତ ହେବା ପାଇଁ ଅର୍ଜୁନ ଶ୍ରୀକୃଷ୍ଣଙ୍କ ଶିଷ୍ୟତ୍ୱ ଗ୍ରହଣ କରିଛନ୍ତି ଓ ସମୁଚିତ ପରାମର୍ଶ ପ୍ରାର୍ଥନା କରିଛନ୍ତି। ''ଯଚ୍ଛ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୂହି ତନ୍ମେ ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍'' ଅର୍ଥାତ୍ ହେ ମାଧବ! ଯାହା ମୋ ପାଇଁ ନିଶ୍ଚିତ ରୂପେ କଲ୍ୟାଣକାରକ, ତାହା ମୋତେ କୁହନ୍ତୁ। ମୁଁ ଆପଣଙ୍କ ଶିଷ୍ୟ। ଆପଣଙ୍କଠାରେ ଶରଣ ପଶିଥିବାରୁ ମୋତେ ଶିକ୍ଷା ଦିଅନ୍ତୁ। ଗୀତାର ଦ୍ୱିତୀୟ ଅଧ୍ୟାୟର ଏହି ସପ୍ତମ ଶ୍ଳୋକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜଣେ ଶିଷ୍ୟ ନିଜ ପାଇଁ କ'ଣ ଶ୍ରେୟ ତାହା କେବଳ ଗୁରୁଙ୍କୁ ପଚାରିପାରେ, ସାରଥିଙ୍କୁ ନୁହେଁ। ପୂର୍ବରୁ ଅର୍ଜୁନଙ୍କ ମନରେ ଥିଲା ରଥୀପଣ। ଏଣୁ ଯୁଦ୍ଧ ଆରମ୍ଭରେ ସେ ସାରଥି ଶ୍ରୀକୃଷ୍ଣଙ୍କୁ ଆଜ୍ଞା ଦେଇ କହିଥିଲେ, ''ହେ ଅଚ୍ୟୁତ, ଆପଣ ମୋ ରଥକୁ ଦୁଇ ସେନାର ମଧ୍ୟଭାଗରେ ରଖନ୍ତୁ।'' ବର୍ତ୍ତମାନ ତାଙ୍କ ପାଖରେ ଏହି ରଥୀର ଭାବନା ନାହିଁ। ସେ ନିଜର କଲ୍ୟାଣ କଥା ପଚାରିବା ପାଇଁ ଶ୍ରୀକୃଷ୍ଣଙ୍କ ଶିଷ୍ୟତ୍ୱ ଗ୍ରହଣ କରିଛନ୍ତି ଓ ଉପଦେଶ ଚାହିଁଛନ୍ତି। ଶ୍ରୀକୃଷ୍ଣ ହେଉଛନ୍ତି ତାଙ୍କର ଗୁରୁ, ସାରଥି ନୁହନ୍ତି।

ପୁନଶ୍ଚ ଏହି ଶ୍ଳୋକ ଅନୁଯାୟୀ ଅର୍ଜୁନ ନିଜ କଲ୍ୟାଣର ଭାର ନିଜ ଉପରେ ନ ରଖି ଶ୍ରୀକୃଷ୍ଣ (ଗୁରୁ)ଙ୍କ ଉପରେ ଛାଡ଼ିଦେବାକୁ ଚାହାନ୍ତି। ଏଣୁ ସେ ଶ୍ରୀକୃଷ୍ଣଙ୍କ ଶରଣାଶ୍ରିତ ହୋଇଛନ୍ତି (ତ୍ୱାଂ ପ୍ରପନ୍ନମ୍) କାରଣ ଶରଣାଗତ ହୋଇଗଲେ ତାଙ୍କର କଲ୍ୟାଣର ଦାୟିତ୍ୱ ଗୁରୁଙ୍କ ଉପରକୁ ଆସିଯିବ। 'ତ୍ୱାଂ ପ୍ରପନ୍ନମ୍' କହିଛନ୍ତି ସିନା, ମାତ୍ର ପ୍ରକୃତରେ ସେ ସମ୍ପୂର୍ଣ୍ଣ ଶରଣାଗତ ହୋଇନାହାନ୍ତି। ଯଦି ସେ ଶ୍ରୀକୃଷ୍ଣଙ୍କ ନିକଟରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଥାନ୍ତେ ପୁଣି ନବମ ଶ୍ଳୋକରେ 'ମୁଁ ଯୁଦ୍ଧ କରିବି ନାହିଁ (ନ ଯୋତ୍ସ୍ୟ) ବୋଲି କହି ନ ଥାନ୍ତେ। ଅର୍ଜୁନଙ୍କ ଏହି କଥା ଶରଣାଗତିର ବିରୁଦ୍ଧାଚରଣ କରୁଛି, କାରଣ ଶରଣାପନ୍ନ ହେବାପରେ ମୁଁ କ'ଣ କରିବି ଆଉ କ'ଣ ନ କରିବି ଆଦି କୌଣସି ବିଚାର କରିବାର ଅଧିକାର ଶରଣାଗତର ନ ଥାଏ। ଶରଣ୍ୟ ଯାହା କହନ୍ତି, ଶରଣାଗତ ତାକୁ ପାଳନ କରନ୍ତି। ଅର୍ଜୁନ ମୁଁ ଶରଣାଗତ ବୋଲି କହିସାରି ନିଜେ ଯୁଦ୍ଧ କରିବେ ନାହିଁ ବୋଲି ନିଷ୍ପତ୍ତି ନେବାରୁ ସେ ଶରଣାଗତିରୁ ବିଚ୍ୟୁତ ହୋଇଛନ୍ତି। ଏଣୁ ଶ୍ରୀକୃଷ୍ଣ ହସିଛନ୍ତି ଓ ପରବର୍ତ୍ତୀ ଉପଦେଶ ଦେଇଛନ୍ତି (ତମୁବାଚ ହୃଷୀକେଶଃ ପ୍ରହସନ୍ନିବ ଭାରତ)।

ଏହାପରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଆତ୍ମାର ଅମରତ୍ୱ, ଶରୀରର ନଶ୍ୱରତ୍ୱ ଓ କ୍ଷତ୍ରିୟ ଧର୍ମ ସମ୍ପର୍କରେ ବ୍ୟାଖ୍ୟା କରିଛନ୍ତି ଓ କହିଛନ୍ତି 'ହେ ଧନଞ୍ଜୟ ତୁମେ ଆସକ୍ତି ତ୍ୟାଗକରି ସିଦ୍ଧି ଅସିଦ୍ଧିରେ ସମହୋଇ, ଯୋଗସ୍ଥ ହୋଇ କର୍ମ କର କାରଣ ସମତାକୁ ହିଁ ଯୋଗ କୁହାଯାଏ (୨/୪୮)। ମାତ୍ର ଶିଷ୍ୟ ଅର୍ଜୁନ ସହଜରେ ସନ୍ତୁଷ୍ଟ ହୋଇପାରିନାହାନ୍ତି। ଶ୍ରୀକୃଷ୍ଣ ତାଙ୍କୁ କର୍ମଯୋଗ, ଜ୍ଞାନଯୋଗ, ଭକ୍ତିଯୋଗ ଆଦି ବିଭିନ୍ନ ଯୋଗର ତତ୍ତ୍ୱ ଶୁଣାଇଛନ୍ତି। ଅର୍ଜୁନ ଏସବୁ ଶୁଣିବାବେଳେ ଯେଉଁଠି ସନ୍ଦେହର ସମ୍ମୁଖୀନ ହୋଇଛନ୍ତି ସେଠି ଶ୍ରୀକୃଷ୍ଣଙ୍କୁ ଅନେକ ପ୍ରଶ୍ନ ପଚାରିଛନ୍ତି। ପ୍ରଶ୍ନ ପଚାରି ସନ୍ଦେହ ମୋଚନ କରିବା ଗୁରୁ-ଶିଷ୍ୟ ସମ୍ପର୍କର ଏକ ବିଶିଷ୍ଟ ବିଭାବ। ସ୍ୱୟଂ ଶ୍ରୀକୃଷ୍ଣଙ୍କ ମତରେ ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା/ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ (୪/୩୪)। ଅର୍ଥାତ୍ ତତ୍ତ୍ୱଦର୍ଶୀଙ୍କୁ ପ୍ରଣିପାତ କରି ସେବା କଲେ ଓ ସରଳତା ପୂର୍ବକ ପ୍ରଶ୍ନ କଲେ ସେ ଜିଜ୍ଞାସୁକୁ ତତ୍ତ୍ୱଜ୍ଞାନ ପ୍ରଦାନ କରନ୍ତି। ଏହି ନ୍ୟାୟରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ବିନମ୍ରତା ସହ ବାରମ୍ବାର ପ୍ରଶ୍ନ କରିଛନ୍ତି ଓ ଶ୍ରୀକୃଷ୍ଣ ସେସବୁର ଉତ୍ତର ଦେଇଛନ୍ତି। ପୂର୍ବରୁ କୁହାଯାଇଛି, ଅର୍ଜୁନ ନିଜକୁ ଶରଣାଗତ କହି ମଧ୍ୟ ଶରଣାଗତିରୁ ବିଚ୍ୟୁତ ହୋଇଥିବାରୁ ଶ୍ରୀକୃଷ୍ଣ ହସିଥିଲେ ଓ ପରବର୍ତ୍ତୀ ଉପଦେଶ ଦେଇଥିଲେ। ବର୍ତ୍ତମାନ ସେ ଅର୍ଜୁନଙ୍କୁ କହୁଛନ୍ତି, ତୁମେ ସବୁ ଧର୍ମକୁ ଛାଡ଼ି କେବଳ ମୋର ଶରଣକୁ ଆସିଯାଅ। ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି, ଚିନ୍ତା କରନାହିଁ (ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂବ୍ରଜ/ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ)। ଏଠାରେ ଟୀକାକାରମାନେ ଧର୍ମକୁ ବିଭିନ୍ନ ଅର୍ଥରେ ଗ୍ରହଣ କରିଥିଲେ ହେଁ ଗୀତାରେ ଧର୍ମ ଶବ୍ଦଟି ପ୍ରଚଳିତ ବା ଅଭ୍ୟସ୍ତ ସଂସ୍କାର ଓ ମନଗଢ଼ା ଧର୍ମକୁ ବୁଝାଉଛି। ପୁନଶ୍ଚ ୪୭ଶ ଶ୍ଳୋକର ପୂର୍ବାର୍ଦ୍ଧରେ ସ୍ୱଧର୍ମ ଶବ୍ଦ ବ୍ୟବହୃତ ହୋଇଛି (ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରମଧର୍ମାତ୍ ସ୍ୱନୁଷ୍ଠିତାତ୍/ସ୍ୱଭାବନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍‌ବିଷମ୍)। ପୁନଶ୍ଚ ୪୮ଶ ଶ୍ଳୋକର ଆରମ୍ଭରେ ଅଛି 'ସହଜଂ କର୍ମ କୌନ୍ତେୟ ସଦୋଷମପି ନ ତ୍ୟଜେତ୍'। ଏଠାରେ ସ୍ୱଧର୍ମ ଅର୍ଥ ଅର୍ଜୁନଙ୍କ ପାଇଁ କ୍ଷତ୍ରିୟର ଧର୍ମ ବା ବର୍ଣ୍ଣାନୁଗ କର୍ମ। 'ସହଜ କର୍ମ' ଅର୍ଥ ସହଜାତ କର୍ମ ବା ବର୍ଣ୍ଣାନୁଗ କୌଳିକ ବୃତ୍ତି। ତେଣୁ ଧର୍ମ ଶବ୍ଦଟି ଏଠି ବର୍ଣ୍ଣାନୁଗ କର୍ତ୍ତବ୍ୟ-କର୍ମର ବାଚକ।

ମାତ୍ର ଶ୍ରୀକୃଷ୍ଣ 'ସର୍ବଧର୍ମାନ୍ ପରିତ୍ୟଜ୍ୟ' କହି ସମସ୍ତ କର୍ମ ପରିତ୍ୟାଗ କରିବା କଥା କହିନାହାନ୍ତି। ସେ ପୂର୍ବରୁ ତୃତୀୟ ଅଧ୍ୟାୟରେ କର୍ମ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଯଥା କୌଣସି ମଣିଷ କୌଣସି ଅବସ୍ଥାରେ କ୍ଷଣେମାତ୍ର ବି କର୍ମ ନ କରି ରହିପାରିବ ନାହିଁ। (୩/୫)। ମନ ଓ ଇନ୍ଦ୍ରିୟଗଣଙ୍କୁ ବଶୀଭୂତ କରି କର୍ତ୍ତବ୍ୟ କର୍ମ କରୁଥିବା ବ୍ୟକ୍ତି ଶ୍ରେଷ୍ଠ (୩/୭)। କର୍ମ ନ କଲେ ଶରୀର ନିର୍ବାହ ମଧ୍ୟ ହେବ ନାହିଁ। ଏଣୁ କର୍ମ କରିବା ଉଚିତ (୩/୮)। ଶେଷରେ ୩୦ଶ ଶ୍ଳୋକରେ ସେ କହିଛନ୍ତି-

''ମୟି ସର୍ବାଣି କର୍ମାଣି ସନ୍ନ୍ୟସ୍ୟାଧ୍ୟାତ୍ମଚେତସା,
ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ।''

ଅର୍ଥାତ୍ ଅଧ୍ୟାତ୍ମଚିତ୍ତରେ ତୁମେ ସମସ୍ତ କର୍ତ୍ତବ୍ୟ କର୍ମ ମୋତେ ଅର୍ପଣ କରି କାମନା, ମମତା ଓ ସନ୍ତାପ ପରିହାର ପୂର୍ବକ ଯୁଦ୍ଧରୂପକ କର୍ମ କର। ଏଣୁ ଶ୍ରୀକୃଷ୍ଣ ସବୁ ଧର୍ମ ପରିତ୍ୟାଗ କରିବାକୁ କହିବା ଅର୍ଥ ସମସ୍ତ ମନଗଢ଼ା ଧର୍ମ ବା ଯାହାକୁ ଆମେ ଧର୍ମ ବୋଲି ଭାବୁଛୁ ତାକୁ ତ୍ୟାଗ କରି ତାଙ୍କର ଆଶ୍ରୟ ଗ୍ରହଣ କରିବା, ସେ ଯାହା କହୁଛନ୍ତି ତାହା କରିବା ଏବଂ ସମସ୍ତ କର୍ମକୁ ଭଗବାନଙ୍କ ନିକଟରେ ଅର୍ପଣ କରିବା। ଅର୍ଜୁନଙ୍କ ମନରେ ସନ୍ଦେହ ଥିଲା ତାଙ୍କ ପାଇଁ ଯୁଦ୍ଧ କର୍ମ କରିବା ଶ୍ରେଷ୍ଠ ନା ନ କରିବା ଶ୍ରେଷ୍ଠ। କ'ଣ ଧର୍ମ ବା କ'ଣ ଅଧର୍ମ ଏ କଥା ସେ ନିଜେ ଚିନ୍ତା ନ କରି ତାହା ବିଚାର କରିବାର ଦାୟିତ୍ୱ ସେ ତାଙ୍କ ଉପରେ ଛାଡିଦେଇଛନ୍ତି। ଏହା ହେଉଛି 'ସର୍ବଧର୍ମାନ୍ ପରିତ୍ୟଜ୍ୟ'ର ତାତ୍ପର୍ଯ୍ୟ ଓ ଶରଣାଗତିର ଅର୍ଥ। ଶ୍ରୀକୃଷ୍ଣ ମୋର ଶରଣ ଯାଅ କହିବା ପୂର୍ବରୁ ଅର୍ଜୁନଙ୍କୁ କହିଛନ୍ତି, ମୁଁ ତୁମକୁ ଗୁହ୍ୟରୁ ଗୁହ୍ୟତର ଜ୍ଞାନ କହିଲି। ଏବେ ତୁମେ ଏହାକୁ ଭଲ ଭାବରେ ବିଚାର କରି ଯେମିତି ଇଚ୍ଛା ସେମିତି କର (ବିମୃଶ୍ୟୈତଦଶେଷେଣ ଯଥେଚ୍ଛସି ତଥା କୁରୁ (୧୮/୬୩)। ମାତ୍ର ଅର୍ଜୁନ ଶ୍ରୀକୃଷ୍ଣଙ୍କ ପରାମର୍ଶକୁ ବିଚାର କଲା ପରେ ସେ ତାକୁ ଗ୍ରହଣ କରି ନେଇଛନ୍ତି ଓ ଶ୍ରୀକୃଷ୍ଣଙ୍କ ଶରଣାଗତ ହୋଇଛନ୍ତି। ତାଙ୍କର ସମସ୍ତ ସନ୍ଦେହ ଦୂର ହୋଇଛି। ମୋହ ନଷ୍ଟ ହୋଇଛି। ସେ ନିଜର କର୍ତ୍ତବ୍ୟ କର୍ମ କ'ଣ ବୁଝି ପାରିଛନ୍ତି ଓ ଶେଷରେ କହିଛନ୍ତି 'କରିଷ୍ୟେ ବଚନଂ ତବ', ଅର୍ଥାତ୍ ମୁଁ ଆପଣଙ୍କ ଆଜ୍ଞା ପାଳନ କରିବି। ମୋଟ ଉପରେ ଅଜ୍ଞାନତା ନିରାକରଣ ପାଇଁ ଶିଷ୍ୟତ୍ୱ ଗ୍ରହଣ କରିବା, ସନ୍ଦେହ ମୋଚନ ପାଇଁ ନମ୍ରତା ସହ ଗୁରୁଙ୍କୁ ପ୍ରଶ୍ନ ପଚାରିବା, ନିଜର ସନ୍ଦେହମୋଚନ କରି ଗୁରୁଙ୍କ ପାଖରେ ସମର୍ପିତ ହୋଇ ଗୁରୁଆଜ୍ଞା ପାଳନ କରିବା ହେଉଛି ଭାରତୀୟ ପରମ୍ପରାରେ ଶିଷ୍ୟତ୍ୱର ପରିଭାଷା ଏବଂ ଏହା ଅତି ସୁନ୍ଦର ଭାବରେ ପ୍ରତିପାଦିତ ହୋଇଛି ଗୀତାରେ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ,ମୋ-୯୪୩୭୩୨୯୨୬୩

# ଉତ୍ତରପୂର୍ବ ଭାରତରେ କୃଷ୍ଣପ୍ରେମ



ଦେବଦତ୍ତ ପଟ୍ଟନାୟକ

ଯେତେବେଳେ କେହି ଭଗବାନ୍ କୃଷ୍ଣଙ୍କ କଥା କୁହେ, ସେ ସାଧାରଣତଃ ସୁରଦାସ ଓ ମୀରାବାଈଙ୍କ ପରି ଉତ୍ତରଭାରତୀୟ ପରମ୍ପରା ବା ଆଣ୍ଡାଲ ଓ ଅଲ୍‌ଓ୍ୱାରଙ୍କ ଭଳି ଦକ୍ଷିଣଭାରତୀୟ ପରମ୍ପରା ବିଷୟରେ କୁହେ। ଚୈତନ୍ୟ ମହାପ୍ରଭୁ ପୂର୍ବଭାରତରେ କୃଷ୍ଣଭକ୍ତି ପରମ୍ପରାକୁ ଆଗେଇ ନେଇଥିବା ବେଳେ ବଲ୍ଲଭାଚାର୍ଯ୍ୟ ଓ ଧ୍ୟାନେଶ୍ୱର ପଶ୍ଚିମଭାରତୀୟ ପରମ୍ପରାର ମୁଖ୍ୟ ପୁରୋଧା ଥିଲେ। କିନ୍ତୁ ଆମେ କୃଷ୍ଣଭକ୍ତିର ଉତ୍ତରପୂର୍ବ ଭାରତୀୟ (ଆସାମ ଓ ତା' ଆଗକୁ) ପରମ୍ପରା ପ୍ରତି ସାଧାରଣତଃ କେହି ଧ୍ୟାନ ଦେଇ ନ ଥାଉ। ପ୍ରାଚୀନ କାଳରେ ଏହାକୁ ଗନ୍ଧର୍ବ-ଦେଶ ବୋଲି କୁହାଯାଉଥିଲା। ସ୍ଥାନୀୟ କିମ୍ବଦନ୍ତୀ ଅନୁସାରେ ଏଠାରେ ବୈଦିକ ଦେବୀ ଉଷା କୁଆଡ଼େ ଗନ୍ଧର୍ବମାନଙ୍କୁ ନୃତ୍ୟ ଓ ଗୀତ ଶିକ୍ଷା ଦେଇଥିଲେ। ସ୍ଥାନୀୟ ଲୋକକଥା ଅନୁସାରେ ଏହି ମାଟି ହେଉଛି ରୁକ୍ମିଣୀଙ୍କ ଜନ୍ମମାଟି, ଯିଏ କୃଷ୍ଣଙ୍କୁ ବିବାହ କରିଥିଲେ ; ଏହା ଚିତ୍ରାଙ୍ଗଦାଙ୍କ ଜନ୍ମଭୂମି, ଯିଏ ଅର୍ଜୁନଙ୍କୁ ବିବାହ କରିଥିଲେ ଏବଂ ଏହା ମଧ୍ୟ ଉଷାଙ୍କ ଜନ୍ମସ୍ଥାନ, ଯିଏ କୃଷ୍ଣଙ୍କ ନାତି ଅନିରୁଦ୍ଧଙ୍କୁ ବିବାହ କରିଥିଲେ।

ଭାରତରେ କୌଣସି କିଛି ବି ସମରୂପ ନୁହେଁ। ଆସାମ ଓ ମଣିପୁର ଉଭୟ ସ୍ଥାନରେ କୃଷ୍ଣଭକ୍ତିର ପରମ୍ପରା ରହିଥିଲେ ମଧ୍ୟ ସେଥିରେ ଅନେକ ପ୍ରଭେଦ ଅଛି। ଜଣେ ଆସାମକୁ ଗଲେ ସେଠି ଦେଖିବ ଶଙ୍କରଦେବଙ୍କ ଦ୍ୱାରା ପ୍ରଚାରିତ କୃଷ୍ଣଭକ୍ତିର ପରମ୍ପରା, ଯିଏ ପ୍ରାୟ ୫୦୦ ବର୍ଷ ତଳେ ଏଠାରେ କୃଷ୍ଣଭକ୍ତିର ପ୍ରଚାର କରିଥିଲେ। କିନ୍ତୁ ଆଉ କିଛି ଆଗକୁ ମଣିପୁର ଗଲେ ଭିନ୍ନ ପ୍ରକାର କୃଷ୍ଣଭକ୍ତି ଦେଖିବାକୁ ମିଳିବ, ଯାହା ମୁଖ୍ୟତଃ ଶ୍ରୀଚୈତନ୍ୟଙ୍କ ଭାବଧାରା ଉପରେ ପର୍ଯ୍ୟବସିତ। ଶଙ୍କରଦେବଙ୍କ ଭକ୍ତି ହେଉଛି ନିର୍ଗୁଣ (ନିରାକାର ଭଗବାନ୍), ସେଠି ରାଧା ନାହାନ୍ତି। ମଣିପୁରର ଚୈତନ୍ୟ ଭକ୍ତି ହେଉଛି ସଗୁଣ (କୃଷ୍ଣରୂପୀ ସାକାର ବ୍ରହ୍ମ) ଏବଂ ସେଠି ରାଧାଙ୍କୁ ମଧ୍ୟ ଭକ୍ତି କରାଯାଏ। ଶଙ୍କରଦେବ ଦାସ୍ୟଭାବରେ ଭଗବାନଙ୍କ ନାମ (ଏକ-ନାମ-ଶରଣ) ଜପ କରୁଥିଲେ। ମଣିପୁରୀ ଭକ୍ତି ପରମ୍ପରାରେ ନୃତ୍ୟଗୀତ ମାଧ୍ୟମରେ କୃଷ୍ଣଙ୍କ ପ୍ରତି ଗୋପୀମାନଙ୍କର ପ୍ରେମଭାବକୁ ଗୁରୁତ୍ୱ ଦିଆଯାଇଛି, ଯାହାକୁ କୁହାଯାଏ ମାଧୁର୍ଯ୍ୟଭାବ। ଏହା ମାଧ୍ୟମରେ ଜୀବର ମୁକ୍ତି ଓ ସ୍ୱର୍ଗପ୍ରାପ୍ତି ସମ୍ଭବ ବୋଲି ସେମାନଙ୍କର ବିଶ୍ୱାସ। ଆଦିବାସୀ ଓ ଶାକ୍ତ ପରମ୍ପରାକୁ ପଛକୁ ପକାଇ ଏ ଦୁଇ ବୈଷ୍ଣବୀୟ ଭକ୍ତିଧାରା ପରେ ଆସିଛି।

ଶଙ୍କରଦେବ ଜଣେ ଶିକ୍ଷିତ ବ୍ୟକ୍ତି ଥିଲେ। କୃଷ୍ଣଙ୍କ ଜୀବନଚରିତ ଓ ଲୀଳାକୁ ନେଇ ସେ ଅନେକ ଭଜନ ଓ ନାଟକ ରଚନା କରିଛନ୍ତି। ତାଙ୍କ ଭାବଧାରା ପ୍ରଚାର କରିବାରେ ଥିଏଟର ଓ ନୃତ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଆସାମର ଅଙ୍କୀୟ ନାଟକରେ ଶଙ୍କରଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ଥିଏଟର ଦଳଗୁଡ଼ିକ ଯେଉଁ ନାଟକ ପ୍ରଦର୍ଶନ କରୁଥିଲେ, ସେଥିରେ କୃଷ୍ଣଙ୍କ ପତ୍ନୀ ଭାବରେ ରୁକ୍ମିଣୀ ଓ ସତ୍ୟଭାମାଙ୍କୁ ପ୍ରଦର୍ଶନ କରୁଥିଲେ। ରାଧାଙ୍କର କୌଣସି ସୂଚନା ସେଥିରେ ଆଦୌ ନାହିଁ। ତେବେ ଶଙ୍କରଦେବଙ୍କ ପରି ଚୈତନ୍ୟ ସେପରି କିଛି ଲେଖାଲେଖି କରିନାହାନ୍ତି। କିନ୍ତୁ ତାଙ୍କର ଅନେକ ଶିଷ୍ୟ ବୃନ୍ଦାବନରେ ନିବାସ କରିବା ସହ କୃଷ୍ଣଭକ୍ତିର ପରମ୍ପରାକୁ ସେଠାରେ ଉଜ୍ଜୀବିତ କରାଇଥିଲେ। ଅନେକ ଶିଷ୍ୟ ମଧ୍ୟ ମଣିପୁର ଯାଇଥିଲେ, ତେଣୁ ମଣିପୁରୀ କୃଷ୍ଣଭକ୍ତିରେ ରାଧାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଚୈତନ୍ୟ ମହାପ୍ରଭୁ ହେଉଛନ୍ତି ଶଙ୍କରଦେବଙ୍କ ସମସାମୟିକ ଏବଂ ସେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସହ ଓତପ୍ରୋତଭାବେ ଜଡ଼ିତ ଥିଲେ। ଶଙ୍କରଦେବ ଭାଗବତ ପୁରାଣକୁ ଭିତ୍ତିକରି ବୈଷ୍ଣବଧର୍ମର ଅଦ୍ୱୈତ ସିଦ୍ଧାନ୍ତକୁ ଅନୁସରଣ କରୁଥିଲେ।

ଏହି ସିଦ୍ଧାନ୍ତ ଅନୁସାରେ, ଏ ବିଶ୍ୱ 'ଏକ ଏବଂ ଅଦ୍ୱିତୀୟ' ପରମାତ୍ମାଙ୍କଠାରୁ ସୃଷ୍ଟି ହୋଇଛି। ଏହାକୁ କୁହାଯାଏ ଏକେଶ୍ୱରବାଦ ବା ଅଦ୍ୱୈତବାଦ। ଏହି ବାଦ ଅନୁସାରେ ସାରା ଜଗତକୁ କୃଷ୍ଣମୟ ଓ କୃଷ୍ଣଙ୍କର ପରିବ୍ୟାପ୍ତ ରୂପ ବୋଲି କଳ୍ପନା କରାଯାଏ ଏବଂ ଏଠାରେ ଦ୍ୱିତୀୟର ସ୍ଥାନ ନାହିଁ। ବଣରେ ଥିବା ଗଛ ବି କୃଷ୍ଣ। ଗଛ, କୃଷ୍ଣ ଓ ମୁଁ- ଏ ତିନିଜଣଙ୍କ ଭିତରେ କେବଳ ଅଜ୍ଞାନତା ହିଁ ବିଭେଦ ସୃଷ୍ଟି କରେ। ୧୨୦୦ ବର୍ଷ ତଳେ ଆଦି ଶଙ୍କର ଏହି ଅଦ୍ୱୈତବାଦକୁ ଲୋକପ୍ରିୟ କରିଥିଲେ ଏବଂ ୯୦୦ ବର୍ଷ ତଳେ ରାମାନୁଜାଚାର୍ଯ୍ୟ ଏହାକୁ ଭକ୍ତିଧାରା ସହ ସଂଯୁକ୍ତ କରିଥିଲେ। ଏହା ଉତ୍ତରକୁ ବ୍ୟାପିଲା ଏବଂ ୫୦୦ ତଳେ ଶଙ୍କରଦେବଙ୍କ ମାଧ୍ୟମରେ ଆସାମରେ ପହଞ୍ଚିଲା।

ଶଙ୍କରଦେବଙ୍କ ପରି ଶ୍ରୀଚୈତନ୍ୟ ତାଙ୍କ ଭକ୍ତିବାଦକୁ ବେଦାନ୍ତ ମାଧ୍ୟମରେ ବ୍ୟାଖ୍ୟା କରୁଥିଲେ, ଯେଉଁଥିରେ ଜୀବାତ୍ମା ଓ ପରମାତ୍ମା ମଧ୍ୟରେ ଥିବା ସମ୍ପର୍କ ବିଷୟରେ ଆଲୋଚନା କରାଯାଇଛି। କିନ୍ତୁ ଶ୍ରୀଚୈତନ୍ୟ ଭେଦାଭେଦ ତତ୍ତ୍ୱରେ ବିଶ୍ୱାସ କରନ୍ତି, ଯେଉଁ ତତ୍ତ୍ୱ ଅନୁସାରେ ଏକ ଅଭିନ୍ନ ପରମାତ୍ମାଙ୍କର ଦୁଇଟି ଭିନ୍ନ ରୂପ ଅଛି- ଜଣେ ରାଧା ଓ ଆଉ ଜଣେ କୃଷ୍ଣ। ଜୀବାତ୍ମା ଓ ପରମାତ୍ମା ଅଭିନ୍ନ, ତଥାପି ତାଙ୍କ ଭିତରେ ଭେଦ ଅଛି- ଯେପରି ବନର ଗଛଗୁଡ଼ିକ। ଏହିସବୁ ଦର୍ଶନ ହେତୁ ଉତ୍ତରପୂର୍ବାଞ୍ଚଳ କୃଷ୍ଣଭକ୍ତିରେ ଆଧ୍ୟାତ୍ମିକ ଭାବଧାରାକୁ ପ୍ରକାଶ କରିବା ପାଇଁ ବିଭିନ୍ନ କଳା ପ୍ରଦର୍ଶନ ଉପରେ ଗୁରୁତ୍ୱ ଦିଆଯିବା ଦେଖିବାକୁ ମିଳେ। (ଲେଖକ ଜଣେ ବିଶିଷ୍ଟ ପୁରାଣବିତ୍ ଏବଂ ପୁରାଣଶାସ୍ତ୍ର ଉପରେ ସେ ଅନେକ ପୁସ୍ତକ ରଚନା କରିଛନ୍ତି। ତାଙ୍କ ପୁସ୍ତକଗୁଡ଼ିକ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକରେ ଥିବା ମଡର୍ନ ବୁକ୍ ଡିପୋ, ଫୋନ୍-୦୬୭୪-୨୫୩୪୩୭୩, modbooks.bbsr@gmail.comରେ ଉପଲବ୍ଧ।)

ଲେଖକଙ୍କ ଇମେଲ୍ ଠିକଣା: devdutt@devdutt.com

## ଏଇ ଭାରତରେ

ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ୍‌ଙ୍କ ପରିବାରଙ୍କୁ ଦେଶର ବିଭିନ୍ନ ବର୍ଗ ସହାୟତାର ହାତ ବଢ଼ାଇଛନ୍ତି। ଏହି ମର୍ମରେ ଅଜମେର ବଜରଙ୍ଗଗଡ଼ ମାତା ଅମ୍ବେ ମନ୍ଦିରଠାରେ ୭ ବର୍ଷ ଧରି ଭିକ୍ଷାବୃତ୍ତି କରୁଥିବା ବୃଦ୍ଧା ଦେବକୀ ଶର୍ମାଙ୍କ କାର୍ଯ୍ୟ ସୃଷ୍ଟି କରିଛି ଏକ ଉଦାହରଣ। ଦେବକୀ ଦୁନିଆରେ ନ ଥିଲେ ମଧ୍ୟ ତାଙ୍କ ମହାନ୍ ଇଚ୍ଛା ତାଙ୍କୁ ଅମର କରି କରିଛି। ମୃତ୍ୟୁ ପୂର୍ବରୁ ଦେବକୀ ଶର୍ମା ସ୍ଥାନୀୟ ବ୍ୟାଙ୍କ ଅଫ୍ ବରୋଦାର ବ୍ୟାଙ୍କ ସଞ୍ଚୟ ଖାତା ଏକ ମନ୍ଦିର ଟ୍ରଷ୍ଟ ବୋର୍ଡ ପାଖରେ ଜମା କରିଥିଲେ। ସେ ସୂଚାଇ ଦେଇଥିଲେ ଯେ, ତାଙ୍କ ଦ୍ୱାରା ସଞ୍ଚିତ ୬ ଲକ୍ଷ ୬୧ ହଜାର ୬ ଶହ ଟଙ୍କା କୌଣସି ଏକ ମହାନ୍ କାର୍ଯ୍ୟରେ ଲଗାଇବା ପାଇଁ। ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏହାକୁ ପୁଲଓ୍ୱାମା ଶହୀଦ୍ ପରିବାରଙ୍କୁ ପ୍ରଦାନ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ଟ୍ରଷ୍ଟ ବୋର୍ଡ ସଦସ୍ୟ ସନ୍ଦୀପ୍ ଦେବକୀଙ୍କ ସଞ୍ଚିତ ଟଙ୍କାକୁ ଡ୍ରାଫ୍ଟ ଆକାରରେ ଅଜମେର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦେବକୀ ଜୀବିତ ଥିବାବେଳେ ସନ୍ଦୀପ୍‌ଙ୍କୁ ବ୍ୟାଙ୍କରେ ତାଙ୍କର ନୋମିନି ଅଧିକାର ପ୍ରଦାନ କରିଥିଲେ। ଦେବକୀଙ୍କ ଏହି କାର୍ଯ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

କେତେ ମେଘ ଉଦେ ହୋଇ ଗିରି ଚୂଡ଼ାପରେ
ଯାଏ ଯେ ମିଳାଇ ପଲକରେ
ନ ଦେଖୁଁ ନିଜର ପଥ, ଦେହେ ତା'ର ବିଜୁଳି ଚମକ
ନ ଲାଗୁଁ, ଅସୀମ ଦେଶେ ନିଭିଯାଏ ନ ହୁଏ ବିଲୋକ।
(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଫେବୃଆରୀ ୧୯୯୪

- ଟେଷ୍ଟ କ୍ରିକେଟରେ ଉଇକେଟ ଲାଭ କ୍ଷେତ୍ରରେ ବିଶ୍ୱ ରେକର୍ଡ ସୃଷ୍ଟି କରିଥିବା ଭାରତୀୟ କ୍ରିକେଟ ତାରକା କପିଳ ଦେବ ତାଙ୍କର ଏହି କୃତିତ୍ୱ ପାଇଁ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ଦ୍ୱାରା ସମ୍ମାନିତ।
- ଏଲ୍‌ଟିଟିଇ ନେତା ଭେଲୁ ପିଲ୍ଲାଇ ପ୍ରଭାକରନ ସରକାରଙ୍କ ସହିତ ବୁଝାମଣା ପାଇଁ ନିଜେ କଥାବାର୍ତ୍ତା ନ କରିବା ପର୍ଯ୍ୟନ୍ତ ଶ୍ରୀଲଙ୍କା ସରକାର ଏଲ୍‌ଟିଟିଇ ସହ ଆଲୋଚନା କରିବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେ ପ୍ରକାଶ କରିଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 4 | 7 | 9 | | | C | | | | | | | |
| | | C | 8 | | | A | | | | | 0 | | 4 | |
| | | | 5 | | 3 | D | 1 | | | | | B | C | |
| | | E | | | | | | | | 7 | 8 | | | |
| 8 | | 2 | | | 4 | 5 | | | | | | | | D |
| E | | | D | | | | 5 | | B | 9 | | | A | |
| | | 6 | | | | | B | | | 8 | | D | | C |
| | | 1 | | 2 | | 8 | 9 | | | | 7 | | B | |
| 3 | | | | | 6 | 4 | 2 | | | C | | | | 8 |
| B | | D | | | 8 | 1 | | A | | E | | | 7 | |
| | | 3 | 9 | | | 0 | E | | | | | 6 | | |
| | | | | C | 1 | 3 | | | 2 | | | | 0 | 4 |
| A | | | | 6 | 7 | 2 | | | | | | | D | 5 |
| 5 | | | | A | D | | | | 6 | | | | | 9 |
| 1 | | 7 | | | 0 | C | | | | | | 2 | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | B | 6 | E | 1 | 5 | 7 | C | A | 9 | 4 | 0 | 8 | 3 | D |
| D | C | 9 | 3 | A | 6 | 4 | 0 | 5 | 1 | 8 | 2 | B | E | 7 |
| 4 | 3 | 1 | 7 | 0 | C | D | 9 | 8 | B | E | 5 | 6 | 2 | A |
| 8 | 0 | A | B | 4 | 9 | 2 | E | 6 | 3 | D | 7 | 1 | C | 5 |
| E | 5 | 7 | D | 2 | 8 | B | 3 | 1 | A | 6 | C | 9 | 4 | 0 |
| 6 | 7 | C | 1 | 5 | A | 9 | D | B | 4 | 0 | 3 | 2 | 8 | E |
| 0 | 9 | 4 | 6 | E | D | A | 7 | 2 | 8 | 5 | B | 3 | 1 | C |
| B | E | 3 | 4 | 7 | 2 | 1 | 8 | C | 6 | A | D | 5 | 0 | 9 |
| A | 8 | 2 | 0 | 9 | 3 | 5 | 6 | E | C | 7 | 1 | D | B | 4 |
| 5 | 1 | D | 8 | C | B | 0 | 4 | 3 | E | 2 | 9 | A | 7 | 6 |
| 9 | A | 8 | C | B | 0 | 6 | 2 | 7 | 5 | 3 | 4 | E | D | 1 |
| C | 4 | 5 | A | D | E | 3 | B | 0 | 2 | 1 | 6 | 7 | 9 | 8 |
| 1 | 6 | 0 | 9 | 3 | 7 | 8 | 5 | 4 | D | B | E | C | A | 2 |
| 7 | D | B | 2 | 6 | 1 | E | A | 9 | 0 | C | 8 | 4 | 5 | 3 |
| 3 | 2 | E | 5 | 8 | 4 | C | 1 | D | 7 | 9 | A | 0 | 6 | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗୋଟିଏ ପରିବାର ଗୋଟିଏ ଚାକିରି

ମହାଶୟ,

କିଛିଦିନ ପୂର୍ବେ ସିକ୍କିମ୍ ସରକାର 'ଏକ ପରିବାର, ଏକ ଚାକିରି' ନାମକ ଏକ ଅଭିନବ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହା ପୂର୍ବରୁ କେରଳ ସରକାର ଅନୁରୂପ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଯେଉଁ ପରିବାରରେ କେହି ଚାକିରି କରିନାହାନ୍ତି, ସେହି ପରିବାରରୁ ଜଣକୁ ଅଗ୍ରାଧିକାର ଭିତ୍ତିରେ ଚାକିରି ଦେବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଯୋଜନା କେବଳ ସ୍ୱାଗତଯୋଗ୍ୟ ନୁହେଁ, ଯୁଗାନ୍ତକାରୀ ଓ ଯୁଗୋପଯୋଗୀ ମଧ୍ୟ। କେନ୍ଦ୍ର ଓ ରାଜ୍ୟ ସରକାର ଶହ ଶହ ଯୋଜନା କାର୍ଯ୍ୟକାରୀ କରି ଲକ୍ଷ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଥିବା ସତ୍ତ୍ୱେ ଦେଶରେ ଦାରିଦ୍ର୍ୟ, ବେକାରି ଓ ଆର୍ଥିକ ବିଷମତା ବୃଦ୍ଧି ପାଇବା ଘୋର ଉଦ୍‌ବେଗର ବିଷୟ। ଗୋଟିଏ ପରିବାର ଗୋଟିଏ ଚାକିରି ଯୋଜନା ଦେଶସାରା କାର୍ଯ୍ୟକାରୀ ହେଲେ ଦାରିଦ୍ର୍ୟ, ବେକାରି ଓ ଆର୍ଥିକ ଅସମତା ହ୍ରାସ ପାଇପାରିବ। ଏଣୁ ଏଭଳି ଏକ ମହତ୍ୱାକାଂକ୍ଷୀ ଯୋଜନା କେନ୍ଦ୍ର ଓ ସବୁ ରାଜ୍ୟ ସରକାର କାର୍ଯ୍ୟକାରୀ କରିବାର ଜରୁରୀ ଆବଶ୍ୟକତା ରହିଛି। ସବୁ ରାଜନୈତିକ ଦଳ ଓ ସାମାଜିକ ସଙ୍ଗଠନ ଏ ସମ୍ପର୍କରେ ଜନମତ ଜାଗ୍ରତ କରିବା ଉଚିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଅତୀତ ଲୁଣ୍ଠନର ମୂକସାକ୍ଷୀ

ଶ୍ରୀମନ୍ଦିର ବହୁ ଆକ୍ରମଣ ଓ ଲୁଣ୍ଠନର ଶିକାର ହେବା ସମ୍ବନ୍ଧୀୟ ଐତିହାସିକ ତଥ୍ୟ ଆଧାରରେ ଖବର ପ୍ରକାଶ ପାଇଛି। ସେ ସମୟରେ ଉତ୍କଳର ନରପତିମାନେ ସେମାନଙ୍କ ଆକ୍ରମଣକୁ ପ୍ରତିହତ କରିବାକୁ ସକ୍ଷମ ହୋଇ ନ ଥିଲେ। ଏପରି ଆକ୍ରମଣରୁ ବିଗ୍ରହମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ସେମାନଙ୍କୁ ସ୍ଥାନାନ୍ତର କରିବା ସହ ପାତାଳି କରୁଥିଲେ। ସେତେବେଳର ଆକ୍ରମଣ ଓ ଲୁଣ୍ଠନର ମୂକସାକ୍ଷୀ ରୂପେ ଶ୍ରୀମନ୍ଦିର ଆଜି ଦଣ୍ଡାୟମାନ। ବିଗ୍ରହମାନଙ୍କ ପୂଜାର୍ଚ୍ଚନା ଠିକ୍‌ଭାବେ ନ ହେବା ଯୋଗୁ ୧୯୫୦ରେ ରାଜ୍ୟ ସରକାରଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ ପଡିଲା। ଫଳରେ ସରକାର ଏହାର ପରିଚାଳନା ଭାର ଗ୍ରହଣ କଲେ। ପରିତାପର ବିଷୟ, ବିଗତ କିଛିବର୍ଷ ହେଲା ଶ୍ରୀମନ୍ଦିରରେ ବିଶୃଙ୍ଖଳା ଦେଖାଦେଇଛି। ଶ୍ରୀମନ୍ଦିର ପ୍ରଶାସନ ବିଶୃଙ୍ଖଳିତମାନଙ୍କୁ ନିୟନ୍ତ୍ରଣ କରିବାକୁ ପଦକ୍ଷେପ ନେବାରେ ପଶ୍ଚାତ୍‌ପଦ ହେଉଛନ୍ତି। ଫଳରେ ଭକ୍ତମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ଶାନ୍ତିନଗରରେ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର, ୨୧।୨ (ବ୍ୟୁରୋ): ଶାନ୍ତିନଗରସ୍ଥିତ ବିଜେଡି କାର୍ଯ୍ୟାଳୟରେ ଗୁରୁବାର କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମିଷ୍ଟର-ମିସେସ୍ ବଡି ବିଲ୍ଡିଂ ଚାମ୍ପିୟନଶିପ୍-୨୦୧୯ର କୃତୀ ପ୍ରତିଯୋଗୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ୯୦ କେଜି ବିଭାଗ ମିଷ୍ଟର ଓଡ଼ିଶାରେ ପ୍ରଥମ ହୋଇଥିବା ଅମିତାଭ ପରିଡ଼ା ଏବଂ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା କାନ୍ତା ପାଣ୍ଡେ, ସୁର୍ଜିତ ଧଳ, ସୌମ୍ୟରଞ୍ଜନ ପ୍ରଧାନ, ଡୋଳାମଣି ରାଉତ, ସାଗର ସୁନା, ବିକାଶ ରାମ, ଭୋଳା ନାୟକ, ଅନୀଲ ଦାଶଙ୍କ ସମେତ ପ୍ରଶିକ୍ଷକ ସୁରେଶ ପଣ୍ଡା ଓ ଜାତୀୟସ୍ତରୀୟ ଜଜ୍ ଯଶ୍ୱିନ ସିଂ ଭୁର୍ଜିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜେଡି ସମ୍ବଲପୁର ଟାଉନ ସଭାପତି ପ୍ରଫୁଲ୍ଲ କୁମାର ଦାଶ, ସତୀଶ ବିଶି, ସୌରୀ ପାଣିଗ୍ରାହୀ, ଦୁଲାଲ ରାୟ, ଲିଙ୍ଗରାଜ, ଟୁନୁ ପରିଡ଼ା, ମଧୁଛନ୍ଦା ଘୋଷ, ସ୍ମିତା ପଟ୍ଟନାୟକ, ମମତା ପଣ୍ଡା, ରବୀନ୍ଦ୍ର ସିଂ, ଚିତ୍ତ ପଣ୍ଡା, ଦୀନ ଦାଶ, ମଧୁ ପଣ୍ଡା, ସନ୍ୟାସୀ ସେଠ, ଶେଷଦେବ ମହାକୁଡ଼ ଓ ଅଶ୍ୱିନୀ ପାଢ଼ୀ ଉପସ୍ଥିତ ଥିଲେ।

### ରାଷ୍ଟ୍ରୀୟ ଲୋକ ଅଦାଲତ ପ୍ରସ୍ତୁତି ବୈଠକ

ରେଢ଼ାଖୋଲ,୨୧।୨(ଡି.ଏନ୍.ଏ.): ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଷ୍ଟ୍ରୀୟ ଲୋକଅଦାଲତ ପାଇଁ ରେଢ଼ାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ଗୁରୁବାର ସବ୍‌ଜଜ୍‌ଙ୍କ ଚାମ୍ବରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ତାଲୁକ ଆଇବସେବା ପ୍ରାଧିକରଣ ସମିତି ଅଧକ୍ଷ ତଥା ସବ୍‌ଜଜ୍ ବାସୁଦେବ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଓକିଲ ସଂଘ ସଭାପତି ଅଭୟ କୁମାର ବୀର, ସମ୍ପାଦକ ଗଣେଶ୍ୱର ପ୍ରଧାନ, ସରକାରୀ ଓକିଲ ନାରାୟଣ ତ୍ରିପାଠୀ, ଜନକ କୁମାର ବାଗ, ପ୍ରେମଚାନ୍ଦ କୁଲୁ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ରାଷ୍ଟ୍ରୀୟ ଲୋକ ଅଦାଲତ ପାଇଁ ବ୍ୟାପକ ପ୍ରଚାରପ୍ରସାର କରିବା ଏହାକୁ ସଫଳ କରିବାକୁ ବୈଠକରେ ଆଲୋଚନା ହୋଇଥିଲା।



ଗୁରୁବାର ସମ୍ବଲପୁର ଡିୟର ପାର୍କରେ ହରିଣଗୁଡ଼ିକ ଛାଇ ତଳେ ରହି ସବୁଜ ପତ୍ର ଖାଉଛନ୍ତି।

## ସ୍କୁଲ କାନ୍ଥ ଭୁଶୁଡ଼ି ଛାତ୍ର ଗୁରୁତର

ପଡ଼ିଆବାହାଲ,୨୧।୨(ଡି.ଏନ୍.ଏ.) ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ପାବପାଲି ପ୍ରାଥମିକ ସ୍କୁଲ ଶୌଚାଳୟ କାନ୍ଥ ଭୁଶୁଡ଼ି ଜଣେ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ପଞ୍ଚମ ଶ୍ରେଣୀରେ ପାଠ ପଢୁଥିବା ବିକାଶ କୁମୁରା (୧୦)। ବିକାଶଙ୍କ ଘର ଘେନୁପାଲି। ତାଙ୍କୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବିକାଶଙ୍କ ମୁଣ୍ଡ, ମୁହଁ, ହାତ, ଛାତି, ଗୋଡ଼ ଓ ଅଣ୍ଟାରେ ଗୁରୁତର ଆଘାତ ଲାଗିଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ବିକାଶଙ୍କୁ ପ୍ରାୟ ୭ଘଣ୍ଟା ବିଳମ୍ବରେ ମେଡିକାଲ ନିଆଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ବୁଧବାର ଅପରାହ୍ନ ସାଢ଼େ ୩ଟାରେ ବିକାଶ ପରିଶ୍ରା କରିବାକୁ ଶୌଚାଳୟକୁ ଯାଇଥିଲେ। ଏହି ସମୟରେ ହଠାତ୍ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଶିକ୍ଷୟିତ୍ରୀ ସୌଦାମିନୀ କିଷାନ ସ୍ଥାନୀୟ ଲୋକଙ୍କ ସହାୟତାରେ ବିକାଶଙ୍କୁ ଉଦ୍ଧାର କରିଥିଲେ। ତେବେ ମେଡିକାଲ ନେବା ପରିବର୍ତ୍ତେ ବିକାଶଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ରାତି ୯ଟାରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଡାକ୍ତରଖାନା ନିଆଯାଇଥିବା ସୂଚନା ମିଳିଛି।

## କୃଷି ଉତ୍ପାଦନ କ୍ଲଷ୍ଟର ପ୍ରକଳ୍ପର ଶୁଭାରମ୍ଭ

ସମ୍ବଲପୁର,୨୧।୨(ବ୍ୟୁରୋ) ସମ୍ବଲପୁର ଜିଲା କୁଚିଣ୍ଡା ଓ ଜମନକିରା ବ୍ଲକରେ ଗୁରୁବାର କୃଷି ଉତ୍ପାଦନ କ୍ଲଷ୍ଟର ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ଏହାଦ୍ୱାରା ବ୍ଲକର ତଫସିଲଭୁକ୍ତ ଜାତି ଓ ଜନଜାତିମାନଙ୍କ ମଧ୍ୟରେ କୃଷି ଉତ୍ପାଦନର ବିକାଶ ହୋଇପାରିବ। ଜିଲାପାଳ ଶୁଭମ ସକସେନା ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ଚାଷୀମାନେ ଅଧିକ ଉତ୍ପାଦନ କରି ଆର୍ଥିକ ସ୍ୱାବଲମ୍ବୀ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। କୁଚିଣ୍ଡା ଓ ଜମନକିରା ବ୍ଲକର ୬ହଜାର ଚାଷୀଙ୍କ ରୋଜଗାର କିପରି ନିଶ୍ଚିତ କରାଯାଇ ପାରିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ଆଲୋଚନା ସେ କହିଥିଲେ। କୃଷି ଉପନିର୍ଦ୍ଦେଶକ ଖଗେନ୍ଦ୍ର ନାଥ ଜେନା, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ରଞ୍ଜନ ଦାସ ମହାପାତ୍ର, ନାବାର୍ଡ ଅଧିକାରୀ ଦେବେଶ ବେହେରା, ଏଲ୍‌ଡିଏମ୍ ଦେବରାଜ ସାହୁ, ଓଡ଼ିଶା ଉଠା ଜଳସେଚନ ନିଗମ, ଓଡ଼ିଶା କୃଷି ଶିଳ୍ପ ନିଗମ, ଓଡ଼ିଶା ଜୀବିକା ମିଶନ, ପ୍ରାଣୀ ସମ୍ପଦ ବିଭାଗ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ନିମନ୍ତେ ଜିଲା ଓ ବ୍ଲକସ୍ତରୀୟ ପ୍ରକଳ୍ପ କାର୍ଯ୍ୟକାରୀ କମିଟି ଗଠନ କରିବାକୁ ନିଷ୍ପତ୍ତି ହୋଇଛି।

## ଅତ୍ୟାଧୁନିକ ସନ୍ତରଣ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ଦାବି

ସମ୍ବଲପୁର, ୨୧।୨ (ବ୍ୟୁରୋ) ସମ୍ବଲପୁର ସହର ସନ୍ତରଣର ଏନ୍ତୁଡିଶାଳ। ଏଠାରେ ରାଜ୍ୟର ପ୍ରଥମ ସନ୍ତରଣ ସୁଇମିଂ ପୁଲ୍ ସ୍ଥାପନ ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମ୍ବଲପୁରରେ ଅତ୍ୟାଧୁନିକ ସନ୍ତରଣ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବାକୁ କ୍ରୀଡାବିତମାନେ ଦାବି କରିଛନ୍ତି । ବୁଧବାର ସନ୍ଧ୍ୟାରେ ହୀରାକୁଦ କଲୋନୀ ନିକଟସ୍ଥ ଜ୍ୟୋତି ସଭା କକ୍ଷରେ ଓଡିଶା ସନ୍ତରଣ ସଂଘ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା । ସୁନ୍ଦରମଣୀ ବାରିକ, ଜିଲା ସନ୍ତରଣ ସଂଘ ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ, ଡ. ପରେଶ ଚନ୍ଦ୍ର ଦାନୀ, ସନ୍ତରଣ ପ୍ରଶିକ୍ଷକ ଦିଲାବର ହୁସେନ, ଜଗବନ୍ଧୁ ବେହେରା, ସଦାଶିବ ପୁରୋହିତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ସୂଚନାଯୋଗ୍ୟ ଯେ, ସଂପ୍ରତି ରାଜ୍ୟ ସରକାର ଭୁବନେଶ୍ୱରଠାରେ ହାଇ ପରଫରମାନ୍ସ ସ୍ପୋର୍ଟ୍ସ ସେଣ୍ଟର ସ୍ଥାପନ କରିବାକୁ ସ୍ଥିର କରିଛନ୍ତି । ଏଥିରେ ସନ୍ତରଣ, ଫୁଟବଲ, ହକି, ସୁଟିଂ, ୱେଟ ଲିଫ୍ଟିଂ ଓ ବ୍ୟାଡମିଣ୍ଟନ ରହିବ । ତେଣୁ ରାଜ୍ୟ ସରକାର ସୁନ୍ଦରଗଡରେ ହକି, ସମ୍ବଲପୁର ସୁଇମିଂ ଓ ବ୍ରହ୍ମପୁରରେ ୱେଟ ଲିଫ୍ଟିଂ ସେଣ୍ଟର କରିବାକୁ ବୈଠକରେ ଦାବି ହୋଇଛି ।

### ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ

## ପୋଡ଼ିହୋଇ ଗୁରୁତର ଶିଶୁ ଏସ୍‌ସିବି ସ୍ଥାନାନ୍ତର

ଟିପିଲିମା,୨୧।୨(ଡି.ଏନ୍.ଏ.) ଗଣମାଧ୍ୟମ ପ୍ରତିନିଧିଙ୍କ ହସ୍ତକ୍ଷେପ ତଥା ସହଯୋଗ ପରେ ଡିବିରି ନିଆଁରେ ପୋଡ଼ି ଗୁରୁତର ହୋଇଥିବା ଜଣେ ଗରିବ ପରିବାରର ଶିଶୁ କଟକ ଏସ୍‌ସିବିକୁ ସ୍ଥାନାନ୍ତରିତ ହୋଇଛନ୍ତି। ଓଡ଼ିଶାର ସୀମାନ୍ତ ଗ୍ରାମ ମହରମପୁରର ସୁନୀଲ ସିଂଦେଓଙ୍କ ପୁଅ ପ୍ରତୀକ (୧୦) ମାସକ ତଳେ ନିଆଁରେ ପୋଡ଼ିହୋଇ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ତାଙ୍କୁ ରାଉରକେଲା ଆଇଜିଏଚ୍‌ରେ ଚିକିତ୍ସା କରାଯାଉଥିଲା। ହେଲେ ପ୍ରତୀକଙ୍କ ପିଠିର ପୋଡ଼ା କ୍ଷତ ଭରିପାରି ନ ଥିଲା। ତେଣୁ ବୁଧବାର ତାଙ୍କୁ ବୁର୍ଲା ଭିମସାର ସ୍ଥାନାନ୍ତର କରାଯାଇଥିଲା। ତାଙ୍କୁ କଟକ ଏସ୍‌ସିବି ନେବା ପାଇଁ ବୁର୍ଲା ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ଘରୋଇ ଆମ୍ବୁଲାନ୍ସରେ କଟକ ନେବା ଦିନମଜୁରିଆ ସୁନୀଲଙ୍କ ପକ୍ଷରେ ସମ୍ଭବ ହୋଇ ନ ଥିଲା। ଏଥିପାଇଁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। ମାତ୍ର ବୁର୍ଲା ମେଡିକାଲରେ ୧୦୮ ଆମ୍ବୁଲାନ୍ସ ଉପଲବ୍ଧ ନ ଥିଲା। ବୁଧବାର ରାତିରୁ ଗଣମାଧ୍ୟମ ପ୍ରତିନିଧି ୧୦୮ ଆମ୍ବୁଲାନ୍ସକୁ ଫୋନ କରି ପ୍ରଚେଷ୍ଟା ଜାରି ରଖିଥିଲେ। ଗୁରୁବାର ୧୦୮ ଆମ୍ବୁଲାନ୍ସ ବୁର୍ଲା ମେଡିକାଲରେ ପହଞ୍ଚିବା ପରେ ପ୍ରତୀକଙ୍କୁ ଏସ୍‌ସିବି ସ୍ଥାନାନ୍ତର କରାଯାଇଛି।



ଭିମସାରରେ ଚିକିତ୍ସାଧୀନ ପ୍ରତୀକ ସିଂଦେଓ।

## ଗୁହିରାଦାଦର ଗ୍ରାମରେ ହାତୀ ଉପଦ୍ରବ

ରେଢ଼ାଖୋଲ,୨୧।୨(ଡି.ଏନ୍.ଏ.) ରେଢ଼ାଖୋଲ ବନଖଣ୍ଡ ଚାରମାଲ ରେଞ୍ଜ ଅନ୍ତର୍ଗତ ଗଡ଼ଗଡ଼ବାହାଳ ପଞ୍ଚାୟତ ଗୁହିରାଦାଦର ଗ୍ରାମରେ ବୁଧବାର ୨ଟି ହାତୀ ଉପଦ୍ରବ କରିଛନ୍ତି। ବିଳମ୍ବିତ ରାତିରେ ହାତୀ ଦୁଇଟି ଆସି ଅଲେଖ ମହାନନ୍ଦ, ରାକେଶ ପ୍ରଧାନ ଓ ଲାଲମଣି ମହାନନ୍ଦଙ୍କ ଘର ଭାଙ୍ଗି ଦେଇଛନ୍ତି। ଏହି ସମୟରେ ପରିବାର ଲୋକେ ଜୀବନ ବିକଳରେ ଘରଦ୍ୱାର ଛାଡ଼ି ପଳାଇ ଯାଇଥିଲେ। ବନ କର୍ମଚାରୀମାନେ ପହଞ୍ଚି ହାତୀ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ରେଢ଼ାଖୋଲ ବନଖଣ୍ଡର ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁ ବହୁ ଧନଜୀବନ ନଷ୍ଟ ହେଉଥିବାବେଳେ ଏହାର ସ୍ଥାୟୀ ପ୍ରତିକାର ଦିଗରେ ବନବିଭାଗ କୌଣସି ପଦକ୍ଷେପ ନେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ମେଡିକାଲର ନୂତନ କୋଠା ଉଦ୍‌ଘାଟିତ

ସମ୍ବଲପୁର,୨୧।୨(ବ୍ୟୁରୋ) ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଧନକଉଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଏଥିରେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି, ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ, ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏମ୍‌ପିଙ୍କ ପ୍ରତିନିଧି ହୀରାଲାଲ ବେହେରାଙ୍କ ସଂଯୋଜନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତା, ଡିପିଏଚ୍‌ଓ ଡା. ପଞ୍ଚାନନ ନାୟକ, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ରୂପଶ୍ରୀ ସେଠ, ସିପିଏମ୍ ଗୁରୁଦତ୍ତ ପୁରୋହିତ, ଫାର୍ମାସିଷ୍ଟ ପ୍ରଦ୍ୟୋନ୍ନ କୁମାର ସାହୁ, ଡା. ରଞ୍ଜନ କୁମାର କୁଜୁର, ରୋଗୀ କଲ୍ୟାଣ ସମିତି ସଭ୍ୟ ଚତୁର୍ଭୁଜ ମିଶ୍ର ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ର ବିଷୟରେ ଆଲୋକପାତ କରିଥିଲେ। ୨୦୧୬ ଅକ୍ଟୋବର ୨୮ରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନୂତନ କୋଠା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିରେ ୭୬.୩୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଉତ୍ସବରେ ଧନକଉଡ଼ା, ମୋତିଝରନ, ସଙ୍କର୍ମା, ସର୍ଲାକାନୀ ପ୍ରଭୃତି ଅଞ୍ଚଳର ମହିଳା, ପୁରୁଷ ସାମିଲ ହୋଇଥିଲେ। ଦେବାଶିଷ ବେହେରା, ମୋସିମ୍ ଖାଁ, ପ୍ରେମାନନ୍ଦ ଦାଶ, ଅନିରୁଦ୍ଧ ବିଶି, ରାଜକୁମାର ସାହୁଙ୍କ ତତ୍ତ୍ୱାବଧାନରେ ଧନକଉଡ଼ା ବ୍ଲକ ଛକରୁ ଶୋଭାଯାତ୍ରା ବାହାରି ଉତ୍ସବସ୍ଥଳରେ ପହଞ୍ଚିଥିଲା।



ଗୁରୁବାର ଧନକଉଡ଼ା ଡାକ୍ତରଖାନାର ନୂତନ କୋଠାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ଆକାଶବାଣୀରେ ହିନ୍ଦୀ କର୍ମଶାଳା




ଗୁରୁବାର ସମ୍ବଲପୁର ଆକାଶବାଣୀ କେନ୍ଦ୍ରରେ ଆୟୋଜିତ ହିନ୍ଦୀ କର୍ମଶାଳାରେ ମନୋଜ ପୂଜାରୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ସମ୍ବଲପୁର,୨୧।୨(ବ୍ୟୁରୋ) ସମ୍ବଲପୁର ଆକାଶବାଣୀ କେନ୍ଦ୍ର ପକ୍ଷରୁ ଗୁରୁବାର ହିନ୍ଦୀ କର୍ମଶାଳା ଅନୁଷ୍ଠିତ ହୋଇଛି। କେନ୍ଦ୍ର ମୁଖ୍ୟ ଏମ୍.ଆର୍.କେ. ରାଓଙ୍କ ଅଧକ୍ଷତାରେ କର୍ମଶାଳା ହୋଇଥିଲା। ଡ. ହରିଶ୍ଚନ୍ଦ୍ର ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଅଫିସ କାମରେ ହିନ୍ଦୀ ବ୍ୟବହାର କରିବା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ବିଭାଗର ନିଷ୍ପାଦକ ମନୋଜ କୁମାର ପୂଜାରୀ ହିନ୍ଦୀ ଭାଷାର ଉତ୍କୃଷ୍ଟତା ଉପରେ କହିଥିଲେ। କେନ୍ଦ୍ରର ହିନ୍ଦୀ ଅଧିକାରୀ କ୍ଷେତ୍ରମଣି ବିଭାର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ କେନ୍ଦ୍ରର କର୍ମଚାରୀଙ୍କ ମଧ୍ୟରେ ହିନ୍ଦୀ ବ୍ୟବହାର ଉପରେ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦିଆଯିବା ସହ ନୀରବ ପ୍ରାର୍ଥନା କରାଯାଇଥିଲା।

## ଶହୀଦଙ୍କ ପରିବାରକୁ ଆର୍ଥିକ ସହାୟତା

ଟିପିଲିମା,୨୧।୨(ଡି.ଏନ୍.ଏ.) ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ସିଆର୍‌ପିଏଫ୍ ଯବାନଙ୍କ ପରିବାରକୁ ବୁର୍ଲା ଜନସାଧାରଣଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସ୍ଥାନୀୟ ଗୋଶାଳାସ୍ଥିତ କାର୍ଯ୍ୟାଳୟରେ ସିଆର୍‌ପିଏଫ୍ ଅଧିକାରୀ ରାଜ କୁମାରଙ୍କୁ ଗୁରୁବାର ସହାୟତା ରାଶି ବାବଦ ୧ଲକ୍ଷ ୬୪ହଜାର ୩୦୧ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ବୁର୍ଲା ପୋଲିସ ଅଧିକାରୀ, ହୀରାକୁଦ ଏସ୍‌ଡିପିଓ ଏବଂ ବୁର୍ଲାବାସୀଙ୍କ ମିଳିତ ଉଦ୍ୟମରେ ଏହି ସହାୟତା ରାଶି ପ୍ରଦାନ କରାଯାଇଥିବା ଜଣାପଡ଼ିଛି।



ସିଆର୍‌ପିଏଫ୍ ଅଧିକାରୀଙ୍କୁ ସହାୟତା ଚେକ୍ ପ୍ରଦାନ କରାଯାଉଛି।


## ବାର୍ତ୍ତା



ଚଳିତ ୨୦୧୯ ମସିହାର ବାର୍ଷିକ ହାଇସ୍କୁଲ, ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷା ସମଗ୍ର ରାଜ୍ୟରେ ଫେବୃଆରୀ ୨୨ ତାରିଖରୁ ମାର୍ଚ୍ଚ ୦୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ଅବସରରେ ସବୁ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ପରୀକ୍ଷାର୍ଥୀମାନେ ଯେପରି ସୁସ୍ଥ ପରିବେଶରେ ପରୀକ୍ଷା ଦେବାର ସୁଯୋଗ ପାଇପାରିବେ, ସେଥିପାଇଁ ମୁଁ ରାଜ୍ୟର ଜନସାଧାରଣ, ଅଭିଭାବକ ତଥା ଛାତ୍ରଛାତ୍ରୀ ମାନଙ୍କର ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ
( ନବୀନ ପଟ୍ଟନାୟକ )

## ବାର୍ତ୍ତା



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ଚଳିତ ମାସ ୨୨ ତାରିଖରୁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସର୍ବ ସଫଳତା କାମନା କରୁଛି । ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତିଭୂମୀ ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଛାତ୍ରଛାତ୍ରୀମାନେ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ । ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ । ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି '

ବଦ୍ରି ନାରାୟଣ ପାତ୍ର
(ବଦ୍ରି ନାରାୟଣ ପାତ୍ର)

## ସଂକ୍ଷେପରେ

### ନିଜସ୍ୱ କାରଣ ଦର୍ଶାଇ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଇସ୍ତଫା

କୋରାପୁଟ, ୨୧।୨ (ସ୍ୱ.ପ୍ର.): କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ନିଜସ୍ୱ କାରଣ ଦର୍ଶାଇ ନିଜ ପଦରୁ ଇସ୍ତଫା ଦେଇଥିବା ନେଇ ସ୍ୱୀକାର କରିଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁରୁବାର ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ବିଶ୍ୱବିଦ୍ୟାଳୟର ଲୋକ ସଂପର୍କ ଅଧିକାରୀ ଫଗୁନାଥ ଭୋଇ ଏହି ସୂଚନା ଦେଇଛନ୍ତି। ଇସ୍ତଫାପତ୍ର ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦନ କରାଯାଇଥିବା ବେଳେ ଚଳିତ ମାସ ୨୮ ତାରିଖ ବିଶ୍ୱବିଦ୍ୟାଳୟର ଜଣେ ବରିଷ୍ଠ ପ୍ରଫେସରଙ୍କୁ କୁଳପତି ଦାୟିତ୍ୱ ଦିଆଯିବ ବୋଲି ବିଜ୍ଞପ୍ତିରେ ସୂଚନା ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରଫେସର ମହାନ୍ତି ୨୦୧୫ ସେପ୍ଟେମ୍ବର ୭ ତାରିଖ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଯୋଗ ଦେଇଥିଲେ।

### ବାପ ପରେ ମା' ଚାଲିଗଲେ ଆରପାରିକୁ

# ଜେଜେମାଙ୍କ ଭରସାରେ ଛତର

ନୂଆପଡା ଅଫିସ,୨୧।୨

ଏକ ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରିଥିବା ନିକୋଲଙ୍କ ମା' ଆନ୍ ମେରୀ ଡେଭିଡ ଜଣେ ମାଲେସିୟ ଚାଇନିଜ୍ ସ୍କୁଲ ଶିକ୍ଷକ ଥିଲେ। ତାଙ୍କ ପିତା ଡେସ୍‌ମଣ୍ଡ ଡେଭିଡ୍ ଜଣେ ମାଲେସିୟ ଭାରତୀୟ ଇଞ୍ଜିନିୟର ଥିଲେ। ତାମିଲ- ମାଲାୟାଲମ ବଂଶୋଦ୍ଭବ ଡେସ୍‌ମଣ୍ଡ ଜଣେ ଷ୍ଟେଟ୍ ଆଥଲେଟ ଓ ଫୁଟବଲର ଥିଲେ। ତାଙ୍କର ଦୁଇ ଭଉଣୀ ଲିଆନ ଓ ଚେରିଲ ମଧ୍ୟ ଜାତୀୟସ୍ତରରେ ସ୍କ୍ୱାଶ୍ ଖେଳି ବେଶ୍ ସଫଳତା ଅର୍ଜନ କରିଛନ୍ତି। ଇଞ୍ଜିନିୟର ହେବାକୁ ଚାହୁଁ ଥିଲେ ମଧ୍ୟ ଶେଷରେ ସେ ସ୍କ୍ୱାଶ୍ ଖେଳାଳି ବନି ଯାଇଥିଲେ। ଅସାଧାରଣ କ୍ରୀଡ଼ା ପ୍ରତିଭା ଓ ମାଲେସିଆ କ୍ରୀଡ଼ାକୁ ବିଶ୍ୱସ୍ତରରେ ପ୍ରତିଷ୍ଠା କରାଇଥିବାରୁ ତାଙ୍କୁ ମାଲେସିଆର ଶ୍ରେଷ୍ଠ ପୁରସ୍କାର ମାନ୍ୟତା ପ୍ରଦାନ କରାଯାଇଥିଲା। ମାଲେସିଆ ସରକାରଙ୍କ ତରଫରୁ ତାଙ୍କୁ ୨୦୦୮ରେ ଅର୍ଡର ଅଫ୍ ମେରିଟ୍, ୨୦୧୭ରେ କମାଣ୍ଡର ଅଫ୍ ଦି ଅର୍ଡର ଅଫ୍ ମେରିଟିଅସ୍ ସର୍ଭିସ୍, ୨୦୦୬ରେ ଅଫିସର ଅଫ୍ ଦି ଅର୍ଡର ଅଫ୍ ଦି ଡିଫେଣ୍ଡର ଅଫ୍ ଦି ରିୟଲମ୍, ୨୦୦୯ରେ ମେମ୍ବର ଅଫ୍ ଦି ଅର୍ଡର ଅଫ୍ ଦି ଡିଫେଣ୍ଡର ଅଫ୍ ଦି ରିୟଲମ୍ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେହିପରି ମାଲେସିଆର ପେନାଙ୍ଗ ପ୍ରଦେଶ ତରଫରୁ ତାଙ୍କୁ ୨୦୦୮ରେ ଅଫିସର ଅଫ୍ ଦି ଅର୍ଡର ଅଫ୍ ଦି ଡିଫେଣ୍ଡର ଅଫ୍ ଷ୍ଟେଟ୍ ପୁରସ୍କାର ପ୍ରଦାନ କରାଯାଇଥିଲା। କମ୍ ବୟସରେ କ୍ରୀଡ଼ାର ଶୀର୍ଷକୁ ଛୁଇଁ ଥିବା ନିକୋଲ ମାଲେସିଆର ପ୍ରାୟ ସବୁ ପ୍ରକାର ସମ୍ମାନ ହାସଲ କରିଛନ୍ତି। ଆଉ କେତେମାସ ପରେ ଅବସର ନେବାକୁ ଯାଉଥିବା ନିକୋଲ ନିଜ କ୍ୟାରିୟର ନେଇ ବେଶ୍ ସନ୍ତୋଷ ପ୍ରକଟ କରିଛନ୍ତି।

### ସଂକ୍ଷେପରେ...

- ପୂରା ନାମ: ନିକୋଲ ଆନ୍ ଡେଭିଡ୍
- ଦେଶ: ମାଲେସିଆ
- ଜନ୍ମ: ୨୬ ଅଗଷ୍ଟ ୧୯୮୩, ପେନାଙ୍ଗ୍, ମାଲେସିଆ
- ବୟସ: ୩୫
- ଉଚ୍ଚତା: ୫ ଫୁଟ୍ ୪ ଇଞ୍ଚ୍
- ଟାଇଟଲ ୮୧
- ଟୁର ଫାଇନାଲ୍ସ: ୧୦୧
- ୱାର୍ଲ୍ଡ ଓପନ୍ ଟାଇଟଲ: ୮ (୨୦୦୫, ୨୦୦୬, ୨୦୦୮, ୨୦୦୯, ୨୦୧୦, ୨୦୧୧, ୨୦୧୨, ୨୦୧୪)

**ମେଡାଲ ରେକର୍ଡ**

- ୱାର୍ଲ୍ଡ ଟିମ୍ ଚାମ୍ପିୟନଶିପ୍: ୧ ରୌପ୍ୟ, ୪ ବ୍ରୋଞ୍ଜ୍
- ରାଜ୍ୟଗୋଷ୍ଠୀ କ୍ରୀଡ଼ା: ୨ ସ୍ୱର୍ଣ୍ଣ, ୧ ରୌପ୍ୟ, ୧ ବ୍ରୋଞ୍ଜ୍
- ଏସିଆନ୍ ଗେମ୍ସ: ୭ ସ୍ୱର୍ଣ୍ଣ, ୧ ରୌପ୍ୟ, ୧ ବ୍ରୋଞ୍ଜ୍
- ୱାର୍ଲ୍ଡ ଗେମ୍ସ: ୩ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ୍

## ରିଲ୍ ବନାମ ରିୟଲ




ଇନ୍‌ଡୋର ପନ୍ଦରଶ' ମିଟରକୁ ସାଢ଼େ
ତିନି ମିନିଟ୍‌ରେ ଧାଇଁ
ଇଥିଓପିଆର ଟେଫେରା ରଚିଛି
ୱାର୍ଲ୍ଡ ରେକର୍ଡ ଭାଇ
କୋଡିଏ ବର୍ଷରେ ସେହି
ନିଜ ଦେଶର କେଟେଲଟାଙ୍କୁ ପଛରେ
ପକାଇ ନାଚୁଛି ଥେଇ।।୧

ଲେଡି ୱାନ୍‌ଡେ ବ୍ୟାଟିଂ ମାନ୍ୟତା ତାଲିକା
ହୋଇଅଛି ପ୍ରକାଶିତ
ଟିମ ବାମହାତୀ ଓପନର ସ୍ମୃତି
ଝିଅ ପୁଣି ଏକ ମିତ
ବିପକ୍ଷଙ୍କୁ ମାରି ନାତ
କୋହଲି ଶୀର୍ଷରେ ଟେଷ୍ଟ ତାଲିକାରେ
ପାଇ ନାହିଁ ଗୋଡ ହାତ।।୨

ପଛରେ ଆଟାକ କରି କିଏ କେବେ
ହୋଇ ନାହିଁ ରିୟଲ ବୀର
ସନ୍ତ୍ରାସବାଦୀଠୁଁ ମାରାତ୍ମକ ଯିଏ
ପ୍ରୋତ୍ସାହନ ଦିଏ ତା'ର
ରିଲ୍‌ରେ ଲୋକ ଜିରୋ
ମୋ ଦେଶ ଶହୀଦ ହେ ବୀର ଯବାନ
ଶ୍ରଦ୍ଧାଞ୍ଜଳି ଘେନା କର।।୩

-ସୁବାସ ଚନ୍ଦ୍ର ପ୍ରଧାନ



"ଘରୋଇ କ୍ଷେତ୍ରଗୁଡ଼ିକର ସହଯୋଗିତା ଭିତ୍ତିରେ କାର୍ଯ୍ୟକରିବାର ସୁବିଧା ପ୍ରଦାନ ଲାଗି ସରକାର ରୁଷିଆ ସହ ଆଲୋଚନା କରୁଛନ୍ତି।
–ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ



"ଆସନ୍ତା ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏୟାର କଣ୍ଡିସନ ଶୃଙ୍ଖଳାରେ ୧୫% ଅଭିବୃଦ୍ଧି ଆଶା ରହିଛି।
– ଗୌରବ ଶାହା, ଏସି ବାଣିଜ୍ୟ ମୁଖ୍ୟ, ପାନାସୋନିକ ଇଣ୍ଡିଆ

## ସଂକ୍ଷେପରେ

### ବ୍ୟାନ ତାଲିକାରୁ ବାଦ୍ ପଡ଼ିଲା ସାରିଡନ

**ନୂଆଦିଲ୍ଲୀ,୨୧-୨:** ମଣିଷଙ୍କ ଲାଗି ବ୍ୟବହାର ଉପଯୁକ୍ତ ନୁହେଁ ଦର୍ଶାଇ କେନ୍ଦ୍ର ସରକାର ୩୨୮ ଫିକ୍ସଡ ଡୋଜ୍ କମ୍ବିନେଶନ(ଏଫ୍‌ଡିସି) ଔଷଧକୁ ବ୍ୟାନ୍ କରିଥିଲେ। ତେବେ ସୁପ୍ରିମକୋର୍ଟ ଯନ୍ତ୍ରଣାନାଶକ ଔଷଧ କୁହାଯାଉଥିବା 'ସାରିଡନ'କୁ ଏଫଡିସି ବ୍ୟାନ୍ ତାଲିକାରୁ ବାଦ୍ ଦେଇଛନ୍ତି ବୋଲି ଏହାର ନିର୍ମାତା ପିରାମଲ ଏଣ୍ଟରପ୍ରାଇଜେସ ଲିମିଟେଡ ଗୁରୁବାର ପ୍ରକାଶ କରିଛି। ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ପିରାମଲ ଗତ ବର୍ଷ ସେପ୍ଟେମ୍ବରରେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା ଏବଂ ସୁପ୍ରିମକୋର୍ଟ ସାରିଡନର ବ୍ୟାନ୍ ଉପରେ ସେତେବେଳେ ରହିତାଦେଶ ଜାରି କରିଥିଲେ। ଫଳରେ ଏହି ଔଷଧର ନିର୍ମାଣ, ବିତରଣ ଓ ବିକ୍ରି ଜାରି ରଖାଯାଇଥିଲା। କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନନ୍ଦିନୀ ପିରାମଲ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ସର୍ବୋଚ୍ଚ ଅଦାଲତଙ୍କ ରାୟରେ ସେ ଖୁସି। ଭାରତୀୟ ନାଗରିକଙ୍କୁ ଅତ୍ୟାବଶ୍ୟକ ଚିକିତ୍ସା ସୁବିଧା ଯୋଗାଇବା ଲାଗି କମ୍ପାନୀ ପ୍ରତିଶ୍ରୁତିବଦ୍ଧ। ସୂଚନାଥାଉ କି, ଯନ୍ତ୍ରଣାନାଶକ ଔଷଧ ରୂପେ ସାରିଡନ ଦୀର୍ଘ ୫୦ ବର୍ଷ ହେବ ଘରେ ଘରେ ପରିଚିତ। ପ୍ରତି ସେକେଣ୍ଡରେ ଦେଶରେ ୩୧ଟି ଟାବଲେଟ ବିକ୍ରି ହେଉଥିବାରୁ ଏହାର ଆଦର କିପରି ତାହା ସହଜରେ ଅନୁମାନ କରାଯାଇପାରେ।

■ ବକେୟା ଫେରାଇବାକୁ ଅନିଲଙ୍କ ଉଦ୍ୟମ

### ୨୬୦କୋଟି ଦେବାକୁ ଅନୁମତି ମାଗିଲେ

**ନୂଆଦିଲ୍ଲୀ,୨୧-୨:** ଏରିକସନକୁ ବକେୟା ବାବଦରେ ୪୫୩ କୋଟି ଟଙ୍କା ଫେରାଇବାକୁ ସୁପ୍ରିମକୋର୍ଟ ବୁଧବାର ରିଲାଏନ୍ସ କମ୍ୟୁନିକେଶନ୍ସ ଅଧକ୍ଷ ଅନିଲ ଅମ୍ବାନୀ ଓ ଅନ୍ୟ ଦୁଇ ଶୀର୍ଷ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବକେୟା ଫେରସ୍ତ ନ ହେଲେ ସେମାନେ ୩ ମାସ ପାଇଁ ଜେଲ୍ ଯିବେ ବୋଲି ଶୀର୍ଷ ଅଦାଲତ ପକ୍ଷରୁ ପ୍ରଦାନ କରାଯାଇଥିବା ରାୟରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ଏହାପରେ ବକେୟା ଫେରସ୍ତ ଲାଗି ଅନିଲ ଉଦ୍ୟମ ଆରମ୍ଭ କରିଛନ୍ତି। ୨୬୦ କୋଟି ଟଙ୍କା ଏରିକସନର ଆକାଉଣ୍ଟରେ ଜମା କରିବାକୁ ରିଲାଏନ୍ସ କମ୍ୟୁନିକେଶନ୍ସ(ଆର୍‌କମ୍) ଋଣପ୍ରଦାନକାରୀ ବ୍ୟାଙ୍କଗୁଡ଼ିକଠାରୁ ଅନୁମତି ମାଗିଛି। ଆର୍‌କମ୍ ମୁଖପାତ୍ର ଏକ ବିବୃତି ଜାରି କରି କହିଛନ୍ତି ଯେ, ଆୟକର ରିଟର୍ନରୁ ମିଳିଥିବା ଉକ୍ତ ଟଙ୍କାକୁ କମ୍ପାନୀ ଏରିକସନକୁ ଦେବାକୁ ଚାହୁଁଛି। ଏଥିଲାଗି ଅନୁମତି ଲୋଡାଯାଇଛି। ଇତିପୂର୍ବେ କମ୍ପାନୀ ସୁପ୍ରିମକୋର୍ଟରେ ୧୧୮ କୋଟି ଟଙ୍କା ଜମା କରିସାରିଛି। ଆହୁରି ୨୦୦ କୋଟି ଟଙ୍କା ଖୁବଶୀଘ୍ର ଯୋଗାଡ ହୋଇଯିବ ବୋଲି କମ୍ପାନୀ ଆଶ୍ୱସ୍ତ ରହିଛି। ସୂଚନାଥାଉ କି, ଆର୍‌କମ୍ ବକେୟା ବାବଦରେ ଏରିକସନକୁ ମୋଟ୍‌ରେ ୫୭୧ କୋଟି ଟଙ୍କା ଦେବାକୁ ପଡିବ। ଅନ୍ୟପକ୍ଷରେ ଅନିଲ ଅମ୍ବାନୀଙ୍କ ନେତୃତ୍ୱରେ ଆର୍ଥିକ ସେବା କମ୍ପାନୀ ରିଲାଏନ୍ସ କ୍ୟାପିଟାଲ ଗୁରୁବାର କହିଛି ଯେ, ଏହା ରିଲାଏନ୍ସ ନିପ୍ପନ ଲାଇଫ ଆସେଟ ମ୍ୟାନେଜମେଣ୍ଟ ଲିମିଟେଡ(ଆର୍‌ନାମ୍)ରେ ଥିବା ଏହାର ସମ୍ପୂର୍ଣ୍ଣ ଅଂଶଧନକୁ ବିକ୍ରି କରିଦେବାକୁ ଚାହୁଁଛି। ଏଥିପାଇଁ ନିପ୍ପନ ଲାଇଫ ଇନସ୍ୟୁରାନ୍ସକୁ ଏକ ପ୍ରସ୍ତାବ ଦେଇଛି।

# ବ୍ୟାଙ୍କଗୁଡ଼ିକ ଉପରେ ଗଭର୍ନର କ୍ଷୁବ୍ଧ

**ମୁମ୍ବାଇ,୨୧-୨**

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏହାର ମୁଦ୍ରାନୀତିରେ ରେପୋ ରେଟ ହ୍ରାସ କରିଥିଲେ ହେଁ ବ୍ୟାଙ୍କଗୁଡ଼ିକ ସୁଧ ହାର କମାଉ ନଥିବାରୁ ଗଭର୍ନର ଶକ୍ତିକାନ୍ତ ଦାସ କ୍ଷୋଭ ବ୍ୟକ୍ତ କରିଛନ୍ତି। ସୁଧ ହାର ହ୍ରାସ ପାଉନି କାହିଁକି ବୋଲି ସେ ବ୍ୟାଙ୍କ ମୁଖ୍ୟମାନଙ୍କୁ ପ୍ରଶ୍ନ କରିଛନ୍ତି।

ଗୁରୁବାର ଏଠାରେ ଉଭୟ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କଗୁଡ଼ିକର ମୁଖ୍ୟମାନଙ୍କୁ ଗଭର୍ନର ଭେଟିଥିଲେ। ନାମ ଗୋପନ ରଖିବା ସର୍ତ୍ତରେ ଜଣେ ବ୍ୟାଙ୍କ ମୁଖ୍ୟ କହିଛନ୍ତି ଯେ, ସୁଧ ହାର ହ୍ରାସ କରାଯାଉ ନ ଥିବା ନେଇ ଗଭର୍ନର ସେମାନଙ୍କୁ ପ୍ରଶ୍ନ କରିଛନ୍ତି। ସୁଧ ହାର ହ୍ରାସ ଦ୍ୱାରା ସାଧାରଣ ଜନତାଙ୍କୁ ଫାଇଦା ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଅନ୍ୟଜଣେ ବ୍ୟାଙ୍କ ମୁଖ୍ୟ କହିଛନ୍ତି ଯେ, ମୁଦ୍ରାନୀତିକୁ ବ୍ୟାଙ୍କ ସ୍ତରରେ ସୂଚାରୁ ରୂପେ କାର୍ଯ୍ୟକାରୀ କରିବା ନେଇ ଆଲେଚନା ହୋଇଥିଲା। ବିଶାଳ ଅନାଦାୟ ଋଣ(ଏନ୍‌ପିଏ) କାରଣରୁ ଋଣ ଖର୍ଚ୍ଚ ବଢ଼ିଯାଇଥିବାରୁ ସୁଧ ହାର ହ୍ରାସ ସମ୍ଭବ ହେଉନି ବୋଲି ବ୍ୟାଙ୍କଗୁଡ଼ିକ ଗଭର୍ନରଙ୍କୁ ବୁଝାଇବାକୁ ଚେଷ୍ଟା କରିଛନ୍ତି। ଆର୍‌ବିଆଇ ମୁଦ୍ରା ନୀତି ଘୋଷଣା ପରେ କେବଳ ମାତ୍ର ଦୁଇଟି ବ୍ୟାଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର କେତେକ ଋଣ ଉପରେ ମାତ୍ର ୫ ବେସିସ୍ ପଏଣ୍ଟ ହ୍ରାସ ଘୋଷଣା କରିଛନ୍ତି। ସୂଚନାଥାଉ କି, ସୁଧ ହାର ହ୍ରାସ ନେଇ ରିଜର୍ଭ ବ୍ୟାଙ୍କ ଏବଂ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଲଢ଼େଇ ଦୀର୍ଘ ଦିନରୁ ରହିଆସିଛି। ଡି.ସୁବାରାଓ ଗଭର୍ନର ଥିବା ବେଳରୁ ଏହା ଚାଲିଆସୁଛି। ସେ ୨୦୧୩ରୁ ବିପିଏଲ୍‌ଆର୍ (ବେଞ୍ଚ ମାର୍କ ପ୍ରାଇମ ଲେଣ୍ଡିଂ ରେଟ୍) ଭିତ୍ତିକ ସୁଧ ହାର ବ୍ୟବସ୍ଥାକୁ ପ୍ରତ୍ୟାହାର କରିନେଇଥିଲେ ଏବଂ ବେସ୍ ରେଟ୍ ଲାଗୁ କରିଥିଲେ। ତଥାପି ବ୍ୟାଙ୍କଗୁଡ଼ିକ ସୁଧ ହାର ହ୍ରାସ କରିବାକୁ ପ୍ରତ୍ୟାଖାନ କରିଦେଇଥିଲେ। ତେବେ ଗଭର୍ନର ଭାବେ ଦାୟିତ୍ୱ ନେବା ପରେ ରଘୁରାମ ରାଜନ ବେସ୍ ରେଟ୍ ବ୍ୟବସ୍ଥାକୁ ପ୍ରତ୍ୟାହାର କରି ସେ ସ୍ଥାନରେ ଏମ୍‌ସିଏଲ୍‌ଆର(ମାର୍ଜିନାଲ କଷ୍ଟ ଅଫ୍ ଫଣ୍ଡସ ବେଷ୍ଟଡ ଲେଣ୍ଡିଂ ରେଟ୍)କୁ ୨୦୧୫ରୁ ଲାଗୁ କଲେ। ତଥାପି ସୁଧ ହାର ସ୍ଥିତି ନ ସୁଧୁରିବାରୁ ପୂର୍ବତନ ଗଭର୍ନର ଉର୍ଜିତ ପଟେଲ ଏହି ବ୍ୟବସ୍ଥାକୁ ଫେରାଇ ନେଇ ଏହା ସ୍ଥାନରେ ଏକ୍ସଟରନାଲ ବେଞ୍ଚମାର୍କ ବେଷ୍ଟଡ ଲୋନ ପ୍ରାଇସିଂ ବ୍ୟବସ୍ଥା ଆରମ୍ଭ କଲେ। ତେବେ ଏହାକୁ ମଧ ପରିବର୍ତ୍ତନ କରାଯିବ ବୋଲି ଦାସ ତାଙ୍କ ଗତ ମୁଦ୍ରାନୀତିରେ ଘୋଷଣା କରିସାରିଛନ୍ତି। ଉଲ୍ଲେଖଥାଉ କି, ଗତ ମୁଦ୍ରାନୀତିରେ ଆର୍‌ବିଆଇ ରେପୋ ରେଟ ୨୫ ବେସିସ ପଏଣ୍ଟ ହ୍ରାସ ଘୋଷଣା କରିଛନ୍ତି। ଫଳରେ ଏହା ଏବେ ୬.୨୫% ରହିଛି। ତେବେ ମାସିକ ସମ୍ପତ୍ତି ଦେୟ କମିଟି ବୈଠକରେ ଏମ୍‌ସିଏଲ୍‌ଆର ରେଟ୍ ନେଇ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ବ୍ୟାଙ୍କମୁଖ୍ୟମାନେ ଗଭର୍ନରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ଆଲୋଚନା ପାଇଁ ଆର୍‌ବିଆଇ ଆଉ ଏକ ବୈଠକ ଡକାଇପାରେ ବୋଲି ଜଣେ ବ୍ୟାଙ୍କ ମୁଖ୍ୟ ପ୍ରକାଶ କରିଛନ୍ତି।



ଶକ୍ତିକାନ୍ତ ଦାସ

**ସୁଧ ହାର ହ୍ରାସ ପ୍ରସଙ୍ଗ**

- ■ ପ୍ରଶ୍ନ କଲେ ଶକ୍ତିକାନ୍ତ
- ■ କମିଟି ବୈଠକରେ ବିଚାର କରାଯିବାକୁ ବ୍ୟାଙ୍କଗୁଡ଼ିକର ପ୍ରତିଶ୍ରୁତି
- ■ ୨୫ ବେସିସ୍ ପଏଣ୍ଟ ହ୍ରାସ ପାଇଥିଲା ରେପୋ ରେଟ୍
- ■ ସୁଧ ହାର ହ୍ରାସ ନେଇ ୨୦୧୩ରୁ ଆର୍‌ବିଆଇ-ବ୍ୟାଙ୍କ ମୁହାଁମୁହିଁ

## ଗୋଦ୍‌ରେଜ ଇଣ୍ଟେରିଓର ନୂଆ କିଚେନ ଗ୍ୟାଲେରି



**ଭୁବନେଶ୍ୱର,୨୧-୨**

ଗୋଦରେଜ ଇଣ୍ଟେରିଓ ପକ୍ଷରୁ ଏହାର ନୂଆ କିଚେନ ଗ୍ୟାଲେରି ଖଣ୍ଡଗିରି ଜୟଦେବ ବାଟିକା ଛକଠାରେ ଶୁଭାରମ୍ଭ ହୋଇଛି। ନୂଆ ଶୋ'ରୁମକୁ କମ୍ପାନୀର କିଚେନ ବିଜନେସର ପୂର୍ବାଞ୍ଚଳ ଜୋନ ସେଲ୍‌ସ ଏବଂ ମାର୍କେଟିଂ ଇନଚାର୍ଜ ଅମିତ ଗଭାଇ, ଇଷ୍ଟ ଭୁବନେଶ୍ୱର ସେଲ୍‌ସ ଅଧିକାରୀ ସୁଦୀପ୍ତ ମାନା ଏବଂ ଷ୍ଟୋରର ସ୍ୱତ୍ୱାଧିକାରୀ ଶରଦ ପୃଷ୍ଟି ଉନ୍ମୋଚନ କରିଥିଲେ। ଏଠାରେ ଗ୍ରାହକମାନେ ମଡ୍ୟୁଲାର କିଚେନ ଡିଜାଇନ ଏବଂ ଫୁଲଫିଲମେଣ୍ଟ ଲାଭ କରିବାକୁ ସକ୍ଷମ ହେବେ। ଏହା ୧୮୦୦ ବର୍ଗଫୁଟ ସ୍ଥାନରେ ଖୋଲିଛି। ମଡ୍ୟୁଲାର କିଚେନର ବିଭିନ୍ନ ବର୍ଗକୁ ଏଠାରେ ପ୍ରଦର୍ଶନ କରାଯାଉଛି। ଗ୍ରାହକଙ୍କ ଲାଗି ସବୁ ବର୍ଗର ପ୍ରଡକ୍ଟ ସହ କଷ୍ଟମାଇଜ ସାମଗ୍ରୀ ଯୋଗାଣ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଉଥିବା ଅମିତ ଗଭାଇ କହିଛନ୍ତି। କମ୍ପାନୀର ମୋଟ ବାଣିଜ୍ୟ କ୍ଷେତ୍ରରେ ପୂର୍ବାଞ୍ଚଳ ୧୮% ଅବଦାନ ରଖୁଥିବା ବେଳେ ଓଡ଼ିଶାର ଅଂଶ ୮% ରହିଥିବା ସେ ସୂଚନା ଦେଇଛନ୍ତି। ଏହା ଭୁବନେଶ୍ୱରରେ କମ୍ପାନୀର ଚତୁର୍ଥ ସ୍ୱତନ୍ତ୍ର ଷ୍ଟୋର ଏବଂ ହୋମ ଏକ୍ସପେରିଏନ୍ସ ବର୍ଗରେ ଦ୍ୱିତୀୟ ସ୍ୱତନ୍ତ୍ର ଗ୍ୟାଲେରି। ଆଗାମୀ ଦିନରେ ରାଜ୍ୟରେ ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର ଏବଂ ସମ୍ବଲପୁରଠାରେ ଏହି ବର୍ଗରେ ଷ୍ଟୋର ଖୋଲିବାକୁ କମ୍ପାନୀ ଯୋଜନା ରହିଛି ବୋଲି ଗଭାଇ କହିଛନ୍ତି। ଓଡ଼ିଶା ବଜାରର ଅଭିବୃଦ୍ଧିକୁ ଧ୍ୟାନରେ ରଖି ଚିମନୀ ଏବଂ ହବ୍ ପ୍ରଡକ୍ଟ ଆଣିବା ଯୋଜନା ରହିଥିବା ସେ ପ୍ରକାଶ କରିଛନ୍ତି।

## ହୋଣ୍ଡା ପକ୍ଷରୁ ବିଗ୍ ଡେମୋଭ୍ୟାନ୍ ଶୋ'



**ଭୁବନେଶ୍ୱର,୨୧-୨**

ଗୁଗ୍‌ନାନୀ ହୋଣ୍ଡା ଶୋ'ରୁମ ପକ୍ଷରୁ ବିଗ୍ ଡେମୋଭ୍ୟାନ ଶୋ' ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ହୋଣ୍ଡାର ୧୬୦ସିସି ଏକ୍ସବ୍ଲେଡ ମଡେଲ ଲାଗି ଏହି ଶୋ' ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମକୁ କମ୍ପାନୀର ଇଷ୍ଟ ରିଜିୟନ ଡିଭିଜନ ହେଡ ବିଜୟ ଭଟ୍ଟ, ଶୋ'ରୁମର ଏମ୍‌ଡି ରାଜନ ଗୁଗ୍‌ନାନୀ ଏବଂ ଓଡ଼ିଶା ଜେଡ ଏମ୍ ଅଜିତ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏକ୍ସବ୍ଲେଡ ମଡେଲଟିକୁ କମ୍ପାନୀ ନିକଟରେ ବଜାରକୁ ଆଣିଥିବା ବେଳେ ଏହା ୫ଟି ରଙ୍ଗରେ ଉପଲବ୍ଧ ହେଉଛି। ଏହାର ବଜାର ଦର ୮୧,୭୦୩ ଟଙ୍କା ରହିଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି।

## ବ୍ରାଣ୍ଡ୍ ଭିଜନ ସମିଟ୍‌ରେ ଇକ୍‌ଫାଇ ଗ୍ରୁପ ପୁରସ୍କୃତ

**ହାଇଦ୍ରାବାଦ,୨୧-୨**

ବ୍ରାଣ୍ଡ୍ ଷ୍ଟ୍ରାଟେଜି କନସଲଣ୍ଟାନ୍ସି ନେକ୍ସବ୍ରାଣ୍ଡ୍ ଇଙ୍କ୍ ପକ୍ଷରୁ ଅନୁଷ୍ଠିତ ବ୍ରାଣ୍ଡ୍ ଭିଜନ ସମିଟ ଅବସରରେ ଇକ୍‌ଫାଇ ଗ୍ରୁପ ସମ୍ମାନଜନକ ପୁରସ୍କାର ଲାଭ କରିଛି। ପ୍ରତିଷ୍ଠାନର ବ୍ରାଣ୍ଡିଂ ଡାଇରେକ୍ଟର ସୁଧାକର ରାଓ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ରହି ଆଧ୍ୟାତ୍ମିକ ଗୁରୁ ଗୌର ଗୋପାଳ ଦାସଙ୍କଠାରୁ 'ଦ ଏକ୍ସଟ୍ରାଅର୍ଡିନାରି ବ୍ରାଣ୍ଡ୍ ଇନ ଏଜୁକେଶନ' ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର ଲାଗି ଇକ୍‌ଫାଇ ଗ୍ରୁପକୁ ଚୟନ କରିଥିବାରୁ ରାଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ଗତ ୩୦ ବର୍ଷ ଧରି ଇକ୍‌ଫାଇ ଶିକ୍ଷା କ୍ଷେତ୍ରରେ ନିଜର ଯୋଗଦାନ ରଖିଥିବା ସେ ଏଥିରେ ସୂଚନା ଦେଇଛନ୍ତି। ଶୀର୍ଷ ୫୦ ବ୍ରାଣ୍ଡ୍ ମଧ୍ୟରେ ଇକ୍‌ଫାଇ ଏହି ପୁରସ୍କାର ଲାଭ କରିବାକୁ ସକ୍ଷମ ହୋଇଛି।



## ସ୍ୱୟଂଚାଳିତ ବଗି ସଫେଇ ପ୍ଲାଣ୍ଟ ବସାଇବ ପୂର୍ବତଟ ରେଳପଥ

**ଭୁବନେଶ୍ୱର,୨୧-୨**

ପୂର୍ବତଟ ରେଳପଥ ପକ୍ଷରୁ ପୁରୀ ଏବଂ ବିଶାଖାପାଟଣାଠାରେ ସ୍ୱୟଂଚାଳିତ ବଗି ସଫେଇ ପ୍ଲାଣ୍ଟ ସ୍ଥାପନ ହେବ। ଏହା ଉଭୟ ସ୍ଥାନର ବଗି ରକ୍ଷଣାବେକ୍ଷଣ ଡିପୋଠାରେ ସ୍ଥାପନ ହେବା ନେଇ ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ଏଥିପାଇଁ ରେଳପଥ ପକ୍ଷରୁ କାରଖାନା ଆଧୁନିକୀକରଣ କେନ୍ଦ୍ରୀୟ ସଙ୍ଗଠନ (କମ୍‌ଫୋ)ନିକଟରେ ଆବେଦନ କରିଛି। ଏହି ପ୍ଲାଣ୍ଟ ବସାଇବା ଲାଗି ୨ କୋଟି ଟଙ୍କା ବିନିଯୋଗ ହେବ। ଚଳିତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ଏହାର କାର୍ଯ୍ୟ ଶେଷ କରିବାକୁ ଯୋଜନା ଧାର୍ଯ୍ୟ ହୋଇଛି। ଏଥି ଲାଗି ଟେଣ୍ଡରକାର୍ଯ୍ୟ ଶେଷ ହୋଇଛି। ଅତ୍ୟାଧୁନିକ ମେଶିନ ବ୍ୟବହାର ଦ୍ୱାରା ବଗି ଧୋଇବା କାର୍ଯ୍ୟ ସମ୍ପାଦନ କରାଯିବ। ପ୍ରତ୍ୟେକଟି ଖାଲି ଟ୍ରେନ ରେକ୍ ମାତ୍ର ୨୦ ମିନିଟ ସମୟ ଅବଧିରେ ସଫା ହୋଇ ପାରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।



## କଲ୍ୟାଣ ଜୁଏଲର୍ସ ଏମ୍‌ଡି ସମ୍ମାନିତ

**କୋଚି,୨୧-୨**

କୋଚିଠାରେ ଅନୁଷ୍ଠିତ ୪୪ତମ ଅନ୍ତର୍ଜାତୀୟ ବିଜ୍ଞାପନ ସଂଘ(ଆଇଏଏ) ବିଶ୍ୱ କଂଗ୍ରେସ କାର୍ଯ୍ୟକ୍ରମରେ କଲ୍ୟାଣ ଜୁଏଲର୍ସର ପ୍ରତିଷ୍ଠାତା ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଟି.ଏସ୍. କଲ୍ୟାଣ ରମଣଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। କଲ୍ୟାଣ ଜୁଏଲର୍ସକୁ ଏକ ଜାତୀୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡ୍ ଭାବେ ଗଢି ତୋଳିବାରେ ତାଙ୍କର ବିଶେଷ ଯୋଗଦାନ ରହିଛି। କମ୍ପାନୀର ଜାତୀୟ ବ୍ରାଣ୍ଡ୍ ଆମ୍ବାସାଡର ଅମିତାଭ ବଚ୍ଚନ ଏହି ପୁରସ୍କାରକୁ କଲ୍ୟାଣରମଣଙ୍କୁ ପ୍ରଦାନ କରିଛନ୍ତି। ଏହି ପୁରସ୍କାର ଗ୍ରହଣ କରିବା ଏକ ଗର୍ବର ବିଷୟ ବୋଲି କଲ୍ୟାଣ ରମଣ କହିଛନ୍ତି। ଗ୍ରାହକଙ୍କ ସଂସ୍କୃତି,ସ୍ୱାଦ ଏବଂ ପସନ୍ଦ ଅନୁସାରେ ପ୍ରଡକ୍ଟ ଯୋଗାଇ ଦେଉଥିବା ସେ ସୂଚନା ଦେଇଛନ୍ତି। କମ୍ପାନୀ ୨୫ ବର୍ଷରେ ପଦାର୍ପଣ କରିଥିବା ବେଳେ ଭାରତ ସହ ବିଦେଶରେ ମୋଟ ୧୩୬ ଷ୍ଟୋର ଏବଂ ଅନ୍‌ଲାଇନରେ ମଧ ପ୍ରଡକ୍ଟ ଯୋଗାଉଛି।


**PARADIP PORT TRUST**
**e-TENDER NOTICE**
**NO : EM/PED-08/2019**

Name of the work : "**Up-gradation of HT Power Supply System inside Harbour area to enhance the Power Supply reliability to MCHP, IOHP & Oil Jetty**". Estimated Cost : **Rs. 2,75,59,379/-**. Last date & time of submission of bid : Dt. **11.03.2019 up to 17:00 Hrs.** Refer our website for details : **https:// eprocure.gov.in/ eprocure/app.**

Executive Engineer
(Port Electrical Division-II)
PPT/PR/643/18-19 Dt : 21.02.2019

**ODISHA JOINT ENTRANCE EXAMINATION-2019 (OJEE - 2019)**

No:-OJEE-19/071 Date: 20-02-2019

**SECOND CORRIGENDUM NOTICE TO TENDER ON CBT**
Ref: OJEE-19/036/28/01/2019

With reference to our tender No:OJEE-19/036 published on : 28-01-2019 and Corrigendum Notice No:OJEE-19/061 published on: 13-02-2019, there are amendments to certain clauses / points of the tender document, such as change in the last date of submission of the bid, opening date of the tender etc. Hence, all the concerned clauses/points may be read as per the amendments. For details, visit our website **www.ojee.nic.in** or **www.odishajee.com**.

Sd/-
Chairman, OJEE 2019

**GOVERNMENT OF ODISHA, 'e'-PROCUREMENT NOTICE**
**OFFICE OF THE NOTIFIED AREA COUNCIL, BALLIGUDA**
**TENDER CALL NOTICE**
**NO. 392/ 18.02.2019, E-mail : eonacballiguda@yahoo.in**
**Bid Identification No. EO_BLG.N_07_2018_19**

The Executive Officer, NAC, Balliguda, Dist- Kandhamal inviting percentage rate bid in online mode for the works as detailed in the table from eligible contractors for civil work as detailed in the table below.

| | | |
|---|---|---|
| 1 | Name of Work | As per DTCN |
| 2 | No of Work | 4 Nos. |
| 3 | Tender Cost | 2 Lakhs to 10 Lakhs |
| 4 | Class of Contractor | C & Equivalent |
| 5 | Period & Time of completion | 2 (two) Calendar Months |
| 6 | Available of Bid Document in the Website | From Dt. 21.02.2019, 03.00 PM to Dt. 27.02.2019 upto 5.00 PM |
| 7 | Date of opening of Bid | Dt. 28.02.2019 at 11.00 AM |
| 8 | The Bidders have to participate in ONLINE bidding only. Further details can be seen from the Website : https://tendersodisha.gov.in. Any Addendum / Corrigendum / Cancellation of tender can also be seen in the said website. | |

Sd./- Executive Officer, NAC, Balliguda

**DISTRICT EDUCATION OFFICE, NABARANGPUR**
Email: deonabarangpur23@gmail.com, Phone: 06858223738
No. 1144 / Date: 20.02.2019

**SHORT TENDER CALL NOTICE**

Sealed tenders are invited from the intending renowned publishers / Suppliers for sale / supply of books for the libraries of various schools / institutions in Nabarangpur District. Tender paper can be received during office hour from Dt.20.02.2019 to Dt.12.03.2019. The tender papers shall be submitted to the District Education Officer, Nabarangpur by Regd. Post / Speed Post, which should be received by Dt.12.03.2019 at 5.00PM. The details of the terms and conditions may be obtained from the district website www.nabarangpur.nic.in.

*By order of Collector, Nabarangpur*
***Sd./- District Education Officer, Nabarangpur***

**OFFICE OF THE**
**PANCHAYAT SAMITI, CHITRAKONDA**

No. 558/2019 Dated: 20.02.2019

**TENDER CALL NOTICE**

The Block Development Officer, Chitrakonda invites sealed tenders on behalf of Governor, Odisha as per scheduled below from registered and eligible Contractors of Odisha State P.W.D./ C.P.W.D. having experience in construction of Building works in conformity with detailed tender call notice for execution of the following works on drawl of agreement in Panchayat Samiti contract from of Govt. of Odisha, the details of work including the estimated cost, E.M.D. required, Class of contractor completion of time, cost of tender paper etc., are as detailed below. The tenderer has to submit the sealed tender paper in complete shape through Registered Post / Speed Post addressing to this official Postal address i.e. Block Development Officer, Chitrakonda, At/PO- Chitrakonda, Dist.- Malkangiri, PIN No. 764052. The last date of receipt of tender paper is 27.02.2019 upto 5.00PM. The undersigned will not be responsible for postal delay if any or non-receipt of the papers in time. The date of opening of the tender paper is 28.02.2019 at 3.00PM. Each sealed cover should contain tender paper for each work only & its related documents and the name of work be written in capital letter on the body of Cover, otherwise it will be rejected.

| Sl. No. | Name of the Block | Name of the Work | Tender value in Rs. | Cost of tender paper (non-refundable) | EMD in Rs. | Time of completion of work in month | Class of Contractor |
|---|---|---|---|---|---|---|---|
| 1 | Chitrakonda | View Point at Middle of Chitrakonda Ghat | 16,44,522/- | 6000/- | 16446/- | 6 (Six) Months | D&C |
| 2 | Chitrakonda | Const. of Check Dam & Development of Market area at Jantapai | 21,45,019/- | 6000/- | 21451/- | 6 (Six) Months | C&B |

**NB:-** The details terms and condition of this tenders will be available in this Panchayat Samiti office during working hour.

***Sd./- Block Development Officer, Chitrakonda***

**ଗୁରୁତ୍ୱପୂର୍ଣ୍ଣ ସୂଚନା**

**ବିଭିନ୍ନ ସଂରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଟ୍ରେନ୍ ଚଳାଚଳ ବାତିଲ୍**

**ଟ୍ରେନ୍ ଚଳାଚଳ ବାତିଲ୍**

| ଟ୍ରେନ୍ ନଂ. | ଠାରୁ | ପର୍ଯ୍ୟନ୍ତ | ପ୍ରାରମ୍ଭିକ ଷ୍ଟେସନରୁ ଯାତ୍ରା ଆରମ୍ଭ |
|---|---|---|---|
| 22874 | ବିଶାଖାପାଟଣା | ଦୀଘା | 07.03.2019 (ଗୁରବାର) |
| 22873 | ଦୀଘା | ବିଶାଖାପାଟଣା | 08.03.2019 (ଶୁକ୍ରବାର) |
| 22810 | ବିଶାଖାପାଟଣା | ପାରାଦୀପ | 03.03.2019 (ରବିବାର) |
| 22809 | ପାରାଦୀପ | ବିଶାଖାପାଟଣା | 06.03.2019 (ବୁଧବାର) |
| 22814 | ପାରାଦୀପ | ସାନ୍ତ୍ରାଗାଛି | 04.03.2019 (ସୋମବାର) |
| 22813 | ସାନ୍ତ୍ରାଗାଛି | ପାରାଦୀପ | 05.03.2019 (ମଙ୍ଗଳବାର) |
| 22890 | ପୁରୀ | ଦୀଘା | 02.03.2019 (ଶନିବାର) |
| 22889 | ଦୀଘା | ପୁରୀ | 03.03.2019 (ରବିବାର) |
| 22804 | ସମ୍ବଲପୁର | ହାଓଡ଼ା | 01.03.2019 ଏବଂ 08.03.2019 (ଶୁକ୍ରବାର) |
| 22803 | ହାଓଡ଼ା | ସମ୍ବଲପୁର | 02.03.2019 ଏବଂ 09.03.2019 (ଶନିବାର) |
| 18512 | ବିଶାଖାପାଟଣା | କୋରାପୁଟ | 01.03.2019, 04.03.2019 ଏବଂ 08.03.2019 (ଶୁକ୍ରବାର ଏବଂ ସୋମବାର) |
| 18511 | କୋରାପୁଟ | ବିଶାଖାପାଟଣା | 02.03.2019, 05.03.2019 ଏବଂ 09.03.2019 (ଶନିବାର ଏବଂ ମଙ୍ଗଳବାର) |
| 68028 | ସମ୍ବଲପୁର | ରାଉରକେଲା | 19.02.2019 ଠାରୁ 14.03.2019 ପର୍ଯ୍ୟନ୍ତ |
| 68031 | ଝାରସୁଗୁଡ଼ା | ସମ୍ବଲପୁର | 19.02.2019 ଠାରୁ 14.03.2019 ପର୍ଯ୍ୟନ୍ତ |
| 58528 | ବିଶାଖାପାଟଣା | ରାୟପୁର | 23.02.2019 ଠାରୁ 08.03.2019 ପର୍ଯ୍ୟନ୍ତ |
| 58527 | ରାୟପୁର | ବିଶାଖାପାଟଣା | 24.02.2019 ଠାରୁ 09.03.2019 ପର୍ଯ୍ୟନ୍ତ |
| 58301 | ସମ୍ବଲପୁର | କୋରାପୁଟ | 25.02.2019 ଠାରୁ 08.03.2019 ପର୍ଯ୍ୟନ୍ତ |
| 58302 | କୋରାପୁଟ | ସମ୍ବଲପୁର | 26.02.2019 ଠାରୁ 09.03.2019 ପର୍ଯ୍ୟନ୍ତ |
| 58303 | ସମ୍ବଲପୁର | ଜୁନାଗଡ଼ ରୋଡ଼ | 25.02.2019 ଠାରୁ 08.03.2019 ପର୍ଯ୍ୟନ୍ତ |
| 58304 | ଜୁନାଗଡ଼ ରୋଡ଼ | ସମ୍ବଲପୁର | 26.02.2019 ଠାରୁ 09.03.2019 ପର୍ଯ୍ୟନ୍ତ |
| 58529 | ଦୁର୍ଗ | ବିଶାଖାପାଟଣା | 25.02.2019 ଠାରୁ 08.03.2019 ପର୍ଯ୍ୟନ୍ତ |
| 58530 | ବିଶାଖାପାଟଣା | ଦୁର୍ଗ | 25.02.2019 ଠାରୁ 08.03.2019 ପର୍ଯ୍ୟନ୍ତ |
| 58217 | ଟିଟିଲାଗଡ଼ | ରାୟପୁର | 25.02.2019 ଠାରୁ 08.03.2019 ପର୍ଯ୍ୟନ୍ତ |
| 58218 | ରାୟପୁର | ଟିଟିଲାଗଡ଼ | 26.02.2019 ଠାରୁ 09.03.2019 ପର୍ଯ୍ୟନ୍ତ |
| 58406 | ପାରାଦୀପ | କଟକ | 20.02.2019 ଠାରୁ 08.03.2019 ପର୍ଯ୍ୟନ୍ତ |
| 58405 | କଟକ | ପାରାଦୀପ | 20.02.2019 ଠାରୁ 08.03.2019 ପର୍ଯ୍ୟନ୍ତ |
| 58436 | କଟକ | ଭଦ୍ରକ | 20.02.2019 ଠାରୁ 08.03.2019 ପର୍ଯ୍ୟନ୍ତ |
| 58435 | ଭଦ୍ରକ | କଟକ | 20.02.2019 ଠାରୁ 08.03.2019 ପର୍ଯ୍ୟନ୍ତ |



**ପୂର୍ବ ତଟ ରେଳପଥ**
PR-491/J/18-19

**MANAGING TRUSTEE**
**SRI SRI GORAKHANATH MAHAPRABHU MANDIR TRUST BOARD**
At: Kerekera, PO: Rahadinga, PS: Tirtol, Dist.: Jagatsinghpur, PIN: 754104, Index No. 572GC

Letter No. 982 **ଟେଣ୍ଡର ବିଜ୍ଞପ୍ତି** Date: 21.02.2019

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତା୨୧।୦୨।୨୦୧୯ରିଖ ଶ୍ରୀ ଶ୍ରୀ ଗୋରଖନାଥ ମହାପ୍ରଭୁଙ୍କ ବେଢ଼ା ମଧ୍ୟରେ ଥିବା ଭୋଗ, ଦୀପ, ଫୁଲ ଓ ଯାଁବାଳ ଦୋକାନର ୨୦୧୯-୨୦ ବର୍ଷ ନିମନ୍ତେ ଟେଣ୍ଡର କରିବା ପାଇଁ ଧାର୍ଯ୍ୟ ହୋଇଥିବା ସତ୍ତ୍ୱେ ତା୨୧।୦୨।୨୦୧୯ରିଖରେ ଜଣେମାତ୍ର ବ୍ୟକ୍ତି ଶ୍ରୀ ଜଗଦିଶ ଚନ୍ଦ୍ର ପ୍ରଧାନ ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ଦୋକାନରେ ଟେଣ୍ଡର ପେପର ପଡ଼ିନଥିବାରୁ ପୁନର୍ବାର ତା୨୩।୦୨।୨୦୧୯ରିଖରେ ମନ୍ଦିର କାର୍ଯ୍ୟାଳୟରେ ଦିବା ୧୦ଘଟିକାଠାରୁ ଦିବା ୪ଘଟିକା ମଧ୍ୟରେ ଫର୍ମ ବିକ୍ରି କରାଯିବ ଓ ତା୨୬।୦୨।୨୦୧୯ରିଖରେ ଇଚ୍ଛୁକ ବ୍ୟକ୍ତି ମନ୍ଦିର କାର୍ଯ୍ୟାଳୟରେ ଟେଣ୍ଡର ଫର୍ମ ଦିବା ୮ଘଟିକାଠାରୁ ୧୨ଘଟିକା ମଧ୍ୟରେ ଫର୍ମ ପକାଇବେ ଓ ଟେଣ୍ଡର ବାକ୍ସକୁ ସର୍ବ ସମ୍ମୁଖରେ ଦିବା ୧୨ଘ. ୩୦ମିନିଟ୍ ସମୟରେ ଖୋଲାଯିବ।

ଯଦି ତା୨୬।୦୨।୨୦୧୯ରିଖରେ ଟେଣ୍ଡରରେ କୌଣସି ଟେଣ୍ଡରଧାରୀମାନେ ଅଂଶଗ୍ରହଣ ନ କରନ୍ତି ତାହେଲେ ପୁନଃ ଶେଷଥର ନିମନ୍ତେ ତା୨୭।୦୨।୨୦୧୯ରିଖ ମନ୍ଦିର କାର୍ଯ୍ୟାଳୟରେ ଦିବା ୧୦ଘଟିକାଠାରୁ ଦିବା ୪ଘଟିକା ମଧ୍ୟରେ ଫର୍ମ ବିକ୍ରି କରାଯିବ ଓ ଫର୍ମ ନେଇଥିବା ଟେଣ୍ଡରଧାରୀମାନେ ତା୦୧।୦୩।୨୦୧୯ରିଖରେ ଟେଣ୍ଡର ଦିବା ୮ଘଟିକାଠାରୁ ୧୨ଘଟିକା ମଧ୍ୟରେ ଟେଣ୍ଡରରେ ଭାଗ ନେଇ ଟେଣ୍ଡର ପକାଇବେ ଏବଂ ୧୨ଘଣ୍ଟା ୩୦ମିନିଟ୍‌ରେ ଟେଣ୍ଡର ଖୋଲାଯିବ।

ସ୍ୱା./- (ତା୨୧।୦୨।୨୦୧୯), ସହକାରୀ ଜିଲ୍ଲାପାଳ, ଜଗତ୍‌ସିଂହପୁର

**idco** Your power to grow | **ODISHA NEW OPPORTUNITIES**
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

IDCO / Maint / 302/2017-18/ 480 Dated. 18.02.2019

**TENDER CALL NOTICE**

Sealed tenders are invited for Auction of 02 nos of food stall no. FN-01 & FS-08 at Ekamra Haat Bhubaneswar for a period of 12 calendar months. Intending parties/ Firms / Companies/ Organization/ individuals having past experience in selling food items may apply in the prescribed tender document to the Divisional Head, IDCO, Maintenance Division, Fortune Tower, Bhubaneswar. The tender documents will be sold from 23.02.2019 to 28.02.2019 during office hours on payment on Rs. 525.00 plus GST Extra only, which will be received on or before 5.00 p.m of 06.03.2019 through Registered post/Speed post only and the tender will open at 11.30 A.M 07.03.2019. For details, please see our website **www.idco.in** or contact Divisional Head IDCO, Maintenance Division on Phone No- 0674-2303276. The tender documents can also be downloaded from the above website during the period from 23.02.2019 to 28.02.2019. The Corporation reserves the right to be cancel any or all the bids without assigning any reason thereof.

Sd/-
Divisional Head
Maintenance Division, Bhubaneswar.

“ ହରମନପ୍ରୀତ କୌର ଆଘାତପ୍ରାପ୍ତ ଥିବାରୁ ଭ୍ରମଣକାରୀ ଇଂଲଣ୍ଡକୁ ସାମ୍ନା କରିବା ଆମ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ସଦୃଶ।
– ମିଥାଲି ରାଜ, ଭାରତୀୟ ମହିଳା ଦିନିକିଆ କ୍ରିକେଟ ଦଳର ଅଧିନାୟିକା



“ ଭାରତରେ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରେ ଘରୋଇ ଦଳକୁ ପରାସ୍ତ କରି ଆମେ ଇତିହାସ ସୃଷ୍ଟି କରିବାକୁ ଚାହୁଁ।
– ହିଥର ନାଇଟ୍, ଇଂଲଣ୍ଡ ମହିଳା କ୍ରିକେଟ ଦଳର ଅଧିନାୟିକା



## ସଂକ୍ଷେପରେ

### ପାଣ୍ଡ୍ୟାଙ୍କ ସ୍ଥାନରେ ଜାଡେଜା

ନୂଆଦିଲ୍ଲୀ, ୨୧।୨- ରବିବାରଠାରୁ ଅଷ୍ଟ୍ରେଲିଆ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ସୀମିତ ଓଭର ସିରିଜ ଆରମ୍ଭ ହେବାକୁ ଯାଉଥିବାବେଳେ ଷ୍ଟାର୍ ଭାରତୀୟ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଦଳରୁ ବାଦ୍ ପଡ଼ିଛନ୍ତି। ପିଠିଜନିତ ଆଘାତ ସମସ୍ୟା ଲାଗି ପାଣ୍ଡ୍ୟାଙ୍କୁ ବାଦ୍ ଦିଆଯାଇଥିବା ବିସିସିଆଇ ପକ୍ଷରୁ ଗୁରୁବାର ପ୍ରକାଶ ପାଇଥିବା ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ଫଳରେ ପାଣ୍ଡ୍ୟାଙ୍କ ସ୍ଥାନରେ ବରୋଦା ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଭାରତୀୟ ଦିନିକିଆ ଓ ଟି୨୦ ଦଳରେ ସାମିଲ କରାଯାଇଛି। ପାଣ୍ଡ୍ୟା ବାଙ୍ଗାଲୋରସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ରହି ପିଠି ଜନିତ ସମସ୍ୟା ଲାଗି ଷ୍ଟ୍ରେଚ୍ଚ ଓ କଣ୍ଡିସନିଂ ୱାର୍କ କରିବେ ବୋଲି ବିସିସିଆଇ ମେଡିକାଲ ଟିମ୍ ନିଷ୍ପତ୍ତି ନେଇଛି। ଆସନ୍ତା ସପ୍ତାହରୁ ପାଣ୍ଡ୍ୟା ସୁସ୍ଥତା ପାଇଁ ଏନ୍‌ସିଏରେ ଯୋଗଦେବେ। ଗତବର୍ଷ ଏସିଆ କପରେ ପାକିସ୍ତାନ ବିପକ୍ଷରେ ଖେଳୁଥିବାବେଳେ ପାଣ୍ଡ୍ୟାଙ୍କ ପିଠିରେ ଏହି ଆଘାତ ସମସ୍ୟା ଦେଖାଦେଇଥିଲା। ଏହାପରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ସାମିଲ ହୋଇଥିଲେ ମଧ ଶେଷ ଦୁଇଟି ମ୍ୟାଚ୍ ବାହାରେ ବସିଥିଲେ। ଏହାପରେ ବିବାଦୀୟ ଟିଭି ଶୋ ଲାଗି ସେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରୁ ବାସନ୍ଦ ହୋଇଥିବାବେଳେ ନ୍ୟୁଜିଲାଣ୍ଡ ଟୁର୍‌ରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

### ଦିବ୍ୟାଂଶଙ୍କ ଶତକ: ଭାରତ ସ୍ଥିତି ଦୃଢ଼

ଥିରୁଭାନନ୍ତପୁରମ, ୨୧।୨(ପି.ଟି.)- ଓପନର ଦିବ୍ୟାଂଶ ସାକ୍‌ସେନାଙ୍କ ୧୨୨ ରନର ଶତକୀୟ ପାଳି ବଳରେ ଭାରତ ଏଠାରେ ଚାଲିଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବିପକ୍ଷ ୪ ଦିନିଆ ୧୯ବର୍ଷରୁ କମ୍ ପ୍ରଥମ ଯୁବ ଟେଷ୍ଟ ମ୍ୟାଚ୍‌ରେ ସ୍ଥିତି ଦୃଢ଼ କରିଛି। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ସ୍କୋର ୧୯୭ ରନର ଜବାବରେ ଭାରତ ପ୍ରଥମ ଇନିଂସରେ ୯୨.୩ ଓଭରରେ ୩୩୦ ରନ କରି ଅଲଆଉଟ ହୋଇଛି। ଫଳରେ ଭାରତ ୧୩୩ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ଗୁରୁବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୫ ଓଭରରେ ୩ ଉଇକେଟ ହରାଇ ୩୪ ରନ ସଂଗ୍ରହ କରିଛି। ଫଳରେ ଦକ୍ଷିଣ ଆଫ୍ରିକା ୭ ଉଇକେଟ ବାକି ରଖି ଏବେ ୯୯ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଆଣ୍ଡିଲ ମୋକ୍‌ଗାକେନ୍ ୧୬ ଓ ବୋଙ୍ଗା ମଖାଖା ୧୧ ରନ କରି ଅପରାଜିତ ରହିଛନ୍ତି। ଦ୍ୱିତୀୟ ଇନିଂସ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ମାତ୍ର ୭ ରନ ମଧ୍ୟରେ ୩ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ଜୋନାଥନ ବାର୍ଡ ୨ ଓ ଅଧିନାୟକ ମାଥ୍ୟୁ ମୋଣ୍ଟୋଗୋମେରି ୫ ରନ କରି ଅଂଶୁଲ କାମ୍ବୋଜ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ଥାମସାନକା ଖୁମାଲୋ ଖାତା ଖେଳିବା ପୂର୍ବରୁ ରାଜବର୍ଦ୍ଧନ ହାଙ୍ଗାରଗେକରଙ୍କ ଦ୍ୱାର ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଭାରତ ତରଫରୁ କାମ୍ବୋଜ୍ ୨ ଓ ରାଜ୍‌ବର୍ଦ୍ଧନ ଗୋଟିଏ ଉଇକେଟ ହାସଲ କରିଥିଲେ।

### ଓଡ଼ିଶାର ବିଜୟ ଅଭିଯାନ ଜାରି

କଟକ ଅଫିସ,୨୧।୨- ପୁଡୁଚେରୀଠାରେ ଗୁରୁବାର ଖେଳାଯାଇଥିବା ସିନିୟର ମହିଳା ଟି୨୦ ଟୁର୍ନାମେଣ୍ଟରେ ଓଡ଼ିଶା ୬୪ରନରେ ପଣ୍ଡିଚେରୀକୁ ପରାସ୍ତ କରିଛି । ପ୍ରତିଯୋଗିତାରେ ଓଡ଼ିଶାର ଏହା ଲଗାତାର ଦ୍ୱିତୀୟ ବିଜୟ । ଗ୍ରୁପ-ଇରେ ସ୍ଥାନ ପାଇଥିବା ଓଡ଼ିଶା ପଏଣ୍ଟ ଟେବୁଲର ୨ୟ ସ୍ଥାନରେ ରହିଛି । ବୁଧବାର ପ୍ରଥମ ମ୍ୟାଚ୍‌ରେ ଦଳ ୩୧ରନରେ ସୌରାଷ୍ଟ୍ରକୁ ହରାଇଥିଲା । ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୫ ଉଇକେଟ ବିନିମୟରେ ୧୩୧ରନ କରିଥିଲା । ଅଧିନାୟିକା ମଧୁସ୍ମିତା ବେହେରା ୩୮ରନ, ଉଇକେଟ କିପର ପ୍ରଜ୍ଞା ପରମିତା ମହାନ୍ତି ୨୫ରନ, ମାଧୁରୀ ମେହେଟା ୨୮ରନ ଓ ରୀମାଲକ୍ଷ୍ମୀ ଏକ୍କା ୨୦ରନ କରିଥିଲେ । ପଣ୍ଡିଚେରୀର ଏ. ଅଷ୍ଟଲକ୍ଷ୍ମୀ ଏକାକି ୫ଟି ଯାକ ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ପଣ୍ଡିଚେରୀ ୬୭ରନରେ ଅଲଆଉଟ ହୋଇଥିଲା । ଦଳ ପକ୍ଷରୁ ଲତିକା କୁମାରୀ ସର୍ବାଧିକ ୧୫ରନ କରିଥିଲେ । ଓଡ଼ିଶା ପକ୍ଷରୁ ରୀମାଲକ୍ଷ୍ମୀ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିବା ବେଳେ ସୁଶ୍ରୀ ଦିବ୍ୟଦର୍ଶିନୀ ୨ଟି, ସୁଜାତା ମଲ୍ଲିକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ଅଧିନାୟିକା ମଧୁସ୍ମିତା ଗୋଟିଏ ଲେଖାଏ ଉଇକେଟ ପାଇଥିଲେ ।

# ଓଡ଼ିଶା ୧୦ ଉଇକେଟରେ ପରାସ୍ତ

କଟକ ଅଫିସ,୨୧।୨

ବାରବାଟୀ ଷ୍ଟାଡିୟମରେ ଗୁରୁବାର ଆରମ୍ଭ ହୋଇଥିବା ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୧୦ ଉଇକେଟରେ ଛତିଶଗଡ଼ଠାରୁ ପରାସ୍ତ ହୋଇଛି। ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ୫୧ରନ ବଳରେ ଓଡ଼ିଶା ୧୩୭ ରନ ସଂଗ୍ରହ କରିଥିଲା। ବିଜୟ ଲକ୍ଷ୍ୟକୁ ଛତିଶଗଡ଼ ୧୬.୧ ଓଭରରେ ହାସଲ କରିଥିଲା। ଦୁଇ ଓପନର ରିଷଭ ତିୱାରୀ(୭୧ରନ) ଓ ଶଶାଙ୍କ ଚନ୍ଦ୍ରକାର(୫୭ରନ) ଅର୍ଦ୍ଧଶତକୀୟ ଇନିଂସ ଖେଳି ଅପରାଜିତ ରହିଥିଲେ। ଓଡ଼ିଶା ପକ୍ଷରୁ ସର୍ବେଶ୍ୱର ମହାନ୍ତି ଏହି ମ୍ୟାଚ୍‌ରେ ପଦାର୍ପଣ କରିଛନ୍ତି। ଘରୋଇ ମାଟିରେ ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିବା ବେଳେ ଶୁକ୍ରବାର ସମାନ ଗ୍ରାଉଣ୍ଡରେ ଦ୍ୱିତୀୟ ମ୍ୟାଚ୍ ହରିୟାଣା ବିପକ୍ଷରେ ଖେଳିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ହେଉଥିବା ଏହି ଟୁର୍ନାମେଣ୍ଟ ଗ୍ରୁପ-ଡିର ସମସ୍ତ ଲିଗ ପର୍ଯ୍ୟାୟ ମ୍ୟାଚ୍ ବାରବାଟୀ ଷ୍ଟାଡିୟମ ଓ ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯିବ।

#### ବେଙ୍ଗଲର ବୃହତ୍ ବିଜୟ

ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍‌ରେ ମନୋଜ ତିୱାରୀଙ୍କ ନେତୃତ୍ୱାଧୀନ ବେଙ୍ଗଲ ୧୫୯ରନରେ ମିଜୋରାମକୁ ହରାଇଛି। ଅଭିମନ୍ୟୁ ଇଶ୍ୱରନଙ୍କ ୧୦୭ରନ ବଳରେ ବେଙ୍ଗଲ ୪ ଉଇକେଟ ହରାଇ ୨୨୧ରନ କରିଥିଲା। ଜବାବରେ ମିଜୋରାମ ୬୨ରନରେ ଅଲଆଉଟ ହୋଇଥିଲା। ବେଙ୍ଗଲ ପକ୍ଷରୁ ପ୍ରୟାସ ରାୟ ବର୍ମନ ୪ ଉଇକେଟ ଅକ୍ତିଆର କରିଥିଲେ। ଡ୍ରିମସ ଗ୍ରାଉଣ୍ଡରେ ବେଙ୍ଗଲ ଶୁକ୍ରବାର କର୍ଣ୍ଣାଟକକୁ ଭେଟିବ।



ଭାରତ–ଛତିଶଗଡ଼ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ସୟଦ ମୁସ୍ତାକ ଅଲ୍ଲୀ ଟି୨୦**

#### ହରିୟାଣା ବିଜୟୀ

ଡ୍ରିମ୍ସ ଗ୍ରାଉଣ୍ଡରେ ହରିୟାଣା ୮ ଉଇକେଟରେ ଅରୁଣାଚଳ ପ୍ରଦେଶକୁ ପରାସ୍ତ କରିଛି। ଅରୁଣାଚଳ ପ୍ରଦେଶ ୬ ଉଇକେଟ ହରାଇ ୧୦୬ରନ ସଂଗ୍ରହ କରିଥିଲା। ଚୈତନ୍ୟ ବିଶ୍ନୋୟୀଙ୍କ ୬୦ରନ ସହାୟତାରେ ହରିୟାଣା ବିଜୟ ଲକ୍ଷ୍ୟ ହାସଲ କରିଥିଲା।

#### ୧୫ରନରେ ଜିତିଲା କର୍ଣ୍ଣାଟକ

ଡ୍ରିମସ ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ କର୍ଣ୍ଣାଟକ ୧୫ରନରେ ଆସାମକୁ ହରାଇଛି। ଅଧିନାୟକ ମନୀଷ ପାଣ୍ଡେଙ୍କ ୭୪ରନ ବଳରେ କର୍ଣ୍ଣାଟକ ୬ ଉଇକେଟ ହରାଇ ୧୬୯ରନ କରିଥିଲା। ଜବାବରେ ଆସାମ ୭ ଉଇକେଟ ହରାଇ ୧୫୪ରନ କରିଥିଲା। ଦଳ ପକ୍ଷରୁ ୱାସିକର ରେହମନ ସର୍ବାଧିକ ୬୨ରନ କରିଥିଲେ।

■ ଏରୋଫ୍ଲୋଟ ଓପନ ଚେସ୍

# ଡ୍ର’ରୁ ଦେବାଶିଷଙ୍କ ଅଭିଯାନ

ଭୁବନେଶ୍ୱର, ୨୧।୨(କ୍ରୀଡ଼ା ପ୍ରତିନିଧି)

ରୁଷିଆରେ ଆରମ୍ଭ ହୋଇଥିବା ଏରୋଫ୍ଲୋଟ ଓପନ–୨୦୧୯ ଚେସ୍‌ରେ ଓଡ଼ିଶାର ଏକମାତ୍ର ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ଡ୍ର’ରୁ ନିଜର ଅଭିଯାନ ଆରମ୍ଭ କରିଛନ୍ତି। ସମ୍ପ୍ରତି ୨୫୩୨ ରେଟିଂ ପଏଣ୍ଟରେ ଥିବା ଦେବାଶିଷ ନିଜର ପ୍ରଥମ ମ୍ୟାଚରେ ଉଚ୍ଚ ର୍ୟାଙ୍କିଙ୍ଗ୍‌ପ୍ରାପ୍ତ ଭେନେଜୁଏଲା ସୁପର ଗ୍ରାଣ୍ଡମାଷ୍ଟର ଇଟୁରଜାଗା ବୋନେଲି ଏଡୁଆର୍ଡୋ (୨୬୪୦)ଙ୍କ ସହ ପଏଣ୍ଟ ଭାଗ କରି ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ରୁଷିଆ ଗ୍ରାଣ୍ଡମାଷ୍ଟର ପାରାଭ୍ୟାନ ଡେଭିଡ(୨୬୨୭)ଙ୍କୁ ଭେଟିବେ। ବିଶ୍ୱର ଅନ୍ୟତମ ହାଇପ୍ରୋଫାଇଲ୍ ଚେସ୍‌ର ମାନ୍ୟତା ପାଉଥିବା ଏରୋଫ୍ଲୋଟ ଓପନରେ ଏଥର ୨୨ଟି ଫେଡେରେଶନର ୧୦୦ ଖେଳାଳି ସ୍ଥାନ ପାଇଛନ୍ତି। ଏହା ମଧ୍ୟରେ ୭୧ ଗ୍ରାଣ୍ଡମାଷ୍ଟର, ୨୧ ଅନ୍ତର୍ଜାତୀୟ ମାଷ୍ଟର, ୧ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୬ ଫିଡେ ମାଷ୍ଟର ଓ ୧ କ୍ୟାଣ୍ଡିଡେଟ ମାଷ୍ଟର ଟାଇଟଲଧାରୀ ରହିଛନ୍ତି। ପ୍ରଥମ ରାଉଣ୍ଡରେ ଧଳା ଗୋଟିରେ ୧୮ ଓ କଳା ଗୋଟିରେ ୯ ଖେଳାଳି ବିଜୟୀ ହୋଇଥିବାବେଳେ ୨୩ ଖେଳାଳି ମ୍ୟାଚ ଡ୍ର ରଖିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତା ୨୭ ତାରିଖରେ ଶେଷ ହେବ।



ଦେବାଶିଷ ଦାସ।

# ବିଜୟ ଲକ୍ଷ୍ୟରେ ଭାରତ

**ମହିଳା ଦିନିକିଆ କ୍ରିକେଟ**

ମୁମ୍ବାଇ, ୨୧।୨(ପି.ଟି.)

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଶୁକ୍ରବାରଠାରୁ ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ମହିଳା କ୍ରିକେଟ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବାକୁ ଯାଉଛି। ନିକଟରେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜକୁ ୨–୧ରେ ଜିତିଥିବାରୁ ମିଥାଲି ରାଜଙ୍କ ନେତୃତ୍ୱାଧୀନ ଭାରତୀୟ ଦଳର ମନୋବଳ ବେଶ୍ ଦୃଢ଼ ରହିଛି। ତେଣୁ ଏହି ସିରିଜରେ ମଧ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି।

ଏହି ସିରିଜ ଆଇସିସି ଚାମ୍ପିୟନଶିପ୍‌ର ଅଂଶବିଶେଷ ହୋଇଥିବାରୁ ଉଭୟ ଟିମ୍ ଏହାକୁ ଗୁରୁତର ସହ ନେଇଛନ୍ତି। ମହିଳା କ୍ରିକେଟରେ ଭ୍ରମଣକାରୀ ଇଂଲଣ୍ଡ ଦଳରେ ଡାନି ୱେଟ୍, ହେଥର ନାଇଟ୍‌ଙ୍କ ପରି କେତେଜଣ ଷ୍ଟାର୍ ଖେଳାଳି ରହିଥିବାରୁ ଭାରତ ଏହି ସିରିଜକୁ ହାଲ୍‌କା ଭାବେ ନେବନି। ଘରୋଇ ଦଳର ଦୁଇ ପ୍ରମୁଖ ବ୍ୟାଟ୍ସଓମ୍ୟାନ ସ୍ମୃତି ମନ୍ଧାନା ଓ ଭେଟେରାନ ମିଥାଲି ରାଜ ଭଲ ଫର୍ମରେ ରହିଛନ୍ତି। ମନ୍ଧାନା ନିକଟରେ ନ୍ୟୁଜିଲାଣ୍ଡ ସିରିଜରେ ଗୋଟିଏ ଶତକ ଓ ୯୦ ରନର ଇନିଂସ ଖେଳିଥିଲେ। ସେହିଭଳି ଯୁବ ପ୍ରତିଭା ଜେମିମା ରୋଡ୍ରିଗୁଏଜ ମଧ ଇଂଲଣ୍ଡ ବୋଲରଙ୍କୁ ସାମ୍ନା କରିବାକୁ ପ୍ରସ୍ତୁତ ରହିଛନ୍ତି। ତେବେ ସିରିଜ ଆରମ୍ଭରୁ ଭାରତକୁ ଶକ୍ତ ଧକ୍କା ଲାଗିଛି। ଗୋଇଠିରେ ଆଘାତଜନିତ ସମସ୍ୟା ଲାଗି ଷ୍ଟାଇଲିସ ବ୍ୟାଟ୍ସଓମ୍ୟାନ ତଥା ଉପଅଧିନାୟିକା ହର୍‌ମନପ୍ରୀତ୍ କୌର ସିରିଜରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ହର୍ଲିନ ଦେଓଲଙ୍କୁ ଡାକରା ମିଳିଛି। ଅପରପକ୍ଷରେ ଭେଟେରାନ ଝୁଲଣ ଗୋସ୍ୱାମୀଙ୍କ ସମେତ ଶିଖା ପାଣ୍ଡେ, ମନୀଷ ଜୋଶୀ ଏବଂ ସ୍ପିନ ବିଭାଗରେ ଏକତା ବିସ୍ତ, ପୁନମ ଯାଦବଙ୍କ ପରି ବୋଲର ରହିଥିବାରୁ ଏକ ରୋମାଞ୍ଚକ ସିରିଜ ହେବ ବୋଲି ଆଶା କରାଯାଉଛି।

# ଭାରତର କ୍ଷତି ହେବ: ଗାଭାସ୍କର

ନୂଆଦିଲ୍ଲୀ,୨୧।୨ (ପି.ଟି.)

ପାକିସ୍ତାନ ପ୍ରାୟୋଜିତ ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ସମ୍ପର୍କ ଆହୁରି ଖରାପ୍ ହେବାକୁ ଯାଉଛି। ଏପରିକି, ଇଂଲଣ୍ଡରେ ମେ’ ମାସରୁ ଆରମ୍ଭ ହେବାକୁଥିବା ଦିନିକିଆ ବିଶ୍ୱକପ୍‌ରେ ଭାରତ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳିବ ନାହିଁ ବୋଲି ଚର୍ଚ୍ଚା ହେଉଛି। କେତେକ ପୂର୍ବତନ କ୍ରିକେଟ ମଧ ଏହି ଦାବି କରିଛନ୍ତି। କିନ୍ତୁ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର ଭିନ୍ନ ମତ ଦେଇଛନ୍ତି। ପାକିସ୍ତାନ ବିପକ୍ଷରେ ଭାରତ ନ ଖେଳିଲେ ଭାରତର ହିଁ କ୍ଷତି ହେବ ବୋଲି ସେ କହିଛନ୍ତି। ତେବେ ପୂର୍ବପରି ଦ୍ୱିପାକ୍ଷିକ ସିରିଜ୍ ନ ଖେଳିବା ନୀତିରେ ଭାରତ ଅଟଳ ରହିବା ଉଚିତ ହେବ ବୋଲି ସେ ମତ ଦେଇଛନ୍ତି। ଯଦି ପାକିସ୍ତାନ ବିପକ୍ଷରେ ଭାରତ ନ ଖେଳ ତେବେ ପାକିସ୍ତାନକୁ ଦୁଇ ପଏଣ୍ଟ ମିଳିବ। ସେମି ଫାଇନାଲ ଓ ଫାଇନାଲରେ ଯଦି ଦୁଇ ଦେଶ ପରସ୍ପରକୁ ଭେଟିବା ସ୍ଥିର ହୁଏ ତେବେ କଥା ଆହୁରି ଅଲଗା ହେବ। ତେଣୁ ସେମି ଫାଇନାଲ ଓ ଫାଇନାଲ ମ୍ୟାଚ୍ କଥା କହୁନାହିଁ ବୋଲି ସେ କହିଛନ୍ତି। ବିଶ୍ୱକପ୍ ଇତିହାସରେ ଭାରତ ପ୍ରତିଥର ପାକିସ୍ତାନକୁ ହରାଇଛି। ତେଣୁ ମ୍ୟାଚ୍ ନ ଖେଳିଲେ ଭାରତ ଦୁଇ ଅଙ୍କ ହରାଇବ। ତେବେ ଦେଶ ଓ ଦେଶବାସୀ ସହିତ ମୁଁ ଅଛି। ଦେଶ ତଥା ସରକାର ଯଦି ଚାହାନ୍ତି ତେବେ ପାକିସ୍ତାନ ବିପକ୍ଷରେ ଭାରତ ନ ଖେଳିବା ଉଚିତ୍। ଗୁରୁତର ସହ ଏ ନେଇ ଚିନ୍ତା କରିବାର ଆବଶ୍ୟକତା ରହିଛି। ୨୦୦୭ରେ ଭାରତ ଓ ପାକିସ୍ତାନ ଶେଷଥର ପାଇଁ ଦ୍ୱିପାକ୍ଷିକ ସିରିଜ ଖେଳିଥିଲେ। ୨୦୧୨ରେ ଦ୍ୱିପାକ୍ଷିକ ସିରିଜକୁ ବାତିଲ କରାଯାଇଥିଲା। ପାକିସ୍ତାନ ସହ ନ ଖେଳଲେ ମଧ ଭାରତ ନକ୍ ଆଉଟ୍‌କୁ କ୍ୱାଲିଫାଏ କରିପାରିବ। ପାକିସ୍ତାନକୁ ହରାଇବାର କ୍ଷମତା ଭାରତ ପାଖରେ ରହିଛି। କିନ୍ତୁ ପାକିସ୍ତାନକୁ ହରାଇ କାହିଁକି ଭାରତ କ୍ୱାଲିଫାଏ ନ କରିବ ବୋଲି ଗାଭାସ୍କର ପ୍ରଶ୍ନ କରିଛନ୍ତି। ପୁଣି ପାକିସ୍ତାନକୁ ବିଶ୍ୱକପ୍‌ରୁ ବାଦ୍ ଦେବାକୁ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଉପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଚାପ ପକାଇଲେ ମଧ କିଛି ଲାଭ ହେବ ନାହିଁ। ଦୁବାଇରେ ଆସନ୍ତା ୨୭ରୁ ମାର୍ଚ୍ଚ ୨ ତାରିଖ ମଧ୍ୟରେ ଆଇସିସି ବୈଠକ ବସିବ। ତେବେ ପାକିସ୍ତାନ ପୂର୍ବତନ କ୍ରିକେଟର ତଥା ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ନେଇ ପଦକ୍ଷେପ ନେବାକୁ କହିବି। ଉଭୟ ଦେଶର କ୍ରିକେଟଙ୍କ ମଧ୍ୟରେ ବନ୍ଧୁତ୍ୱ ରହିଛି। ତେବେ ପୁଲୱାମା ଘଟଣା ନେଇ ପାକିସ୍ତାନ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ସେ କହିଛନ୍ତି।

# ଗିନିଜ ୱାର୍ଲ୍ଡ ରେକର୍ଡ ବୁକ୍‌ରେ ମହିଳା ଉଇକେଟ୍ କିପର ହିଲୀ




ମେଲବୋର୍ନ, ୨୧।୨

ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳର ଉଇକେଟ୍‌କିପର ଆଲିସା ହିଲୀ ସର୍ବାଧିକ ଉଚ୍ଚତାରୁ କ୍ୟାଚ୍ ନେଇ ଗିନିଜ୍ ୱାର୍ଲ୍ଡ ରେକର୍ଡ ବୁକ୍‌ରେ ନିଜ ନାମକୁ ସ୍ଥାନିତ କରିଛନ୍ତି। ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାର ହେଲୀ ଏହି ରେକର୍ଡ ପ୍ରତିଷ୍ଠା କରିଥିଲେ। ଏକ ଡ୍ରୋନ୍‌ରେ ବଲ ରଖାଯାଇ ଏହାକୁ ଉପରକୁ ଛଡ଼ା ଯାଇଥିଲା। ୮୦ ମିଟର ଉପରୁ ବଲ୍‌କୁ ଛଡ଼ା ଯାଇଥିବାବେଳେ ଗ୍ରାଉଣ୍ଡରେ ଗ୍ଲୋଭ୍ସ ପିନ୍ଧି ଠିଆହୋଇଥିବା ହିଲୀ ଏହାକୁ କ୍ୟାଚ୍ ନେଇ ରେକର୍ଡର ଅଧିକାରୀ ହୋଇଥିଲେ। ଅବଶ୍ୟ ହିଲୀ ତାଙ୍କର ପ୍ରଥମ ଦୁଇ ପ୍ରୟାସରେ ବିଫଳ ହୋଇଥିବାବେଳେ ୩ୟ ଥରରେ ସେ ଏହି ସଫଳତା ପାଇଥିଲେ। ପୂର୍ବରୁ ଏହି ରେକର୍ଡ ଇଂଲଣ୍ଡ କ୍ରିଷ୍ଟାନ ବମଗାର୍ଟନରଙ୍କ ନାମରେ ଥିଲା। କ୍ରିଷ୍ଟେନ ୨୦୧୬ରେ ୬୨ ମିଟର ଉଚ୍ଚତାରୁ କ୍ୟାଚ୍ ନେଇଥିଲେ। ତାଙ୍କ ପୂର୍ବରୁ ପ୍ରାକ୍ତନ ଇଂଲଣ୍ଡ ଅଧିନାୟକ ନାସିର ହୁସେନ (୪୯ ମିଟର) ମଧ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ଏକ ବର୍ଷ ସମୟ ରହିଥିବାବେଳେ ହିଲୀଙ୍କ ଏହି ରେକର୍ଡ ମହିଳା କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ବଢ଼ାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

■ ଜାତୀୟ ସବ୍‌ଜୁନିୟର ଭଲିବଲ ୨୩ରୁ

# ଭାଗନେବେ ୨୨ ବାଳିକା, ୨୫ ବାଳକ ଦଳ

ଭୁବନେଶ୍ୱର, ୨୧।୨(କ୍ରୀଡ଼ା ପ୍ରତିନିଧି)

ଜାତୀୟ ସବ୍‌ଜୁନିୟର ଭଲିବଲ ଚାମ୍ପିୟନଶିପ୍‌ର ୪୧ତମ ସଂସ୍କରଣ ଚଳିତମାସ ୨୩ରୁ ୨୮ ପର୍ଯ୍ୟନ୍ତ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ଓ କିଟ୍ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୨୨ ବାଳିକା ଓ ୨୫ ବାଳକ ଭଲିବଲ ଦଳ ଅଂଶଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି। ପଶ୍ଚିମବଙ୍ଗ, ରାଜସ୍ଥାନ, କେରଳ, ମହାରାଷ୍ଟ୍ର, ଓଡ଼ିଶା, ବିହାର, ଆନ୍ଧ୍ର ପ୍ରଦେଶ, ଉତ୍ତର ପ୍ରଦେଶ, ହିମାଚଳ ପ୍ରଦେଶ, ପଞ୍ଜାବ, ହରିୟାଣା, ଆସାମ, ଗୁଜରାଟ, ମଣିପୁର, ଦିଲ୍ଲୀ, ଛତିଶଗଡ଼, କର୍ଣ୍ଣାଟକ, ତେଲେଙ୍ଗାନା, ତାମିଲନାଡୁ, ଜମ୍ମୁ କଶ୍ମୀର, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଚଣ୍ଡିଗଡ଼, ପଣ୍ଡିଚେରୀ, ଉତ୍ତରାଖଣ୍ଡ ଆଦି ରାଜ୍ୟର ୬୮୦ ଖେଳାଳି ଏଠାରେ ନିଜ ଭଲି ପ୍ରତିଭା ପ୍ରଦର୍ଶନ କରିବେ। ଟୁର୍ନାମେଣ୍ଟ ଲିଗ୍ କମ୍ ନକ୍‌ଆଉଟ ପଦ୍ଧତିରେ ଖେଳାଯିବ। କ୍ୱାର୍ଟର ଫାଇନାଲରୁ ନକ୍‌ଆଉଟ ପର୍ଯ୍ୟାୟ ଆରମ୍ଭ ହେବ। ଦ୍ୱିତୀୟ ଥରପାଇଁ ଓଡ଼ିଶାରେ ଏହି ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପୂର୍ବରୁ ୨୦୦୯ରେ ଏହା କିଟ୍ ପରିସରରେ ଅନୁଷ୍ଠିତ ହୋଇଥିଲା। ୨୩ ତାରିଖ ସକାଳ ୧୦ଟାରେ କ୍ୟାମ୍ପସ–୬ସ୍ଥିତ ଅଡିଟୋରିୟମରେ ପ୍ରତିଯୋଗିତା ଉଦ୍‌ଘାଟନ ହେବ। ଏହି ଅବସରରେ ଓଡ଼ିଶାର ୫୦ ବର୍ଷରୁ ଊର୍ଦ୍ଧ୍ୱ ଜାତୀୟ–ଅନ୍ତର୍ଜାତୀୟ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯିବ।

# ଅଂଶୁ, ସତୀର୍ଥ–ଆଶୁତୋଷ ଫାଇନାଲରେ

**ଗୁରୁକୁଳ ର୍ୟାଙ୍କିଙ୍ଗ୍ ଟେନିସ**

ଭୁବନେଶ୍ୱର, ୨୧।୨(କ୍ରୀଡ଼ା ପ୍ରତିନିଧି)

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ ଟେନିସ କମ୍ପ୍ଲେକ୍ସରେ ଚାଲିଥିବା ଏଆଇଟିଏ–ଓଟିଏ ପୁରୁଷ ୫୦କେ ର୍ୟାଙ୍କିଙ୍ଗ୍ ଟେନିସ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଅଂଶୁକୁମାର ଭୂୟାଁ। ଓଡ଼ିଆ ଯୋଡ଼ି ସତୀର୍ଥ ପଟ୍ଟନାୟକ ଓ ଆଶୁତୋଷ ଦାସଙ୍କ ଯୋଡ଼ି ଡବଲ୍ସର ଫାଇନାଲରେ ପହଞ୍ଚିଛନ୍ତି। ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହେବ। ଗୁରୁବାର ଅନୁଷ୍ଠିତ ସେମିଫାଇନାଲରେ ଟପ୍ ସିଡ୍ ଅଂଶୁ ୭ମ ସିଡ୍ ତଥା ଅନ୍ୟତମ ଓଡ଼ିଆ ଖେଳାଳି ଅମୃତଜୟ ମହାନ୍ତିଙ୍କୁ ୬–୩, ୬–୨ ସେଟ୍‌ରେ ପରାସ୍ତ କରିଛନ୍ତି। ଟାଇଟଲ ମୁକାବିଲାରେ ସେ ୫ମ ସିଡ୍ ଆସାମର ଶେଖ୍ ମହମ୍ମଦ ଇଫ୍‌ତିକାର୍‌ଙ୍କୁ ଭେଟିବେ। ଦ୍ୱିତୀୟ ସେମିରେ ଇଫ୍‌ତିକାର ୬–୦, ୬–୪ ସେଟ୍‌ରେ ୩ୟ ସିଡ୍ ପଶ୍ଚିମବଙ୍ଗର ରୋହିତ ରାମପୁରିଆଙ୍କୁ ପରାସ୍ତ କରିଛନ୍ତି। ଡବଲ୍ସର ପ୍ରଥମ ସେମିଫାଇନାଲରେ ଆନ୍ଧ୍ର ପ୍ରଦେଶର ଉମର ଶେଖ୍ ଓ ଆସାମର ଶେଖ୍ ମହମ୍ମଦ ଇଫ୍‌ତିକାର୍ ଯୋଡ଼ି ୬–୩, ୬–୦ ସେଟ୍‌ରେ କର୍ଣ୍ଣାଟକର ଏମ.ଏସ. କ୍ରିଥିକ ଓ ପଶ୍ଚିମବଙ୍ଗର ରୋହିତ ରାମପୁରିଆଙ୍କୁ ପରାସ୍ତ କରିଛନ୍ତି। ଦ୍ୱିତୀୟ ସେମିରେ ସତୀର୍ଥ–ଆଶୁତୋଷ ଯୋଡ଼ି ୬–୪, ୬–୨ ସେଟ୍‌ରେ ଅଂଶୁ ଓ ପ୍ରତ୍ୟୁଷ ମହାନ୍ତି ଯୋଡ଼ିଙ୍କୁ ହରାଇ ଟାଇଟଲ ମୁକାବିଲାରେ ପହଞ୍ଚିଛନ୍ତି।

ନବ ଦାସ ମେମୋରିଆଲ ଟି୨୦ କ୍ରିକେଟ

# ଜ୍ୟୋତି ମୋଟର୍ସ ଚାମ୍ପିୟନ

ଭୁବନେଶ୍ୱର, ୨୧।୨(କ୍ରୀଡ଼ା ପ୍ରତିନିଧି)

ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ୨ୟ ନବଦାସ ମେମୋରିଆଲ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଜ୍ୟୋତି ମୋଟର୍ସ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଜ୍ୟୋତି ମୋଟର୍ସ ୯ ରନରେ ବିହାରୀଲାଲ ଫାଇଟର୍ସକୁ ପରାସ୍ତ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜ୍ୟୋତି ମୋଟର୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୪୪ ରନ କରିଥିଲା। ଦଳ ପକ୍ଷରୁ ଆଲୋକ ସାହୁ ସର୍ବାଧିକ ୪୪ ଓ ସିଦ୍ଧାନ୍ତ ଜେନା ୩୧ ରନ କରିଥିଲେ। ପ୍ରତିପକ୍ଷ ଦଳର ତପେନ୍ଦ୍ର ସିଂ ଓ ପ୍ରଦୀପ ଦାସ ୩ଟି ଲେଖାଏ ଉଇକେଟ ନେଇଥିଲେ। ୧୪୫ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ବିହାରୀଲାଲ ଫାଇଟର୍ସ ପୂରା ୨୦ ଓଭର ଖେଳିଥିଲେ ହେଁ ୮ ଉଇକେଟ ହରାଇ ୧୩୫ ରନ କରିବାକୁ ସକ୍ଷମ ହୋଇଥିଲା। ସୁନୀଲ ସାହୁ ୩୭ ବଲ୍‌ରୁ ୫୬ ଓ ସେକ୍ ସଲମାନ ୨୩ ରନ କରିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ବିଜୟୀ ଦଳର ଆଲୋକ ସାହୁ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଆଲୋକ ସାହୁ ମ୍ୟାନ ଅଫ ଦି ମ୍ୟାଚ ଓ ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଚାମ୍ପିୟନ ଜ୍ୟୋତି ମୋଟର୍ସ ଦଳକୁ ଟ୍ରଫି ସହ ୨୫,୦୦୦ ଓ ରନର୍ସଅପ୍ ବିହାରୀଲାଲ ଫାଇଟର୍ସ ଦଳକୁ ୧୫,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ଯୁବ ନେତା ସତ୍ୟଜିତ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଚାମ୍ପିୟନ ଜ୍ୟୋତି ମୋଟର୍ସ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଟି୨୦ରେ ଆୟ୍ୟାରଙ୍କ ରେକର୍ଡ

ନୂଆଦିଲ୍ଲୀ,୨୧।୨- ଶ୍ରେୟାଶ ଆୟ୍ୟାର ଟି୨୦ ଫର୍ମାଟ୍‌ରେ ଭାରତୀୟଙ୍କ ମଧ୍ୟରେ ସର୍ବାଧିକ ବ୍ୟକ୍ତିଗତ ରନ୍ କରିବାର ରେକର୍ଡ ନିଜ ନାମରେ କରିଛନ୍ତି। ଇନ୍ଦୋରଠାରେ ସିକ୍କିମ ବିପକ୍ଷରେ ଗୁରୁବାର ଖେଳାଯାଇଥିବା ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟର ଗ୍ରୁପ୍ ସି' ମ୍ୟାଚ୍‌ରେ ମୁମ୍ବାଇ ପକ୍ଷରୁ ଆୟ୍ୟାର ୫୫ ବଲ୍‌ରୁ ବିସ୍ଫୋରକ ୧୪୭ ରନ୍ କରିଛନ୍ତି। ଏହା ଯେକୌଣସି ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଲାଗି ସର୍ବାଧିକ ବ୍ୟକ୍ତିଗତ ସ୍କୋର। ତାଙ୍କ ପୂର୍ବରୁ ଟି୨୦ ଫର୍ମାଟ୍‌ରେ ସର୍ବାଧିକ ବ୍ୟକ୍ତିଗତ ରନ୍ କରିବାର ରେକର୍ଡ ଭାରତୀୟ ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ନାମରେ ଥିଲା। ସେ ସନ୍ ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଦିଲ୍ଲୀ ଡେୟାରଡେଭିଲ୍ସ ପକ୍ଷରୁ ୧୨୮ ରନ୍‌ର ପାଳି ଖେଳିଥିଲେ। ଏହି ତାଲିକାରେ ମୁରଲୀ ବିଜୟ (୧୨୭), ସୁରେଶ ରାଇନା (୧୨୬) ଓ ଉନ୍ମୁକ୍ତ ଚାନ୍ଦ (୧୨୫) ରହିଛନ୍ତି। ଆୟ୍ୟାରଙ୍କ ଇନିଂସ୍‌ରେ ୧୫ ଛକା ଓ ୭ ଚୌକା ସାମିଲ ଥିଲା। ତାଙ୍କ ବିସ୍ଫୋରକ ଇନିଂସ୍ ଯୋଗୁ ସିକ୍କିମ ଆଗରେ ମୁମ୍ବାଇ ଦଳ ୨୫୯ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ମ୍ୟାଚ୍‌କୁ ମୁମ୍ବାଇ ଦଳ ୧୫୪ ରନ୍‌ର ବିପୁଳ ବ୍ୟବଧାନରେ ଜିତି ନେଇଥିଲା।

### ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ନେଟ୍‌ବଲ

# ଉତ୍କଳର ତୃତୀୟ ବିଜୟ

ଭୁବନେଶ୍ୱର, ୨୧।୨(କ୍ରୀଡ଼ା ପ୍ରତିନିଧି)

ତାମିଲନାଡୁ କ୍ରୀଡ଼ା ଓ ଶାରୀରିକ ଶିକ୍ଷା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ନେଟ୍‌ବଲରେ ଉତ୍କଳ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଥମ ମ୍ୟାଚରେ ରାଜସ୍ଥାନର ତନ୍ତିଆ ବିଶ୍ୱବିଦ୍ୟାଳୟକୁ ୨୫-୧୦, ଦ୍ୱିତୀୟ ମ୍ୟାଚରେ ଚୌଧୁରୀ ରବୀନ୍ଦ୍ର ସିଂ ବିଶ୍ୱବିଦ୍ୟାଳୟକୁ ୩୫-୧୨ ଓ ତୃତୀୟ ମ୍ୟାଚରେ ବାଙ୍ଗାଲୋର ସେଣ୍ଟ୍ରାଲ ବିଶ୍ୱବିଦ୍ୟାଳୟକୁ ୩୮-୨୩ ପଏଣ୍ଟରେ ପରାସ୍ତ କରିଛି। ଉତ୍କଳ ଏହାର ପରବର୍ତ୍ତୀ ମ୍ୟାଚରେ ତାମିଲନାଡୁର ଆନାମଲେଇ ବିଶ୍ୱବିଦ୍ୟାଳୟକୁ ଭେଟିବ ବୋଲି କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର କବିର ମୋହନ ସେଠୀ ପ୍ରକାଶ କରିଛନ୍ତି।

# ଇଂଲଣ୍ଡର ରେକର୍ଡ ରନ୍ ଚେଜ୍

## ରଏ, ରୁଟ୍‌ଙ୍କ ଶତକ

ବ୍ରିଜ୍‌ଟାଉନ (ବାର୍ବାଡସ), ୨୧।୨(ଏଏଫ୍‌ପି)

ଓପନର୍ ଜାସନ ରଏ ଓ ଜୋ ରୁଟ୍‌ଙ୍କ ଦମ୍‌ଦାର ଶତକ ବଳରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌କୁ ଭ୍ରମଣକାରୀ ଇଂଲଣ୍ଡ ୬ ଉଇକେଟ୍‌ରେ ଜିତିନେଇଛି। ଓପନ୍‌ର କ୍ରିସ ଗେଲ୍‌ଙ୍କ ଛକାବର୍ଷା ଶତକୀୟ ଇନିଂସ ବଳରେ ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ ଉଇକେଟ୍‌ରେ ୩୬୦ ରନ କରିଥିଲା। ଜବାବରେ ଇଂଲଣ୍ଡ ୮ଟି ବଲ ପୂର୍ବରୁ ୪ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। କ୍ରିକେଟ ଇତିହାସରେ ବିଶ୍ୱର ଏହା ୩ୟ ତଥା ଇଂଲଣ୍ଡର ରେକର୍ଡ ଦିନିକିଆ ରନ୍ ଚେଜ୍। ବିଜୟ ସହ ଇଂଲଣ୍ଡ ୫ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ୨ୟ ମ୍ୟାଚ୍ ଶୁକ୍ରବାର ବାର୍ବାଡସରେ ଖେଳାଯିବ।

ଏହି ହାଇସ୍କୋରିଂ ମ୍ୟାଚରେ ଘରୋଇ ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୮ ଉଇକେଟ୍ ବିନିମୟରେ ୩୬୦ ରନର ଏକ ବିଶାଳ ସ୍କୋର କରିଥିଲା। ଦୀର୍ଘ ଦିନପରେ ଦିନିକିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ବିସ୍ଫୋରକ ବ୍ୟାଟ୍ସମ୍ୟାନ ଗେଲ୍‌ଙ୍କ ବ୍ୟାଟ୍‌ରୁ ଏକ ଛକାବର୍ଷା ଶତକୀୟ ଇନିଂସ ଦେଖିବାକୁ ମିଳିଥିଲା। ତାଙ୍କର ୧୨୯ ବଲରୁ ୧୩୫ ରନର ଶତକୀୟ ଇନିଂସ ମଧ୍ୟରେ ୧୨ଟି ଛକା ଓ ମାତ୍ର ୪ଟି ଚୌକା ସାମିଲ ଥିଲା। ଆସନ୍ତା ବିଶ୍ୱକପ୍ ପରେ ଅବସର ନେବାକୁ ଘୋଷଣା କରିସାରିଥିବା ୩୯ ବର୍ଷୀୟ ଗେଲ୍‌ଙ୍କ ଦିନିକିଆରେ ଏହା ୨୪ତମ ଶତକ ଥିଲା। ୩୬୧ ରନର ଟାର୍ଗେଟ୍ ଇଂଲଣ୍ଡ ପାଇଁ କଷ୍ଟସାଧ୍ୟ ଥିଲେ ମଧ୍ୟ ବ୍ୟାଟ୍ସମ୍ୟାନଙ୍କ ମିଳିତ ସଫଳତା ବଳରେ ଦଳ ୪୮.୪ ଓଭରରେ ମାତ୍ର ୪ ଉଇକେଟ୍ ହରାଇ ହାସଲ କରିନେଇଥିଲା। ୬୫ ବଲରୁ ଶତକ ହାସଲ କରିଥିବା ଜାସନ ରଏ ୮୫ ବଲରୁ ୧୨୩ ରନ (୧୫ ଚୌକା, ୩ ଛକା) ମାରାଥନ ଇନିଂସ ଖେଳିଥିଲେ। କାରବୀୟ ମାଟିରେ ଦିନିକିଆ କ୍ରିକେଟରେ ଏହା ଦ୍ରୁତତମ ଶତକ ଥିଲା। ସେହିଭଳି ଅଭିଜ୍ଞ ଜୋ ରୁଟ୍ ମଧ୍ୟ ୯୭ ବଲରୁ ୧୦୨ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଜନୀ ବେୟାରଷ୍ଟୋର (୩୪) ଓ ଅଧିନାୟକ ଇଅନ ମୋର୍ଗାନ (୬୫)ମଧ୍ୟ ବିଜୟରେ ସହାୟତା କରିଥିଲେ। ଓପନିଂ ଯୋଡ଼ିରେ ରଏ-ବେୟାରଷ୍ଟୋ ୯୧ ରନ, ୨ୟ ଉଇକେଟ୍‌ରେ ରଏ-ରୁଟ୍ ୧୧୪ ରନ ଏବଂ ୩ୟ ଉଇକେଟ୍‌ରେ ରୁଟ୍-ମୋର୍ଗାନ ୧୧୬ ରନର ପାର୍ଟନରଶିପ୍ କରିଥିଲେ।



ଜାସନ ରଏ ଓ ଜୋ ରୁଟ୍।

**ସଂକ୍ଷିପ୍ତ ସ୍କୋର**

**ୱେଷ୍ଟଇଣ୍ଡିଜ-** ୩୬୦/୮, ୫୦ ଓଭର (ଗେଲ୍ ୧୩୫, ହୋପ୍ ୬୪, ଆସଲେ ନର୍ସ ୨୫, ଷ୍ଟୋକ୍ସ ୩/୩୭)।

**ଇଂଲଣ୍ଡ-** ୩୬୪/୪, ୪୮.୪ ଓଭର (ରଏ ୧୨୩, ରୁଟ୍ ୧୦୨, ଷ୍ଟୋକ୍ସ ୨୦*, ବଟଲର୍ ୪*, ହୋଲ୍ଡର ୨/୬୩)।

# ଆଫ୍ରିଦୀଙ୍କୁ ଟପିଲେ ଗେଲ୍

ବ୍ରିଜ୍‌ଟାଉନ (ବାର୍ବାଡସ), ୨୧।୨(ଏଏଫ୍‌ପି)

ଅନ୍ତର୍ଜାତୀୟ କ୍ରିକେଟ (ଟେଷ୍ଟ, ଦିନିକିଆ ଓ ଟି୨୦)ରେ ସର୍ବାଧିକ ଛକା ମାରିବା ରେକର୍ଡର ଅଧିକାରୀ ହୋଇଛନ୍ତି ୱେଷ୍ଟଇଣ୍ଡିଜର ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ ଗେଲ୍। ଇଂଲଣ୍ଡ ବିପକ୍ଷରେ ଏଠାରେ ଖେଳାଯାଇଥିବା ଦିନିକିଆ ମ୍ୟାଚ୍‌ରେ ସେ ୧୩୫ ରନର ଶତକୀୟ ଇନିଂସ ଖେଳିଥିଲେ। ଯେଉଁଥିରେ ୧୨ଟି ଛକା ସାମିଲ ରହିଛି। ଏଥିସହ ଅନ୍ତର୍ଜାତୀୟ କ୍ରିକେଟରେ ଗେଲ୍‌ଙ୍କ ମୋଟ୍ ଛକା ସଂଖ୍ୟା ୪୮୮ରେ ପହଞ୍ଚିଛି। ଏହିକ୍ରମରେ ସେ ଭେଟେରାନ ପାକିସ୍ତାନ ଅଲ୍‌ରାଉଣ୍ଡର ଶାହିଦ୍ ଆଫ୍ରିଦୀ (୪୭୬)ଙ୍କୁ ପଛରେ ପକାଇ ଦେଇଛନ୍ତି। ବିଶ୍ୱକପ୍ ପରେ ଅବସର ନେବାକୁ ଘୋଷଣା କରିସାରିଥିବା ୩୯ ବର୍ଷୀୟ ଗେଲ୍ ବର୍ତ୍ତମାନ ସୁଦ୍ଧା ଟେଷ୍ଟରେ ୯୮, ଦିନିକିଆରେ ୨୮୭ ଓ ଟି୨୦ରେ ୧୦୩ ଛକା ମାରିସାରିଲେଣି। ତେବେ ଗେଲ୍ କୌଣସି ସିଙ୍ଗଲ୍ସ ଫର୍ମାଟ୍‌ରେ ଛକା ମାରିବାରେ ଏକାକୀ ଅଗ୍ରଣୀ ହାସଲ କରିପାରିନାହାନ୍ତି।

CLASSIFIED DISPLAY

BREAST REDUCTION
AUGMENTATION
LIPOSUCTION
ABDOMINOPLASTY
RHINOPLASTY
HAIR REMOVAL
XANTHELASMA
MOLES & WARTS REMOVAL
POST-ACNE SCAR TREATMENT
TATOO REMOVAL
HAEMANGIOMA
WRINKLE TREATMENT
FOR ALL YOUR QUERIES :
9238008828
LASER & COSMETIC SURGERY CLINIC
ASHWINI HOSPITAL
SEC.-1, CDA, CUTTACK,

SPOKEN ENGLISH
veta
ଆସନ୍ତୁ ଭଲ ଇଂଲିସ୍ କହିବା
Experts in spoken English
Patia 9337051526
Khandagiri 9338644666
Saheed Nagar 9338154139
Buxi Bazar 9778044550
Balasore 7735033550

FRANCHISE BUSINESS BAZAAR
BHUBANESWAR
BUSINESS OPPORTUNITY SHOW
Place: Pratima Enclave, Flat No.- 202
Near Durga Mandap, Baramunda
Dt.: 23 Feb., 2019
Call Us: 7682051677
100+ BRANDS
Timing: 10.00 A.M. to 06.00 P.M.
Website: www.franchisebusinessbazaar.com

ORANE ଦ୍ୱାରା ହେୟାର୍, ବିୟୁଟି ଓ ମେକ୍‌ଅପ୍‌ର
ଆଡ୍‌ଭାନ୍ସ କୋର୍ସଗୁଡ଼ିକର ଶିକ୍ଷାଦାନ ଆରମ୍ଭ
ମାସିକ 10,000ରୁ 1 ଲକ୍ଷ ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି ଓରେନ୍‌ର ଶିକ୍ଷାର୍ଥୀ
ଭୁବନେଶ୍ୱର: N.S.D.C.ର ଏକ ସର୍ବେକ୍ଷଣ ଅନୁଯାୟୀ 2022 ସୁଦ୍ଧା 1 କୋଟିରୁ ଅଧିକ ବିୟୁଟି ଏକ୍ସପର୍ଟସ୍‌ଙ୍କ ଚାହିଦା ରହିବ। ଏହି ଚାହିଦାକୁ ଦୃଷ୍ଟିରେ ରଖି ବିୟୁଟି କମ୍ପାନୀ ଓରେନ୍ ଦ୍ୱାରା ହେୟାର୍, ବିୟୁଟି ତଥା ମେକ୍‌ଅପ୍‌ର 6-12 ମାସର ଆଡ୍‌ଭାନ୍ସ କୋର୍ସଗୁଡ଼ିକର ଶିକ୍ଷାଦାନ କରାଯାଉଛି।
For Admission Call: 73288-24255, 73288-24260, Plot No 5, Santosh Plaza, Janapath Satya Nagar, Bhubaneswar www.oranebeautyinstitute.com



"Odisha has always strived to provide a hassle-free business environment for industries to operate and now with **Industry Care**, we are taking another step towards achieving that vision."

Take advantage of first-of-its-kind grievance resolution mechanism:
**'Industry Care'**
Officers of all concerned Departments will meet representatives of industrial units at a single office for resolution of grievances

All existing & upcoming industrial units are invited to log their grievances/issues, if any, on the e-Suvidha portal through GO SWIFT (URL: https://investodisha.gov.in/goswift/) In case of any issue with logging the issue through GO SWIFT, **please call us on 1800 345 7111**

**For Industries with investment less than INR 50 crore:**
Issues will be discussed in district-level meetings under the chairpersonship of respective Collectors

**For Industries with investment more than INR 50 crore:**
Visit IPICOL House on the assigned day of the week, as per the table below, between 10.30 AM – 12.30 PM for resolution of respective issues
**District-wise weekly schedule of meetings at IPICOL:**

| Day | Districts |
|---|---|
| Wednesday | Balangir, Bargarh, Boudh, Deogarh, Jharsuguda, Keonjhar, Nuapada, Sambalpur, Sonepur, Sundargarh |
| Thursday | Balasore, Bhadrak, Cuttack, Kendrapada, Khurda, Jajpur, Mayubhanj, Nabarangpur, Nayagrah, Puri |
| Friday | Angul, Dhenkanal, Ganjam, Gajapati, Jagatsighpur, Kalahandi, Kandhamal, Koraput, Malkangiri, Rayagada |

ODISHA NEW OPPORTUNITIES

For further information please visit http://www.investodisha.gov.in/ Contact us at email: info@investodisha.org | Toll Free Number: 1800 345 7111
Download our mobile app 'InvestOdisha' from Follow us on @investInOdisha /investOdisha

DSPL-433
14005/13/0068/1819

www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616
ସମ୍ବଲପୁର, ଶୁକ୍ରବାର, ଫେବୃୟାରୀ ୨୨/୨୦୧୯ Sambalpur, Friday, February 22 / 2019

# ବାସନ୍ଦ ଯୋଗୁ ମୃତଦେହ ଛୁଇଁଲେନି

## ■୫ ଘଣ୍ଟା ପରେ ସ୍ୱେଚ୍ଛାସେବୀ କଲେ ସତ୍କାର



କୁତୁର୍ଲା ଗାଁରେ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍‌ର ସଦସ୍ୟମାନେ ଶବକୁ ସତ୍କାର ପାଇଁ ନେଉଛନ୍ତି ।

**ବଲାଙ୍ଗୀର ଅଫିସ/ଦେଓଗାଁ (ଡି.ଏନ.ଏ.), ୨୧।୨**

ବୈଷୟିକ ଜ୍ଞାନ କୌଶଳରେ ମଣିଷ ସମାଜ ଯେତେ ଉନ୍ନତ ଓ ବିକଶିତ ହେଉଥିବା ଦାବି କଲେ ମଧ୍ୟ ବାସ୍ତବରେ ଆମ ସମାଜରୁ କୁସଂସ୍କାର ଦୂର ହେଉନାହିଁ । ବଲାଙ୍ଗୀର ଜିଲା କୁତୁର୍ଲା ଗାଁରେ ଜାତିଗତ ବାସନ୍ଦ କାରଣରୁ ଗୁରୁବାର ଜଣେ ବୃଦ୍ଧଙ୍କ ମୃତଦେହକୁ ସମ୍ପର୍କୀୟ ଓ ଗାଁ ଲୋକେ ନ ଛୁଇଁବା ଭଳି ଅଭାବନୀୟ ଘଟଣା ଘଟିଛି । ଫଳରେ ମୃତଦେହ ୫ ଘଣ୍ଟା ଘର ଭିତରେ ପଡିରହିଥିଲା । ଏଭଳି ଖବର ପାଇବା ପରେ ବଲାଙ୍ଗୀରର ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍‌ର ସଦସ୍ୟମାନେ ଗାଁରେ ପହଞ୍ଚି ମୃତଦେହକୁ ନେଇ ନିକଟସ୍ଥ ନଦୀପଠାକୁ ନେଇ ସତ୍କାର କରିଥିଲେ ।

ମିଳିଥିବା ସୂଚନା ଅନୁଯାୟୀ, ଦେଓଗାଁ ବ୍ଲକ୍ କୁତୁର୍ଲା ଗାଁର ବଇଦ ଗଡତିଆ (୮୦)ଙ୍କ ଗୁରୁବାର ଦିନ ପ୍ରାୟ ୧୨ଟାରେ ମୃତ୍ୟୁ ହୋଇଥିଲା। ପ୍ରାୟ ୫୫ ବର୍ଷ ତଳେ ବଇଦ ଗଡତିଆ ଭିନ୍ନ ଜାତିର ଜଣେ ଝିଅକୁ ବିବାହ କରିଥିଲେ । ଅନ୍ୟ ଜାତିର ଝିଅକୁ ବିବାହ କରିଥିବାରୁ ଗାଁରେ ତାଙ୍କୁ ଜାତିରୁ ବାସନ୍ଦ କରାଯାଇଥିଲା । ସେଦିନରୁ ବଇଦ ଜାତିଗତ ବାସନ୍ଦର ଶିକାର ହୋଇଆସୁଥିଲେ । ଗୁରୁବାର ତାଙ୍କର ମୃତ୍ୟୁ ହୋଇଯିବା ପରେ ଜାତି ସମାଜ ତାଙ୍କୁ ବାସନ୍ଦ କରିଥିବାରୁ ଗାଁର କୌଣସି ଜାତିଭାଇ, ସମ୍ପର୍କୀୟ କି ଗାଁଲୋକେ ସତ୍କାର କରିବାକୁ ଆସି ନ ଥିଲେ । ଫଳରେ ଦୀର୍ଘ ୫ ଘଣ୍ଟା ଧରି ବଇଦଙ୍କ ମୃତଦେହ ଘର ଭିତରେ ପଡିରହିଥିଲା । ଏହିଘଟଣା ପରେ ତାଙ୍କ ପୁଅ ଦେବାଧି ଗଡତିଆ ଅଡୁଆରେ ପଡିଥିଲେ । କି ଭଳି ବାପାଙ୍କ ସତ୍କାର କରାଯିବ ଚିନ୍ତାରେ ପଡିଥିଲେ । ଖବର ପାଇ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍‌ର ୧୦ ଜଣିଆ ସଦସ୍ୟ ଅପରାହ୍ଣ ପ୍ରାୟ ୫ଟା ପରେ କୁତୁର୍ଲାର ପହଞ୍ଚି ମୃତଦେହକୁ ନିକଟସ୍ଥ ସୋନ୍‌ଗଡ ନଦୀ ପଠାକୁ ନେଇ ସମ୍ମାନର ସହ ସତ୍କାର କରିଥିଲେ । ମୃତକଙ୍କ ପୁଅ ଦେବାଧି ମୁଖାଗ୍ନି ଦେଇଥିଲେ । ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍‌ର ସୋମନାଥ ମିଶ୍ର, ବିବେକାନନ୍ଦ ପଟେଲ, ବ୍ରଜଗୋପାଳ ସିଂ, ତାପସରଞ୍ଜନ ମହାନ୍ତି, ପ୍ରିତମ ବରାଡ଼, ଶେଖର ବାବୁ ପ୍ରମୁଖ ସଂସ୍କାର କାର୍ଯ୍ୟରେ ସହଯୋଗ କରିଥିଲେ । ସଙ୍ଗଠନର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଜିଲାର ବିଭିନ୍ନ ଗାଁରେ ଓ ଜାତି ସମାଜରେ ଏଭଳି କୁସଂସ୍କାରମୂଳକ କାର୍ଯ୍ୟକୁ ନେଇ ଜନସଚେତନତା ସୃଷ୍ଟି କରିବାକୁ ଦାବି ହେଉଛି।

# ପୁଣି ଧରାପଡିଲା ଗୋରୁ ଚୋରାଚାଲାଣ



ଜବତ ଗୋରୁ ବୋଝେଇ ଟ୍ରକ।

■୨୫ ଗୋରୁ ଉଦ୍ଧାର
■ବ୍ୟବହୃତ ଟ୍ରକ୍ ଜବତ
■ଅଭିଯୁକ୍ତ ଫେରାର

**ବୀରମହାରାଜପୁର, ୨୧।୨ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରୁ ଗୋରୁ ଚୋରାଚାଲାଣ ଭଳି ଆପରାଧିକ ଘଟଣା ବଢି ଚାଲିଛି। ଗତମାସରେ ବୀରମହାରାଜପୁର ଥାନା ମୁଷୁଣୀ ଗ୍ରାମବାସୀ ଚୋରାଚାଲାଣ କରୁଥିବା ଏକ କଣ୍ଟେନରକୁ ଅଟକାଇ ୫୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ପୋଲିସ ସହାୟତାରେ ଉଦ୍ଧାର କରିଥିଲେ। ଗୁରୁବାର ଅନୁରୂପ ଏକ ଘଟଣା ସାମ୍ନାକୁ ଆସିଛି। ବୁଧବାର ବିଳମ୍ବିତ ରାତି ପ୍ରାୟ ଗୋଟାଏରେ ସୁବଳୟା ଥାନା ଅଧିନ ଅଡାଲ ଗ୍ରାମବାସୀ ଏକ ଟ୍ରକ୍‌କୁ ସନ୍ଦେହରେ ଅଟକାଇଥିଲେ। ଓଡି-୦୫-ଏଜି-୪୦୭୨ ନମ୍ବର ବିଶିଷ୍ଟ ଟ୍ରକ୍‌ରେ ଅତି ନିର୍ଦ୍ଦୟଭାବେ ବାହାରକୁ ପରିବହନ କରାଯାଉଥିବା ଗୋରୁ ଥିବା ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ବୀରମହାରାଜପୁର ଏସଡିପିଓ ଧୀରଜ ଚୋପଦାର, ସୁବଳୟା ଥାନା ଏସ୍‌ଆଇ ଦିପ୍ତିରଞ୍ଜନ ଦିଗଲ ସଦଳବଳ ସେଠାରେ ପହଞ୍ଚି ଟ୍ରକ୍‌ରୁ ୨୫ ଗୋରୁ ଉଦ୍ଧାର କରିଥିଲେ। ତେବେ ଗୋରୁ ଚୋରାଚାଲାଣକାରୀ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ସୁବଳୟା ପୋଲିସ ଏକ ମାମଲା ନଂ.୧୦/୧୯ ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ତେଣେ ଜବତ ଟ୍ରକ୍‌କୁ ବୀରମହାରାଜପୁର ଥାନା ପରିସରରେ ରାଖାଯାଇଥିବା ବେଳେ ଉଦ୍ଧାର ହୋଇଥିବା ଗୋରୁଙ୍କୁ ସୋନପୁରର ଜଣେ ଗୋପାଳଙ୍କଙ୍କ ଜିମାରେ ଦିଆଯାଇଛି।

## ରାମଭାଲୁ ଛୁଆ ଉଦ୍ଧାର



**ସଜନାଗଡ଼, ୨୧।୨(ଡି.ଏନ.ଏ.):** ନୀଳଗିରି ବ୍ଲକ କୁଲଡ଼ିହା ରେଞ୍ଜରେ ଗୁରୁବାର ଏକ ୬ମାସର ରାମଭାଲୁ ଛୁଆକୁ ଉଦ୍ଧାର କରାଯାଇ ଚିକିତ୍ସା କରାଯାଇଛି। ପୂର୍ବାହ୍ନରେ କୁଲଡ଼ିହା ରେଞ୍ଜ ଅଧୀନ ବୁଲପୁର ପାହାଡ଼ ପାଦଦେଶରୁ ଏକ ରାମଭାଲୁ ଛୁଆକୁ ଫରେଷ୍ଟର ଉମାକାନ୍ତ ଜେନା, ଗାର୍ଡ ଡାଳିମ୍ବ ବେହେରା ଉଦ୍ଧାର କରି କାର୍ଯ୍ୟାଳୟକୁ ଆଣିଥିଲେ। ପରେ ରେଞ୍ଜର ଲକ୍ଷ୍ମଣ ପ୍ରଧାନ ପ୍ରାଣୀ ଡାକ୍ତରଙ୍କୁ ଡକାଇ ତୁରନ୍ତ ଚିକିତ୍ସା କରାଇଥିଲେ।

## ବାଇକ୍ ଦୁର୍ଘଟଣାରେ ୨ ଯୁବକ ମୃତ

**ନୂଆପଡ଼ା ଅଫିସ/କୋମନା,୨୧।୨**

ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ବୁଦ୍ଧିକୋମନାରେ ଏକ ବାଇକ୍ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି । ସେମାନେ ହେଲେ ସରୋଜ କୁମାର ହଂସ ଓରଫ ରିଟର୍ଣ୍ଣ (୨୧) ଏବଂ ଘନଶ୍ୟାମ ବାଗ (୨୦)। ସରୋଜ ଜଣେ ଗାଡି ଡ୍ରାଇଭର ଭାବେ କାମ କରୁଥିବାବେଳେ ଘନଶ୍ୟାମ ସ୍ଥାନୀୟ କଲେଜରେ ଯୁକ୍ତ ୨ ଶ୍ରେଣୀର ଛାତ୍ର ଥିଲେ । ମୃତଦେହକୁ କୋମନା ପୋଲିସ ଉଦ୍ଧାର କରି ବ୍ୟବଚ୍ଛେଦ କରାଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି । ସରୋଜ ଓ ଘନଶ୍ୟାମ ବୁଧବାର ରାତି ସାଢେ ୯ଟାରେ ଘରୁ ଏକ ବାଇକ୍ ଯୋଗେ ଉଦ୍ୟାନବନ୍ଧ ଅଭିମୁଖେ ବାହାରିଥିଲେ। ହେଲେ ବିଳମ୍ବିତ ରାତିରେ ଖବର ଆସିଲା ଯେ ଦୁହେଁ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିବାକୁ ଯିବା ପୂର୍ବରୁ ଘନଶ୍ୟାମଙ୍କ ମୃତ୍ୟୁ ହୋଇ ସାରିଥିଲା । ସରୋଜଙ୍କୁ କୋମନା ଡାକ୍ତରଖାନାକୁ ନେବା ବାଟରେ ମୃତ୍ୟୁ ଘଟିଥିଲା । ସରୋଜଙ୍କ ଦୁଇଗୋଡରେ ଆଘାତ ଲାଗିଥିବା ବେଳେ ବାଇକର କେବଳ ବାମପାର୍ଶ୍ୱ ଦର୍ପଣ ଭାଙ୍ଗିଥିଲା । ଏହା ଦୁର୍ଘଟଣା ନା ଅନ୍ୟ କିଛି ବୋଲି ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ପୋଲିସ ତଦନ୍ତ ଜାରି ରଖିଛି ।

# କଦମ୍ବଗୁଡ଼ା ଛକରେ ମାଓବାଦୀ ପୋଷ୍ଟର

**ଲାଞ୍ଜିଗଡ଼,୨୧।୨(ଡି.ଏନ.ଏ.)**

କିଛି ଦିନର ନିରବତା ପରେ ଗୁରୁବାର ମାଓବାଦୀ ସଂଗଠନ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ରୋଡ ନିକଟସ୍ଥ କଦମ୍ବଗୁଡା ଛକରେ ପୋଷ୍ଟର ମାରି ନିଜର ଉପସ୍ଥିତି ଜାହିର କରିଛି। ପୂର୍ବରୁ କଦମ୍ବଗୁଡା ଛକ ନିକଟରେ ନିମ୍ନମାନର କାମକୁ ବିରୋଧ କରି ମାଓବାଦୀମାନେ ଜଣେ ଠିକାଦାରଙ୍କ ମିକ୍ସର ମେଶିନ ଜାଳି ଦେଇଥିଲେ। ସେଦିନଠାରୁ ଅଞ୍ଚଳରେ ମାଓବାଦୀଙ୍କ ଗୁପ୍ତ ଗତିବିଧି ଜାରି ରହିଥିଲେ ହେଁ ଖୋଲାଖୋଲି ସାମ୍ନାକୁ ଆସି ନ ଥିଲେ । ବୁଧବାର ରାତିରେ କଦମ୍ବଗୁଡା ଛକରେ ପୋଷ୍ଟର ମାରି ମାଓବାଦୀ ସଙ୍ଗଠନ ନିଜର ଦବଦବା ଜାହିର କରିଥିବାବେଳେ ପୋଷ୍ଟର ଜରିଆରେ ସିଆର୍‌ପିଏଫ୍ ଓ ଏସ୍‌ଓଜିର କୋମ୍ବିଂ ଅପରେଶନ୍ ବନ୍ଦ କରିବା, ଆଦିବାସୀଙ୍କୁ ଜୁଲମ କରିବା ଆଦିକୁ ବିରୋଧ କରିବା ସହ ଅର୍ଥ ଲୋଭରେ ପୋଲିସ ଇନ୍‌ଫର୍ମର୍ କାମ କଲେ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ମାଓବାଦୀ ସଙ୍ଗଠନ ପୋଷ୍ଟାରେ ଚେତାବନୀ ଦେଇଛି । ସେହିପରି ପୁଲୱାମା ଆକ୍ରମଣ ପାଇଁ କେନ୍ଦ୍ର ସରକାର ହିଁ ଦାୟୀ ବୋଲି ଅଭିଯୋଗ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ପୋଷ୍ଟରରେ ବିରୋଧ କରିଛି ମାଓବାଦୀ ସଂଗଠନ । ପୋଷ୍ଟର ସମ୍ପର୍କରେ ଗୁରୁବାର ସକାଳୁ ଜଣାପଡ଼ିବା ପରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି । ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ସଜବାଜ ହେଉଥିବା ଜଣାପଡିଛି ।



ମାଓବାଦୀ ପୋଷ୍ଟର ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ମନୁଷ୍ୟ ଯେତେବେଳେ ସଦ୍‌ଗୁଣଗୁଡ଼ିକ ହରାଇ ଦେଉଥାଏ, ସେତିକିବେଳେ ତା'ର ଧନ ପ୍ରତି ଲୋଭ ବଢ଼ି ଯାଉଥାଏ।
- ଜନ୍‌ସନ୍

## ସଂକ୍ଷେପରେ

### ସୋସିଆଲ ମିଡିଆର ଲୋଗୋ ଉନ୍ମୋଚନ

ବିଜେପୁର,୨୧।୨(ଡି.ଏନ.ଏ.)- ବରଗଡ଼ ଜିଲା ବିଜେପୁର ବ୍ଲକ ଅଧୀନ ତାଲପଦରଠାରେ ଅନୁଷ୍ଠିତ ଉତାଲଗଡ଼ ନାଟ୍ ଉଚ୍ଛବ୍ ସମାରୋହରେ ଏସ୍‌କେଏସ୍ ମିଡ଼ିଆର ଲୋଗୋ ଉନ୍ମୋଚନ ହୋଇଯାଇଛି। ସଂଗଠକ ଦିଲୀପ କୁମାର ଦେବତାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ଉତ୍ପନ୍ନ ଭୋଇ ମୁଖ୍ୟଅତିଥି, ଖଗେଶ୍ୱର ସାହିତ୍ୟ ସଂସଦର ସମ୍ପାଦକ ରାଜେଶ୍ୱର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲୋଗୋର ଉନ୍ମୋଚନ କରିଥିଲେ। ପ୍ରଯୋଜକ ଜିତେନ୍ଦ୍ର ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅଧାପକ ଶୁଶାନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଯୋଜକ ମେହେରଙ୍କ ସୂଚନା ମୁତାବକ, ୟ୍ୟୁଟ୍ୟୁବ୍ ଜରିଆରେ ଏସ୍‌ଏକେଏସ୍ ମିଡ଼ିଆ ବିଜେପୁରେ ଗ୍ରାମାଞ୍ଚଳର ବିଭିନ୍ନ କବିତା ଓ କାବ୍ୟ ଦେଖିବାକୁ ପାଇବେ। ଶେଷରେ ଖଗେଶ୍ୱର ସାହିତ୍ୟ ସଂସଦର ସହ ସମ୍ପାଦକ ହୃଦମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

ବାଉଁଶୁଣୀ,୨୧।୨(ଡି.ଏନ.ଏ)- ବୌଦ୍ଧ ବ୍ଲକ ଅଧୀନ ଲେସରନା ପଞ୍ଚାୟତ ମାନେଶ୍ୱର ଛକଠାରେ ଏକ ବାଇକ ଦୁର୍ଘଟଣାରେ ଏସ୍‌ଆଇଙ୍କ ସମେତ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ବାଉଁଶୁଣୀ ଥାନା ଭ୍ୟାନ ଗାଡି ବୌଦ୍ଧରୁ ତେଲ ସଂଗ୍ରହ କରିବାକୁ ଯାଇଥିଲା। କାମ ସାରି ଫେରିବା ସମୟରେ ମାନେଶ୍ୱର ଛକଠାରେ ଜଣେ ଯୁବକ ମଦ୍ୟପାନ କରି ରାସ୍ତା ଉପରକୁ ଚାଲିଆସିଥିଲେ। ଯୁବକକୁ ଉଠାଇବାକୁ ବାଉଁଶୁଣୀ ଥାନା ଏସ୍‌ଆଇ ନିକୁଞ୍ଜବନ ବାଘ (୪୭) ଯାଇଥିଲେ। ସେତିକିବେଳେ ବୌଦ୍ଧରୁ ଆସୁଥିବା ଏକ ବାଇକ୍ ଭାରସାମ୍ୟ ହରାଇ ଏସ୍‌ଆଇ ବାଘଙ୍କୁ ଧକ୍କା ଦେଇଥିଲା। ଏଥିରେ ଏସ୍‌ଆଇ ବାଘ ଗୁରୁତର ଆହତ ହେବା ସହ ବାଇକ୍ ଚାଳକ ମଧ ଆହତ ହୋଇଥିବା ଜଣାପଡିଛି। ସ୍ଥାନୀୟ ଲୋକେ ସେମାନଙ୍କୁ ବାଉଁଶୁଣି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କିରିଥିଲେ।

### ଜାମଟିକ୍ରାରେ ଯୋଗ ଶିବିର

ଜାମଟିକ୍ରା,୨୧।୨(ଡି.ଏନ୍.ଏ.) ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଜାମଟିକ୍ରା ଗ୍ରାମରେ ପତଞ୍ଜଳି ଯୋଗପୀଠ ହରିଦ୍ୱାରର ତତ୍ତ୍ୱାବଧାନରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ବୁଧବାର ଆରମ୍ଭ ହୋଇଥିବା ଏହି ଶିବିର ୫ଦିନ ପର୍ଯ୍ୟନ୍ତ ଚାଲିବ। ଶିବିରରେ ଆଖପାଖ ଅଞ୍ଚଳର ଜନସାଧାରଣ ସାମିଲ ହୋଇ ସକାଳ ଓ ସନ୍ଧ୍ୟାରେ ଯୋଗ ଶିକ୍ଷା ପ୍ରଶିକ୍ଷଣ ନେଉଛନ୍ତି। ଆନନ୍ଦ ପଧାନ, ରାଜୀନ୍ଦ୍ର ପଧାନ, ପଞ୍ଚାନନ ପଧାନ, ଶୁଶି ରାଉତ ପ୍ରମୁଖ ଏହାର ନେତୃତ୍ୱ ନେଇଛନ୍ତି। କର ଯୋଗ, ରହ ନୀରୋଗ ଆଦି ସ୍ଲୋଗାନମାନ ଦେଇ ଏକ ସଚେତନତା ଶୋଭାଯାତ୍ର ଗାଁ ପରିକ୍ରମା କରିଥିଲା।

# ବରଗଡ଼ରେ ବିଶ୍ୱ ମାତୃଭାଷା ଦିବସ

ବରଗଡ଼ ଅଫିସ୍,୨୧।୨

ବରଗଡ଼ରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁରୁବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ସମ୍ବଲପୁରୀ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ହୋଇଥିଲା । ନରେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଶ୍ୟାମସୁନ୍ଦର ଧର ମୁଖ୍ୟଅତିଥି ଏବଂ ସମାଜିକ କର୍ମୀ ଗୋବିନ୍ଦ ନାଗ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧନପତି ମହାପାତ୍ର, ପବିତ୍ର ମୋହନ ପାତ୍ର, ହରିଲାଲ ସାହୁ, ଶରତ ଚନ୍ଦ୍ର ପାଢ଼ୀ ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ। ପଶ୍ଚିମାଞ୍ଚଳ ଏକତା ମଞ୍ଚର ପଙ୍କଜିନୀ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଜିତ ଭାଇ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିଶୁ କଳାକାର ଆଭାରାଣୀ ଓ ଅର୍ପିତା ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ଅତିଥିମାନେ ବାସପତ୍ରୀ ସାହିତ୍ୟ ସଂସଦ, ସହରାଟିକ୍ରାର କବି ଗୁଣନିଧି ଭୋଇଙ୍କ ଏକ କବିତା ବହି ଖଣ୍ଖ୍ରସା ଉନ୍ମୋଚନ କରିଥିଲେ । ସଙ୍ଗୀତା ପଣ୍ଡା, ଧ୍ରୁବ ପ୍ରଧାନ, ନାରାୟଣ ଭୋଇଙ୍କ ସଂଯୋଜନାରେ କବିମାନେ କବିତା ପାଠ କରିଥିଲେ । ସେହିପରି ବରଗଡ଼ ପୌର ପରିଷଦ ଅନ୍ତର୍ଗତ ରାଣାପ୍ରତାପ ହାଇସ୍କୁଲରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ମନୋରମା ଷଡ଼ଙ୍ଗୀ, ଭାବନା ସାହୁ ସଂଯୋଜନା କରିଥିଲେ। ଶିକ୍ଷକ ଡାକ୍ତର ଭୋଇ, ମୀନା ପଣ୍ଡା, ନମିତା ବଡ଼ପଣ୍ଡା, ସୁନିତା ମିଶ୍ର, ଜ୍ୟୋତ୍ସ୍ନା ସାହୁ, ସୁଧାଂଶୁ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।



ବିଶ୍ୱ ମାତୃଭାଷା ଦିବସରେ ସମ୍ବଲପୁରୀ କବିତା ବହି ଉନ୍ମୋଚନ କରାଯାଉଛି।

ବୌଦ୍ଧରେ ନବ ନିର୍ମାଣ କୃଷକ ସଂଗଠନର ଓଡିଶା ବନ୍ଦ

# ସହରରେ ଆଂଶିକ, ଗ୍ରାମାଞ୍ଚଳରେ ପ୍ରଭାବଶୂନ୍ୟ

ବୌଦ୍ଧ, ୨୧।୨(ସ୍ୱ.ପ୍ର.)

ସାରା ରାଜ୍ୟରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଚାଷୀଙ୍କୁ ପୋଲିସର ମାତ୍ରାଧିକ କାର୍ଯ୍ୟକଳାପ ବିରୋଧରେ ଚାଷୀ ବଞ୍ଚାଅ, ଗଣତନ୍ତ୍ର ବଞ୍ଚାଅ ଡାକରା ଦେଇଥିବା ସହ ଗୁରୁବାର ସାରା ରାଜ୍ୟରେ ବନ୍ଦ ପାଳନ ଡାକରା ଦେଇଥିଲା। ଚାଷୀଙ୍କୁ ପ୍ରାଇସ, ପ୍ରେଷ୍ଟିଜ ଓ ପେନସନ ଦାବିରେ ଏହି ବନ୍ଦ ଡାକରାରେ ବୌଦ୍ଧ ଜିଲା ନବ ନିର୍ମାଣ କୃଷକ ସଂଗଠନ ମଧ୍ୟ ସାମିଲ ହୋଇ ଜିଲାରେ ବନ୍ଦ ପାଳନ କରିଥିଲା। ବୌଦ୍ଧରେ ଏହି ବନ୍ଦର ମିଶ୍ରିତ ପ୍ରଭାବ ପଡିଥିଲା । ନବ ନିର୍ମାଣ ସଂଗଠନର କର୍ମକର୍ତ୍ତା ସକାଳ ୮ଟାରେ ସହରର ଏନସି ଛକ ଓ ବ୍ରିଜ ଛକଠାରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଥିଲେ । ଅବରୋଧ ଯୋଗୁଁ ଗାଡି ଚଳାଚଳ ବ୍ୟାହତ ହୋଇପଡିଥିଲା । ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସହରର ସମସ୍ତ ଦୋକାନ ବଜାର, ସ୍କୁଲ କଲେଜ ଖୋଲା ରହିଥିବା ବେଳେ ବ୍ୟାଙ୍କଗୁଡିକ ବନ୍ଦ ରହିଥିଲା । ସଂଗଠନର କର୍ମକର୍ତ୍ତା ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ । ଏହି ବନ୍ଦରେ ଭାଜପା ଓ କଂଗ୍ରେସ ଦଳ ସମର୍ଥନ ଦେବାକୁ ଘୋଷଣା କରିବେଳେ ବୌଦ୍ଧରେ ଏହାର କୌଣସି ଚିତ୍ର ଦେଖିବାକୁ ମିଳି ନ ଥିଲା । ଜିଲାର ହରଭଙ୍ଗା ଓ କଣ୍ଟମାଳ ବ୍ଲକରେ ବନ୍ଦ ପ୍ରଭାବଶୂନ୍ୟ ହୋଇଥିଲା। ଏହି ବନ୍ଦରେ ବୌଦ୍ଧ ଜିଲା ନବନିର୍ମାଣ କୃଷକ ସଂଗଠନ ସଭାପତି ନରେନ୍ଦ୍ର କୁମାର ସାହୁ, କୋଷାଧକ୍ଷ ପୁର୍ଣ୍ଣଚନ୍ଦ୍ର ମହାକୁଡ, ସମ୍ପାଦକ ଜୀବନ ଶତପଥୀ, ବାସୁଦେବ ପ୍ରଧାନ, ପ୍ରସନ୍ନ କୁମାର ପ୍ରଧାନ, ସମରେଶ ମିଶ୍ର, ବିଶିକେସନ ପ୍ରଧାନ, ତ୍ରିପୁରାରୀ ନାଏକ ଓ କେତେକ ଚାଷୀ ନେତା ସାମିଲ ଥିଲେ।

## ୨୫ରୁ ସର୍ବଭାରତୀୟ ଡିଏସ୍ କପ୍ ଫୁଟବଲ୍

ବୌଦ୍ଧ, ୨୧।୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ଫୁଟବଲ୍‌ଆସୋସିଏଶନ ଦ୍ୱାରା ଆୟୋଜିତ ହୋଇ ଆସୁଥିବା ୧୪ତମ ସର୍ବଭାରତୀୟ ଡିଏସ୍ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କଚେରି ପଡିଆଠାରେ ଆସନ୍ତା ୨୫ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୩ତାରିଖରେ ଶେଷ ହେବ । ଅଲ ଇଣ୍ଡିଆ ଫୁଟବଲ ଫେଡରୋନ ନୂଆଦିଲ୍ଲୀ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ଟୁର୍ଣ୍ଣାମେଣ୍ଟରେ ଓଡିଶାର ୫ଟି ଦଳ ସହ ପଶ୍ଚିମବଙ୍ଗ, ଛତିଶଗଡ ଓ ଝାଡଖଣ୍ଡର ଫୁଟବଲ୍ ଦଳ ଭାଗ ନେଉଛନ୍ତି। ବୌଦ୍ଧ ଜିଲା ଏକାଦଶ, ସମ୍ବଲପୁର ଫୁଟବଲ ଏକାଡେମୀ, କୋଲକତା ଫୁଟବଲ ସ୍କୁଲ, ସଂଘର୍ଷ କ୍ଲବ ଭୁବନେଶ୍ୱର, ନ୍ୟୁ ସ୍ପୋର୍ଟିଂ ସଙ୍କର କ୍ଲବ ଭିଲାଇ ଛତିଶଗଡ, ଓଡିଶା ପୋଲିସ କଟକ, ସ୍ପୋର୍ଟିଂ କ୍ଲବ ଚକ୍ରଧରପୁର ଝାରଖଣ୍ଡ, ମଙ୍ଗଳା କ୍ଲବ କଟକ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ। ୨୭ତାରିଖରେ ପ୍ରଥମ ସେମିଫାଇନାଲ, ମାର୍ଚ୍ଚ ୨ତାରିଖରେ ଦ୍ୱିତୀୟ ସେମିଫାଇନାଲ ଏବଂ ମାର୍ଚ୍ଚ ୩ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ମ୍ୟାଚଗୁଡିକ ଅପରାହ୍ଣ ୨ଟା ୩୦ ମିନିଟରୁ ଆରମ୍ଭ ହେବ। ଚାମ୍ପିୟନ ଦଳକୁ ୩୩ହଜାର ଟଙ୍କା ନଗଦ ସହ ଟ୍ରଫି ଓ ଉପବିଜେତା ଦଳକୁ ୨୨ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଜିଲା ଫୁଟବଲ୍ ଆସୋସିଏଶନ ସଭାପତି ଲମ୍ବୋଦର ପୁରୋହିତ ଓ ସମ୍ପାଦକ ଯୁଗଳ କିଶୋର ସାମଲ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

## ବୌଦ୍ଧ ଜିଲା: ୩୨ କେନ୍ଦ୍ରରେ ୭୦୬୪ ପରୀକ୍ଷାର୍ଥୀ

ବୌଦ୍ଧ, ୨୧।୨(ସ୍ୱ.ପ୍ର.) ଶୁକ୍ରବାର ସାରା ରାଜ୍ୟରେ ଆରମ୍ଭ ହେବାକୁ ଯାଉଛି ମାଟ୍ରିକ ପରୀକ୍ଷା । ବୌଦ୍ଧ ଜିଲାରେ ଚଳିତ ବର୍ଷ ୩୨ଟି ପରୀକ୍ଷା କେନ୍ଦ୍ରରେ ୭୦୬୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ଜିଲା ଶିକ୍ଷା ବିଭାଗରୁ ଜଣାପଡିଛି । ଏହି ପରୀକ୍ଷା ୨୨ ତାରିଖଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୮ ତାରିଖରେ ଶେଷ ହେବ । ସହରର ଯୋଗିନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ, କଣ୍ଟମାଳ ବ୍ଲକର କଣ୍ଟମାଳ ଉଚ୍ଚ ବିଦ୍ୟାଳୟ ଓ ହରଭଙ୍ଗା ବ୍ଲକର ପୁରୁଣାକଟକ ଉଚ୍ଚ ବିଦ୍ୟାଳୟଠାରେ ନୋଡାଲ ସେଣ୍ଟର ହୋଇଛି ।

# ଘୋଷଣାରେ ବାସ୍ତବତା ନାହିଁ- ଭାଜପା



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ ।

ବରଗଡ଼ ଅଫିସ୍,୨୧।୨

ବରଗଡ଼ ଜିଲା ସୋହେଲା ଇଚ୍ଛାପାଲି କାଳିଆ ଚାଷୀ ମହାସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳିଆ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ ସହିତ ୧୪ଲକ୍ଷ ଚାଷୀଙ୍କୁ ୭୦୦କୋଟି ପ୍ରଦାନ କରିଛନ୍ତି । ତେବେ ରାଜ୍ୟ ସରକାରଙ୍କ ଏହି କାଳିଆ ଯୋଜନା ଚାଷୀଙ୍କ ପାଇଁ ଏକ ପ୍ରତାରଣା ବୋଲି ଭାଜପା କହିଛି । ବରଗଡ଼ରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ କହିଥିଲେ, କାଳିଆ ଯୋଜନାରେ ପ୍ରଥମେ ୱେବସାଇଡ୍‌ରେ ଯେଉଁ ତାଲିକା ପ୍ରକାଶ ପାଇଥିଲା । ସେଥିରେ ଏବେ ଅନେକ ଚାଷୀଙ୍କ ନାମକୁ ଉଡ଼ାଇ ଦିଆଯାଇଛି । ଅନ୍ୟପଟେ ଦ୍ୱିତୀୟ ପର୍ଯ୍ୟାୟରେ ୧୪ଲକ୍ଷ ଚାଷୀଙ୍କୁ ୭୦୦କୋଟି କାଳିଆ ଯୋଜନା ସହାୟତା ପ୍ରଦାନ କରାଗଲା ବୋଲି ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି । ସେହିପରି ଚିନିକଳ ପୁନରୁଦ୍ଧାର, କ୍ୟାନସର ହସ୍ପିଟାଲ ସ୍ଥାପନ ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ତେବେ ମୁଖ୍ୟମନ୍ତ୍ରୀଙ୍କ ସେଭଳି କଥାରେ କୌଣସି ବାସ୍ତବତା ନାହିଁ ବୋଲି ପୁରୋହିତ କହିଛନ୍ତି। ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଭୁଲ ତଥ୍ୟ ଦେଇ ବାରମ୍ବାର ପ୍ରତାରଣା କରି ଚାଲିଛନ୍ତି ବୋଲି ପୁରୋହିତ କହିଥିଲେ। ସେହିପରି ଅଧାପନ୍ତରିଆ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ପ୍ରତାରଣା ଛଡ଼ା ଅନ୍ୟକିଛି ନୁହେଁ ବୋଲି ଖବରଦାତା ସମ୍ମିଳନୀରେ ପୁରରୋହିତ ପ୍ରକାଶ କରିଥିଲେ । ଅନ୍ୟପକ୍ଷେ କାଳିଆ ଯୋଜନା ସ୍ଥାୟୀ ନୁହେଁ ଏବଂ ପ୍ରଧାନମନ୍ତ୍ରୀ କିଷାନନିଧି ଯୋଜନାରେ ଚାଷୀମାନେ ବାର୍ଷିକ ୬ହଜାର ଟଙ୍କା ଲେଖାଏଁ ପାଇ ଉପକୃତ ହେବେ ବୋଲି ପୁରୋହିତ କହିଥିଲେ । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ସଭାପତି ଡା.ଅରୂପାନନ୍ଦ ସାହୁ, ସୁରେଶ୍ୱର ଶତପଥୀ, ରବି ନାରାୟଣ ଦାଶ, ଅଶୋକ ପଣ୍ଡା, ସୌରୀଚରଣ ବାରିକ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ୨୬ ଏକର ଜମି ହସ୍ତାନ୍ତର

ବୌଦ୍ଧ,୨୧।୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ୨୬ ଏକର ଜମି ଖୋର୍ଦ୍ଧା ବଲାଙ୍ଗୀର ରେଳ ପ୍ରକଳ୍ପ ନିର୍ମାଣ ପାଇଁ ହସ୍ତାନ୍ତର କରାଯାଇଛି। ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା- ବଲାଙ୍ଗୀର ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବୌଦ୍ଧ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ଜିଲାପାଳ ଶୀତାଂଶୁ କୁମାର ରାଉତ ହରଭଙ୍ଗା ବ୍ଲକ ରାଣୀଗଞ୍ଜର ୧୧.୨୧୦ ଏକର, ସଲାଗଡୁ ଗ୍ରାମର ୧୧.୭୫୦ ଏକର ଏବଂ ଉଦେପୁର ଗ୍ରାମର ୩.୨୨୦ ଏକର ଜମି ଅଧିଗ୍ରହଣ କରି ରେଳ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏହି ପ୍ରକଳ୍ପର ସିଂହ ଭାଗ ବୌଦ୍ଧ ଜିଲାରେ ନିର୍ମାଣ ହେବାକୁ ଥିବାବେଳେ ଜମି ଅଧିଗ୍ରହଣ ପ୍ରକିୟା ତୁରନ୍ତ ଶେଷ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଉଠିଲା ଧାରଣା

ବରଗଡ଼ ଅଫିସ୍,୨୧।୨

ବକେୟା ଦରମା ପ୍ରଦାନ ସମେତ ଆଖୁଚାଷୀ ଓ କାରଖାନା ସମସ୍ୟାର ସମାଧାନ ଦାବି ନେଇ ଜିଲାପାଳଙ୍କ ଅଫିସ ଆଗରେ ବରଗଡ଼ ସହର ଉପକଣ୍ଠ ତୋରାସ୍ଥିତ ଚିନିକଳ କର୍ମଚାରୀ ଓ ଚାଷୀ ସମନ୍ୱୟ ସମିତି ପକ୍ଷରୁ ଚାଲିଥିବା ଧାରଣା ଗୁରୁବାର ପ୍ରତ୍ୟାହୃତ ହୋଇଛି। ସୋହେଲା ବ୍ଲକ ଇଚ୍ଛାପାଲି କାଳିଆ ଚାଷୀ ମହାସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ଚିନିକଳ ପୁନରୁଦ୍ଧାର ତଥା କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ ୨୧କୋଟି ଟଙ୍କାର ଅନୁଦାନ ଘୋଷଣା କରିବା ପରେ ୭୩ ଦିନ ଧରି ଧାରଣାରେ ବସିଥିବା କର୍ମଚାରୀ ଓ ଚାଷୀ ଧାରଣାରୁ ଓହରିଛନ୍ତି । ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀ ସୁଶାନ୍ତ ସିଂ, ରାଜ୍ୟସଭା ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଚାଷୀ କର୍ମଚାରୀ ସମନ୍ୱୟ ସମିତି ଧନ୍ୟବାଦ ଜଣାଇଛନ୍ତି। ସେହିପରି ଏଥିରେ ବରଗଡ଼ ଜିଲାପାଳ, ଚିନିକଳ ପରିଚାଳନା ନିର୍ଦ୍ଦେଶକ ଏବଂ ବିଭାଗୀୟ ରେଜିଷ୍ଟ୍ରାରଙ୍କ ଭୂମିକାକୁ ମଧ ସମିତି ପକ୍ଷରୁ ସାଧୁବାଦ ଜଣାଯାଇଛି ।

## ଗଛ କଟାକୁ ନେଇ ଆକ୍ରମଣ: ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ମନମୁଣ୍ଡା,୨୧।୨(ଡି.ଏନ.ଏ.)- ମନମୁଣ୍ଡା ଥାନା ବଉଲସିଂହା ଗ୍ରାମରେ ଗଛ କଟାକୁ କେନ୍ଦ୍ରକରି ଶ୍ରୀଧର ମହାକୁଡ ନାମକ ଜଣେ ବ୍ୟକ୍ତିଙ୍କୁ ଟାଙ୍ଗିଆରେ ଆକ୍ରମଣ ହୋଇଛି। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ବଉଲସିଂହା ଗ୍ରାମର ପ୍ରେମାନନ୍ଦ ସାହୁ(୩୦), ସ୍ୱାଧୀନ ସାହୁ(୩୫) ଏବଂ ବିରାଟ ସେଠୀ। ଶ୍ରୀଧରଙ୍କ ଭାଇ ପୁରନ୍ଦରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୪୫/୧୯) ରୁଜୁ କରି ଅଧିକ ତଦନ୍ତ ଚଲାଇଥିବା ମନମୁଣ୍ଡା ଥାନା ଏଏସ୍‌ଆଇ ପାଣ୍ଡବ ଜେନା କହିଛନ୍ତି।

## ବାର୍ତ୍ତା



ଚଳିତ ୨୦୧୯ ମସିହାର ବାର୍ଷିକ ହାଇସ୍କୁଲ, ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷା ସମଗ୍ର ରାଜ୍ୟରେ ଫେବୃଆରୀ ୨୨ ତାରିଖରୁ ମାର୍ଚ୍ଚ ୦୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ଅବସରରେ ସବୁ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ପରୀକ୍ଷାର୍ଥୀମାନେ ଯେପରି ସୁସ୍ଥ ପରିବେଶରେ ପରୀକ୍ଷା ଦେବାର ସୁଯୋଗ ପାଇପାରିବେ, ସେଥିପାଇଁ ମୁଁ ରାଜ୍ୟର ଜନସାଧାରଣ, ଅଭିଭାବକ ତଥା ଛାତ୍ରଛାତ୍ରୀ ମାନଙ୍କର ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ
( ନବୀନ ପଟ୍ଟନାୟକ )

## ବାର୍ତ୍ତା



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ଚଳିତ ମାସ ୨୨ ତାରିଖରୁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସର୍ବ ସଫଳତା କାମନା କରୁଛି । ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତିଭୂମୀ ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ଅତ୍ୟଧିକ ଚାପର ବଶବର୍ତୀ ନ ହୋଇ ଛାତ୍ରଛାତ୍ରୀମାନେ ଉତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ । ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ । ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି ।

ବଦ୍ରି ନାରାୟଣ ପାତ୍ର
(ବଦ୍ରି ନାରାୟଣ ପାତ୍ର)

# ବରଗଡ଼ରେ ଜାତୀୟ ଭାଷା ସମ୍ମିଳନୀ

ବରଗଡ଼ ଅଫିସ୍,୨୧।୨

ଆନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ ଗୁରୁବାର ବରଗଡ଼ଠାରେ କୋସଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜାତୀୟ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନହଲରେ ଅନୁଷ୍ଠିତ ସମ୍ମଳନୀରେ ବହୁ ଭାଷାକର୍ମୀ ଯୋଗଦେଇ ମୁଖ୍ୟତଃ ଅଣସ୍ୱୀକୃତ ଭାଷାର ହକ୍ ବିଷୟରେ ଆଲୋଚନା କରିଥିଲେ । ଆଲୋଚନାରେ ଡ. ଜୋଗା ସିଂ(ପଞ୍ଜାବୀ), ଡ. ଦୀପକ ପାୱାର(ମରାଠୀ ଅଭ୍ୟାସ କେନ୍ଦ୍ର), ସେଣ୍ଟିଲ ନାଥନ(ତାମିଲ), ସିଦ୍ଧବ୍ରତ ଦାସ(ବାଙ୍ଗଲା ପକ୍ଷୋ), କୁନ୍ଦନ ଅମିତାଭ(ଅଙ୍ଗିକା ସଂବାଦ), ଯୋଗେସ ରାଜ(ବାଡୁଗୁ), ଦାସରୀ ମୂରଲୀକ୍ରୀଷ୍ଣା, ଦିଲ୍ଲୀ ବିଶ୍ୱ ବିଦ୍ୟାଳୟର ପ୍ରଫେସର ତିଲ କୁମାର, ସତ୍ୟ ବରିହା(ଲହକି,ଝିଙ୍ଗାଲ), ହେମସାଗର ବିଶ୍ୱାଳ(ସଉରା) ପ୍ରମୁଖ ଭାଗ ନେଇଥିଲେ ।

ସେହିପରି ପଶ୍ଚିମ ଓଡ଼ିଶାରୁ ଟିଟିଲାଗଡ଼ର କୋସଲି ଭାଷା ସୁରକ୍ଷା ସମିତି, ବଲାଙ୍ଗୀରର ତହଁକ, ପାଟଣାଗଡ଼ର କୋଶଲ ଡେରା, ସୁନ୍ଦରଗଡ଼ କୋସଲ କ୍ରିୟାନୁଷ୍ଠାନ କମିଟି, ରାଇସଲପଦର ଓ ବଇଦପାଲିର କୀର୍ତ୍ତନ, ବୁରୋମୁଣ୍ଡାର ଦଣ୍ଡା, ତାଳ ଦଳ, ବରଗଡ଼ର ରାମଚଣ୍ଡୀ ସେନା ସମେତ ଝାରସୁଗୁଡ଼ା ଜିଲାର ସଭ୍ୟମାନେ ଯୋଗ ଦେଇଥିଲେ । ଏହି ଅବସରରେ ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଭାଷାପ୍ରେମୀମାନେ ସହର ପରିକ୍ରମା କରି ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନହଲରେ ପହଞ୍ଚି ଥିଲେ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଭାଷାର ପ୍ରତିନିଧିମାନେ କୋସଲିର ସାମ୍ବିଧାନିକ ସଂଘର୍ଷକୁ ସମର୍ଥନ ଜଣାଇଥିଲେ। ଏହି ଅବସରରେ ଭାଷାକର୍ମୀଙ୍କୁ ସମ୍ମାନିତ କରାଯାଇଥିଲା । କ୍ଲିଅର ପକ୍ଷରୁ ଏକ ବହୁଭାଷୀ ପତ୍ରିକା ପ୍ରକାଶ ପାଇବା ନେଇ ସୂଚନା ଦିଆଯାଇଥିଲା। କୋସଲି କ୍ରିୟାନୁଷ୍ଠାନ କମିଟି ଆବାହକ ସାକେତ୍ ଶ୍ରୀଭୂଷଣ ସାହୁ ମଞ୍ଚ ପରିଚାଳନା କରିଥିଲେ । ସେହିପରି ଭିକାରୀ ମିଶ୍ର ଶପଥପାଠ କରାଇ ଥିବା ବେଳେ ଦିଲୀପ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ।



ଆନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ଶୋଭାଯାତ୍ରା।



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଷ୍ଟିନ



## ସଂକ୍ଷେପରେ



### ଶହୀଦଙ୍କ ସ୍ମୃତିରେ ଶୋଭାଯାତ୍ରା

**ବରଗଡ଼ ଅଫିସ୍,୨୧।୨-** ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଘଟଣାର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ତଥା ସ୍ମୃତିରେ ବରଗଡ଼ ବ୍ଲକ ଅଧୀନ ଜମୁର୍ଡ଼ା ଗ୍ରାମରେ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଜ୍ୟୋତି ଯୁବକେନ୍ଦ୍ର ପରିସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଏଥିରେ ଗ୍ରାମର ଶତାଧିକ ନାଗରିକ ଉପସ୍ଥିତ ରହି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ

**ଭେଡ଼େନ,୨୧।୨(ଡି.ଏନ.ଏ.)-** ଭେଡେନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଗୁରୁବାର ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମଣ ଚିନ୍ଦ୍ରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବକଟି ହାଇସ୍କୁଲ ଶିକ୍ଷକ ନରେଶ ଦାଶ ମୁଖ୍ୟଅତିଥି, ସ୍କୁଲ ପରିଚାଳନା ସମିତି ସମ୍ପାଦକ ଡ.ବିବେକାନନ୍ଦ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଭାଷାର ଗୁରୁତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ତର୍କ ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ଭାଗବତ ପାରାୟଣ

**ପଦ୍ମପୁର,୨୧।୨(ଡି.ଏନ.ଏ.)-** ସ୍ଥାନୀୟ ଦୁର୍ଗା ମନ୍ଦିର ପରିସରରେ ଏକ ଦିବସୀୟ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ଜୟନ୍ତ କୁମାର ପୁରୋହିତ ଓ ତାଙ୍କ ସ୍ତ୍ରୀ ତପସ୍ୱିନୀ ପୁରୋହିତ ରହି ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ପଣ୍ଡିତ ରଘୁନାଥ ତ୍ରିପାଠୀ ଓ ଅତ୍ରାହୀ ଭଞ୍ଜନ ପାଣିଗ୍ରାହୀ ପୂଜାକାର୍ଯ୍ୟ ତୁଳାଇଥିଲେ। ଦୁର୍ଗା ମନ୍ଦିର ପୂଜକ ପ୍ରଶାନ୍ତ କୁମାର ପଣ୍ଡା ସହଯୋଗ କରିଥିଲେ ।

## ୧୩ତମ ରାଜ୍ୟସ୍ତରୀୟ ଉତାଳଗଡ଼ ନାଟ୍ ଉଚ୍ଛବ୍ ଉଦ୍‌ଯାପିତ

# ଭାଷା ଆନ୍ଦୋଳନରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଉଦ୍‌ଯାପନୀ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।



କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ବିଜେପୁର,୨୧।୨ (ଡି.ଏନ.ଏ.)**

ଭାଷା ଆନ୍ଦୋଳନରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଉତାଳଗଡ଼ ନାଟ୍ ଉଚ୍ଛବ୍ ୨୦୧୯ର ଉଦ୍‌ଯାପନୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଂଯୋଜକ ତଥା ଅଧ୍ୟାପକ ସୁଶାନ୍ତି ମିଶ୍ରଙ୍କ ପରିଚାଳନା ଏବଂ ସଭାପତି ବାସୁଦେବ ପଧାନଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ସମାରୋହରେ ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ, ଯୁବନେତା ହଲପାଣି ମାଝି, ସାମାଜିକର୍ମୀ ସରୋଜ ମହାପାତ୍ର, ନିର୍ମାଣ ଶ୍ରମିକ ସଂଘ ସମ୍ପାଦକ ଡୋଲାମଣି ବେହେରା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାହିତ୍ୟିକ ଉପେନ୍ନ ଭୋଇଙ୍କୁ ମାନପତ୍ର ଓ ଉପଢୌକନ ସହ ଉତାଳଗଡ଼ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିବେକାନନ୍ଦ ପଧାନ ମାନପତ୍ର ପାଠ କରିଥିବା ବେଳେ ସମ୍ପାଦକ ସୁଶାନ୍ତ ରଞ୍ଜନ ପଧାନ ଧନ୍ୟବାଦ ଦେଇଥିଲେ। ପରେ ସମଲେଇ ଭଜନ, ଲୋକନୃତ୍ୟରେ ଖଗେଶ୍ୱର ମଣ୍ଡପ ଦୁଲୁକି ଉଠିଥିଲା।

ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ବୋଧନ ସାଂସ୍କୃତିକ ଅନୁଷ୍ଠାନ ତୋରାର କଳାକାରଙ୍କ ଦ୍ୱାରା ଡାଲଖାଇ, ରସରକେଲି ନୃତ୍ୟରେ ଦର୍ଶକ ଝୁମିଉଠିଥିଲେ। ପରେ ପ୍ରଥମ ନାଟକ ଭାବେ ନାଟ୍ୟକାର ସୁବାସ ପଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଏପ୍ରିଲ୨୭' ମିରର ଥିଏଟର ବେଲପାହାଡ଼ର କଳାକାରଙ୍କ ପକ୍ଷରୁ ପରିବେଷିତ ହୋଇଥିଲା। ନାଟକରେ ପ୍ରେମ ଓ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଦ୍ୱିତୀୟ ନାଟକ ସମର୍ପଣ ବରଗଡ଼ ପକ୍ଷରୁ ନାଟ୍ୟକାର ରାମାଶିଷ ତ୍ରିପାଠୀଙ୍କ ରଚିତ ଓ ସଞ୍ଜୟ ବେହେରାଙ୍କ ନିର୍ଦ୍ଦେଶିତ 'ଛାଁଚି' ପରିବେଷଣ ହୋଇଥିଲା। ଦର୍ଶକ ଏହାକୁ ମନୋଭରି ଉପଭୋଗ କରିଥିଲେ। ଶେଷ ନାଟକ ଅଶୋକ ବହିଦାରଙ୍କ ରଚିତ ଓ ଡ.ତୁଷାରକାନ୍ତ ସାହୁଙ୍କ ନିର୍ଦ୍ଦେଶିତ ନାଟକ 'ବାବୁଖର୍ଚ୍ଚା' ଡ୍ରାମା ଚେତନା ସୋହେଲାର କଳାକାରମାନେ ପରିବେଷଣ କରିଥିଲେ। ହାସ୍ୟରସାତ୍ମକ ଶୈଳୀରେ ପରିବେଷିତ ନାଟକକୁ ଦର୍ଶକ ମଜା ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନାଟ୍ୟ ସଂସଦର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### କମ୍ୟୁନିଟି କେନ୍ଦ୍ର ଉଦ୍‌ଘାଟିତ

**ଭେଡ଼େନ,୨୧।୨(ଡି.ଏନ.ଏ.)**

ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ଅଏଁଲାପାଲି ପଞ୍ଚାୟତ ଗସ୍ତ କରି ବରଗାଁଠାରେ ଏକ କମ୍ୟୁନିଟି କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ତେନ୍ତୁଲିଟିକ୍ରା ସାପ୍ତାହିକ ବଜାରରେ ହୋଇଥିବା ପିଠା କାର୍ଯ୍ୟକ୍ରମରେ ମନ୍ତ୍ରୀ ଛୁରିଆ ଯୋଗଦେଇ ୧ହଜାର ହିତାଧିକାରୀଙ୍କୁ ବିଭିନ୍ନ ଭତ୍ତା ଏବଂ ୪୨ ଜଣଙ୍କୁ ବିଜୁ ପକ୍କାଘର ଧାର୍ଯ୍ୟ ସମୟରେ ସମ୍ପାଦନ କରିଥିବାରୁ ୨୦ ହଜାର ଟଙ୍କା ଲେଖାଏଁ ବୋନସ ରାଶି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ବିଡ଼ିଓ ମୂରଲୀଧର ନାୟକ, ବିଜୁ ଜନତା ଦଳ ବ୍ଲକ ସଭାପତି ହରିଶଙ୍କର ବେହେରା, ତହସିଲଦାର ସୀମା ସବିତା କୁଲୁ, ଅଏଁଲାପାଲି ସରପଞ୍ଚ ସୁବାସିନୀ ଜାଲ, ସମିତିସଭ୍ୟ ସବିତା ବିଶି, ପୂର୍ବତନ ସରପଞ୍ଚ କୈଳାଶ ଦାଶ, ପଦ୍ମିନୀ ଗଡ଼ତିଆ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ନିର୍ବାହୀ ଅଧିକାରୀ ଧିରେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉଦେପୁର- ଦେଓଗାଁ ମହାନଦୀ ଫେରିଡଙ୍ଗା ଘାଟ

# ନିର୍ମାଣ ହେବ ଆନିକଟ ବ୍ରିଜ

- ମାଟି ପରୀକ୍ଷା ପାଇଁ ପହଞ୍ଚିଲେ ଟିମ୍

**ଅତାବିରା,୨୧।୨(ଡି.ଏନ.ଏ.)**

ବରଗଡ଼- ସମ୍ବଲପୁର ଜିଲା ସୀମାନ୍ତ ମହାନଦୀ ଫେରି ଡଙ୍ଗାଘାଟ ଉଦେପୁର-ଦେଓଗାଁ ଘାଟରେ ଏକ ଆନିକଟ ବ୍ରିଜ ନିର୍ମାଣ କରିବା ନେଇ ଗୁରୁବାର ଏକ ଟିମ୍ ଉଦେପୁର ଛକରେ ତମ୍ବୁମାରି ଡେରା ପକାଇଛନ୍ତି। ସେମାନଙ୍କ କହିବା ଅନୁସାରେ ବ୍ରିଜ ନିର୍ମାଣ ନେଇ ସର୍ଭେ କାମ ଚାଲିଛି। ଗୁରୁବାର ମହାନଦୀର ବିଭିନ୍ନ ଆଖପାଖ ସ୍ଥାନରେ ମାଟି ପରୀକ୍ଷା ସରିବା ପରେ ନମୁନା ସଂଗ୍ରହ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ ବୋଲି କହିଥିଲେ । ଏଠାରେ ବ୍ରିଜ ନିର୍ମାଣ ହେଲେ ସମ୍ବଲପୁର, ବରଗଡ଼, ସୋନପୁର, ରେଢ଼ାଖୋଲ, ବୌଦ୍ଧ ଜିଲାକୁ ଯୋଗାଯୋଗ ସୁବିଧା ହେବା ସାଙ୍ଗକୁ ଦୂରତା ମଧ୍ୟ କମିଯିବ । ବ୍ୟବସାୟ ଦୃଷ୍ଟିକୋଣରୁ ମଧ୍ୟ ଲୋକେ ଲାଭ ପାଇପାରିବେ । ଗୁରୁବାର ଛବି ବିଶ୍ୱାଳ, ଟିଟୁ ପାତ୍ରଙ୍କ ସମେତ ୬ଜଣ ଯନ୍ତ୍ରାଂଶ ଧରି ପହଞ୍ଚିଛନ୍ତି। ଶୁକ୍ରବାର ସେମାନେ ମହାନଦୀର ମାଟି ପରୀକ୍ଷା କରିବେ । ଏହି କାମ କରିବା ନେଇ ଏକ କମ୍ପାନୀ ତାଙ୍କୁ ପଠାଇଥିବା ଛବିଳ ବିଶ୍ୱାଳ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧକରି ବିକ୍ଷୋଭ

**ବରଗଡ଼ ଅଫିସ୍,୨୧।୨**



ବରଗଡ଼ ସହରରେ ଭାଜପା ନେତା, କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ ।

ବରଗଡ଼ ଜିଲା ସୋହେଲା ବ୍ଲକ ଅଧୀନ ଇଚ୍ଛାପାଲିରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକ୍ରମ ରହିଥିଲା । ମୁଖ୍ୟମନ୍ତ୍ରୀ କାଳିଆ ଚାଷୀ ମହାସମାବେଶରେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ କରିଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ବିରୋଧ କରି ଗୁରୁବାର ବରଗଡ଼ ସହରରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ସୌରୀଚରଣ ବାରିକ, ରବି ନାରାୟଣ ଦାଶ, ଅଶୋକ ପଣ୍ଡା, ଅଙ୍କୁର ମଲ୍ଲିକ ପ୍ରମୁଖଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ସହରରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ସ୍ଥାନୀୟ ଭଟଲି ଛକନିକଟରେ ପୋଲିସ ସେମାନଙ୍କୁ ଅଟକାଇଥିଲା ଏବଂ ପୋଲିସ ଭ୍ୟାନରେ ଭଟଲି ରୋଡ୍‌ରେ ରହିଥିବା ଏକ ହୋଟେଲ ନିକଟକୁ ନେଇଥିଲା । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଶେଷ ପରେ ପୋଲିସ ସେମାନଙ୍କୁ ଛାଡ଼ିଥିଲା।

# ରାସ୍ତାରେ ବସିଲେ ଚାଷୀ ପ୍ରତିନିଧି

**ସରଣ୍ଡା,୨୧।୨(ଡି.ଏନ.ଏ.)**

ନବନିର୍ମାଣ କୃଷକ ସଂଗଠନ ଆହ୍ୱାନ କ୍ରମେ ଦିଆଯାଇଥିବା ବନ୍ଦ ଡାକରାର ପ୍ରଭାବ ଅତାବିରାରେ ଦେଖିବାକୁ ମିଳିଥିଲା। ଏଠାରେ ସ୍ଥାନୀୟ କୃଷକ ସଂଗଠନର ପ୍ରତିନିଧିମାନେ ବନ୍ଦ ଡାକରାକୁ ସମର୍ଥନ ଜଣାଇ ରେଙ୍ଗାଲିକ୍ୟାମ୍ପ ଛକ ନିକଟରେ ରାସ୍ତାରେ ବସିଥିଲେ। ପ୍ରାୟ ଅଧଘଣ୍ଟା କୃଷକ ସଂଗଠନର ପ୍ରତିନିଧିମାନେ ରାସ୍ତାରୋକୋ କରିଥିଲେ। ହେଲେ ପୋଲିସ ପହଞ୍ଚି ସେମାନଙ୍କୁ ହଟାଇ ଦେଇଥିଲା । ସେହିପରି ଅତାବିରାରେ ସରକାରୀ, ବେସରକାରୀ ଦପ୍ତର ଓ ଦୋକାନ, ବଜାର ବନ୍ଦ ରହିଥିବା ବେଳେ ଗୋଡ଼ଭଗାରେ ଆଂଶିକ ପ୍ରଭାବ ପଡ଼ିଥିଲା । ଚାଷୀନେତା ବୀରେନ୍ଦ୍ର କର, ଟିକେଲାଲ ମିଶ୍ର, ବୃଷଭାନୁ ସାହୁ, ପଲଉ ମାଝି, ଚିତ୍ତରଞ୍ଜନ ଭୋଇ, ଅକ୍ଷୟ ମହାପାତ୍ର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ।



ରେଙ୍ଗାଲିକ୍ୟାମ୍ପ ଛକରେ ଚାଷୀ ପ୍ରତିନିଧିଙ୍କ ରାସ୍ତାରୋକୋ ।

### ସ୍କୁଲ ପଡ଼ିଆ, ଶ୍ରେଣୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

**ପଦ୍ମପୁର,୨୧।୨(ଡି.ଏନ.ଏ.)**

ରାଜବୋଡାସମ୍ବର ବ୍ଲକ ଖଲିଆପାଲି ପଞ୍ଚାୟତ ଅଧୀନ ବାଜେନମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କେଆର୍‌ପି ଉଚ୍ଚ ବିଦ୍ୟାଳୟ ପାଇଁ ରୁ-ଅର୍ବାନ ଯୋଜନାରୁ ଆସିଥିବା ଦୁଇଟି ଶ୍ରେଣୀ ପ୍ରକୋଷ୍ଠ ଏବଂ ଖେଳ ପଡ଼ିଆର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ସ୍ଥାନୀୟ ବିଧାୟକ ପ୍ରଦୀପ ପୁରୋହିତ, ଜିଲାପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ବ୍ଲକ ଅଧ୍ୟକ୍ଷ କୁମରମଣି ନାଏକ, ସରପଞ୍ଚ ଗିରିଧାରୀ ସେଠ ପ୍ରମୁଖ ଉପସ୍ଥିତ ଥିଲେ। କେଆର୍‌ପି ଉଚ୍ଚ ବିଦ୍ୟାଳୟର ୨ଛାତ୍ରୀ ନମିତା ବରିହା ଓ ରୁକ୍ମଣୀ ବରିହା ପ୍ରଦୀପ ପ୍ରଜ୍ୱଳନ କରି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ପ୍ରଧାନଶିକ୍ଷକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା।

# ୯କେନ୍ଦ୍ରରେ ୧୭୦୩ ପରୀକ୍ଷାର୍ଥୀ

**ଭେଡ଼େନ,୨୧।୨ (ଡି.ଏନ.ଏ.)**

**ଭେଡ଼େନ ବ୍ଲକ ମାଟ୍ରିକ ପରୀକ୍ଷା**

ଆଜି ମାଟ୍ରିକ ପରୀକ୍ଷା। ଏନେଇ ଭେଡ଼େନ ବ୍ଲକରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଚଳିତ ବର୍ଷ ବ୍ଲକର ୯ଟି ପରୀକ୍ଷାକେନ୍ଦ୍ରରେ ମୋଟ ୧୭୦୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ନୋଡ଼ାଲ କେନ୍ଦ୍ର ହୋଇଥିବା ଭେଡ଼େନସ୍ଥିତ ସୂର୍ଯ୍ୟମଣି ଜନତା ହାଇସ୍କୁଲ କେନ୍ଦ୍ରରେ ୨୦୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାବେଳେ ବରପଦର କେନ୍ଦ୍ରରେ ୧୭୬, ଝରାପାଲିରେ ୧୬୭, ସିଆଲଖଣ୍ଡହଥାରେ ୧୬୨, ତାଲମେଣ୍ଡାରେ ୧୫୨, ଚିଚିଣ୍ଡାରେ ୧୭୯, ରେମଣ୍ଡାରେ ୨୬୮, ଗୁଷ୍ଟୁଡ଼ାରେ ୧୪୧, ସାଲନାରେ ୧୯୬ ଜଣ ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ମାଧ୍ୟମା ପରୀକ୍ଷାର ୬୦ଜଣ ଛାତ୍ରୀଛାତ୍ର ଭେଡ଼େନ କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ଭେଡ଼େନ ନୋଡ଼ାଲ କେନ୍ଦ୍ରର ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତ କହିଛନ୍ତି। ଏନେଇ ଭେଡ଼େନ ନୋଡ଼ାଲ କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିଛି। ପ୍ରଶ୍ନପତ୍ରକୁ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଥିବା ବେଳେ ଶୁକ୍ରବାର ସକାଳୁ ସମ୍ପୃକ୍ତ କେନ୍ଦ୍ରଗୁଡ଼ିକରେ ପ୍ରଶ୍ନପତ୍ର ପହଞ୍ଚାଇବା ନେଇ ବିଭାଗ ପକ୍ଷରୁ ସ୍ଥିର କରାଯାଇଛି।

# ବରଗଡ଼ରେ ବନ୍ଦ ପ୍ରଭାବହୀନ

**ବରଗଡ଼ ଅଫିସ୍,୨୧।୨**

ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗୁରୁବାର ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରା ବରଗଡ଼ ଜିଲାରେ ପ୍ରଭାବହୀନ ହୋଇପଡ଼ିଛି । ଜିଲାର କେବଳ ଅତାବିରାକୁ ଛାଡ଼ିଦେଲେ ଅନ୍ୟ କୌଣସି ସ୍ଥାନରେ ବନ୍ଦ ଡାକରାର କିଛି ପ୍ରଭାବ ପଡ଼ି ନ ଥିଲା । ଦୋକାନ, ବଜାର, ସରକାରୀ, ବେସରକାରୀ ଦପ୍ତର ଖୋଲାଥିବା ବେଳେ ଯାନବାହାନ ଚଳାଚଳ ସ୍ୱାଭାବିକ ରହିଥିଲା। ଅନ୍ୟପଟେ ଅତାବିରା ବ୍ଲକ ରେଙ୍ଗାଲିକ୍ୟାମ୍ପରେ ସ୍ଥାନୀୟ ଚାଷୀ ପ୍ରତିନିଧିମାନେ ପ୍ରାୟ ଅଧଘଣ୍ଟା ଧରି ରାସ୍ତାରୋକୋ କରିଥିବାବେଳେ ଦୋକାନ, ବଜାର ବନ୍ଦ ରହିଥିଲା।

# ସଂସ୍କାର ଭାରତୀର ସ୍ମୃତିସଭା

**ବରଗଡ଼ ଅଫିସ୍,୨୧।୨**

ସଂସ୍କାର ଭାରତୀ ବରଗଡ଼ ଶାଖା ପକ୍ଷରୁ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଘଟଣାର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଅବସରରେ ସ୍ଥାନୀୟ ପୁରୋହିତ ଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ସଭାପତି ଗଣେଶ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲା ସଂଯୋଜକ ଜୟନ୍ତ ମହାରଣା, ସମ୍ପାଦକ ଡ. ରବିନାରାୟଣ ସାହୁ, ପ୍ରଫୁଲ୍ଲ ବିର୍ଡିଆ, ପ୍ରୀତମ ସିଂ, ଅରବିନ୍ଦ ଗୁପ୍ତା, ଅଶୋକ ପଶାୟତ ପ୍ରମୁଖ ଯୋଗଦେଇ ଶହୀଦ୍ ଯବାନଙ୍କ ସ୍ମୃତିଚାରଣ କରିଥିଲେ । ସେହିପରି ଆହତ ହୋଇ ଚିକିତ୍ସାଧିନ ଯବାନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା।



ଶହୀଦ ଯବାନଙ୍କ ସ୍ମୃତିଚାରଣ କରାଯାଉଛି ।

## କ୍ୟାନ୍‌ସର ହସ୍ପିଟାଲ ଦାବି ପ୍ରସଙ୍ଗ

# ଧାରଣାକାରୀଙ୍କୁ ଉଠାଇନେଲା ପୋଲିସ

**ବରଗଡ଼ ଅଫିସ୍,୨୧।୨**

ବରଗଡ଼ ଜିଲାରେ କ୍ୟାନସର ହସ୍ପିଟାଲ ଦାବି ଆନ୍ଦୋଳନ ଉଗ୍ରରୂପ ନେଇଛି । ଏହି କ୍ରମରେ ଗୁରୁବାର ଫୋରମ ଫର୍ କ୍ୟାନସର ହସ୍ପିଟାଲ ଆଟ୍ ବରଗଡ଼ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତ ଥିବାବେଳ ଦାବିକୁ ଦୃଢ଼ କରିବା ପାଇଁ ଫୋରମ ପକ୍ଷରୁ ଏଭଳି ଧାରଣା ଦିଆଯାଇଥିଲା । ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ଜିଲାକୁ ପହଞ୍ଚିବା ପୂର୍ବରୁ ପୋଲିସ ଧାରଣାକାରୀଙ୍କୁ ସେଠାରୁ ଉଠାଇ ନେଇଥିଲା । ଫୋରମ ଆବାହକ ପ୍ରଦୀପ ଦେବତା, ଅଶ୍ୱିନୀ ଦର୍ଜୀ, ରବି ପଣ୍ଡା, ଉମେଶ ବିଶ୍ୱାଳ, ଦୀପକ ରଥ, ସୁରେନ୍ଦ୍ର ପଣ୍ଡା, ପ୍ରତାପ ନାଏକ ପ୍ରମୁଖ ଧାରଣାରେ ବସିଥିଲେ । ପ୍ରକାଶ ଥାଉକି, ଗତ ୨୨ତାରିଖରେ ଫୋରମର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କ୍ୟାନସର ହସ୍ପିଟାଲ ସ୍ଥାପନ ଦାବି ଉପସ୍ଥାପନ କରିଥିଲେ। ୧ମାସ ମଧ୍ୟରେ ଦାବିକୁ ବିଚାରକୁ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ତେବେ ବୁଧବାର ଦାବି ନେଇ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବ ଆର୍ ଶତପଥୀ ଫୋରମ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ ସୁଦ୍ଧା ଠୋସ୍ ପ୍ରତିଶ୍ରୁତି ଦେଇ ପାରି ନ ଥିଲେ । ଫଳରେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଫୋରମର ପ୍ରତିନିଧିମାନେ ଧାରଣାରେ ବସିଥିଲେ । ଅନ୍ୟପକ୍ଷେ ଜିଲାର ସୋହେଲା ବ୍ଲକ ଇଚ୍ଛାପାଲିରେ ଅନୁଷ୍ଠିତ କାଳିଆ ଚାଷୀ ମହାସମାବେଶରେ ବରଗଡ଼ରେ କ୍ୟାନସର ହସ୍ପିଟାଲ ସ୍ଥାପନ ହେବ ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।



ଧାରଣାକାରୀଙ୍କୁ ପୋଲିସ ଉଠାଇ ନେଉଛି ।

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ୨୨ ଫେବୃୟାରୀ, ୨୦୧୯



ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର



## ସଂକ୍ଷେପରେ

### ସୁବର୍ଣ୍ଣପୁର : ୩ ଇନ୍ସପେକ୍ଟର ପୁଣି ବଦଳିଲେ

**ସୋନପୁର,୨୧।୨(ନି.ପ୍ର.):** ସୁବର୍ଣ୍ଣପୁର ଏସ୍‌ପି ଦେବୀପ୍ରସାଦ ଦାଶ ଇନ୍ସପେକ୍ଟରସ୍ତରରେ ପୁଣି ଅଦଳ ବଦଳ କରିଛନ୍ତି। ଗତ ୧୬ତାରିଖର ବଦଳି ଆଦେଶକୁ ବୁଧବାର ଆଂଶିକ ପରିବର୍ତ୍ତନ କରିଛନ୍ତି। ନିରଞ୍ଜନ ଦାସଙ୍କୁ ଡୁଙ୍ଗୁରିପାଲି ଥାନା ଅଧିକାରୀ, ରାଜେନ୍ଦ୍ର ସମରିଆଙ୍କୁ ବିନିକା ଓ ବୀରମହାରାଜପୁର ଆଇଆଇସି କୁଶ ପାଣିଗ୍ରାହୀଙ୍କୁ ଆଇୟୁସିଏଡବ୍ଲ୍ୟୁ ସୁବର୍ଣ୍ଣପୁର ଭାବେ ବଦଳି କରାଯାଇଛି। ପୂର୍ବରୁ ଦାସଙ୍କୁ ବିନିକା, ସମରିଆଙ୍କୁ ରାମପୁର ଓ ପାଣିଗ୍ରାହୀଙ୍କୁ ଉଲୁଣ୍ଡା ଥାନା ଅଧିକାରୀ ଭାବେ ବଦଳି କରାଯାଇଥିଲା।

### ଶିକ୍ଷା ସମାଜର ମେରୁଦଣ୍ଡ

**ବିନିକା, ୨୧।୨(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ଫୁଲମୁଠୀ ଭବିଷ୍ୟ ଇଂଲିଶ ମାଧ୍ୟମ ସ୍କୁଲର ୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସସ୍ମିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ କୁମରମଣୀ ମେହେର ଯୋଗଦେଇଥିଲେ। ସେ ତାଙ୍କ ଅଭିଭାଷଣରେ ସମ୍ମିଳିତ ବିଦ୍ୟାର୍ଥୀ ଓ ଅଭିଭାବକମାନଙ୍କୁ କହିଥିଲେ ଯେ, ଶିକ୍ଷା ହେଉଛି ସମାଜର ମେରୁଦଣ୍ଡ। ରାଷ୍ଟ୍ରର ବିକାଶ ପାଇଁ ଶିକ୍ଷା କ୍ଷେତ୍ରରେ ବିକାଶ ନିହାତି ଜରୁରୀ । ମୁଖ୍ୟବକ୍ତା ପ୍ରାକ୍ତନ ଡିଏଲ୍‌ସି ଡ. ପ୍ରଫୁଲ୍ଲ କୁମାର ରଥ ଯୋଗଦେଇ କହିଥିଲେ ଯେ, ସୁନାଗରିକ ଗଢି ତୋଳିବାରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ମାତାପିତାଙ୍କର ମଧ୍ୟ ଗୁରୁ ଦାୟିତ୍ୱ ରହିଛି। ସମ୍ମାନିତ ଅତିଥି ହିସାବରେ ଶିବ ସୁବୁଦ୍ଧି ଯୋଗ ଦେଇଥିଲେ । ଏହି ଅବସରରେ ୨୦୧୮-୧୯ରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଜୁନିୟର ବର୍ଗର ଓମ୍‌କାର ମେହେର, ତୁରିଆ ନାୟକ, ସିନିୟର ବର୍ଗରେ ଦିଲ୍‌ଖୁସ୍ ରାଜା ଓ ଅନନ୍ୟା ସାହୁ କୃତିତ୍ୱ ଅର୍ଜନ କରିଥିଲେ। ଚଳିତ ବର୍ଷର ଶ୍ରେଷ୍ଠ ବିଦ୍ୟାର୍ଥୀ ଭାବେ ସ୍ନେହା ସାହୁ(୭ମ), ଶ୍ରେଷ୍ଠ ଶିକ୍ଷୟିତ୍ରୀ ଯସସ୍ୱିନୀ ହେତା ଏବଂ ଶ୍ରେଷ୍ଠ ଅଭିବାବକ ଭାବେ ଶୁଭଲକ୍ଷ୍ମୀ ମିଶ୍ର, ୟଶରାଜ, ଅନୁପ କୁମାର ମେହେରଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଛାତ୍ରୀ ଆର୍ଯ୍ୟାନ୍ ଏବଂ ମମତା । ସ୍କୁଲ ଏକାଡେମୀ ମୁଖ୍ୟ ଡଃ ଭବାନୀ ଶଙ୍କର ମେହେର ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ମାନୀତ କରିଥିଲେ । ବାର୍ଷିକ ବିବରଣୀ ପଠନ ସ୍କୁଲ ମ୍ୟାନେଜିଂ ଡାଇରେକ୍ଟର ସୁଧାଂଶୁ ଶେଖର ଦାଶ କରିଥିଲେ । ଏହାପରେ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଶେଷରେ ସ୍କୁଲ ଉପାଧକ୍ଷ ସଞ୍ଜୀବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସୁବର୍ଣ୍ଣପୁରରେ ବିଶ୍ୱ କୋଶଲି ମାତୃଭାଷା ଦିବସ ପାଳିତ

# କୋଶଲିକେ ରାଏଜର ଦୁତିଅ ଭାଷାର ମାଏନ୍‌ତା ଦାବି

**ସୋନପୁର,୨୧।୨(ନି.ପ୍ର.)**

କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ଆର କୋସଲ ହେରିଟେଜ ଟ୍ରଷ୍ଟ ତରଫୁ ଗୁରୁବାର ବିଶ୍ୱ କୋଶଲି ମାତୃଭାଷା ଦିବସ ଥାନୀୟ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ପରିସରରେ ପାଲିତ ହେଇଯାଇଛେ। କୋଶଲି ଭାଷାକେ ରାଏଜର ଦୁତିଅ ସରକାରୀ ଭାଷାର ମାଏନ୍‌ତା, ସମ୍ବିଧାନର ଅଷ୍ଟମ ପରିଚ୍ଛେଦନେ ଇ ଭାଷାକେ ମାଏନ୍‌ତା, ପ୍ରାଥମିକ ସ୍କୁଲମାନକେ ଛୁଆକୁ କୋଶଲି ଭାଷାରେ ପାଠ୍‌ପଢ଼ାବାର ବେବସ୍ତା କରବାର, ଭାଷାର ସୁରକ୍ଷା ଆର ବିକାଶ ଲାଗି ସୁବର୍ଣ୍ଣପୁରରେ କୋଶଲ ବିଶ୍ୱବିଦ୍ୟାଳୟ ଥାପନା, ଅଂଚଲର ବିକାଶ ଲାଗି ଅଲଗ୍ କୋଶଲ ରାଏଜ୍ ଗଠନ ଲାଗି ଦିବସ ପାଳନ ଅବ୍‌ଛରରେ ଦାବି କରାଯାଇଥିଲା। ଏକାଡେମୀର ସଭାପତି ପଦ୍ମଶ୍ରୀ ଡ.ଶ୍ରୀନିବାସ ଉଦ୍‌ଗାତା ସୁଆଗତ ଭାଷନ୍ ଦେଇ କୋଶଲାଂଚଲର ଇତିହାସ, ଭାଷାର ଗତି, ଥିତି ବାବ୍‌ଦେ ଆଲୋଚନା କରିଥିଲେ। ଐତିହାସିକ ଡ.ଶଶାଙ୍କ ଶେଖର ପଣ୍ଡା ମୁଖ୍ୟଆବକ୍ତା ହିସାବେ ଯୋଗ୍‌ଦେଇ କୋଶଲ ମୁକ୍ତି ଆଂଦୋଲନର କାରନ୍ ଆର ତହିଁରେ ବୁଧିଜୀବୀ, ଜନସାଧାରନ୍‌କର ଭୂମିକା, ଯୋଗଦାନ ବାବ୍‌ଦେ ମତ ରଖିଥିଲେ।



ବିଶ୍ୱ ମାତୃଭାଷା ଦିବସ ପାଲନ ଅବ୍‌ଛରରେ ମଞ୍ଚାସୀନ କୁନୁଆଁମାନେ।

ସମ୍ମାନିତ କୁନୁଆଁ ହିସାବେ ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ ଆର ପୁରଖା ଆଇନଜୀବୀ ନିମାଇଁ ଚରଣ ନାଏକ କୋଶଲି ଭାଷା ସଂସ୍କୃତିର ସୁରକ୍ଷା ଆର ବଢ଼ତି ବାବ୍‌ଦେ ଟିକିନିଖିନୁ ଆଲୋଚନା କରିଥିଲେ। ଇ ଅବ୍‌ଛରରେ ସାରସ୍ୱତ ସାଧକ ଡ.ନୃସିଂହ ପ୍ରସାଦ ଗୁରୁକୁଁ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ସମ୍ମାନରେ ସନାମନା କରାଯାଇଥିଲା। ଏକାଡେମୀର ସାଧାରନ୍ ସଂପାଦକ ଗୋରେଖନାଥ ସାହୁ ସଭାକେ ସଂଯୋଜନା କରିଥିଲେ। ସଭା ଆରମ୍ଭରେ ପୁଲୱାମାରେ ଆତଙ୍କବାଦୀକଁର ଆକ୍‌ରମନରେ ଶହୀଦ ହେଇଥିବାର ଯବାନମାନକର ଆତ୍‌ମାର ସଦ୍‌ଗତି ଲାଗି ଦୁଇ ମିନିଟ୍ ନିରବ ପାରଥନା କରାଯାଇଥିଲା। ସେନ୍‌ତା ଭାଷା ସଂସ୍କୃତିର ସୁରକ୍ଷା ଆର ବିକାଶ ଲାଗି ପଦ୍ମଶ୍ରୀ ଡ.ଶ୍ରୀନିବାସ ଉଦ୍‌ଗାତାକଁର ନେତୃତ୍ୱରେ ଏକାଡେମୀର ସଭ୍ୟାସଭ୍ୟ ଗୁଟେ କ୍ୟାଣ୍ଡେଲ ରାଲିରେ ସହରର ଭାଡ଼ଁରେ ବୁଲିଥିଲେ। ପଛେ ଗୁଟେ କବିତା ଆସର ଅନୁଷ୍ଠିତ ହେଇଥିଲା। କୋଶଲି କବିମାନେ ନିଜର ଲେଖିଲା କବିତାମାନ ପଢ଼ିଥିଲେ। ଆସରକେ କବି ସ୍ୱପ୍ନେଶ୍ୱର ମିଶ୍ର ଆର ଅଖୋଜ ଷାଣ୍ଢେ ସଂଯୋଜନା କରିଥିଲେ। ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ଅଧ୍ୟକ୍ଷା ମୀନା ମହାରଣାକଁର ନେତୃତ୍ୱନେ ସଭ୍ୟାମାନେ କବି ଗୋବିନ୍ଦ ଚନ୍ଦ୍ର ସରାଫ, ହଜାରୀ ପଧାନ ଆର କୃପାସିନ୍ଧୁ ମହାକୁଡ଼କୁଁ ପୁରସ୍କୁରୁତ କରିଥିଲେ। ସଭାମଞ୍ଚକେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦୁଆରା ପୁରସ୍କୁରୁତ ସାରସ୍ୱତ ସାଧକ ପଦ୍ମଶ୍ରୀ ହଲଦର ନାଗ ଆର ଡ.ପ୍ରଫୁଲ୍ଲ କୁମାର ତ୍ରିପାଠୀକଁର ନାଁରେ ନାମିତ କରାଯାଇଥିଲା।



## ବାଇକ୍ ଭାଙ୍ଗିଲା ହାତୀ, ବର୍ତ୍ତିଲେ ଆରୋହୀ

**ଉଲୁଣ୍ଡା, ୨୧।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଜଉଁରାଭଉଁରା ପଞ୍ଚାୟତର ପୁଡାମାଲିଆ ରାସ୍ତାରେ ଏକ ହାତୀ ଜଣେ ଯୁବକଙ୍କ ବାଇକ ଭାଙ୍ଗି ଦେଇଥିବା ବେଳେ ଆରୋହୀ ଜଣକ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ ସାଗଜୁରି ଗ୍ରାମର ଜଗଦୀଶ ପଧାନ ଗୁରୁବାର ଅପରାହ୍ନରେ ଉପରୋକ୍ତ ସ୍ଥାନରେ ନିଜ ବାଇକ ରଖି ରାସ୍ତାକାମ କରୁଥିଲେ। ଏହି ସମୟରେ ହାତୀ ଆସିଯିବାରୁ ସେଠାରୁ ଜୀବନ ବଞ୍ଚି ବାଇକ ଛାଡି ଦୌଡି ପଳାଇଥିଲେ। ହାତୀ ତାଙ୍କ ବାଇକକୁ ଟେକି କଚାଡି ଦେବାରେ କିଛି ଅଂଶ ଭାଙ୍ଗି ଯାଇଥିଲା। ଖବର ପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାଇକ ଉଦ୍ଧାର କରିବା ସହିତ ହାତୀକୁ ଘଉଡାଇ ଦେଇଥିବା ଜଣାପଡଛି।

## ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା



ମାହେଶ୍ୱରୀଙ୍କ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ବାହାରିଥିବା କଳସ ଶୋଭାଯାତ୍ରା।

**ବୀରମହାରାଜପୁର, ୨୧।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥର ଗ୍ରାମରେ ଅଧିଷ୍ଠାତ୍ରୀ ଦେବୀ ମାହେଶ୍ୱରୀଙ୍କ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ୫ଦିନ ବ୍ୟାପୀ ମହୋତ୍ସବ ଆୟୋଜିତ ହୋଇଛି। ଏହି ଅବସରରେ ପୁନରୁଦ୍ଧାର କରାଯାଇଥିବା ପୁରାତନ ମନ୍ଦିରର ପ୍ରତିଷ୍ଠା ସହ ପୁରାତନ ବିଗ୍ରହଙ୍କ ନବକଳେବର ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଆସନ୍ତା ୨୫ ତାରିଖ ଯାଏଁ ହେବାକୁ ଥିବା ଉତ୍ସବ ସକାଶେ ଗୁରୁବାର ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ କଳାପଥର ତଥା ଆଖପାଖ ଗାଁର ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ। ବୁଧବାର ଅଙ୍କୁରାରୋପଣ ହୋଇଥିବା ଉକ୍ତ ଧାର୍ମିକ ସମାରୋହର କାର୍ଯ୍ୟକ୍ରମରେ ଗୁରୁବାର କଳସ ସ୍ଥାପନ ସହିତ ଅଧିବାସ ପର୍ବ ସମ୍ପନ୍ନ ହୋଇଛି। ସେହିପରି ଶୁକ୍ରବାର ଯଜ୍ଞାରମ୍ଭ ଓ ଧାନ୍ୟା ଦିବସ ପାଇଁ କର୍ଯ୍ୟସୂଚୀ ସ୍ଥିର ହୋଇଛି। ଶନିବାର ସ୍ନାନ ଓ ଶଯ୍ୟାଧିବାସ ଏବଂ ରବିବାରରେ ନ୍ୟାସ ପ୍ରତିଷ୍ଠା କରାଯିବ। ମହୋତ୍ସବର ଅନ୍ତିମ ତିଥି ସୋମବାର ଦେବୀଙ୍କ ମନ୍ଦିର ପ୍ରବେଶ ସହ ଯଜ୍ଞରେ ପୂର୍ଣ୍ଣାହୂତି ପଡିବ ବୋଲି ଆୟୋଜକଙ୍କ ସୂତ୍ରରୁ ସୂଚନା ମିଳିଛି। ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଉକ୍ତ ଉତ୍ସବରେ ଜଗବନ୍ଧୁ ମହାକୁର କର୍ତ୍ତା ଭାବେ ପ୍ରତିନିଧିତ୍ୱ କରୁଥିବା ବେଳେ ସୀତାରାମ ପାଢୀ ପୂଜକ ଦାୟିତ୍ୱ ନିର୍ବାହ କରୁଛନ୍ତି।

## ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟିତ

**ବିନିକା,୨୧।୨(ଡି.ଏନ୍.ଏ.)**

ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ବିନିକାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ ଉପସ୍ଥିତ ଥିଲେ । ଉଦ୍‌ଘାଟିତ ପ୍ରକଳ୍ପଗୁଡିକ ହେଲା ସିଲାଟି ଗାଁରେ ୧୭ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମିତ ୩ଟି ଅଙ୍ଗନବାଡି କେନ୍ଦ୍ର, ୩୫ଲକ୍ଷ ବ୍ୟୟରେ ନିର୍ମିତ କଲ୍ୟାଣ ମଣ୍ଡପ, ହରିଜନ ସାହି କମ୍ୟୁନିଟି ସେଣ୍ଟର । ପରେ ସିଙ୍ଘିଯୁବା ଗ୍ରାମରେ ୫୦ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ମା ମାହେଶ୍ୱରୀ ଅନୁଷ୍ଠାନର ଅତିରିକ୍ତ ଶ୍ରେଣୀକୋଠା ଓ ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗୃହର ଉଦ୍‌ଘାଟନ କରିଥିଲେ ବିଧାୟକ। ଅପରାହ୍ନରେ ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ୨୪ଲକ୍ଷ ବ୍ୟୟବରାଦରେ ନିର୍ମିତ ସାଇକେଲ ଷ୍ଟାଣ୍ଡ ଓ ଉପର ମହଲ ଗୃହ ଉଦ୍‌ଘାଟିତ ହୋଇଥିଲା । ଏହି ଅବସରରେ ବିଧାୟକ ଏବଂ ଅଧ୍ୟକ୍ଷଙ୍କ ସହିତ ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ, ସରପଞ୍ଚ ଗିତିକା ଭୋଇ, ସଦାନ ଥନାପତି, ଲକ୍ଷ୍ମଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଏମଏଫଟିଏଲ ଟିମ୍‌ର ଖାଦ୍ୟ ନମୂନା ସଂଗ୍ରହ

### ଗୋଟିଏ ଫାଷ୍ଟଫୁଡ, ହୋଟେଲ ଖାଦ୍ୟ ଅନୁପଯୁକ୍ତ

**ସୋନପୁର,୨୧।୨(ନି.ପ୍ର.)**

ବିକ୍ରି ହେଉଥିବା ଖାଦ୍ୟ ପଦାର୍ଥର ମାନ ପରୀକ୍ଷା ପାଇଁ ସୁବର୍ଣ୍ଣପୁର ସହରରେ ମୋବାଇଲ ଫୁଡ ଟେଷ୍ଟିଂ ଲାବୋରେଟୋରି(ଏମଏଫଟିଏଲ)ର ଭ୍ୟାନ ଗୁରୁବାର ପହଞ୍ଚିଛି । ରାଜ୍ୟରୁ ଆସିଥିବା ମୋବାଇଲ ଟିମ୍ ସହିତ ଜିଲା ଫୁଡ ଚେକିଂ ସ୍କ୍ୱାଡ ମିଳିତ ଭାବେ ସହରର ୧୩ଟି ହୋଟେଲ, ଜଳଖିଆ ଦୋକାନ ଓ ପଟାଭାଡି ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଯାଞ୍ଚ କରିବା ସହିତ ମୋଟ ୧୮ଟି ନମୂନା ସଂଗ୍ରହ କରିଛନ୍ତି। ଏହି ଟିମ୍ ୩୨ କିଲୋ ବାସି ଖାଦ୍ୟ, ତେଲ ଓ ମିଠାକୁ ନଷ୍ଟ କରିଛନ୍ତି। ନମୂନା ପରୀକ୍ଷା ସମୟରେ ଗୋଟିଏ ଫାଷ୍ଟ ଫୁଡ ଓ ଏକ ହୋଟେଲର ଖାଦ୍ୟ ଅନୁପଯୁକ୍ତ ଥିବା ରିପୋର୍ଟରୁ ଜଣାପଡିଛି। ସମ୍ପୃକ୍ତ ମାଲିକଙ୍କୁ ନୋଟିସ୍ ଜାରି କରାଯିବ ବୋଲି ଜଣାପଡିଛି । ଶୁକ୍ରବାର ମଧ୍ୟ ଏହି ଯାଞ୍ଚ ଜାରି ରହିବ। ଯାଞ୍ଚ ଓ ଖାଦ୍ୟ ନମୂନା ସଂଗ୍ରହକୁ ନେଇ ହୋଟେଲ ଓ ଜଳଖିଆ ଦୋକାନୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ସୁବର୍ଣ୍ଣପୁର ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ)ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଏପିଡେମିଓଲୋଜିଷ୍ଟ ଡାକ୍ତର ବଟକୃଷ୍ଣ ସେଠୀ, ଏଫଏସଓ ପ୍ରତାପ ରୁଦ୍ର ମଣ୍ଡଳ, ଆନାଲିଟିକାଲ କେମିଷ୍ଟ ଡାକ୍ତର ପ୍ରଭାତ କୁମାର ସୁବୁଦ୍ଧି, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ଓ କୈଳାଶ ଚନ୍ଦ୍ର ପାତ୍ର ପ୍ରମୁଖ ଏହି ମିଳିତ ଟିମ୍‌ରେ ସାମିଲ ଅଛନ୍ତି ।



ଖାଦ୍ୟ ନମୂନା ସଂଗ୍ରହ କରିବାକୁ ପହଞ୍ଚି ଥିବା ମୋବାଇଲ ଫୁଡ ଟେଷ୍ଟିଂ ଲାବୋରେଟୋରି ଟିମ୍ ।

## ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ସିଙ୍ଘିଯୁବା, ୨୧।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ରାମପୁର ସହରରେ ଗୁରୁବାର ଅପରାହ୍ନରେ ପୁଲୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଯବାନଙ୍କୁ ବିଭିନ୍ନ ସଂଗଠନ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ଏକ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରିଥିଲା । ଶୋଭାଯାତ୍ରାରେ ଭାରତ ମାତା କି ଜୟ, ଶହୀଦ୍ ଯବାନ୍ ଅମର ରହେ ଓ ପାକିସ୍ତାନ ମୁର୍ଦ୍ଦାବାଦ୍ ଭଳି ନାରା ଦିଆଯାଇଥିଲା। କ୍ୟାଣ୍ଡେଲ ଶୋଭାଯାତ୍ରା ରାମପୁର ସହରସ୍ଥିତ ସାପ୍ତାହିକ ବଜାର ପ୍ରାଙ୍ଗଣରେ ପହଞ୍ଚିଥିଲା । ସେଠାରେ ଶହୀଦ୍ ଯବାନ ଅମର ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ଶହୀଦମାନଙ୍କର ଫଟୋଚିତ୍ରସ୍ଥଳୀରେ କ୍ୟାଣ୍ଡେଲ ସ୍ଥାପନ କରି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ଏହିସବୁ କାର୍ଯ୍ୟକ୍ରମରେ ଦୋକାନୀ ସଂଘ, ବିଭିନ୍ନ ଯୁବକ ସଂଘ, ଛାତ୍ର ସଂଘ, ସ୍ପୋର୍ଟସ୍ ସଂଘ ଏବଂ ରାମପୁର ଆଞ୍ଚଳିକ ଧନୁଯାତ୍ରା କମିଟିର ସଦସ୍ୟମାନେ ସାମିଲ ହୋଇଥିଲେ।



ଶହୀଦ ଯବାନଙ୍କ ଫଟୋଚିତ୍ର ନିକଟରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି।

## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀମାଙ୍କ ଜୟନ୍ତୀ

**ବୀରମହାରାଜପୁର, ୨୧।୨ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟବର୍ତ୍ତୀ ରାଣୀପୁରସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀମାଙ୍କ ୧୪୧ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଗୁରୁବାର ଏହି ଅବସରରେ ଶିକ୍ଷାକେନ୍ଦ୍ରର ନବମ ପ୍ରତିଷ୍ଠା ଦିବସ ମଧ୍ୟ ପାଳନ କରାଯାଇଥିଲା। ଅଧ୍ୟକ୍ଷ ଗୋପାଳ ରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାବିତ୍ ତଥା ବରିଷ୍ଠ ନାଗରିକ ସଂଗଠନ ସଭାପତି ଭଗବାନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ମନରଞ୍ଜନ ଦାଶ ଏହି ଦିବସର ତାତ୍ପର୍ଯ୍ୟ ଏବଂ ଶ୍ରୀମାଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଶିକ୍ଷା ନିର୍ଦ୍ଦେଶକ ଅନୀଲ କୁମାର ପଣ୍ଡା ମଧ୍ୟ ଏହି ଅବସରରେ ବକ୍ତବ୍ୟ ରଖିଥିଲେ। ସକାଳେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ ଓ ମାତୃ ବନ୍ଦନା ଗାନ ମଧ୍ୟରେ ଉତ୍ସବ ଆରମ୍ଭ ହୋଇଥିଲା। ଉତ୍ସବ ଉପଲକ୍ଷେ ଶିକ୍ଷାକେନ୍ଦ୍ରର ବିଦ୍ୟାର୍ଥୀ ଓ ଅପା, ଭାଇମାନଙ୍କ ଦ୍ୱାରା ପୁଷ୍ପ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା।



ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀମାଙ୍କ ଜନ୍ମ ଜୟନ୍ତୀ ପାଳନ।

## ନବ ନିର୍ମାଣ କୃଷକ ସଙ୍ଗଠନର ଦାବିପତ୍ର ପ୍ରଦାନ

**ଡୁଙ୍ଗୁରିପାଲି, ୨୧।୩(ଡି.ଏନ.ଏ.)**

ଡୁଙ୍ଗୁରିପାଲି ବ୍ଲକରେ ଓଡିଶା ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗୁରୁବାର ଆହୂତ ବନ୍ଦ ପ୍ରଭାବଶୂନ୍ୟ ରହିଥିଲା। ଦୋକାନ ବଜାର ସ୍ୱାଭାବିକ ଖୋଲା ରହିଥିଲା । ସ୍କୁଲ କଲେଜ, ବ୍ୟାଙ୍କ କାର୍ଯ୍ୟାଳୟ,ବ୍ଲକ କାର୍ଯ୍ୟାଳୟ ଖୋଲା ରହିଥିଲା। ରାସ୍ତାରେ ଯାନ ବାହାନ ଚଳାଚଳ ଯଥାରୀତି ଚାଲିଥିଲା । ତେବେ ମଧ୍ୟାହ୍ନରେ ସଂଗଠନର ବ୍ଲକ ସଂଯୋଜକ ଲକ୍ଷ୍ମଣ ଭରାସାଗରଙ୍କ ନେତୃତ୍ୱରେ ଡୁଙ୍ଗୁରିପାଲି ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଡିଓଙ୍କ ଅନୁପସ୍ଥିତରେ ଏବିଡିଓ ଶଶୀଭୂଷଣ ପଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ବିକ୍ଷୋଭରେ ବ୍ଲକ କଂଗ୍ରେସ ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ନେପାଳ ବାରିକ, ସୁନୀଲ ସାହୁ, ନବ ନିର୍ମାଣ କୃଷକ ସଂଗଠନର ରାଜେନ୍ଦ୍ର ସା, ହରିପ୍ରସାଦ ସାହୁ, କୈଳାସ ବର୍ଗତି, ବିଭୀଷଣ ଯୁଆଡି ଓ ଭାଜପା ପକ୍ଷରୁ ନିତାଇ ପାଲ, ଏସଟି ସଂଘ ସଭାପତି ଯୋଗେନ୍ଦ୍ର ଭୋଇ ପ୍ରମୁଖ ଯୋଗଦେଇଥିଲେ ।



ଓଡ଼ିଶା ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏବିଡିଓ ଶଶୀଭୂଷଣ ପଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଘୋଷଣାରେ ସୀମିତ ରହିଲା ଓଡ଼ିଶା ବନ୍ଦ

## ସୁବର୍ଣ୍ଣପୁର ଜିଲାରେ ପ୍ରଭାବଶୂନ୍ୟ

**ସୋନପୁର,୨୧।୨(ନି.ପ୍ର.)**

କୃଷକଙ୍କୁ ଉପଯୁକ୍ତ ମୂଲ୍ୟ, ସମ୍ମାନ ଓ ଭତ୍ତା ପ୍ରଦାନ ଦାବିରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗୁରୁବାର ଓଡିଶା ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦକୁ ବିରୋଧି ଭାଜପା ଓ କଂଗ୍ରେସ ସମର୍ଥନ ଦେଇଥିଲେ। ତେଣୁ ବନ୍ଦର ବ୍ୟାପକ ପ୍ରଭାବ ପଡିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଗୁରୁବାର ସୁବର୍ଣ୍ଣପୁର ଜିଲାରେ ବନ୍ଦର କୌଣସି ପ୍ରଭାବ ପଡିନି। ରାସ୍ତାରେ ଯାନବାହାନ ଚଳାଚଳ ସ୍ୱାଭାବିକ ଥିଲା। ଜିଲା ସଦର ମହକୁମା ସମେତ, ବୀରମହାରାଜପୁର, ଉଲୁଣ୍ଡା, ବିନିକା, ଡୁଙ୍ଗୁରିପାଲି ଓ ତରଭାରେ ସରକାରୀ ଅଫିସ, ବ୍ୟାଙ୍କ, ଦୋକାନ ବଜାର ଓ ଶିକ୍ଷାନୁଷ୍ଠାନଗୁଡିକ ଖୋଲା ରହିଥିଲା। ନବ ନିର୍ମାଣ କୃଷକ ସଂଗଠନର ଜିଲା ସଂଯୋଜକ ରାଜେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଚାଷୀମାନେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ବଡବାହାଲିଠାରେ କମ୍ ସମୟ ପାଇଁ ରାସ୍ତାରୋକୋ କରିଥିଲେ। ଚାଷୀଙ୍କ ସଂଖ୍ୟା କମ୍ ଥିବାରୁ ପୋଲିସ ସେମାନଙ୍କୁ ହଟାଇ ଦେଇଥିଲା । ଜିଲାରେ ନବ ନିର୍ମାଣ କୃଷକ ସଂଗଠନର ଶକ୍ତି ଦୁର୍ବଳ ରହିଛି । ଅନ୍ୟ କୃଷକ ସଂଗଠନଗୁଡିକ ଏହି ବନ୍ଦକୁ ସମର୍ଥନ କଲେନି। ଅନ୍ୟପକ୍ଷେ ରାଜ୍ୟ ନେତୃତ୍ୱ ବନ୍ଦକୁ ସମର୍ଥନ କରିବେ ବୋଲି ଘୋଷଣା କରିଥିଲେ ହେଁ ଆଶ୍ଚର୍ଯ୍ୟଜନକ ଭାବେ ଜିଲାରେ ଭାଜପା ଓ କଂଗ୍ରେସ ଦଳ ଏହି ଆନ୍ଦୋଳନରୁ ଦୂରେଇ ରହିଲେ। ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଆସିନି, କୃଷକ ସଂଗଠନର ନେତୃବୃନ୍ଦ ବନ୍ଦ ବିଷୟରେ ଆଲୋଚନା କରି ନ ଥିବା ବିରୋଧି ସଫେଇ ଦେଇଛନ୍ତି ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ। - **ସନ୍ଥ କବୀର ଦାସ**



# ମା'ଙ୍କୁ ଜାଣିଲେ ଜୀବନ ଛନ୍ଦମୟ ହୋଇଉଠେ

**ନୂଆପଡା ଅଫିସ,୨୧।୨**

ନୂଆପଡ଼ା ଜିଲା କୋମନା ବ୍ଲକର ବିଭିନ୍ନ ଅନୁଷ୍ଠାନରେ ଶ୍ରୀମାଙ୍କ ୧୦୧ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀମା ଆଧ୍ୟାତ୍ମିକାର ମୂର୍ତ୍ତିମନ୍ତ ରୂପ। ଆଧ୍ୟାତ୍ମିକତାର ପ୍ରତୀକ । ତାଙ୍କର ସତା ଜାଣିଲେ ଜୀବନ ଛନ୍ଦ ମୟ ହୋଇଥାଏ ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ଶ୍ରୀଅରୋମ କମ୍ପ୍ୟୁଟର କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ଶ୍ରୀମାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା । ଏହି ଅବସରରେ ମା' ଦୁର୍ଗାଙ୍କ ସ୍ତୋତ୍ର ଗାନ କରାଯାଇଥିଲା । ଏହି ଅବସରରେ ଯୋଗଦେଇଥିବା ପୁଣ୍ୟବନ୍ତ ଦୁରିଆ ଶ୍ରୀମାଙ୍କ ଜୀବନ ଉପରେ ଆଲୋଚନା କରିଥିବାବେଳେ ତାଙ୍କର ଜୀବନାଦର୍ଶରେ ଆମକୁ ଅନୁପ୍ରାଣୀତ ହୋଇ କାମ କରିବାକୁ ହେବ ବୋଲି କହିଥିଲେ । ଏହିଭଳି କମ୍ପ୍ୟୁଟର ପ୍ରଶିକ୍ଷକ ଭାଗିରଥୀ ଭୋଇ ନିଜର ଅନୁଭୂତି ବଖାଣିଥିଲେ। ବିଶେଷ ବକ୍ତା ଭାବରେ ଯୋଗଦେଇଥିବା ଶିକ୍ଷାବିତ ଅଜୟ କୁମାର ମଲ୍ଲିକ ଅତିମାନବ ଏବଂ ପାଠଚକ୍ର ଉପରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରିଥିଲେ। ଏହିଭଳି କୋମନାସ୍ଥିତ ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ଶ୍ରୀମାଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ସକାଳ ୭ଟାରୁ ଆରମ୍ଭ କରି ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ନାମ ଜପ କରାଯାଇଥିଲା । ପୂର୍ବାହ୍ନ ସାଢେ ୮ଟାରେ ଆଧ୍ୟାତ୍ମିକ ପତାକା ଉତୋଳନ କରାଯାଇଥିଲା। ଏହାକୁ ମୁଖ୍ୟଅତିଥି ଭଗବାନ ପାଣିଗ୍ରାହୀ ଉତ୍ତୋଳନ କରିଥିଲେ । ପତାକା ଉତ୍ତୋଳନ ପରେ ବନ୍ଦେ ମାତରମକୁ ସାମୁହିକ ଗାନ କରାଯାଇଥିଲା। ଏଥିରେ ଛାତ୍ରୀଛାତ୍ରଙ୍କ ସମେତ ଶତାଧିକ ଗ୍ରାମବାସୀ ଯୋଗଦେଇଥିଲେ। ଏହି ଅବସରରେ ୨ୟରୁ ୪ର୍ଥ ଶ୍ରେଣୀ ଯାଏଁ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗୀତା ହୋଇଥିଲା ।

# ୮ ବର୍ଷ ହେଲା କାର୍ଯ୍ୟକ୍ଷମ ହୋଇନି

**ଭବାନୀପାଟଣା,୨୧।୨ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ୍ ଅନ୍ତର୍ଗତ ନୂଆପଟଡାସ୍ଥିତ ଛାୟା ଦେବୀ ଉଚ୍ଚବିଦ୍ୟାଳୟଠାରେ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରୀ ନିବାସ ଦୀର୍ଘ ୮ ବର୍ଷ ହେଲା ବିଭାଗୀୟ ଅବହେଳା ଯୋଗୁ ଆଜି ଯାଏ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ୨୦୧୧-୧୨ରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଥୁଆମୂଳ ରାମପୁର, ଭବାନୀପାଟଣା ପକ୍ଷରୁ ଅଞ୍ଚଳର ଗରିବ ଆଦିବାସୀମାନଙ୍କୁ ମାଗଣାରେ ରହିବା ଖାଇବା ଓ ପାଠ ପଢିବା ପାଇଁ ସୁଯୋଗ ସୃଷ୍ଟି ପାଇଁ ୪୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଛାତ୍ରୀ ନିବାସ ନିର୍ମାଣ ଆରମ୍ଭ କରାଯାଇଛି। କିନ୍ତୁ ବିଭାଗୀୟ ଅଧିକାରୀ ଉକ୍ତ ଛାତ୍ରୀ ନିବାସ ନିର୍ମାଣ ଶେଷ ହୋଇ ଦୀର୍ଘ ୮ ବର୍ଷ ବିତିଯାଇ ଥିଲେ ହେଁ ଏଯାଏଁ ହସ୍ତାନ୍ତର କିମ୍ବା କାର୍ଯ୍ୟକ୍ଷମ ପାଇଁ କୌଣସି ପଦକ୍ଷେପ ନେଇ ନ ଥିବାରୁ ଏହି ଆଦିବାସୀ ଛାତ୍ରୀ ନିବାସ ଧୀରେ ଧୀରେ ନଷ୍ଟହୋଇ ଏବେ ଭୁତ କୋଠି ପାଲଟିଛି। ଛାତ୍ରୀ ନିବାସ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଓ ବିଭାଗୀୟ ଅଧିକାରୀମାନେ ମିଶି ମିଥ୍ୟା ବିଲ କରି ଟଙ୍କା ଆତ୍ମସାତ କରିଥିବାରୁ ଛାତ୍ରୀ ନିବାସର ଶୌଚାଳୟ ନଷ୍ଟ ହୋଇ ଯାଇଥିବା ବେଳେ ହଷ୍ଟେଲର ପାଚେରୀ ନିର୍ମାଣ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଛାୟାଦେବୀ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ପଚାରିବାରୁ ହଷ୍ଟେଲର ନିର୍ମାଣ କାର୍ଯ୍ୟ ବହୁଦିନରୁ ଶେଷ ହୋଇଥିଲେ ହେଁ ବିଭାଗୀୟ ଅଧିକାରୀ ବର୍ତ୍ତମାନ ଯାଏଁ ଦାୟିତ୍ୱ ହସ୍ତାନ୍ତର କରି ନାହାନ୍ତି । ଫଳରେ ଏବେ ଧୀରେ ଧୀରେ ହଷ୍ଟେଲର ବିଭିନ୍ନ ଅଂଶ ନଷ୍ଟ ହୋଇଯାଇଥିବା ବେଳେ ପାଚେରୀ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିବାରୁ କାର୍ଯ୍ୟକ୍ରମ ହୋଇପାରି ନ ଥିବା ପ୍ରକାଶ କରିଥିଲେ। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୀନକେତନ ମିଶ୍ର, ବୋର୍ଡା ସରପଞ୍ଚ ରୀନାରାଣୀ ଜାଲ, କମ୍ଳପାଣି ପଧାନ, ଗୋପାଳ ଦୁର୍ଗା, କିଶୋରଚନ୍ଦ୍ର ମିଶ୍ର, ହର ମାଝି, କେଦାରନାଥ ପାଧାନ, କମ୍ଳମାଣି ସାହୁ, ଜୟ ସାହୁ, ଢୁଲେଶ୍ୱର ସାହୁ, ମିଳିକି ଅଞ୍ଚଳ ବିକାଶ ପରିଷଦ ସମ୍ପାଦକ ରୋଷନଲାଲ ଛତର ପ୍ରମୁଖ ଛାତ୍ରୀ ନିବାସ କର୍ଯ୍ୟକ୍ଷମ ପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପିଏଙ୍କୁ ବାରମ୍ବାର ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସମନ୍ୱିତ ଆଦିବାସୀ ସଂସ୍ଥା ଭବାନୀପାଟଣା ପିଏ ବିରଞ୍ଚି ନାରାୟଣ ଦରୁଆନଙ୍କୁ ପଚାରିବାରୁ ଉକ୍ତ ହଷ୍ଟେଲରସ୍ଥିତି ସମ୍ପର୍କରେ ଖୁବଶୀଘ୍ର ଅନୁଧାନ କରାଯାଇ ତାହା କାର୍ଯ୍ୟକ୍ଷମ କରାଯିବ ବୋଲି କହିଥିଲେ।



ନିର୍ମାଣାଧୀନ ଆଦିବାସୀ ଛାତ୍ରୀ ନିବାସ ।

# ବଏସ୍ ୭୦ ଟପ୍‌ଲା: ଭତାରୁ ବଁଚିତ୍ ୨ ବୁରୁଧି

**ଖପ୍ରାଖୋଲ, ୨୧।୨(ଡି.ଏନ.ଏ)**

ସରକାର ସାମାଜିକ ସୁରକ୍ଷାକେ ମଜବୁତ କରବାର ଲାଗି ଅନେକ ପରକାର ସାମାଜିକ ସୁରକ୍ଷା କାଯ୍‌କରମ ହାତକେ ନେଇଛନ୍। ଇଥିରେ ୬୦ ବଛରରୁ ଅଧିକା ବଏସ୍‌ର ବୁଢ଼ାବୁଢ଼ି, ଭିନ୍ନକ୍ଷମ, ବିଧବା ମହିଲାକୁଁ ବି ଭତା ଯୁଗେଇ ଦେବାର ନିୟମ ରହିଛେ। ସେନ୍‌ତା ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତା ଆର ମଧୁବାବୁ ପେନସନ ଲେଖେଁ ଯୋଜନା ବି କାଯ୍‌କାରି ହେଉଛେ। ହେଲେ ବହୁତ୍ ଜାଗାରେ ହକ୍‌ଦାର ହିତାଧିକାରୀ ଇ ସବୁ ଯୋଜନାର ସୁଫଲ ପାଏବାରୁ ବଁଚିତ୍ ହେଉଥିବାର ଦେଖିବାକେ ମିଲୁଛେ। ଏନ୍‌ତା ଗୁଟେ ଘଟନା ଦେଖିବାକେ ମିଳିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଁଚେତ୍‌ର ଦେଦର୍ହ ଗାଁରେ। ଗାଁର ମହାଦେବ ବରିହା ଆର ନୃପ ବରିହା ଦୁହିଁକର ବଏସ୍ ୭୦ ଟପି ଗଲାନ। ଭୋଟର କାର୍ଡ ହିସାବେ ମହାଦେବକୁଁ ୭୦ ବଛର ହେଉଥିଲା ବେଲେ ନୃପକୁଁ ୮୦ ବଛର। ହେଲେ ଆଏଜ୍‌ତକ୍ ଦୁଇଝନ ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ଦୁଇଝନ ପଁଚେତ୍‌ନୁ ମୂଲ୍ କରି ବ୍ଲକ ତକ୍ ସବୁନେ ଭତାର ଲାଗି ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇ ବାବ୍‌ଦେ ଖପ୍ରାଖୋଲ ବିଡିଓ ତରଣୀ ସୁନାକୁଁ ପଚରାଲାରୁ ଘଟନାର ତଦଁତ୍ କରି ହକ୍‌ଦାର ହିତାଧିକାରୀକୁଁ ଯେତେ ଜଲ୍‌ଦି ହେବା ଭତା ଦିଆଯିବା ବଲି ସେ କହିଛନ୍।



ବୁଢ଼ାବୁଢ଼ି ଭତାରୁ ବଁଚିତ୍ ମହାଦେବ ଆର ନୃପ।

**■ଓକିଲ ସଂଘର କାର୍ଯ୍ୟକାରୀ କମିଟି ବୈଠକରେ ନିଷ୍ପତ୍ତି**

# ୨୩ରୁ ଖୋଲିବ ଜିଲାପାଳଙ୍କ କାର୍ଯ୍ୟାଳୟ

**ବଲାଙ୍ଗୀର ଅଫିସ, ୨୧।୨**

ବଲାଙ୍ଗୀରଠାରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପୁନଃସ୍ଥାପନ ଦାବିକୁ ନେଇ ଦୀର୍ଘ ୮୧ଦିନ ହେଲା ଜିଲାପାଳଙ୍କ କାର୍ଯ୍ୟାଳୟ ବନ୍ଦ ରଖି ଧାରଣା ଦିଆଯାଉଛି। ତେବେ ଜିଲା ଓକିଲ ସଂଘ କାର୍ଯ୍ୟକାରୀ କମିଟି ବୈଠକ ଅନୁଯାୟୀ ଆସନ୍ତା ୨୩ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଖୋଲାଯିବ ବୋଲି ନିଷ୍ପତ୍ତି ହୋଇଛି। ସାଧାରଣ ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଜିଲା ଓକିଲ ସଂଘ କାର୍ଯ୍ୟକାରୀ କମିଟି ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବିନେଇ ଗତ ଡିସେମ୍ବର ୩ତାରିଖରୁ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ, ସିଭିଲ କୋର୍ଟ ବନ୍ଦ ରହିଥିଲା। ତେବେ ଆସନ୍ତା ୨୩ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଖୋଲିବାକୁ ଜିଲା ଓକିଲ ସଂଘ କାର୍ଯ୍ୟକାରୀ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ତେବେ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ଓକିଲମାନେ କୋର୍ଟ କାମରୁ ନିବୃତ୍ତ ରହିବେ । ଆସନ୍ତା ୨୨ତାରିଖ ମାସର ଶେଷ ଶୁକ୍ରବାର ଓକିଲ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ସିଭିଲ କୋର୍ଟ ଆଗରେ ଧାରଣା ଦିଆଯିବା ପରେ ୨୩ ତାରିଖରୁ ସମସ୍ତ କାର୍ଯ୍ୟାଳୟ ସ୍ୱାଭାବିକ ଭାବେ ଚାଲିବ ବୋଲି କୁହାଯାଇଛି । ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଓକିଲ ସଂଘ ପକ୍ଷରୁ ଦୀର୍ଘ ୮୧ ଦିନର ଆନ୍ଦୋଳନକୁ ଜିଲାର ସମସ୍ତ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ତଥା ଦଳମତ ନିର୍ବିଶେଷରେ ଅକୁଣ୍ଠ ସମର୍ଥନ ଜଣାଇଥିବାରୁ ସମସ୍ତଙ୍କୁ ଓକିଲ ସଂଘ ସଭାପତି ଅଶୋକ କୁମାର ମହାନ୍ତି ଓ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ କୁମାର ନାୟକ ଧନ୍ୟବାଦ ଜଣାଇଛନ୍ତି। ଆସନ୍ତା କିଛି ଦିନ ଭିତରେ ଜିଲାର ସମସ୍ତ ଓକିଲ ସଂଘର ସଭ୍ୟମାନଙ୍କୁ ଏକତ୍ରିତ କରି କଣ୍ଟାବାଞ୍ଜିଠାରେ ଏକ ବୈଠକ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ବୁଧବାର ଅନୁଷ୍ଠିତ ବୈଠକରେ ସଂଘ ସମ୍ପାଦକ ଅମନ ନାଗ, ସହସମ୍ପାଦକ ଜଗଦୀଶ ପ୍ରଧାନ, କୋଷାଧ୍ୟକ୍ଷ ମାନଭଞ୍ଜନ ବେରିହା, ସଭ୍ୟ ବୀରେନ୍ଦ୍ର ମିଶ୍ର, ପ୍ରବୀଣ ମିଶ୍ର, ଜୟରାମ ମିଶ୍ର, ରାଧାକାନ୍ତ ମହାକୁଡ, ରଘୁନନ୍ଦନ ସିଂ, ଦେବାଶିଷ ବିଶ୍ୱାଳ, ଅଧିକାରୀ ଦନ୍ତା, ମହେନ୍ଦ୍ର ବାଗ ଏବଂ ବାସୁଦେବ ରଥ ଅଂଶଗ୍ରହଣ କରିଥିଲେ।

# ପଶ୍ଚିମ ଓଡ଼ିଶା ଇତିହାସ କଂଗ୍ରେସ ସ୍ଥାପନ

**ଭବାନୀପାଟଣା, ୨୧।୨ (ଡି.ଏନ.ଏ.)**

ସରକାରୀ ମହାବିଦ୍ୟାଳୟ (ସ୍ୱୟଂଶାସିତ) ଭବାନୀପାଟଣା ଆନୁକୂଲ୍ୟରେ ୨୦ ଓ ୨୧ ତାରିଖ ୨ ଦିନ ଧରି ଚାଲିଥିବା ଜାତୀୟ ସେମିନାରର ଉଦଯାପିତ ହୋଇଛି। ଏହି ସେମିନାରରେ 'ପଶ୍ଚିମ ଓଡିଶା ଇତିହାସ କଂଗ୍ରେସ' ଗଠନ କରାଯିବା ସଂକଳ୍ପ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡ. ବାବା ମିଶ୍ର ଅଧକ୍ଷତା କରିଥିଲେ। ଏଥିରେ ପ୍ର. ରାମଚନ୍ଦ୍ର ମିଶ୍ର, ଡ. ପି.କେ. ଦଣ୍ଡସେନା, ଗୋରାଚାନ୍ଦ ମହାପାତ୍ର, ଡ. ଟି. ଜେନା ଏବଂ ଡ. ନଳୀନିକାନ୍ତ ରଣା ଉପସ୍ଥିତ ରହିବା ସହିତ ଜାତୀୟ ସେମିନାରରେ ଡେଲିଗେଟ୍‌ସ, ଛାତ୍ରୀଛାତ୍ର ତଥା ମହାବିଦ୍ୟାଳ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ବୃନ୍ଦ ଉପସ୍ଥିତ ଥିଲେ। ଏଥିରେ 'ପଶ୍ଚିମ ଓଡିଶା ଇତିହାସ କଂଗ୍ରେସ'ର ଭବିଷ୍ୟତର ବିଭିନ୍ନ ରୂପରେଖ, କାର୍ଯ୍ୟ ପ୍ରଣାଳୀ, ନୀୟମାବଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଡ. ବାବା ମିଶ୍ରଙ୍କୁ ଅଧକ୍ଷ, ଡ. ପି.କେ. ଦଣ୍ଡସେନାଙ୍କୁ ଯୁଗ୍ମ ଅଧକ୍ଷ, ଗୋରାଚାନ୍ଦ ମହାପାତ୍ରଙ୍କୁ କୋଷାଧକ୍ଷ, ଡ. ତ୍ରିଲୋଚନ ଜେନାଙ୍କୁ ସଚିବ, ତଥା ନଳିନୀକାନ୍ତ ରଣାଙ୍କୁ ଯୁଗ୍ମ ସଚିବ ଭାବେ ପ୍ରାଥମିକ ରୂପରେ କାର୍ଯ୍ୟଭାର ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ଏହାର ନିୟମାବଳୀକୁ ଚୁଡାନ୍ତ କରି ଅବିଳମ୍ବ ଭାରତୀୟ ସୋସାଇଟି ରେଜିଷ୍ଟ୍ରେନ ଆକ୍ଟରେ ପଞ୍ଜୀକୃତ କରିବାକୁ ପ୍ରସ୍ତାବ ରଖାଯାଇଥିଲା। ଏହି ସଙ୍ଗଠନ ଆଞ୍ଚଳିକସ୍ତରର ଗବେଷଣକୁ ବିଶ୍ୱଦରବାରରେ ପହଞ୍ଚାଇବା ସଂକଳ୍ପ ବଦ୍ଧ ବୋଲି ସମସ୍ତେ ସୂଚନା ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।


**ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
Office Of The Deputy General Manager (Electrical)
EHT (O&M) Division, Chatrapur, At-Puti-Gopalpur, Chatrapur,
Dist- Ganjam (Odisha),Pincode-761020 CIN:U40102OR2004SGC007553

Advt. No. 06/2018-19 **NOTICE INVITING TENDER**

Sealed tenders are invited by the undersigned from the Contractors having both valid H.T contract license and Civil contract license along with I.T. PAN, GST Registration certificate for "Shifting & Commissioning of 1 no. of existing 250KVA, 33/0.4KV Station Transformer along with provision of new DP structure nearer to 33Kv Main Bus Side at 132/33Kv Grid S/s Ganjam under EHT (O&M) Division Chatrapur". **Cost of Tender Paper:** - Rs2000/-+ GST @12% (Rs2240/-) **EMD @ 1% of estimated cost:** -Rs 3340/- **Sale of Tender documents:** From Dt 21.02.19 to Dt. 07.03.19 up to 5.00PM on working days only. **Last date of submission of tender:** Dt. 08.03,19 up to 2,00 PM. **Date of opening of tender:** Dt. 08.03.19 at 4.00 PM. For details please visit our web site : **www.optcl.co.in**. Corrigendum if any will be published in the web site only

*Dy.General Manager, EHT(O&M) Div.*

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
**Regd.Office: Janpath, Bhubaneswar-751022, CIN:U4102OR2004SGC007553**

**e-TENDER NOTICE NO. CPC-58/2018-19**

For and on behalf of ODISHA POWER TRANSMISSION CORPORATION LTD., C.G.M. (CPC) invites bids from reputed manufacturers in two part bidding system for supply of Porcelain long rod insulators. The interested bidders would be required to enroll themselves on the tender portal **www.tenderwizard.com/OPTCL.** Complete set of bidding documents are available at **www.tenderwizard.com/OPTCL** from **21.02.2019 (11.00 hr)** to **14.03.2019 (13.00 hr).** Interested manufacturers may visit OPTCL's official website **http://www.optcl.co.in** and **www.tenderwizard.com/OPTCL** for detail specification.

**N.B:** All subsequent addendum/corrigendum to the tender shall be hosted in the OPTCL's official website **http://www.optcl.co.in, www.tenderwizard.com/OPTCL** only.

CR-Advt.No.- 80/18-19 **Chief General Manager (CPC)**

Please connect us: optcl.odisha optcl_odisha energyodisha

**Expression of Interest (EOI) is sought for Agency for running of One Stop Centre (OSC) in Angul District**

**Notice No. 350** **Date 16.02.2019**

Sealed applications are invited from organizations for selection of Agency to run One Stop Centre (OSC) in Angul District. Details of eligibility criteria, selection procedure and application form is available in Angul District website www.angul.nic.in. The application complete in all respect should be reached to the office of the District Social Welfare Officer, Angul on or before 11.03.2019 by 1.00 PM through Speed Post/ Registered Post only.

**Sd./- Collector, Angul**

OFFICE OF THE MUNICIPAL COUNCIL, TITILAGARH

**No. 135** **Dated : 19.02.2019**

**"e"- Tender Notice**

**BID Identification No. MUN-TIG No. 008/2018-19**

Bid Documents consisting of work, Estimated Cost, Cost of Tender Paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in.

| | | | |
|---|---|---|---|
| 1. | Name of the work | : | Civil Construction works as mentioned in website |
| 2. | No. of works | : | 2 Nos. |
| 3. | Estimated Cost | : | 2.22 lakhs to 4.29 Lakhs |
| 4. | Period of Completion | : | 60 Days to 90 Days. |
| 5. | Date & Time of availability of Bid Documents in the Portal | : | From 20.02.2019, 11.00 AM to 26.02.2019, 5.00 PM |
| 6. | Last date & time for receipt of bids in the portal | : | On 26.02.2019 at 5.00 PM. |
| 7. | Last date & time for deposit of Fees & Documents (in sealed envelope) at Office | : | On 27.02.2019 at 12.00 PM |
| 8. | Bids received online shall be opened on | : | On 28.02.2019 at 11.00 AM. |
| 9. | Name and address of the officer inviting Bid | : | Executive Officer, Titilagarh Municipality. |

Further details c an be seen from the procurement portal i.e. https://tendersodisha.gov.in.

**Sd./- Executive Officer, Titilagarh Municipality**

**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, CENTRAL IRRIGATION CIRCLE, BHUBANESWAR**

**No.1295-A:-** **'e' Procurement Notice No. SECIC - 20 / 2018-19**

| Procure-ment Officer | Bid Identification No. | Name of Work | Cost of Work (Rs. in Lakhs) | Bid Security(Rs.) E.M.D. | Cost of Bid documents (Rs) | Class of Contractors | Bid documents available online for bidding | | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| SE, CIC, Bhubaneswar | SECIC/ PID-06 of 2018-19 | Construction of Dry Weather control structure at 85 M U/S of Railway Bridge across Dhaudia Nallah near Malatipatapur. | 379.96 | 380000/- (On-line) | 10000/- (On-line) | "A" Class & "Special" Class | 25.02. 2019 at 11.00 A.M. | 11.03.2019 up to 5.00 P.M | 12 .03.2019 at 11.00 A.M. | 06 (Six) Calendar Months |

e-mail ID:- secic_dowr@yahoo.com.
Further details conditions can be seen from Govt. website www.tenderorissa.gov.in.
**32160/11/0034/1819** **Sd./- Superintending Engineer, Central Irrigation Circle**

**PANCHAYAT SAMITI OFFICE, AGALPUR**
Letter No. 423 Date: 20.02.2019

**INVITATIONS FOR BIDS**

**Detail Tender Call Notice No. 01 APR/2018-19, Dated: 20.02.2019**

1. The Block Dev. Officer, Agalpur on behalf of Governor of Odisha invites percentage rate bids in sealed cover in conformity with detailed tender call notice No. 01/APR/2018-19 to be eventually drawn up in State P.W.D. Form P-1 contract for the execution of works detailed in the table from eligible class of contractors mentioned against the work registered with the State Governments and Contractors of equivalent Grade Calss Registered with Central Government / MES / Railways for execution of Civil works on production of definite proof from the appropriate authority. The bidders may submit bids for any or all of the following works.

| Sl. No. | Name of Work | Approximate value of work (Rs.) | Bid Security 1% EMD (Rs.) | Cost of document | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Const. of BDO Quarter (1 No.) & staff quarter (2 nos.) at Agalpur Block premises | 31,22,822/- | 31,300/- | 6,000/- | C&B | 09 (Nine) calender Months |
| 2. | Const. of 100 seated ST Boy's hostel building at Rampur Govt. High School under Agalpur Block. | 57,54,390/- | 57,600/- | 10,000/- | B&A | 12 (Twelve) Calendar months |

2. Bid documents consisting of plans, specifications, the schedule of quantities and the set of terms and conditions of contract and other necessary documents can be seen in the office of the undersigned during office hours everyday except on Sundays and Public Holidays till last date of sale and receipt of tender papers. Interested bidders may obtain further information at the same address.
3. Bid must be accompanied by bid security (EMD 1%) of the amount specified for the work in the table above in any one of the forms as specified in the bidding document i.e. N.S.C. / K.V.P./ Postal Savings Bank Accounts / Deposit receipt of Scheduled Bank / Post Office Term Deposit Account duly pledged in favour of the Block Dev. Officer, Agalpur. Bids must also be accompanied by self attested xerox copy of valid GST clearance, PAN Card and valid contract registration certificate, upto date ITCC failing which the bid will be liable for rejection.
4. The sale of the Bid document shall start from Dt.21.02.2019 to Dt.13.03.2019 upto 1.00PM at Panchayat Samiti, Agalpur and receipt of bid documents shall close on Dt.13.03.2019 at 2.00PM in Panchayat Samiti, Agalpur & DRDA, Bolangir.
5. Bids must be delivered in the tender box having mentioned as Tender Call Notice No. 01/APR/18-19 in Panchayat Samiti, Agalpur & DRDA, Bolangir.
6. Bid documents can be downloaded from official website of Government of Odisha (http://www.balangir.nic.in). The bidders who have downloaded the bidding documents from the internet site will have to pay the cost of tender document as indicated in Col. No.5 of the above table in shape of demand draft / bankers chqeue in favour of Block Dev. Officer, Agalpur, payable at SBI Duduka in a separate envelope marked "Cost of bidding documents downloaded from the internet" with the bid document. Authority will not be held responsible, if any portion of the bid document is excluded or modified in the downloaded bid document.
7. Bidding documents requested by mail will have to be dispatched by registered / speed post on payment of an extra amount of Rs. 500/- over the cost of documents. The undersigned will not be held responsible for the postal delay if any in the delivery of the documents or non-receipt of the same.
8. The Bids will be opened on the Dt. 13.03.2019 at 3.30 PM in the office of the undersigned in the presence of the members of tender commitee of Panchayat Samiti, Agalpur bidders or their authorized agents who wish to attend at the Conference hall of Panchayat Samti, Agalpur. If the office happens to be closed on the date of opening of the bids as specified the bids will be opened on the next working day at the same time and venue respectively. Other details can be seen in the bidding documents.
9. Additional performance security shall be deposited by the successful bidder when the bid amount is less than the estimated cost put to tender. In such an event, the bidder who have quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the qoted amount as APS in shape of Demand Draft/ Term Deposit Receipt pledged in favour of Development Officer, Agalpur by the successful bidder within seven days opening of the bid.
10. In case of Engineering contractors seeking exemption of EMD are instructed to enclose an affidavit regarding the list of works awarded during the current financial year 2018-19 with exemption of EMD along with an application to avail the same for this work and will submit copy of original contract license and produce the original license at the time of opening of tender, otherwise the tender will be rejected.
11. Scheduled Caste and Scheduled Tribe Tenderers will be given concession where their tenders are within 10% of the rate quoted by the lowest tenderer, for any work. The work may be considered for award to him/them at the lowest tendered rate.
12. If any bidder quotes less than 15% (fifteen) of the amount put to tender then such a bid shall be rejected and the tender shall be finalized basing on merit of the rest bids.
13. The tenderer while submitting tender shall furnish an affidavit along with the tender about the authenticity of the tender documents including E.M.D. The conditional tender will not be accepted on any circumstances by the authority.
14. The tender bidding for more than one work is required to submit the bid documents separately i.e. one envelope for each work within individual EMD. The bidding documents are to be properly sealed and clearly superscripted with the name of work with serial nos. of the work.
15. The percentage quoted in the tender without mentioning excess or less shall be treated as excess.
16. The agency bidding for the work put of this notice, shall have to mention percentage of excess less (both in words & figure) over the amount put to tender required by him in the prescribed format at the end of the bill of quantity. In the event of discrepancies the words & figure, the percentage quoted in words will count.
17. Validity of tender shall be 90 days from the date of opening of tender.
18. The Block Dev. Officer reserves right to reject any or all the tenders without assigning any reason thereof.

***Sd./- [S.Say, OAS(I) SB], Block Dev. Officer, Agalpur***

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୨ ଫେବୃୟାରୀ, ୨୦୧୯



ଆଜିର କାମ ଆସନ୍ତାକାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।

- କାର୍ଲାଇଲ



## ସଂକ୍ଷେପରେ

### ପାରମ୍ପରିକ ବିହନ, ଜୈବ ବିବିଧତା ମେଳା

**ଦେଓଗାଁ,୨୧।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଲଣ୍ଡାପଥର ପଞ୍ଚାୟତ ଅନ୍ତର୍ଗତ ଝିକେରମାଲଠାରେ ବୁଧବାର ପାରମ୍ପରିକ ବିହନ, ଖାଦ୍ୟ ଓ ଜୈବ ବିବିଧତା ମେଳା ଅନୁଷ୍ଠିତ ହୋଇଯାଇଛି। ବନ୍ଧପଡା ଖାଦ୍ୟ ସୁରକ୍ଷା ମହାସଂଘ ଓ ବଲାଙ୍ଗୀର ଆରସିଡିସି ତରଫରୁ ମେଳାରେ କାନ୍ଦୁଲବୁଡ଼ା ସଂଗଠନ ସଭାପତି ମଧୁସୂଦନ ସିଂନିନା, ପୀତାମ୍ବର ପଧାନ, ସ୍ଥାନୀୟ ଗ୍ରାମ ବିକାଶ କମିଟିର ରାଧେଶ୍ୟାମ ଭୋଇ, କଲାର ଭୂଏ ପ୍ରମୁଖ ଯୋଗଦେଇ ପାରମ୍ପରିକ ଦେଶୀ ବିହନର ବ୍ୟବହାର ବୃଦ୍ଧି କରିବା ସହ ପାରମ୍ପରିକ ଖାଦ୍ୟର ପ୍ରଚଳନ ଉପରେ ବକ୍ତବ୍ୟ ଦେଇଥିଲେ। ଆରସିଡିସି ସଂଗଠନର ଦେବରାଜ ଭୂଏଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେଶୀ ବିହନର ସୁରକ୍ଷା, ସଂରକ୍ଷଣ ଓ ପରିଚାଳନା,ପାରମ୍ପରିକ ଖାଦ୍ୟର ପୁନରୁଦ୍ଧାର, ଜଙ୍ଗଲ ସମ୍ପଦର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶେଷରେ କୁଞ୍ଜବନ କାଲସାଏ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଡୁମେରଯୋର, ଝିକେରମାଲ, ଡାହିମାଲ ଓ ଅନ୍ତର୍ଲାର ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ଯୋଗଦେଇ ପାରମ୍ପରିକ ବିହନ, ଖାଦ୍ୟ ଆଦି ପ୍ରଦର୍ଶିତ କରିଥିଲେ । କାର୍ଯ୍ୟକ୍ରମରେ ଝିକେରମାଲ ଗ୍ରାମବିକାଶ କମିଟି ସଦସ୍ୟ ସହଯୋଗ କରିଥିଲେ ।

### ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

**ଲୋଇସିଂହା,୨୧।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ଗ୍ରାମରେ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଯୋଗେନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ । ବ୍ଲକ ସହକାରୀ କୃଷି ଅଧିକାରୀ ସୌମିତ୍ରା ମହାନ୍ତିଙ୍କ ଅଧ୍ୟକ୍ଷତା, ଜିଲା କୃଷି ଅଧିକାରୀ ହିମାଂଶୁ ଶେଖର ପାଢ଼ୀଙ୍କ ସଂଯୋଜନାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ବିଧାୟକ ବେହେରା ରାଜ୍ୟ ସରକାରଙ୍କ କୃଷି ସମ୍ବନ୍ଧୀୟ ସୂଚନା ଦେଇଥିଲେ । । ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ସାହୁ, ଉର୍କୁଲୀ ଧରୁଆ, ସମିତି ସଭ୍ୟା ସନ୍ତୋଷିନୀ ଧରୁଆ, ବିଜେଡି ବ୍ଲକ ସଭାପତି ସୁଶାନ୍ତ ମିଶ୍ର, ପୂର୍ବତନ ସରପଞ୍ଚ ବୀରବଳ ଧରୁଆ, ଡିପିଡି ଆତ୍ମା ସୁରେନ୍ଦ୍ର ନେଗୀ, ବିଡିଓ କମଳଲୋଚନ ଦାସ, ବ୍ଲକ ମତ୍ସ୍ୟ ଅଧିକାରୀ ମୁକେଶ ଡେଲକି, ଏସଏଫଆଇ ଅଚ୍ୟୁତାନନ୍ଦ ପଧାନ, ଏଆରସିଏସ ଲଳିତ ମୋହନ ମାଝି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ବିଭାଗୀୟ ଅଧିକାରୀମାନେ ଚାଷ ଓ ଚାଷୀଙ୍କ ପାଇଁ ରହିଥିବା ସରକାରୀଙ୍କ ବଭିନ୍ନ ଯୋଜନା ଓ ପରିଚାଳନା ସମ୍ପର୍କରେ ଚାଷୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ବାଦିବାହଲା ଗ୍ରାମର ନିର୍ମଳ ସେଠ, ହୃଦୟାନନ୍ଦ ବେହେରା, ଗିର୍ଜିଭାଟର କୁଞ୍ଜବିହାରୀ ପଧାନ, କଦଳୀପାଲିର ମୋହିନୀ ବରିହା, ଯୋଗୀସର୍ଡାର ଅନନ୍ତ ଧରୁଆ ପ୍ରମୁଖ ୫ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

### ସୁବର୍ଣ୍ଣପୁର : ୩ ଇନ୍ସପେକ୍ଟର ପୁଣି ବଦଳିଲେ

**ସୋନପୁର,୨୧।୨(ନି.ପ୍ର.):** ସୁବର୍ଣ୍ଣପୁର ଏସ୍‌ପି ଦେବୀପ୍ରସାଦ ଦାଶ ଇନ୍ସପେକ୍ଟରସ୍ତରରେ ପୁଣି ଅଦଳ ବଦଳ କରିଛନ୍ତି। ଗତ ୧୬ତାରିଖର ବଦଳି ଆଦେଶକୁ ବୁଧବାର ଆଂଶିକ ପରିବର୍ତ୍ତନ କରିଛନ୍ତି। ନିରଞ୍ଜନ ଦାସଙ୍କୁ ଡୁଙ୍ଗୁରିପାଲି ଥାନା ଅଧିକାରୀ, ରାଜେନ୍ଦ୍ର ସମରିଆଙ୍କୁ ବିନିକା ଓ ବୀରମହାରାଜପୁର ଆଇଆଇସି କୁଶ ପାଣିଗ୍ରାହୀଙ୍କୁ ଆଇୟୁସିଏଡବ୍ଲ୍ୟୁ ସୁବର୍ଣ୍ଣପୁର ଭାବେ ବଦଳି କରାଯାଇଛି। ପୂର୍ବରୁ ଦାସଙ୍କୁ ବିନିକା, ସମରିଆଙ୍କୁ ରାମପୁର ଓ ପାଣିଗ୍ରାହୀଙ୍କୁ ଉଲୁଣ୍ଡା ଥାନା ଅଧିକାରୀ ଭାବେ ବଦଳି କରାଯାଇଥିଲା।

ଟିଟିଲାଗଡ଼ ଜିଲା ଗଠନ ଦାବି

# ୨୫ ବୈଠକରେ ଆଗାମୀ କାର୍ଯ୍ୟପନ୍ଥା

**ଟିଟିଲାଗଡ଼, ୨୧।୨(ଡି.ଏନ.ଏ.)**

- କ୍ରିୟାନୁଷ୍ଠାନ କମିଟି ନେବ ନିଷ୍ପତ୍ତି: ଆବାହକ
- ଦାବି ସମର୍ଥନରେ ଲୁଥୁରବନ୍ଧ ଭାଗବତ କମିଟି

ଟିଟିଲାଗଡ ଜିଲା ଦାବି ନେଇ ଦୀର୍ଘ ୧୧୩ ଦିନ ଧରି ଉପଖଣ୍ଡ ମୁଖ୍ୟାଳୟ ଟିଟିଲାଗଡରେ ସମସ୍ତ ସରକାରୀ, କାର୍ଯ୍ୟାଳୟ କୋର୍ଟ କଚେରି ବନ୍ଦ ରହିଛି। ଗତବର୍ଷ ନଭେମ୍ବର ୧ତାରିଖଠାରୁ ଏ ନେଇ ଜିଲା କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଜାରି ରହିଛି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲା ଘୋଷଣା କିମ୍ବା ଅଚଳାବସ୍ଥା ଦୂର ନେଇ କୌଣସି ବିହିତ ପଦକ୍ଷେପ ଗ୍ରହଣ କରା ନ ଯିବା ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ବୃଦ୍ଧି କରିଛି। ବୁଧବାର ଏମପି କଲିକେଶ ନାରାୟଣ ସିଂଦେଓ ଜିଲା ଆନ୍ଦୋଳନ ଆରମ୍ଭ ହେବାଠାରୁ ପ୍ରଥମ ଥର ପାଇଁ ଟିଟିଲାଗଡ ସହରର ବୁଦ୍ଧିଜୀବୀ, ଶିକ୍ଷାବିତ ତଥା ଆଇନଜୀବୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ନିର୍ବାଚନ ଘୋଷଣା ପାଖେଇ ଆସୁଥିବା




ଗୁରୁବାର ଧାରଣାସ୍ଥଳରେ ଲୁଥୁରବନ୍ଧ ଭାଗବତ କମିଟି ସଦସ୍ୟମାନେ।

ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏବେ ଜିଲା ଘୋଷଣା ନେଇ ଅନିଶ୍ଚିତତା ରହିଥିବା ଆଲୋଚନା କାଳରେ ସିଂଦେଓ ସ୍ପଷ୍ଟ କରିଥିବା କ୍ରିୟାନୁଷ୍ଠାନ କମିଟି ଆବାହକ କୃଷ୍ଣଚନ୍ଦ୍ର ସାହୁ କହିଛନ୍ତି। ଅପରପକ୍ଷରେ ଅଦ୍ୟାବଧି ଟିଟିଲାଗଡକୁ ଜିଲା ଗଠନ ନେଇ ଏମପିଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କଠାରେ କୌଣସି ବିଧିବଦ୍ଧ ଦାବି ମଧ୍ୟ ଉପସ୍ଥାପନ କରାଯାଇନାହିଁ। ବୁଧବାର ଆଲୋଚନା ପରେ ସେ ଗଣମାଧ୍ୟମରେ ତାଙ୍କ ପ୍ରତିକ୍ରିୟାରେ ରାଜ୍ୟ ସରକାର ଜିଲା ପୁର୍ନଗଠନ କମିଟି ଗଠନ କଲେ ସମସ୍ତ ସର୍ତ୍ତ ପୂରଣ କରୁଥିବା ଅଞ୍ଚଳକୁ ଜିଲା ମାନ୍ୟତା ମିଳିପାରିବ। ତେବେ ସେ ରାଜ୍ୟରେ ଛୋଟ ଜିଲା ଗଠନ ସପକ୍ଷରେ ରହିଥିବା କହିଥିଲେ। ଅପରପକ୍ଷରେ ରାଜଧାନୀରେ ଟିଟିଲାଗଡ ବିଧାୟିକାଙ୍କ ସହ ପୂର୍ବରୁ ଜିଲା କ୍ରିୟାନୁଷ୍ଠାନ କମିଟି ଦୁଇଥର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଏ ନେଇ ପୁଣି ଥରେ କ୍ରିୟାନୁଷ୍ଠାନ କମିଟି ଚାହିଁଲେ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରାଇବେ ବୋଲି ଏମପି ସିଂଦେଓ କହିଥିବା ଜଣାଯାଇଛି। ତେବେ ଏ ନେଇ ଆସନ୍ତା ୨୫ତାରିଖରେ କ୍ରିୟାନୁଷ୍ଠାନ କମିଟିର ବୈଠକ ବସି ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ଆବାହକ ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅପରପକ୍ଷରେ ଟିଟିଲାଗଡ ଜିଲା ଦାବିକୁ ସମର୍ଥନ କରି ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ସଂଗଠନ ଗଣଧାରଣାରେ ସାମିଲ ହୋଇଛନ୍ତି। ଗୁରୁବାର ଲୁଥୁରବନ୍ଧ ଭାଗବତ କମିଟି ପକ୍ଷରୁ ସଭାପତି ନରହରି ବିଶି, ସମ୍ପାଦକ ଗୁଣସାଗର ମହଲା, ଯୁଗ୍ମ ସମ୍ପାଦକ ରଘୁନାଥ ବିଶି, ଦୁର୍ଗାଚରଣ ବିଶି, ନରେନ୍ଦ୍ର ବିଶି, ଲକ୍ଷେଶ୍ୱର ସାହା, ଲିଙ୍ଗରାଜ ସା, ନରୋତ୍ତମ ବିଶି, ଗୋରଚନ୍ଦ୍ର ବାରିକ, ଉଗ୍ରେ ବାଗ, କୁମ ବାଗ ପ୍ରମୁଖ ଜିଲା ଦାବିକୁ ସମର୍ଥନ ସହ ଗଣଧାରଣାରେ ସାମିଲ ହୋଇଛନ୍ତି।

### ବିଜେଡି କର୍ମୀ ସମ୍ମିଳନୀ

**ଲୋଇସିଂହା,୨୧।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଗ୍ରାମ ଖେଳପଡିଆରେ ବିଜେଡି କର୍ମୀ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏମପି ପ୍ରତିନିଧି ପ୍ରଦୀପ ଗୁରୁଙ୍କ ସଭାପତିତ୍ୱରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଏମପି କଲିକେଶ ନାରାୟଣସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ୧୦୯ପ୍ରକାର ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ୨୦୧୯ ନିର୍ବାଚନରେ ୫ମଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ପୁନଃ ବସାଇବା ଦିଗରେ କାର୍ଯ୍ୟ ଜାରି ରଖିବାକୁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ସଭାପତି ସହଦେବ ସା, ବିଜୟ ବାବୁ, ପୂର୍ଣ୍ଣ ବିଶ୍ୱାଳ,ପୂର୍ବତନ ଜିଲାପରିଷଦ ସଭ୍ୟ ବିଜୟ କୁମାର ପଧାନ, ସମ୍ପତି ନନ୍ଦ ବକ୍ତବ୍ୟ ରଖିଥିଲେ। ଉକ୍ତ କର୍ମୀ ସମ୍ମିଳନୀରେ ବିଧାୟକ ଯୋଗେନ୍ଦ୍ର ବେହେରା ଓ ତାଙ୍କ ସମର୍ଥକଙ୍କ ଅନୁପସ୍ଥିତ ଆଲୋଚନାର ବିଷୟ ହୋଇଛି ।

## ଶହୀଦଙ୍କ ସ୍ମୃତିରେ ଛାତ୍ରୀଛାତ୍ରଙ୍କ ନୀରବ ଶୋଭାଯାତ୍ରା

**ଖପ୍ରାଖୋଲ, ୨୧।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ନୋଡାଲ ଉଚ୍ଚ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ ଓ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ ତରଫରୁ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ର ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ ସମ୍ମିଳିତ ହେଲା ପରେ ନୀରବ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। ଏବିଭିପି ବ୍ଲକ ସଂଯୋଜକ ଶିବା ଗଡତିୟା, ଶିକ୍ଷକ ପବିତ୍ର ଦାଶ, ଜପେନ୍ଦ୍ର ସାହୁ, ସହଦେବ ମେହେର, ରୁକ୍ମିଣି ମିଶ୍ର, ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀକାନ୍ତ ଖମାରୀ, ମୀରାବାଇ କୁଅଁର, ଧର୍ମରାଜ ସାହୁ, ଓମପ୍ରକାଶ ମେହେର, ଇନ୍ଦ୍ରମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।




ପୁଲଓ୍ୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଖପ୍ରାଖୋଲରେ ଛାତ୍ରୀଛାତ୍ରଙ୍କ ନୀରବ ଶୋଭାଯାତ୍ରା।

### ସଙ୍ଗଠନ ସୁଦୃଢ଼ କରିବାକୁ ଗୁରୁତ୍ୱ

**ଖପ୍ରାଖୋଲ, ୨୧।୨(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କଟାପାଲି ଖେଳ ପଡିଆରେ ବିଜୁ ଜନତା ଦଳର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ସତ୍ୟନାରାୟଣ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନିରେ ବଲାଙ୍ଗୀର ଏମପି କଲିକେଶ ନାରାୟଣ ସିଂଦେଓ, ଯୁବନେତା ସରୋଜ ମେହେର, ସଂଖ୍ୟାଲଘୁ ସେଲ ଜିଲା ସଭାପତି ଏମ.ଡି. ସଲିମ୍, ଆଇନଜୀବୀ ଇନ୍ଦୁଭୁଷଣ ଠାକୁର ପ୍ରମୁଖ ଯୋଗଦେଇଥିଲେ । ଆଗାମୀ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ ପାଇଁ ସମସ୍ତ କର୍ମୀ ସଂଗଠିତ ହେବାକୁ ଏମ୍‌ପି ସିଂଦେଇ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଶୋଭନମୟ ମିଶ୍ର, ପଞ୍ଚୁଦେବ ସାହୁ, ପ୍ରକାଶ ମେହେର, ଚୌବନ ବନଛୋର, ଲକ୍ଷ୍ୟ ପଧାନ, କଳାକାହ୍ନୁ ବାରିକ, ନୃପ ନାଗ ପ୍ରମୁଖଙ୍କ ସହ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।



ବିଧାୟକ ଯୋଗନ୍ଦ୍ରେ ବେହେରା ଓଭରହେଡ ପାଣି ଟାଙ୍କିକୁ ଉଦ୍‌ଘାଟନ କରୁଛନ୍ତି।

### ଓଭରହେଡ୍ ପାଣିଟାଙ୍କି ଉଦ୍‌ଘାଟିତ

**ଲୋଇସିଂହା,୨୧।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ଓଭରହେଡ ପାଣି ଟାଙ୍କି ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ବସୁଧା ଯୋଜାନରେ ନିର୍ମିତ ଦେଢଲକ୍ଷ କ୍ଷମତା ବିଶିଷ୍ଟ ପାଣି ଟାଙ୍କିକୁ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ବିଧାୟକ ଯୋଗେନ୍ଦ୍ର ବେହେରା ଉନ୍ମୋଚନ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ ସରପଞ୍ଚ ପ୍ରକାଶ ପଧାନ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମରେ ବିଧାୟକ ବେହେରା ମୁଖ୍ୟ ଅତିଥି, ବ୍ଲକ ବିଜେଡି ସଭାପତି ସୁଶାନ୍ତ ମିଶ୍ର, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ସାହୁ, ସମିତି ସଭ୍ୟ ହେମାଳ ମେଶ୍ୱା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ମୁଖ୍ୟ ଅତିଥି ବେହେରା କହିଥିଲେ, ଓଭରହେଡ ଟାଙ୍କି କାର୍ଯ୍ୟକ୍ଷମ ପରେ ଗ୍ରାମର ସବୁ ଅଞ୍ଚଳକୁ ଠିକ୍ ଭାବେ ପାଣି ପହଞ୍ଚିପାରିବ ଓ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇ ପାରିବେ ବୋଲି କହିଥିଲେ ।

ଓକିଲ ସଂଘର କାର୍ଯ୍ୟକାରୀ କମିଟି ବୈଠକରେ ନିଷ୍ପତ୍ତି

## ୨୩ରୁ ଖୋଲିବ ଜିଲାପାଳଙ୍କ କାର୍ଯ୍ୟାଳୟ

**ବଲାଙ୍ଗୀର ଅଫିସ, ୨୧।୨**

ବଲାଙ୍ଗୀରଠାରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପୁନଃସ୍ଥାପନ ଦାବିକୁ ନେଇ ଦୀର୍ଘ ୮୧ଦିନ ହେଲା ଜିଲାପାଳଙ୍କ କାର୍ଯ୍ୟାଳୟ ବନ୍ଦ ରଖି ଧାରଣା ଦିଆଯାଉଛି। ତେବେ ଜିଲା ଓକିଲ ସଂଘ କାର୍ଯ୍ୟକାରୀ କମିଟି ବୈଠକ ଅନୁଯାୟୀ ଆସନ୍ତା ୨୩ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଖୋଲାଯିବ ବୋଲି ନିଷ୍ପତ୍ତି ହୋଇଛି । ସାଧାରଣ ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଜିଲା ଓକିଲ ସଂଘ କାର୍ଯ୍ୟକାରୀ କମିଟି ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବିନେଇ ଗତ ଡିସେମ୍ବର ୩ତାରିଖରୁ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ, ସିଭିଲ କୋର୍ଟ ବନ୍ଦ ରହିଥିଲା। ତେବେ ଆସନ୍ତା ୨୩ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଖୋଲିବାକୁ ଜିଲା ଓକିଲ ସଂଘ କାର୍ଯ୍ୟକାରୀ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ତେବେ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ଓକିଲମାନେ କୋର୍ଟ କାମରୁ ନିବୃତ୍ତ ରହିବେ । ଆସନ୍ତା ୨୨ତାରିଖ ମାସର ଶେଷ ଶୁକ୍ରବାର ଓକିଲ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ସିଭିଲ କୋର୍ଟ ଆଗରେ ଧାରଣା ଦିଆଯିବା ପରେ ୨୩ ତାରିଖରୁ ସମସ୍ତ କାର୍ଯ୍ୟାଳୟ ସ୍ୱାଭାବିକ ଭାବେ ଚାଲିବ ବୋଲି କୁହାଯାଇଛି । ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଓକିଲ ସଂଘ ପକ୍ଷରୁ ଦୀର୍ଘ ୮୧ ଦିନର ଆନ୍ଦୋଳନକୁ ଜିଲାର ସମସ୍ତ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ତଥା ଦଳମତ ନିର୍ବିଶେଷରେ ଅକୁଣ୍ଠ ସମର୍ଥନ ଜଣାଇଥିବାରୁ ସମସ୍ତଙ୍କୁ ଓକିଲ ସଂଘ ସଭାପତି ଅଶୋକ କୁମାର ମହାନ୍ତି ଓ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ କୁମାର ନାୟକ ଧନ୍ୟବାଦ ଜଣାଇଛନ୍ତି। ଆସନ୍ତା କିଛି ଦିନ ଭିତରେ ଜିଲାର ସମସ୍ତ ଓକିଲ ସଂଘର ସଭ୍ୟମାନଙ୍କୁ ଏକତ୍ରିତ କରି କଣ୍ଟାବାଞ୍ଜିଠାରେ ଏକ ବୈଠକ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି । ବୁଧବାର ଅନୁଷ୍ଠିତ ବୈଠକରେ ସଂଘ ସମ୍ପାଦକ ଅମନ ନାଗ, ସହସମ୍ପାଦକ ଜଗଦୀଶ ପ୍ରଧାନ, କୋଷାଧକ୍ଷ ମାନଭଞ୍ଜନ ବେରିହା, ସଭ୍ୟ ବୀରେନ୍ଦ୍ର ମିଶ୍ର, ପ୍ରବୀଣ ମିଶ୍ର, ଜୟରାମ ମିଶ୍ର, ରାଧାକାନ୍ତ ମହାକୁଡ, ରଘୁନନ୍ଦନ ସିଂ, ଦେବାଶିଷ ବିଶ୍ୱାଳ, ଅଧିକାରୀ ଦନ୍ତା, ମହେନ୍ଦ୍ର ବାଗ ଏବଂ ବାସୁଦେବ ରଥ ଅଂଶଗ୍ରହଣ କରିଥିଲେ ।


## ବାର୍ତ୍ତା



ଚଳିତ ୨୦୧୯ ମସିହାର ବାର୍ଷିକ ହାଇସ୍କୁଲ, ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷା ସମଗ୍ର ରାଜ୍ୟରେ ଫେବୃଆରୀ ୨୨ ତାରିଖରୁ ମାର୍ଚ୍ଚ ୦୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ଅବସରରେ ସବୁ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ପରୀକ୍ଷାର୍ଥୀମାନେ ଯେପରି ସୁସ୍ଥ ପରିବେଶରେ ପରୀକ୍ଷା ଦେବାର ସୁଯୋଗ ପାଇପାରିବେ, ସେଥିପାଇଁ ମୁଁ ରାଜ୍ୟର ଜନସାଧାରଣ, ଅଭିଭାବକ ତଥା ଛାତ୍ରଛାତ୍ରୀ ମାନଙ୍କର ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ
( ନବୀନ ପଟ୍ଟନାୟକ )


## ତିନି ଦିନ ମଧ୍ୟରେ ଦରମା ପ୍ରଦାନ ନ କଲେ ଆନ୍ଦୋଳନ

**ଲାଠୋର, ୨୧।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ ଶିକ୍ଷକମାନଙ୍କୁ ଅବହେଳା କରାଯାଉଛି । ବିଗତ ୪ ମାସ ହେବ ବ୍ଲକ ଅଧିନ ବିଭିନ୍ନ ବିଦ୍ୟାଳୟର ୨୬୦ଜଣ କନିଷ୍ଠ ଶିକ୍ଷକଙ୍କୁ ଦରମା ପ୍ରଦାନ କରାଯାଇନାହିଁ। ଆଗାମୀ ୩ ଦିନ ମଧ୍ୟରେ ଦରମା ପ୍ରଦାନ କରା ନ ଗଲେ ସେମାନେ ଆନ୍ଦୋଳନାତ୍ମକପନ୍ଥା ଆପଣାଇବେ ବୋଲି କନିଷ୍ଠ ଶିକ୍ଷକ ସଂଘ ସଭାପତି ମୁକେଶ ସୁନା ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। ବିଗତ ଦୁଇମାସ ହେବ କନିଷ୍ଠ ଶିକ୍ଷକ ମାନଙ୍କ ଦରମା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପାସ ବହିରେ ଜମା ହୋଇଥିଲେ ସୁଦ୍ଧା ଶିକ୍ଷକମାନଙ୍କୁ ଦରମା ପ୍ରଦାନ ନ କରି ହଇରାଣ ହରକତ କରାଯାଉଛି। ବାରମ୍ବାର ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ କରି ସମସ୍ୟାର ସମାଧାନ ପାଇଁ ଗୁହାରି କଲେ ମଧ୍ୟ ଏଥିପ୍ରତି କର୍ଣ୍ଣପାତ କରାଯାଉନାହିଁ। ଶେଷରେ ଶିକ୍ଷକ ସଂଘ କୌଣସି ଉପାୟ ନପାଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଦରମା ନଦେଲେ ଆନ୍ଦୋଳନର ରାସ୍ତା ଅପଣେଇବା ପାଇଁ ନିଷ୍ପତ୍ତି ନେଇଥିବା କହିଥିଲେ। ଏ ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।




ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କନିଷ୍ଠ ଶିକ୍ଷକ ସଂଘ।


## ବାର୍ତ୍ତା



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ଚଳିତ ମାସ ୨୨ ତାରିଖରୁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସର୍ବ ସଫଳତା କାମନା କରୁଛି । ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତିଭୂମୀ ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ଅତ୍ୟଧିକ ଚାପର ବଶବର୍ତୀ ନ ହୋଇ ଛାତ୍ରଛାତ୍ରୀମାନେ ଉତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ । ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ । ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି

ବଦ୍ରି ନାରାୟଣ ପାତ୍ର
(ବଦ୍ରି ନାରାୟଣ ପାତ୍ର)

## ସଂକ୍ଷେପରେ

### ଟ୍ରେନରେ କଟି ଯୁବକ ମୃତ

**ଜୁନାଗଡ,୨୧।୨(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଜୁନାଗଡ-ଭବାନୀପାଟଣା ରେଳ ଲାଇନ ମଧରେ ଥିବା ଶଗଡା ନିକଟରେ ଗୁରୁବାର ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ତାଙ୍କ ନାମ ବିଦ୍ୟାଧର ଯୋଷୀ (୩୮) ଓ ସେ ନିକଟସ୍ଥ ଭବାନୀପାଟଣା ବ୍ଲକ ତିଲଝୁଡି ଗ୍ରାମର ବୋଲି ଜଣାପଡିଛି। ଖବର ପାଇ ଜୁନାଗଡ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛି। ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ମୃତ ଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩/୧୯) ରୁଜୁ ହୋଇଛି।

### ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶୋକସଭା

**କଲମପୁର,୨୧।୨(ଡି.ଏନ.ଏ.)**
କଳାହାଣ୍ଡି ଜିଲା କଲମପୁର ଦୁର୍ଗାମଣ୍ଡପ ସମ୍ମୁଖରେ ଜମ୍ମୁ-କଶ୍ମୀର ପୁଲୱାମାରେ ଆତଙ୍କବାଦୀଙ୍କ ହମଲାରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସମୀକ୍ଷକ (ଅଡିଟର) ଗୋପାଳ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଲମପୁର ବିଡିଓ ହେମ ସାଗର ଭୋଇ, ଅତିରିକ୍ତ ତହସିଲଦାର ଆଦିତ୍ୟ ପ୍ରଶାଦ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ସତ୍ୟ ନାରାୟଣ ରାଜପୁତ, ପ୍ରତାପ କିଶୋର ପଣ୍ଡା, ବିରଞ୍ଚି ପଣ୍ଡା, ଅଶ୍ୱିନୀ କୁମାର ସେନାପତି, ବରିଷ୍ଠ ସାମାଜିକ କର୍ମୀ ଶୁଭେନ୍ଦୁ କୁମାର ପଣ୍ଡା, ଶଙ୍କର୍ଷଣ ବେହେରା, ଦୀପକ କୁମାର ସାହୁ ପ୍ରମୁଖ ଯୋଗଦେଇ ଶହୀଦ ଯବାନମାନଙ୍କ ସ୍ମୃତି ଚାରଣ କରି ନୀରବ ପ୍ରାର୍ଥନା କରିଥିଲେ। ଏହି ସଭାରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସଭା ପରେ ଗାୟତ୍ରୀ ପରିବାରର ଧନଞ୍ଜୟ ପଣ୍ଡା, ଭବାନୀ ଯୋଷୀ, ବିଜୟ କୁମାର ଗୁପ୍ତାଙ୍କ ନେତୃତ୍ୱରେ ଏକ ମହମବତି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।



**ବସୁନ୍ଧରା ଯୋଜନା**

### ୬୬ ହିତାଧିକାରୀଙ୍କୁ ଘରଡିହ ପଟ୍ଟା ପ୍ରଦାନ

**ଲାଞ୍ଜିଗଡ଼,୨୦।୨(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ତହସିଲ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜଗନ୍ନାଥପୁର ଗ୍ରାମ ପଞ୍ଚାୟତର ୬୬ଜଣ ଭୂମିହୀନ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ଘରଡିହ ଦିଆଯାଇଛି । ଲାଞ୍ଜିଗଡ଼ ତହସିଲଦାର ଆଇଜାକ ମଦିନା ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଘରଡିହ ପଟ୍ଟା ବଣ୍ଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟଙ୍କ ସମେତ ନିୟମଗିରି ସୁରକ୍ଷା ସମିତି ସଭାପତି କୁମୁଟି ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

ସମନ୍ୱିତ ଆଦିବାସୀ ଉନ୍ନୟନ ବିଭାଗର ଅବହେଳା

# ୮ ବର୍ଷ ହେଲା କାର୍ଯ୍ୟକ୍ଷମ ହୋଇନି

**ଭବାନୀପାଟଣା,୨୧।୨ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ୍ ଅନ୍ତର୍ଗତ ନୂଆପଟଡାସ୍ଥିତ ଛାୟା ଦେବୀ ଉଚ୍ଚବିଦ୍ୟାଳୟଠାରେ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରୀ ନିବାସ ଦୀର୍ଘ ୮ ବର୍ଷ ହେଲା ବିଭାଗୀୟ ଅବହେଳା ଯୋଗୁ ଆଜି ଯାଏ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ୨୦୧୧-୧୨ରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଥୁଆମୂଳ ରାମପୁର, ଭବାନୀପାଟଣା ପକ୍ଷରୁ ଅଞ୍ଚଳର ଗରିବ ଆଦିବାସୀମାନଙ୍କୁ ମାଗଣାରେ ରହିବା ଖାଇବା ଓ ପାଠ ପଢିବା ପାଇଁ ସୁଯୋଗ ସୃଷ୍ଟି ପାଇଁ ୪୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଛାତ୍ରୀ ନିବାସ ନିର୍ମାଣ ଆରମ୍ଭ କରାଯାଇଛି। କିନ୍ତୁ ବିଭାଗୀୟ ଅଧିକାରୀ ଉକ୍ତ ଛାତ୍ରୀ ନିବାସ ନିର୍ମାଣ ଶେଷ ହୋଇ ଦୀର୍ଘ ୮ ବର୍ଷ ବିତିଯାଇ ଥିଲେ ହେଁ ଏଯାଏଁ ହସ୍ତାନ୍ତର କିମ୍ବା କାର୍ଯ୍ୟକ୍ଷମ ପାଇଁ କୌଣସି ପଦକ୍ଷେପ ନେଇ ନ ଥିବାରୁ ଏହି ଆଦିବାସୀ ଛାତ୍ରୀ ନିବାସ ଧୀରେ ଧୀରେ ନଷ୍ଟହୋଇ ଏବେ ଭୁତ କୋଠି ପାଲଟିଛି। ଛାତ୍ରୀ ନିବାସ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଓ ବିଭାଗୀୟ ଅଧିକାରୀମାନେ ମିଶି ମିଥ୍ୟା ବିଲ କରି ଟଙ୍କା ଆତ୍ମସାତ କରିଥିବାରୁ ଛାତ୍ରୀ ନିବାସର ଶୌଚାଳୟ ନଷ୍ଟ ହୋଇ ଯାଇଥିବା ବେଳେ ହଷ୍ଟେଲର ପାଚେରୀ ନିର୍ମାଣ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଛାୟାଦେବୀ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ପଚାରିବାରୁ ହଷ୍ଟେଲର ନିର୍ମାଣ କାର୍ଯ୍ୟ ବହୁଦିନରୁ ଶେଷ ହୋଇଥିଲେ ହେଁ ବିଭାଗୀୟ ଅଧିକାରୀ ବର୍ତ୍ତମାନ ଯାଏଁ ଦାୟିତ୍ୱ ହସ୍ତାନ୍ତର କରି ନାହାନ୍ତି । ଫଳରେ ଏବେ ଧୀରେ ଧୀରେ ହଷ୍ଟେଲର ବିଭିନ୍ନ ଅଂଶ ନଷ୍ଟ ହୋଇଯାଇଥିବା ବେଳେ ପାଚେରୀ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିବାରୁ କାର୍ଯ୍ୟକ୍ରମ ହୋଇପାରି ନ ଥିବା ପ୍ରକାଶ କରିଥିଲେ। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୀନକେତନ ମିଶ୍ର, ବୋର୍ଡା ସରପଞ୍ଚ ରୀନାରାଣୀ ଜାଲ, କମ୍ବୁପାଣି ପଧାନ, ଗୋପାଳ ଦୁର୍ଗା, କିଶୋରଚନ୍ଦ୍ର ମିଶ୍ର, ହର ମାଝି, କେଦାରନାଥ ପାଧାନ, କମ୍ବୁମାଣି ସାହୁ, ଜୟ ସାହୁ, ଡୁଲେଶ୍ୱର ସାହୁ, ମିଳିକି ଅଞ୍ଚଳ ବିକାଶ ପରିଷଦ ସମ୍ପାଦକ ରୋଷନଲାଲ ଛତର ପ୍ରମୁଖ ଛାତ୍ରୀ ନିବାସ କର୍ଯ୍ୟକ୍ଷମ ପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପିଏଙ୍କୁ ବାରମ୍ବାର ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସମନ୍ୱିତ ଆଦିବାସୀ ସଂସ୍ଥା ଭବାନୀପାଟଣା ପିଏ ବିରଞ୍ଚି ନାରାୟଣ ଦରୁଆନଙ୍କୁ ପଚାରିବାରୁ ଉକ୍ତ ହଷ୍ଟେଲରସ୍ଥିତି ସମ୍ପର୍କରେ ଖୁବଶୀଘ୍ର ଅନୁଧାନ କରାଯାଇ ତାହା କାର୍ଯ୍ୟକ୍ଷମ କରାଯିବ ବୋଲି କହିଥିଲେ।


ନିର୍ମାଣାଧୀନ ଆଦିବାସୀ ଛାତ୍ରୀ ନିବାସ ।

**ଭବାନୀପାଟଣା ସଦର ବ୍ଲକ୍**
- ୧୦୦ ଶଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରୀ ନିବାସ
- ଛାତ୍ରୀ ନିବାସ ଏବେ ନଷ୍ଟ ହେବାକୁ ବସିଛି
- ହଷ୍ଟେଲର ପାଚେରି ନିର୍ମାଣ ଅର୍ଦ୍ଧନିର୍ମିତ ଅବସ୍ଥାରେ

# ପଶ୍ଚିମ ଓଡ଼ିଶା ଇତିହାସ କଂଗ୍ରେସ ସ୍ଥାପନ

**ଭବାନୀପାଟଣା,୨୧।୨(ଡି.ଏନ.ଏ.)**

ସରକାରୀ ମହାବିଦ୍ୟାଳୟ (ସ୍ୱୟଂଶାସିତ) ଭବାନୀପାଟଣା ଆନୁକଲ୍ୟରେ ୨୦ ଓ ୨୧ ତାରିଖ ୨ ଦିନ ଧରି ଚାଲିଥିବା ଜାତୀୟ ସେମିନାରର ଉଦଯାପିତ ହୋଇଛି। ଏହି ସେମିନାରରେ 'ପଶ୍ଚିମ ଓଡିଶା ଇତିହାସ କଂଗ୍ରେସ' ଗଠନ କରାଯିବା ସଂଙ୍କଳ୍ପ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡ. ବାବା ମିଶ୍ର ଅଧକ୍ଷତା କରିଥିଲେ। ଏଥିରେ ପ୍ର. ରାମଚନ୍ଦ୍ର ମିଶ୍ର, ଡ. ପି.କେ. ଦଣ୍ଡସେନା, ଗୋରାଚାନ୍ଦ ମହାପାତ୍ର, ଡ. ଟି. ଜେନା ଏବଂ ଡ. ନଳୀନିକାନ୍ତ ରଣା ଉପସ୍ଥିତ ରହିବା ସହିତ ଜାତୀୟ ସେମିନାରରେ ଡେଲିଗେଟ୍‌ସ, ଛାତ୍ରୀଛାତ୍ର ତଥା ମହାବିଦ୍ୟାଳ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ବୃନ୍ଦ ଉପସ୍ଥିତ ଥିଲେ। ଏଥିରେ 'ପଶ୍ଚିମ ଓଡିଶା ଇତିହାସ କଂଗ୍ରେସ'ର ଭବିଷ୍ୟତର ବିଭିନ୍ନ ରୂପରେଖ, କାର୍ଯ୍ୟ ପ୍ରଣାଳୀ, ନୀୟମାବଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଡ. ବାବା ମିଶ୍ରଙ୍କୁ ଅଧକ୍ଷ, ଡ. ପି.କେ. ଦଣ୍ଡସେନାଙ୍କୁ ଯୁଗ୍ମ ଅଧକ୍ଷ, ଗୋରାଚାନ୍ଦ ମହାପାତ୍ରଙ୍କୁ କୋଷାଧକ୍ଷ, ଡ. ତ୍ରିଲୋଚନ ଜେନାଙ୍କୁ ସଚିବ, ତଥା ନଳିନୀକାନ୍ତ ରଣାଙ୍କୁ ଯୁଗ୍ମ ସଚିବ ଭାବେ ପ୍ରାଥମିକ ରୂପରେ କାର୍ଯ୍ୟଭାର ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ଏହାର ନିୟମାବଳୀକୁ ଚୁଡାନ୍ତ କରି ଅବିଳମ୍ବ ଭାରତୀୟ ସୋସାଇଟି ରେଜିଷ୍ଟ୍ରେନ ଆକ୍ଟରେ ପଞ୍ଜୀକୃତ କରିବାକୁ ପ୍ରସ୍ତାବ ରଖାଯାଇଥିଲା। ଏହି ସଙ୍ଗଠନ ଆଞ୍ଚଳିକସ୍ତରର ଗବେଷଣକୁ ବିଶ୍ୱଦରବାରରେ ପହଞ୍ଚାଇବା ସଂକଳ୍ପ ବଦ୍ଧ ବୋଲି ସମସ୍ତେ ସୂଚନା ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଶ୍ରୀମାଙ୍କ ଜୟନ୍ତୀ ଉତ୍ସବ

**କେସିଙ୍ଗା,୨୧।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସି ଗ୍ରାମସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଶ୍ରୀମାଙ୍କ ୧୪୧ତମ ଜନ୍ମ ଦିବସ ଅନୁଷ୍ଠାନ ମେନେଜିଂ ଟ୍ରଷ୍ଟି ଡୁମେଶ୍ୱର ସାହୁଙ୍କ ନେତୃତ୍ୱରେ ଗୁରୁବାର ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ କୁବେର ଭୋଇ ମୁଖ୍ୟଅତିଥି ଶ୍ରୀମାଙ୍କ ଆଧାତ୍ମିକ ପତାକା ଉତ୍ତୋଳନ କରିଥିଲେ । ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପ, ଧୂପ ଦ୍ୱାରା ନୀରବ ପ୍ରାର୍ଥନା କରାଯାଇ ପୂଜା ଅର୍ଚ୍ଚନା କରାଯାଇଥିଲା । ଉକ୍ତ ଶିକ୍ଷା କେନ୍ଦ୍ରର ଜନନୀ ଅପାଙ୍କ ଦ୍ୱାରା ଦୁର୍ଗାସ୍ତୋତ୍ର ଓ ମାବହିର ୩ୟ ଅଧାୟ ପାଠ କରିଥିଲେ। ମୁଖ୍ୟଅତିଥି କୁବେର ଭୋଇ ଶ୍ରୀମାଙ୍କ ଜନ୍ମ ଦିନର ଆଧାତ୍ମିକ ବିଷୟରେ ଆଲୋକପାତ କରିଥିଲେ । ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ମେନେଜିଂ ଟ୍ରଷ୍ଟି ଡୁମେଶ୍ୱର ଶ୍ରୀମା ଅରବିନ୍ଦଙ୍କ ଜୀବନି, ଆଦର୍ଶ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ମୂଳ ଉଦ୍ଦେଶ୍ୟ ଓ ଲକ୍ଷ୍ୟ, ଶ୍ରୀମାଙ୍କ ବାଣୀ ପାଠ କରି ଶୁଣାଇଥିଲେ । ଏହି ଉତ୍ସବରେ ସୁନିତା ପାତ୍ର ମାଙ୍କ ଗୀତ ଗାଇଥିଲେ । ଏଥିରେ ଡୋଳାନ୍ଦ୍ରୀ ସାହୁ, କବିତା କୁମାର, କୃଷା କରୁଆ, ଜନନୀ ସାହୁ, ଲିଙ୍ଗରାଜ ସାହୁ, ବିଶିକେଶନ ସୁନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ସେହିପରି କେସିଙ୍ଗା ବ୍ଲକର ବୋରିଆ ପରଲସିଙ୍ଗା, ବନ୍ଦପଡା, ବାଲସି, କର୍ଣ୍ଣପଡା ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସର ମଧ୍ୟରେ ଶ୍ରୀମାଙ୍କ ୧୪୧ତମ ଜୟନ୍ତୀ ପାଳିତ ହୋଇଯାଇଛି ।


ମୁଖ୍ୟଅତିଥିଙ୍କ ଦ୍ୱାରା ଆଧାତ୍ମିକ ପତାକା ଉତ୍ତୋଳନ ।

### କୋକସରା ବ୍ଲକ୍: ୭ଟି କେନ୍ଦ୍ରରେ ୧୪୮୯ ପରୀକ୍ଷାର୍ଥୀ

**କୋକସରା,୨୧।୨(ଡି.ଏନ.ଏ.)**

ଶୁକ୍ରବାରଠାରୁ ହେବାକୁ ଥିବା ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ କଳାହାଣ୍ଡି ଜିଲା କୋକସରା ବ୍ଲକ୍‌ର ୨୩ଟି ହାଇସ୍କୁଲର ୧୪୮୯ ଜଣ ଛାତ୍ରୀଛାତ୍ର ୭ଟି କେନ୍ଦ୍ରରେ ପରୀକ୍ଷା ଦେବେ। ଏଥିପାଇଁ କୋକସରା ବ୍ଲକ୍ ଜବାହାର ଉଚ୍ଚ ବିଦ୍ୟାଳୟ ନୋଡ଼ାଲ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚିଛି। ଶୁକ୍ରବାର ସକାଳୁ ୭ଟି ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପହଞ୍ଚାଇ ଦିଆଯିବ ବୋଲି ନୋଡ଼ାଲ ସେଣ୍ଟର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ ସୂଚନା ଦେଇଛନ୍ତି । ପରୀକ୍ଷା କେନ୍ଦ୍ରଗୁଡ଼ିକରେ କପି ରୋକିବା ପାଇଁ ସ୍ୱତନ୍ତ୍ର ସ୍କାର୍ଡ଼ ଗଠନ ସହ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି । କୋକସରା ବ୍ଲକ୍‌ରେ ୭ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ କୋକସରା ଜବାହାର ଉଚ୍ଚ ବିଦ୍ୟାଳୟଠାରେ ୩୦୨ଜଣ, କାଉଡ଼ୋଲା ହାଇସ୍କୁଲରେ ୨୭୫, ଆମପାଣି ବୁଢାରଜା ହାଇସ୍କୁଲରେ୨୭୫, ଲଡୁଗାଁ ହାଇସ୍କୁଲରେ ୨୦୦, ଫୁପଗାଁ ହାଇସ୍କୁଲରେ ୧୩୦, ଡ଼ହଗାଁ ହାଇସ୍କୁଲରେ ୧୨୫, ଇନ୍ଦ୍ରାବତୀ ହାଇସ୍କୁଲ ଡ଼ଙ୍ଗରୀଗୁଡ଼ାଠାରେ ୧୫୨ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ବେଳେ ସର୍ବମୋଟ ୧୪୮୯ ଜଣ ପରୀକ୍ଷା ଦେବେ।

# ଜୁନାଗଡ଼ ଦିବାରାତ୍ର କ୍ରିକେଟ: କେସିଙ୍ଗା ଚାମ୍ପିୟନ

**ଜୁନାଗଡ,୨୧।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ମାରୱାଡି ଯୁବା ମଞ୍ଚ ପକ୍ଷରୁ ଦିବାରାତ୍ର କ୍ରିକେଟ ମହାକୁମ୍ଭ ଜୁନାଗଡ ଚମ୍ପିୟନ ଟ୍ରଫି ଉଦ୍‌ଯାପିତ ହୋଇଯାଇଛି। ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଲିଗ ମ୍ୟାଚରେ ରାଜ୍ୟର ବିଭିନ୍ନ ଜିଲାରୁ ୧୨ଟି ଦଳ ସାମିଲ ହୋଇଥିଲ। । ବୁଧବାର ରାତ୍ରିରେ ଜୁନାଗଡ ଟାଇଟନ ଏବଂ ଜୁନାଗଡ ଭେନସ ମଧରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହୋଇଥିବା ବେଳେ ଟାଇଟନ ଫାଇନାଲରେ ପ୍ରବେଶ କରିଥିଲା। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ଜଟଣୀ ଓ କେସିଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇ କେସିଙ୍ଗା ଫାଇନାଲକୁ ଉତୀର୍ଣ୍ଣ ହୋଇଥିଲା। ଫାଇନାଲରେ ଟସ ଜିଣି ଜୁନାଗଡ ଟାଇଟନ ବ୍ୟାଟିଂ ନିଷ୍ପତ୍ତି ନେଇ ୧୦ ଓଭରରେ ୬ ଉଇକେଟ ହରାଇ ୫୬ ରନ ସଂଗ୍ରହ କରିଥିଲା। ଜବାବରେ କେସିଙ୍ଗା ୮.୨ ବଲରେ ଦୁଇ ଉଇକେଟ ବିନିମୟରେ ୬୦ ରନ କରି ଚମ୍ପିୟନ ହୋଇଥିଲା। ମ୍ୟାନ ଅଫ ଦି ସିରିଜ କେସିଙ୍ଗାର ଅଜୟ ସୋନୀଙ୍କୁ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଲଳିତ କକକଅଗ୍ରୱାଲ, ଚମ୍ପକ ଅଗ୍ରୱାଲ ଉପସ୍ଥିତ ଥିଲେ। ଖେଳକୁ ସମିର ସାହୁ ଓ ସତିଷ ପ୍ରଧାନ ପରିଚାଳନା କରିଥିବା ବେଳେ ସୋନି ସିଂହ, ନିତିଷ ମହାପାତ୍ର, ବିନୟ ସାହୁ ଧାରା ବିବରଣି ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ କ୍ରିକଦୋସ୍ତ ଆପ ମାଧ୍ୟମରେ ଏହି ଖେଳର ସିଧାପ୍ରସାରଣ ଅନ୍ତର୍ଜାତୀୟସ୍ତରରେ ହୋଇଥିଲା। ଏହି ଆପକୁ ଜୁନାଗଡର ଦୁଇ ବ୍ୟବସାୟୀ ଜିତ ଗୋଏଲ ଓ ସୁରେନ ଗୋଏଲ ପ୍ରସ୍ତୁତ କରିଥିବା ବେଳେ ଲିଗ ମ୍ୟାଚର ମୁଖ୍ୟ ସହଯୋଗୀ ଭାବରେ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ମ୍ୟାଚ ସଭାପତି ଜିମି ଅଗ୍ରୱାଲ, ସମ୍ପାଦକ ଗୋପାଳ ମିତ୍ତଲ, ମାରୱାଡି ଯୁବାମଞ୍ଚ ସଭାପତି ପ୍ରଣବ ଗୋଏଲ, ସମ୍ପାଦକ ଅମିତ ଗୁପ୍ତା, କୋଷାଧକ୍ଷ ଅଙ୍କିତ ଶର୍ମା, ବବଲୁ ଖେମକା, ଜିତେନ୍ଦ୍ର ଶର୍ମା, ରୁପେଶ ସିଙ୍ଘଲ, ସୁଜିତ, ସନ୍ତୋଷ ସିଙ୍ଘଲ ସହଯୋଗ କରିଥିଲେ।


କେସିଙ୍ଗା ଦଳକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଛି।

# ବିଶ୍ୱନାଥପୁର ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ

**ଲାଞ୍ଜିଗଡ଼,୨୧।୨(ଡି.ଏନ.ଏ.)**

ପ୍ରବଳ ପରାକ୍ରମୀ ତଥା ଅତ୍ୟାଚାରୀ କଂସାସୁରର ରାଜୁତି ଶେଷ ହୋଇଛି । ପରମ ଲୀଳାମୟ ଶ୍ରୀକୃଷ୍ଣଙ୍କୁ ମାରିବାକୁ କରିଥିବା ଉଦ୍ୟମ ପଣ୍ଡ ହେବା ସହ କୃଷ୍ଣବଳରାମ ଦ୍ୱାରା କଂସାସୁର ନିହତ ହୋଇଛନ୍ତି। କଂସବଧ ପରେ ମଥୁରା ନିବାସୀ ଉତ୍ସବ ପାଳନ କରିଥିବାବେଳେ ଉଗ୍ରସେନଙ୍କୁ ପୁଣିଥରେ ରାଜଗାଦି ପ୍ରଦାନ କରିଛନ୍ତି ଶ୍ରୀକୃଷ୍ଣ । ୯ ଦିନ ଧରି ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରରେ ଚାଲିଥିବା ଧନୁଯାତ୍ରା ଶେଷ ହୋଇଛି। ବିଶ୍ୱନାଥପୁର ଧନୁଯାତ୍ରାର ଶୁଭଖମ୍ଭ ସ୍ଥାପନ ପରେ ଦେବକୀ-ବସୁଦେବ ବିବାହ, ଦୈବବାଣୀ, ଉଗ୍ରସେନଙ୍କ ଗାଦିଚ୍ୟୁତ, କଂସଙ୍କ ସିଂହାସନ ଆରୋହଣ, ଶ୍ରୀକୃଷ୍ଣ ଜନ୍ମ, ଶ୍ରୀକୃଷ୍ଣଙ୍କୁ ମାରିବା ପାଇଁ ମନ୍ତ୍ରଣା, ପୁତନା, ବକାସୁର, ଅଘାସୁର, କାଳୀୟ ଦଳନ, ଅଷ୍ଟମଲ୍ଲ ନିଧନ ଆଦି ଦୃଶ୍ୟ ଅଭିନୀତ ହେବା ପରେ ଶେଷରେ କୁବଳୟା ହସ୍ତୀ ବଧ, ଚାଣୁର-ମୁଷ୍ଟିକ ବଧ ପରେ ଶ୍ରୀକୃଷ୍ଣ ବଳରାମଙ୍କ ଦ୍ୱାରା କଂସାସୁରର ନିଧନ ଭଳି ଅଲୌକିକ ଲୀଳାକୁ ଅଞ୍ଚଳର ଲକ୍ଷାଧିକ ଦର୍ଶକ ଓ ଶ୍ରଦ୍ଧାଳୁ ଉପଭୋଗ କରିଥିଲେ । ସେହିପରି ଦୁର୍ଗାମଣ୍ଡପଠାରେ ଗୋପଲୀଳା ସଙ୍ଗଠିତ ହୋଇଥିଲା । ବିଶ୍ୱନାଥପୁର ଧନୁଯାତ୍ରାକୁ ନେଇ ଅଞ୍ଚଳରେ ବେଶ୍ ଉତ୍ସାହ ଦେଖାଦେଇଥିବାବେଳେ କଳାହାଣ୍ଡି ଜିଲା ଲାଞ୍ଜିଗଡ, ନର୍ଲା ବ୍ଲକ, ରାୟଗଡା ଜିଲା ମୁନିଗୁଡା ଓ କଲ୍ୟାଣସିଂପୁର ବ୍ଲକ ସମେତ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା । ଦର୍ଶକଙ୍କ ମନୋରଞ୍ଜନ ପାଇଁ ମୀନାବଜାର, ମୌତ୍‌କା କୁଆଁ ଓ ବିଭିନ୍ନ ପ୍ରକାର ଖାଦ୍ୟ ବିପ୍ରଣୀ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା । ଲାଞ୍ଜିଗଡ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ଉତ୍ସବ ଉଦ୍‌ଘାଟନ କରିଥିଲେ। ବିଶ୍ୱନାଥପୁର ଧନୁଯାତ୍ରାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ସେମାନଙ୍କ ଯୋଗଦାନ ଏହାକୁ ଏକ ପରମ୍ପରାରେ ପରିଣତ କରିଛି ବୋଲି ସେ କହିଥିଲେ । ଧନୁଯାତ୍ରା ଆୟୋଜନ କମିଟି ସଭାପତି ପ୍ରଦୀପ ଘଡେଇ, ସମ୍ପାଦକ ଗୋବିନ୍ଦ ପ୍ରଧାନୀ, କୋଷାଧକ୍ଷ ବିଶ୍ୱନାଥ ଘଡେଇ, ଉପଦେଷ୍ଟା କମିଟି ତରୁଣ ଦାସ, ରଘୁବୀର ନାଗ, ଜଗଦୀଶ ବେନିଆଁ ଓ ବିଶ୍ୱନାଥପୁର ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଧନୁଯାତ୍ରା ହୋଇଥିଲା। ଧନୁଯାତ୍ରାର ବିଭିନ୍ନ ସନ୍ଧ୍ୟାରେ ବିଶ୍ୱନାଥପୁର ଯୁକ୍ତ ୩ କଲେଜ ଅଧକ୍ଷ ରମେଶ ସାହୁ, ଯୁକ୍ତ ୨ କଲେଜ ଅଧକ୍ଷ କଙ୍କଣ ରାୟ, ଅବିଭକ୍ତ କଳାହାଣ୍ଡି ଜିଲା ପାଇକ ସମାଜ କୁଳାଧକ୍ଷ ଚନ୍ଦ୍ରଧ୍ୱଜ ପେସନିଆ, ସାମାଜିକ କର୍ମୀ ନବୀନ ସୁନା, ଅନନ୍ତରାମ ପ୍ରଧାନୀ, ପୂଜକ କୈଳାସ ଦାସ, କଂଗ୍ରେସ ନେତା ଶିବାଜୀ ମାଝି, ଭାଜପା ନେତା ରମେଶ ମାଝି ଓ ସୁଶୀଲ ଶବର ପ୍ରମୁଖ ରାଜ ଅତିଥି ଭାବେ ଯୋଗଦେଇଥିଲେ। ରାଜ ସଭା ପରିଚାଳନା କରିଥିଲେ କିଶୋର ଘଡେଇ । ଥାନାଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



ଧନୁଯାତ୍ରାର ଉଦ୍‌ଯାପିତ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ।

ପ୍ରଧାନଶିକ୍ଷକ ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ହଡପ କରିବା ଘଟଣା

# ନିଲମ୍ବନର ୩୯ ଦିନ ପରେ ପୁନଃ ନିଯୁକ୍ତି

**ଜୁନାଗଡ,୨୧।୨(ଡି.ଏନ.ଏ.)**

**ଦାସିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**
- ଜିଲାପାଳ, ଡିଇଓଙ୍କ ଅଜାଣତରେ ନିଯୁକ୍ତି
- ସୁହାଇଲା ଭଳି ପାଖ ସ୍କୁଲରେ ଥଇଥାନ
- ସନ୍ଦେହରେ ଜୁନାଗଡ ଶିକ୍ଷା ବିଭାଗ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଦାସିଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଅନିୟମିତତା ଓ ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ହଡପ ଘଟଣାରେ ନିଲମ୍ବିତ ପ୍ରଧାନଶିକ୍ଷକଙ୍କୁ ୩୯ ଦିନ ପରେ ଜୁନାଗଡ ଶିକ୍ଷା ବିଭାଗ ପକ୍ଷରୁ ବୁଧବାର ପୁନଃ ନିଯୁକ୍ତି ଦିଆଯାଇଥିବା ଜଣାପଡିଛି। ସେହିପରି ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ଅଜାଣତରେ ଏହି ପୁନଃ ନିଯୁକ୍ତି ଦିଆଯାଇଥିବାରୁ ଜୁନାଗଡ ଶିକ୍ଷା ବିଭାଗର ଭୂମିକାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଦାସିଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ବିଜେ ନାଗ ମଧ୍ୟାହ୍ନ ଭୋଜନରେ ଅନିୟମିତତା କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ନେଇ ବ୍ଲକ ଶିକ୍ଷା ବିଭାଗ ଏବିଇଓ ତୁଳସୀ ମେହେର ଗତ ଡିସେମ୍ବର ୧୮ ତାରିଖରେ ଉକ୍ତ ସ୍କୁଲକୁ ଯାଇ ତଦନ୍ତ କରିଥିଲେ। ଏହି ସମୟରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ମଧ୍ୟାହ୍ନ ଭୋଜନରେ ଅନିୟମିତତା କରୁଥିବା ଏବିଇଓ ଜାଣିବାକୁ ପାଇଥିଲେ। ଏ ନେଇ ସେ ବିଇଓଙ୍କୁ ରିପୋର୍ଟ ଦେବା ପରେ ପ୍ରଧାନ ଶିକ୍ଷକଙ୍କୁ କାର୍ଯ୍ୟାନୁଷ୍ଠାନ ବଦଳରେ କେବଳ ମଧ୍ୟାହ୍ନ ଭୋଜନ ଦାୟିତ୍ୱରୁ ଅପସାରଣ କରାଯାଇଥିଲା। ଏହି ଘଟଣାର କିଛି ଦିନ ନ ପୁରୁଣୁ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ନାମରେ ବିଦ୍ୟାଳୟର ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ହଡପ କରିଥିବା ନେଇ ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକମାନେ ଆଉ ଏକ ଅଭିଯୋଗ କରିଥିଲେ। ସରକାରଙ୍କ ଷ୍ଟାଇପେଣ୍ଡ ପାଇଁ ଧାର୍ଯ୍ୟ ଟଙ୍କା ଛାତ୍ରୀଛାତ୍ରଙ୍କୁ ନ ଦେଇ ସମ୍ପୃକ୍ତ ପ୍ରଧାନଶିକ୍ଷକ ତାହାଠାରୁ କମ୍ ଦେଇଥିବା ଜଣାପଡିଥିଲା। ଏହି ଅନିୟମିତତାକୁ ନେଇ 'ଧରିତ୍ରୀ'ରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଥିଲା। ସେତେବେଳେ ଏହି ଘଟଣାର ତଦନ୍ତ ପାଇଁ ଜୁନାଗଡ ଏବିଇଓ ନବକିଶୋର ପାତ୍ରୀ ଓ ସ୍ଥାନୀୟ ସିଆରସିସି ସୁବାସ ଚନ୍ଦ୍ର ଶବର ଉକ୍ତ ସ୍କୁଲକୁ ଯାଇଥିଲେ। ତଦନ୍ତ ପରେ ଏବିଇଓ ଓ ସିଆରସିସି ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ରଙ୍କ ଟଙ୍କା ହଡପ ହୋଇଥିବା ଜାଣିବାକୁ ପାଇଥିଲେ। ଏହାର ରିପୋର୍ଟକୁ ଏବିଇଓ ପାତ୍ରୀ ବିଇଓଙ୍କୁ ପ୍ରଦାନ କରିଥିଲେ। ଷ୍ଟାଇପେଣ୍ଡ ହଡପ ନେଇ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀ ପତ୍ର ସଂଖ୍ୟା ୨୯, ମେମୋ ନଂ. ୩୦ ତା ୧୦।୧।୨୦୧୯ରେ ଜିଲା ଶିକ୍ଷାଧିକାରୀଙ୍କୁ ତଦନ୍ତର ରିପୋର୍ଟ ପ୍ରଦାନ କରିଥିଲେ। ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂହ ଏହି ଘଟଣାକୁ ତର୍ଜମା କରି ଆଦେଶ ନଂ. ୪୦୦ ତା ୧୨।୧।୨୦୧୯ରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରିବା ପାଇଁ ଜୁନାଗଡ ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜୁନାଗଡ ବିଇଓ ସୁଧାଂଶୁ ବାଳା ଦେବୀ ଆଦେଶ ନଂ. ୪୪ ତା ୧୨।୧।୨୦୧୯ରିଖରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରିଥିଲେ। ବର୍ତ୍ତମାନ ଶିକ୍ଷା ବିଭାଗ ଓ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ମଧୁଚନ୍ଦ୍ରିକା ଯୋଗୁ ନିଲମ୍ବନ ହେବାର ୩୯ ଦିନ ପରେ ନିଲମ୍ବିତ ପ୍ରତ୍ୟାହାର କରି ବୁଧବାର ପୁନଃ ନିଯୁକ୍ତି ଦେଇଥିବା ଜଣାପଡିଛି। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଜୁନାଗଡ ଶିକ୍ଷା ବିଭାଗ ପକ୍ଷରୁ ସୁହାଇଲା ଭଳି ପୂର୍ବ ସ୍କୁଲଠାରୁ ମାତ୍ର ଦେଢ କି.ମି. ଦୂର ବାନ୍ଦନପଲା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥଇଥାନ କରାଯାଇଛି। ପୁନଶ୍ଚ ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୧୩୪ଜଣ ଛାତ୍ରୀଛାତ୍ରଙ୍କ ପାଇଁ ୫ଜଣ ଶିକ୍ଷକ ଥିବାବେଳେ କେଉଁ ଉଦ୍ଦେଶ୍ୟରେ ଜୁନାଗଡ ଶିକ୍ଷା ବିଭାଗ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଉକ୍ତ ସ୍କୁଲରେ ପୁନଃ ନିଯୁକ୍ତି ଦେଲେ ତାହା ତଦନ୍ତ ସାପେକ୍ଷ। ଏପରିକି ଏହି ପୁନଃ ନିଯୁକ୍ତି ସମ୍ପର୍କରେ ଖୋଦ୍ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀ ମଧ ଜାଣି ନ ଥିବା ପ୍ରକାଶ କରନ୍ତି। ଘଟଣା ସମ୍ପର୍କରେ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀଙ୍କୁ ପଚାରିବାରୁ ଆଗକୁ ନିର୍ବାଚନ ଥିବାରୁ ଜିଲା ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ପୁନଃ ନିଯୁକ୍ତି ପ୍ରଦାନ କରାଯାଇଛି ବୋଲି କହିଥିଲେ। ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂହଙ୍କୁ ପଚାରିବାରୁ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ପୁନଃ ନିଯୁକ୍ତି କରାଯିବା ସମ୍ପର୍କରେ ମୁଁ ଜାଣି ନ ଥିଲି, ଆପଣଙ୍କଠୁ ପ୍ରଥମେ ଜାଣିଲି ବୋଲି କହିଥିଲେ। ଦଣ୍ଡିତ ପ୍ରଧାନଶିକ୍ଷକଙ୍କୁ ପାଖ ସ୍କୁଲରେ ନିଯୁକ୍ତି ନ କରି ଅନ୍ୟ ସ୍କୁଲରେ ଦେବା ପାଇଁ ବିଇଓଙ୍କୁ କହୁଛି ବୋଲି କହିଥିଲେ। ଏ ନେଇ ଜିଲାପାଳ ଡା ଗାଭାଳି ପରାଗ ହର୍ଷଦଙ୍କୁ ପଚାରିବାରୁ ଏ ବିଷୟରେ ମୋ ପାଖରେ ଖବର ନାହିଁ, ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।



ପଡ଼ି ପଡ଼ି କଳଙ୍କ ଲାଗି କ୍ଷୟ ହେବା ଅପେକ୍ଷା କାମ କରି କ୍ଷୟ ହୋଇଯିବା ଶ୍ରେୟସ୍କର।
- ରିଚାର୍ଡ କମ୍ବରଲ୍ୟାଣ୍ଡ୍



## ସଂକ୍ଷେପରେ



### ବାଇକ୍ ଭାଙ୍ଗିଲା ହାତୀ, ବର୍ତ୍ତିଲେ ଆରୋହୀ

**ଉଲୁଣ୍ଡା, ୨୧।୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଜଉଁରାଭଉଁରା ପଞ୍ଚାୟତର ପୁଡାମାଲିଆ ରାସ୍ତାରେ ଏକ ହାତୀ ଜଣେ ଯୁବକଙ୍କ ବାଇକ ଭାଙ୍ଗି ଦେଇଥିବା ବେଳେ ଆରୋହୀ ଜଣକ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ ସାଗଜୁରି ଗ୍ରାମର ଜଗଦୀଶ ପଧାନ ଗୁରୁବାର ଅପରାହ୍ନରେ ଉପରୋକ୍ତ ସ୍ଥାନରେ ନିଜ ବାଇକ ରଖି ରାସ୍ତାକାମ କରୁଥିଲେ। ଏହି ସମୟରେ ହାତୀ ଆସିଯିବାରୁ ସେଠାରୁ ଜୀବନ ବଞ୍ଚି ବାଇକ ଛାଡି ଦୌଡି ପଳାଇଥିଲେ। ହାତୀ ତାଙ୍କ ବାଇକକୁ ଟେକି କଚାଡି ଦେବାରେ କିଛି ଅଂଶ ଭାଙ୍ଗି ଯାଇଥିଲା। ଖବର ପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାଇକ ଉଦ୍ଧାର କରିବା ସହିତ ହାତୀକୁ ଘଉଡାଇ ଦେଇଥିବା ଜଣାପଡଛି।

### ଘୋଷଣାରେ ସୀମିତ ରହିଲା ଓଡ଼ିଶା ବନ୍ଦ:ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରଭାବଶୂନ୍ୟ

**ସୋନପୁର,୨୧।୨(ନି.ପ୍ର.):** କୃଷକଙ୍କୁ ଉପଯୁକ୍ତ ମୂଲ୍ୟ, ସମ୍ମାନ ଓ ଭତ୍ତା ପ୍ରଦାନ ଦାବିରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗୁରୁବାର ଓଡିଶା ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦକୁ ବିରୋଧି ଭାଜପା ଓ କଂଗ୍ରେସ ସମର୍ଥନ ଦେଇଥିଲେ। ତେଣୁ ବନ୍ଦର ବ୍ୟାପକ ପ୍ରଭାବ ପଡିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଗୁରୁବାର ସୁବର୍ଣ୍ଣପୁର ଜିଲାରେ ବନ୍ଦର କୌଣସି ପ୍ରଭାବ ପଡିନି। ରାସ୍ତାରେ ଯାନବାହାନ ଚଳାଚଳ ସ୍ୱାଭାବିକ ଥିଲା। ଜିଲା ସଦର ମହକୁମା ସମେତ, ବୀରମହାରାଜପୁର, ଉଲୁଣ୍ଡା, ବିନିକା, ଡୁଙ୍ଗୁରିପାଲି ଓ ତରଭାରେ ସରକାରୀ ଅଫିସ, ବ୍ୟାଙ୍କ, ଦୋକାନ ବଜାର ଓ ଶିକ୍ଷାନୁଷ୍ଠାନଗୁଡିକ ଖୋଲା ରହିଥିଲା। ନବ ନିର୍ମାଣ କୃଷକ ସଂଗଠନର ଜିଲା ସଂଯୋଜକ ରାଜେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଚାଷୀମାନେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ବଡବାହାଲିଠାରେ କମ୍ ସମୟ ପାଇଁ ରାସ୍ତାରୋକୋ କରିଥିଲେ। ଚାଷୀଙ୍କ ସଂଖ୍ୟା କମ୍ ଥିବାରୁ ପୋଲିସ ସେମାନଙ୍କୁ ହଟାଇ ଦେଇଥିଲା । ଜିଲାରେ ନବ ନିର୍ମାଣ କୃଷକ ସଂଗଠନର ଶକ୍ତି ଦୁର୍ବଳ ରହିଛି । ଅନ୍ୟ କୃଷକ ସଂଗଠନଗୁଡିକ ଏହି ବନ୍ଦକୁ ସମର୍ଥନ କଲେନି। ଅନ୍ୟପକ୍ଷେ ରାଜ୍ୟ ନେତୃତ୍ୱ ବନ୍ଦକୁ ସମର୍ଥନ କରିବେ ବୋଲି ଘୋଷଣା କରିଥିଲେ ହେଁ ଆଶ୍ଚର୍ଯ୍ୟଜନକ ଭାବେ ଜିଲାରେ ଭାଜପା ଓ କଂଗ୍ରେସ ଦଳ ଏହି ଆନ୍ଦୋଳନରୁ ଦୂରେଇ ରହିଲେ। ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଆସିନି, କୃଷକ ସଂଗଠନର ନେତୃବୃନ୍ଦ ବନ୍ଦ ବିଷୟରେ ଆଲୋଚନା କରି ନ ଥିବା ବିରୋଧି ସଫେଇ ଦେଇଛନ୍ତି ।

**ଆଜି କ'ଣ କେଉଁଠି**

ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ସୁବର୍ଣ୍ଣପୁରରେ ବିଶ୍ୱ କୋଶଲି ମାତୃଭାଷା ଦିବସ ପାଳିତ

# କୋଶଲିକେ ରାଏଜର ଦୁତିଅ ଭାଷାର ମାଏନ୍ତା ଦାବି

**ସୋନପୁର,୨୧।୨(ନି.ପ୍ର.)**

କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ଆର କୋସଲ ହେରିଟେଜ ଟ୍ରଷ୍ଟ ତରଫୁ ଗୁରୁବାର ବିଶ୍ୱ କୋଶଲି ମାତୃଭାଷା ଦିବସ ଥାନୀୟ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ପରିସରରେ ପାଲିତ ହେଇଯାଇଛେ। କୋଶଲି ଭାଷାକେ ରାଏଜର ଦୁତିଅ ସରକାରୀ ଭାଷାର ମାଏନ୍ତା, ସମ୍ବିଧାନର ଅଷ୍ଟମ ପରିଚ୍ଛେଦନେ ଇ ଭାଷାକେ ମାଏନ୍ତା, ପ୍ରାଥମିକ ସ୍କୁଲମାନକେ ଛୁଆକୁ କୋଶଲି ଭାଷାରେ ପାଠ୍‌ପଢ଼ାବାର ବେବସ୍‌ତା କରବାର, ଭାଷାର ସୁରକ୍ଷା ଆର ବିକାଶ ଲାଗି ସୁବର୍ଣ୍ଣପୁରରେ କୋଶଲ ବିଶ୍ୱବିଦ୍ୟାଳୟ ଥାପନା, ଅଂଚଲର ବିକାଶ ଲାଗି ଅଲଗ୍ କୋଶଲ ରାଏଜ୍ ଗଠନ ଲାଗି ଦିବସ ପାଳନ ଅବ୍‌ଛରରେ ଦାବି କରାଯାଇଥିଲା। ଏକାଡେମୀର ସଭାପତି ପଦ୍ମଶ୍ରୀ ଡ.ଶ୍ରୀନିବାସ ଉଦ୍‌ଗାତା ସୁଆଗତ ଭାଷନ୍ ଦେଇ କୋଶଲାଂଚଲର



ବିଶ୍ୱ ମାତୃଭାଷା ଦିବସ ପାଳନ ଅବ୍‌ଛରରେ ମଞ୍ଚାସୀନ କୁନୁଆଁମାନେ।

ଇତିହାସ, ଭାଷାର ଗତି, ଥିତି ବାବ୍‌ଦେ ଆଲୋଚନା କରିଥିଲେ। ଐତିହାସିକ ଡ.ଶଶାଙ୍କ ଶେଖର ପଣ୍ଡା ମୁଖିଆବକ୍ତା ହିସାବେ ଯୋଗ୍‌ଦେଇ କୋଶଲ ମୁକ୍ତି ଆଂଦୋଲନର କାରନ୍ ଆର ତହିଁରେ ବୁଧିଜୀବୀ, ଜନସାଧାରନ୍‌କର ଭୂମିକା, ଯୋଗଦାନ ବାବ୍‌ଦେ ମତ ରଖିଥିଲେ। ସମ୍ମାନିତ କୁନୁଆଁ ହିସାବେ ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ ଆର ପୁରଖା ଆଇନଜୀବୀ ନିମାଇଁ ଚରଣ ନାଏକ କୋଶଲି ଭାଷା ସଂସ୍କୃତିର ସୁରକ୍ଷା ଆର ବଢ଼ତି ବାବ୍‌ଦେ ଟିକିନିଖିନୁ ଆଲୋଚନା କରିଥିଲେ। ଇ ଅବ୍‌ଛରରେ ସାରସ୍ୱତ ସାଧକ ଡ.ନୃସିଂହ ପ୍ରସାଦ ଗୁରୁକୁଁ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ସମ୍ମାନରେ ସନାମନା କରାଯାଇଥିଲା। ଏକାଡେମୀର ସାଧାରନ୍ ସଂପାଦକ ଗୋରେଖନାଥ ସାହୁ ସଭାକେ ସଂଯୋଜନା କରିଥିଲେ। ସଭା ଆରମ୍‌ରେ ପୁଲୱାମାରେ ଆତଙ୍କବାଦୀକଁର ଆକ୍‌ରମନରେ ଶହୀଦ ହେଇଥିବାର ଯବାନମାନକର ଆତ୍‌ମାର ସଦ୍‌ଗତି ଲାଗି ଦୁଇ ମିନିଟ୍ ନିରବ ପାରଥନା କରାଯାଇଥିଲା। ସେନ୍‌ତା ଭାଷା ସଂସ୍କୃତିର ସୁରକ୍ଷା ଆର ବିକାଶ ଲାଗି ପଦ୍ମଶ୍ରୀ ଡ.ଶ୍ରୀନିବାସ ଉଦ୍‌ଗାତାକଁର ନେତୃତ୍ୱରେ ଏକାଡେମୀର ସଭ୍ୟାସଭ୍ୟ ଗୁଟେ କ୍ୟାଣ୍ଡେଲ ରାଲିରେ ସହରର ଭାଉଁରେ ବୁଲିଥିଲେ। ପଛେ ଗୁଟେ କବିତା ଆସର ଅନୁଷ୍ଠିତ ହେଇଥିଲା। କୋଶଲି କବିମାନେ ନିଜର ଲେଖିଲା କବିତାମାନ ପଢ଼ିଥିଲେ। ଆସରକେ କବି ସ୍ୱପ୍ନେଶ୍ୱର ମିଶ୍ର ଆର ଅଖୋଜ ଷାଣ୍ଡ ସଂଯୋଜନା କରିଥିଲେ। ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ଅଧକ୍ଷା ମୀନା ମହାରଣାକଁର ନେତୃତ୍ୱନେ ସଭ୍ୟାମାନେ କବି ଗୋବିନ୍ଦ ଚନ୍ଦ୍ର ସରାଫ, ହଜାରୀ ପଧାନ ଆର କୃପାସିନ୍ଧୁ ମହାକୁଡ଼କୁଁ ପୁରସ୍‌କୁରୁତ କରିଥିଲେ। ସଭାମଞ୍ଚକେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦୁଆରା ପୁରସ୍‌କୁରୁତ ସାରସ୍ୱତ ସାଧକ ପଦ୍ମଶ୍ରୀ ହଳଦର ନାଗ ଆର ଡ.ପ୍ରଫୁଲ୍ଲ କୁମାର ତ୍ରିପାଠୀକଁର ନାଁରେ ନାମିତ କରାଯାଇଥିଲା।

### ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀମାଙ୍କ ଜୟନ୍ତୀ

**ବୀରମହାରାଜପୁର, ୨୧।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟବର୍ତ୍ତୀ ରାଣୀପୁରସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀମାଙ୍କ ୧୪୧ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଗୁରୁବାର ଏହିଅବସରରେ ଶିକ୍ଷାକେନ୍ଦ୍ରର ନବମ ପ୍ରତିଷ୍ଠା ଦିବସ ମଧ୍ୟ ପାଳନ କରାଯାଇଥିଲା। ଅଧକ୍ଷ ଗୋପାଳ ରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାବିତ୍ ତଥା ବରିଷ୍ଠ ନାଗରିକ ସଂଗଠନ ସଭାପତି ଭଗବାନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ମନରଞ୍ଜନ ଦାଶ ଏହି ଦିବସର ତାତ୍ପର୍ଯ୍ୟ ଏବଂ ଶ୍ରୀମାଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଶିକ୍ଷା ନିର୍ଦ୍ଦେଶକ ଅନୀଲ କୁମାର ପଣ୍ଡା ମଧ୍ୟ ଏହି ଅବସରରେ ବକ୍ତବ୍ୟ ରଖିଥିଲେ। ସକାଳେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ ଓ ମାତୃ ବନ୍ଦନା ଗାନ ମଧ୍ୟରେ ଉତ୍ସବ ଆରମ୍ଭ ହୋଇଥିଲା। ଉତ୍ସବ ଉପଲକ୍ଷେ ଶିକ୍ଷାକେନ୍ଦ୍ରର ବିଦ୍ୟାର୍ଥୀ ଓ ଅପା, ଭାଇମାନଙ୍କ ଦ୍ୱାରା ପୁଷ୍ପ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା।

ଆତ୍ମରକ୍ଷା କୌଶଳ ତାଲିମ ଶିବିର

## ଉପସ୍ଥିତ ବୁଦ୍ଧି ପ୍ରୟୋଗକୁ ପ୍ରାଥମିକତା

**ଖପ୍ରାଖୋଲ, ୨୧।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ହରିଶଙ୍କର ଯୁକ୍ତଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଗୁରୁବାର ଉଦଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ କୁମାର ପାଣି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣି ସୁନା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିପିଇଓ ସୁଶାନ୍ତ କୁମାର ପାଣି, କାର୍ଯ୍ୟକ୍ରମ ଅଧିକାରୀ ମଧୁସ୍ମିତା ସାହୁ, ତାଲିମଦାତା ଛାତ୍ରୀ ଡାକପ୍ରିୟା ନାଗ, ଗୌରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଦୁଇ ସପ୍ତାହ ଧରି ଚାଲିଥିବା ତାଲିମ ଶିବିରରେ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା। ତେବେ ଉପସ୍ଥିତି ବୁଦ୍ଧି ପ୍ରୟୋଗ ଉପରେ ଅତିଥିମାନେ ପ୍ରାଥମିକତା ଦେଇଥିଲେ। ଏହି ଅବସରରେ ତାଲିମ ଶେଷ କରିଥିବା ବିଦ୍ୟାଳୟର ୬୯ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଲିଙ୍ଗରାଜ ବେହେରା, ଦିଲୀପ ନିଆଲ, କିଶୋର ବାଗ, ଜନାର୍ଦ୍ଦନ ସୁନା, ଗୁଣନିଧି ସାହୁ, ଚନ୍ଦ୍ରଧ୍ୱଜ ବାରିକ ପ୍ରମୁଖ ବିଦ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ ।



ଆତ୍ମରକ୍ଷା ତାଲିମ ଶିବିରରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ଲୁହୁରାପାଲିରେ ଦୁଲ୍‌ଦୁଲି ପ୍ରତିଯୋଗିତା

## ବାଗଡ଼ିଆ ପ୍ରଥମ, କୁଟେନପାଲି ଦ୍ୱିତୀୟ, କେଉଁଟିପାଲି ତୃତୀୟ

**ଲୋଇସିଂହା,୨୧।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଲୁହୁରାପାଲି ଖେଳପଡିଆରେ ପାରମ୍ପରିକ ଗଣ୍ଡାବାଜା ବା ଦୁଲଦୁଲି ବଜା ପ୍ରତିଯୋଗୀତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ ବଲାଙ୍ଗୀର ଏମପି କଳିକେଶ ନାରାୟଣ ସିଂଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆଧୁନିକତାର ଛାପରେ ପୁରୁଣା କଳା ଓ ସଂସ୍କୃତି ହଜିଯାଉଛି । ଦୁଲଦୁଲି ବାଜାର ପୁନରୁଦ୍ଧାର ଉଦ୍ୟମ କରାଯାଇଥିବାରୁ ଉଦ୍ୟୋକ୍ତାଙ୍କୁ ପ୍ରଶଂସା କରିଥିଲେ। କଳା ଓ କଳାକାରଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ଚେଷ୍ଟିତ । କଳାକାରମାନଙ୍କୁ ସମ୍ମାନ ପାଇଁ ରାଜ୍ୟ ସରକାର ମାସିକ ପ୍ରୋତ୍ସାହାନ ଦେବା ଆରମ୍ଭ କରିଛନ୍ତି। ସ୍ୱର୍ଗତ ବାଳାମଣୀ ମେମୋରିଆଲ ସ୍ମୃତି କମିଟି ଓ ସ୍ଥାନୀୟ ଗୋବନ୍ଧୁ କ୍ଲବ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ଗୋପାଳପୁର, ବାଗଡିଆ, କେଉଁଟିପାଲି, କୁଟେନପାଲି, ଅଗଲାପାଲି, ସିଂହାନୀମୁଣ୍ଡା, ରତାଖଣ୍ଡି



ଦୁଲୁଦୁଲି ପ୍ରତିଯୋଗିତା ଉତ୍ସବରେ ମଞ୍ଚାସୀନ ଅତିଥି।

ଗ୍ରାମର ଦୁଲଦୁଲି ଦଳ ଅଂଶଗ୍ରହଣ କରି କଳା ପ୍ରଦର୍ଶନ କରିଥିଲେ । ବାଗଡିଆ, କୁଟେନପାଲି ଓ କେଉଁଟିପାଲି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ମାନଭଞ୍ଜନ ମିଶ୍ରଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏମ୍‌ପି ସିଂଦେଓଙ୍କ ସହ ସୋନପୁର କ୍ରାଇମବ୍ରାଞ୍ଚ ଡିଏସ୍‌ପି ହେମସାଗର ନନ୍ଦ, ବରଗଡ ବିଡିଓ ଶରତ ବାଗ, ତରୁଣ ବାଗ, ବିଜେଡି ନେତା ସହଦେବ ସା, ଗଦାଧର ମିଶ୍ର, ବିଜୟ କୁମାର ବାବୁ, ମୋହନ ମହାନନ୍ଦ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳକୁ ୧୦ ହଜାର, ଦ୍ୱିତୀୟ ହୋଇଥିବା ଦଳକୁ ୭ ହଜାର ଓ ତୃତୀୟ ଦଳକୁ ୫ହଜାର ଦେଇ ପୁରସ୍କୃତ କରିଥିଲେ ମୁଖ୍ୟ ଅତିଥି ସିଂଦେଓ। ଏହି କାର୍ଯ୍ୟକ୍ରମରେ ଶତ୍ରୁଘନ ଲୁହାର ଓ ନବୀନ କୁଅଁରଙ୍କ ପରିବେଷିତ ସମ୍ବଲପୁରୀ ଗୀତ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। କାର୍ଯ୍ୟକ୍ରମକୁ ଅଶୋକ କୁମାର ବାରିକ, ଅଜାମିଲ ବାଗ, ଗିରଧାରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବଏସ୍ ୭୦ ଟପ୍‌ଲା: ଭତାରୁ ବଁଚିତ୍ ୨ ବୁରୁଧ୍

**ଖପ୍ରାଖୋଲ, ୨୧।୨(ଡି.ଏନ.ଏ)**

ସରକାର ସାମାଜିକ ସୁରକ୍ଷାକେ ମଜବୁତ କରବାର ଲାଗି ଅନେକ ପରକାର ସାମାଜିକ ସୁରକ୍ଷା କାଯ୍‌କରମ ହାତକେ ନେଇଛନ୍। ଇଥିରେ ୬୦ ବଛର୍‌ରୁ ଅଧିକା ବଏସ୍‌ର ବୁଢ଼ାବୁଢ଼ି, ଭିନ୍ନକ୍ଷମ, ବିଧବା ମହିଲାକୁଁ ବି ଭତା ଯୁଗେଇ ଦେବାର ନିୟମ ରହିଛେ। ସେନ୍‌ତା ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତା ଆର ମଧୁବାବୁ ପେନସନ ଲେଖେଁ ଯୋଜନା ବି କାଯ୍‌କାରି ହେଉଛେ। ହେଲେ ବହୁତ୍ ଜାଗାରେ ହକ୍‌ଦାର ହିତାଧିକାରୀ ଇ ସବୁ ଯୋଜନାର ସୁଫଲ ପାଏବାରୁ ବଁଚିତ୍ ହେଉଥିବାର ଦେଖିବାକେ ମିଳୁଛେ। ଏନ୍‌ତା ଗୁଟେ ଘଟନା ଦେଖିବାକେ ମିଳିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଁଚେତ୍‌ର ଦେଦର୍ହ ଗାଁରେ। ଗାଁର ମହାଦେବ ବରିହା ଆର ନୃପ ବରିହା ଦୁହିଁକର ବଏସ୍ ୭୦ ଟପି ଗଲାନ। ଭୋଟର କାର୍ଡ ହିସାବେ ମହାଦେବକୁଁ



ବୁଢ଼ାବୁଢ଼ି ଭତାରୁ ବଁଚିତ୍ ମହାଦେବ ଆର ନୃପ।

୭୦ ବଛର ହେଉଥିଲା ବେଳେ ନୃପକୁଁ ୮୦ ବଛର। ହେଲେ ଆଏଜ୍‌ତକ୍ ଦୁଇଝନ ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ଦୁଇଝନ ପଁଚେତ୍‌ନୁ ମୂଲ୍ କରି ବ୍ଲକ ତକ୍ ସବୁନେ ଭତାର ଲାଗି ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇ ବାବ୍‌ଦେ ଖପ୍ରାଖୋଲ ବିଡିଓ ତରଣୀ ସୁନାକୁଁ ପଚରାଲାରୁ ଘଟନାର ତଦଁତ୍ କରି ହକ୍‌ଦାର ହିତାଧିକାରୀକୁଁ ଯେତେ ଜଲ୍‌ଦି ହେବା ଭତା ଦିଆଯିବା ବଲି ସେ କହିଛନ୍।

## ନବ ନିର୍ମାଣ କୃଷକ ସଙ୍ଗଠନର ଦାବିପତ୍ର ପ୍ରଦାନ

**ଡୁଙ୍ଗୁରିପାଲି, ୨୧।୩(ଡି.ଏନ.ଏ.)**

ଡୁଙ୍ଗୁରିପାଲି ବ୍ଲକରେ ଓଡିଶା ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗୁରୁବାର ଆହୂତ ବନ୍ଦ ପ୍ରଭାବଶୂନ୍ୟ ରହିଥିଲା। ଦୋକାନ ବଜାର ସ୍ୱାଭାବିକ ଖୋଲା ରହିଥିଲା । ସ୍କୁଲ କଲେଜ, ବ୍ୟାଙ୍କ କାର୍ଯ୍ୟାଳୟ,ବ୍ଲକ କାର୍ଯ୍ୟାଳୟ ଖୋଲା ରହିଥିଲା। ରାସ୍ତାରେ ଯାନ ବାହାନ ଚଳାଚଳ ଯଥାରୀତି ଚାଲିଥିଲା । ତେବେ ମଧ୍ୟାହ୍ନରେ ସଂଗଠନର ବ୍ଲକ ସଂଯୋଜକ ଲକ୍ଷ୍ମଣ ଭରାସାଗରଙ୍କ ନେତୃତ୍ୱରେ ଡୁଙ୍ଗୁରିପାଲି ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବିଡିଓଙ୍କ ଅନୁପସ୍ଥିତରେ ଏବିଡିଓ ଶଶୀଭୂଷଣ ପଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ବିକ୍ଷୋଭରେ ବ୍ଲକ କଂଗ୍ରେସ ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ନେପାଳ ବାରିକ, ସୁନୀଲ ସାହୁ, ନବ ନିର୍ମାଣ କୃଷକ ସଂଗଠନର ରାଜେନ୍ଦ୍ର ସା ପ୍ରମୁଖ ଯୋଗଦେଇଥିଲେ।

# ଏମ୍‌ଏଫ୍‌ଟିଏଲ ଟିମ୍‌ର ଖାଦ୍ୟ ନମୁନା ସଂଗ୍ରହ

## ଗୋଟିଏ ଫାଷ୍ଟଫୁଡ୍, ହୋଟେଲ ଖାଦ୍ୟ ଅନୁପଯୁକ୍ତ

**ସୋନପୁର,୨୧।୨(ନି.ପ୍ର.)**

ବିକ୍ରି ହେଉଥିବା ଖାଦ୍ୟ ପଦାର୍ଥର ମାନ ପରୀକ୍ଷା ପାଇଁ ସୁବର୍ଣ୍ଣପୁର ସହରରେ ମୋବାଇଲ ଫୁଡ ଟେଷ୍ଟିଂ ଲାବୋରେଟୋରି(ଏମଏଫଟିଏଲ)ର ଭ୍ୟାନ ଗୁରୁବାର ପହଞ୍ଚିଛି । ରାଜ୍ୟରୁ ଆସିଥିବା ମୋବାଇଲ ଟିମ୍ ସହିତ ଜିଲା ଫୁଡ ଚେକିଂ ସ୍କ୍ୱାଡ ମିଳିତ ଭାବେ ସହରର ୧୩ଟି ହୋଟେଲ, ଜଳଖିଆ ଦୋକାନ ଓ ପଟାଭାଡି ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଯାଞ୍ଚ କରିବା ସହିତ ମୋଟ ୧୮ଟି ନମୂନା ସଂଗ୍ରହ କରିଛନ୍ତି। ଏହି ଟିମ୍ ୩୨ କିଲୋ ବାସି ଖାଦ୍ୟ, ତେଲ ଓ ମିଠାକୁ ନଷ୍ଟ କରିଛନ୍ତି। ନମୂନା ପରୀକ୍ଷା ସମୟରେ ଗୋଟିଏ ଫାଷ୍ଟ ଫୁଡ ଓ ଏକ ହୋଟେଲର ଖାଦ୍ୟ ଅନୁପଯୁକ୍ତ ଥିବା ରିପୋର୍ଟରୁ ଜଣାପଡିଛି। ସମ୍ପୃକ୍ତ ମାଲିକଙ୍କୁ ନୋଟିସ୍ ଜାରି କରାଯିବ ବୋଲି ଜଣାପଡିଛି । ଶୁକ୍ରବାର ମଧ୍ୟ ଏହି ଯାଞ୍ଚ



ଖାଦ୍ୟ ନମୂନା ସଂଗ୍ରହ କରିବାକୁ ପହଞ୍ଚି ଥିବା ମୋବାଇଲ ଫୁଡ ଟେଷ୍ଟିଂ ଲାବୋରେଟୋରି ଟିମ୍ ।

ଜାରି ରହିବ। ଯାଞ୍ଚ ଓ ଖାଦ୍ୟ ନମୂନା ସଂଗ୍ରହକୁ ନେଇ ହୋଟେଲ ଓ ଜଳଖିଆ ଦୋକାନୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ସୁବର୍ଣ୍ଣପୁର ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ)ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଏପିଡେମିଓଲୋଜିଷ୍ଟ ଡାକ୍ତର ବଟକୃଷ୍ଣ ସେଠୀ, ଏଫଏସଓ ପ୍ରତାପ ରୁଦ୍ର ମଣ୍ଡଳ, ଆନାଲିଟିକାଲ କେମିଷ୍ଟ ଡାକ୍ତର ପ୍ରଭାତ କୁମାର ସୁବୁଦ୍ଧି, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ଓ କୈଳାଶ ଚନ୍ଦ୍ର ପାତ୍ର ପ୍ରମୁଖ ଏହି ମିଳିତ ଟିମ୍‌ରେ ସାମିଲ ଅଛନ୍ତି ।

# ୯୭ଦିନରେ କଣ୍ଟାବାଞ୍ଜି ଜିଲା ଦାବି ଆନ୍ଦୋଳନ

**କଣ୍ଟାବାଞ୍ଜି, ୨୧।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଜିଲା ଦାବିକୁ ସମର୍ଥନ କରି ସହରାଞ୍ଚଳର ବିଭିନ୍ନ କ୍ଲବ, ସାମାଜିକ ଅନୁଷ୍ଠାନ, ମହିଳା ଗୋଷ୍ଠୀ, ଟ୍ରେଡ ୟୁନିୟନଠାରୁ ଆରମ୍ଭ କରି ବୁଦ୍ଧିଜୀବୀମାନେ ସାମିଲ ହୋଇଛନ୍ତି। ଧାରଣା ଦିନକୁ ଦିନ ତୀବ୍ରତର ହେବାରେ ଲାଗିଛି । ତହସିଲ ଅଫିସ ସମ୍ମୁଖରେ ଚାଲିଥିବା ଧାରଣା ଗୁରୁବାର ୯୭ଦିନରେ ପହଞ୍ଚିଛି। ଦିଦର ଧାରଣାରେ ତୁରେକେଲା ବ୍ଲକ କୁଇବାହାଲ ପଞ୍ଚାୟତ ସଦର ଗ୍ରାମର ଶତାଧିକ ଲୋକ ସାମାଜିକ କର୍ମୀ ସୁବାଷ ପୁଟେଲ, ପୂର୍ବତନ ସରପଞ୍ଚ କୁଞ୍ଜ ମହାନନ୍ଦଙ୍କ ନେତୃତ୍ୱରେ ଖିତିରାମ ପୁଟେଲ, ସତ୍ୟାନନ୍ଦ ଘିଭେଲା, ରୁଦ୍ରାଧର ସିପକା, ଜଗଦୀଶ କୁମ୍ଭାର, ଲୋକନାଥ ବାଗ, ଜଗବନ୍ଧୁ ତାଣ୍ଡି, ସୁରେଶ ତାଣ୍ଡି, କୈଳାସ ବାଗ, ନିରଞ୍ଜନ ବାଗ, ମହେନ୍ଦ୍ର କୁମ୍ଭାର, ଜଳନ୍ଧର ମହାନନ୍ଦ, ବିଷ୍ଣୁ ବେନିଆ, ଜଳର କୁମ୍ଭାର ସହର





କଣ୍ଟାବାଞ୍ଜି ଜିଲା ଦାବିକୁ ସମର୍ଥନ କରି କୁଇବାହାଲ ଗ୍ରାମବାସୀ ଧାରଣାରେ ସାମିଲ ହୋଇଛନ୍ତି।

ପରିକ୍ରମା କରି ଧାରଣାସ୍ଥଳକୁ ଆସିଥିଲେ। ଧାରଣାସ୍ଥଳରେ ଜିଲା ସଂଘର୍ଷ ସମିତି ତରଫରୁ ସେମାନଙ୍କୁ ସ୍ୱାଗତ କରାଯାଇଛି । ଧାରଣାସ୍ଥଳରେ ଅନୁଷ୍ଠିତ ସଭାରେ କଣ୍ଟାବାଞ୍ଜି ଜିଲା ହେଲେ ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ, ବେଲପଡା, ଖପ୍ରାଖୋଲ ଅଞ୍ଚଳର ପ୍ରଭୂତ ବିକାଶ ହୋଇପାରିବ ବୋଲି ବକ୍ତାମାନେ କହିଥିଲେ। ପରେ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ସଂଘର୍ଷ ସମିତି କାର୍ଯ୍ୟକାରୀ ସଭାପତି ବ୍ରଜଶ୍ୟାମ ଗୁରୁ, ସମ୍ପାଦକ ଦୁଃଖିଶ୍ୟାମ ଗୁରୁ, ସତ୍ୟନାରାୟଣ ରାଏ, ସହଦେବ ନାଗ, ରସିଆନନ୍ଦ ରାଏ, ଅମରଚନ୍ଦ ଶର୍ମା ଆନ୍ଦୋଳନକୁ ସମର୍ଥନ କରିଥିବାରୁ କୁଇବାହାଲ ଗ୍ରାମବାସୀଙ୍କୁ ସାଧୁବାଦ ଜଣାଇଛନ୍ତି।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ

## ସଂକ୍ଷେପରେ

### ଜିଲା କେଜେଡି ସଭାପତି ନିଯୁକ୍ତ

**ରାଉରକେଲା ଅଫିସ,୨୧।୨-** ଅନ୍ୟ ଦଳ ଛାଡ଼ି କୋଶଳ ଜନତା ଦଳ (କେଜେଡି)ରେ ଯୋଗଦେଇଥିବା କାଲୁଙ୍ଗା ଅଞ୍ଚଳର ଜଣାଶୁଣା ଡାକ୍ତର ଜିତେନ୍ଦ୍ର ଶର୍ମାଙ୍କୁ ଦଳର ସୁନ୍ଦରଗଡ଼ ଜିଲା ସଭାପତି ରୂପେ ନିଯୁକ୍ତ କରାଯାଇଛି। ବୁଧବାର ସନ୍ଧ୍ୟାରେ ଏ ନେଇ ଦଳ ପକ୍ଷରୁ ରାଉରକେଲା କାର୍ଯ୍ୟାଳୟରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଷ୍ପତ୍ତି ନିଆଯାଇଛି। ଦଳର ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ରଙ୍କ ଅଧକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ପ୍ରଥମେ ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ନୂଆ ସଭାପତି ଶର୍ମାଙ୍କୁ ସୁନ୍ଦରଗଡ଼ ସଦର ଓ ତଳସରା ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବା ଦଳର ମହାସଚିବ ଚକ୍ରାନ୍ତ ଜେନା ଏକ ବିବୃତିରେ ପ୍ରକାଶ କରିଛନ୍ତି।

### ବାର୍‌ହା ମାଂସ ଜବତ: ୫ଜଣ ଅଟକ

**ହେମଗିର, ୨୧।୨ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ହେମଗିର ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ବାର୍‌ହା ମାଂସ ଜବତ କରାଯାଇଛି। ଏହାସହ ୫ଜଣଙ୍କୁ ଘଟଣା ସ୍ଥଳରୁ ଧରି ଅଟକ ରଖାଯାଇଛି। ଗୁରୁବାର ହେମଗିର ରେଞ୍ଜର ଜଙ୍ଗଲ ବିଭାଗର ଅଧିକାରୀମାନେ ବାର୍‌ହା ଶିକାର କରାଯାଇଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ତାପରେ ତୁରନ୍ତ ବନପାଳ ସବ୍ୟସାଚୀ କାଲୋ, ବନରକ୍ଷୀ ସୁଶିଲ କୁମାର ନାୟକ ଓ ଅନ୍ୟାନ୍ୟ ବନକର୍ମଚାରୀ ଘଟଣାସ୍ଥଳରେ ଅପରାହ୍ନ ୫ଟାରେ ଚଢ଼ାଉ କରି ୫ଜଣଙ୍କୁ ଧରିଥିଲେ ଓ ଅନ୍ୟମାନେ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିଲେ। ଏହି ଅବସରରେ ଘଟଣା ସ୍ଥଳରୁ ପ୍ରାୟ ୨୦ କିଲୋ ବାର୍‌ହା ମାଂସ, ଗୋଟିଏ ବରାହ ମୁଣ୍ଡ, ବରାହ ମାରିବା ପାଇଁ ବ୍ୟବହୃତ ବିଦ୍ୟୁତ ତାରକୁ ଜବତ କରାଯାଇଥିଲା। ୫ଜଣଙ୍କୁ କନିକା ଜଙ୍ଗଲ ବିଭାଗ କାର୍ଯ୍ୟାଳୟକୁ ଆଣି ଅଟକ ରଖାଯାଇ ଅନୁସନ୍ଧାନ ଜାରି ରହିଛି ।

## ରଘୁନାଥପାଲି ବିଧାୟକଙ୍କୁ ଅନୁସୂଚିତ ଜାତି ମୋର୍ଚ୍ଚାର ଟାର୍ଗେଟ

# ବିକାଶ ପରିବର୍ତ୍ତେ ବିନାଶମୁହାଁ ହୋଇଛି ବସ୍ତି ଜୀବନ

**ରାଉରକେଲା ଅଫିସ,୨୧।୨**

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଗୁରୁବାର ରଘୁନାଥପାଲି ବିଧାୟକ ସୁବ୍ରତ ତରାଇଙ୍କୁ ଟାର୍ଗେଟ କରିଛି ଭାଜପା। ଭାଜପା ଅନୁସୂଚିତ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଦୁର୍ଗା ତନ୍ତୀ ଏକ ଖବରଦାତା ସମ୍ମିଳନୀ ଡାକି ବିଧାୟକ ତରାଇଙ୍କ ବିଫଳତା ବଖାଣିଛନ୍ତି। ଗତ ୧୦ ବର୍ଷ ଧରି ବିଜେଡି ଟିକେଟରେ ବିଧାୟକ ହୋଇ ମନ୍ତ୍ରୀପଦ ପାଇଥିବା ତରାଇ ଲୋକଙ୍କ ସର୍ବନିମ୍ନ ମୌଳିକ ସୁବିଧା ପୂରଣ କରିବାକୁ ସମର୍ଥ ହୋଇନାହାନ୍ତି। ନିର୍ବାଚନ ଜିତିବାକୁ ତରାଇ ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଥିଲେ। ୨୦୧୩ରେ ସେ କୋଏଲ ବ୍ୟାରେଜ ସହ ନଦୀପାର୍ଶ୍ୱ ରିଂ ରୋଡ୍ ନିର୍ମାଣ ପାଇଁ ଷ୍ଟିଲ ଟାଉନଶିପ ବାସିନ୍ଦାଙ୍କୁ ସ୍ୱପ୍ନ ଦେଖାଇଥିଲେ। ଯାହା ଆଜି ପର୍ଯ୍ୟନ୍ତ ପୂରଣ କରିପାରି ନାହାନ୍ତି ବୋଲି ତନ୍ତୀ ଅଭିଯୋଗ କରିଥିଲେ। ତରାଇଙ୍କ କାର୍ଯ୍ୟକାଳ ମଧ୍ୟରେ ବସ୍ତିବାସିନ୍ଦାଙ୍କ



ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ସେକ୍ଟର-୪ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ଜୀବନ ଦୁର୍ବିସହ ହୋଇଛି। ବିକାଶ ପରିବର୍ତ୍ତେ ବିନାଶମୁହାଁ ହୋଇଛି ବସ୍ତି ଜୀବନ। ବସ୍ତିବାସିନ୍ଦାଙ୍କୁ ତରାଇ ଲଲିପପ୍ ଦେଇ ଶାନ୍ତ କରିବାକୁ ଅପଚେଷ୍ଟା କରିଛନ୍ତି। କଂକ୍ରିଟ ରାସ୍ତା, ଶିକ୍ଷା, ପାନୀୟ ଜଳ ଓ ପରିମଳ ଏମାନଙ୍କ ପାଇଁ ଆଜି ବି ସାତସପନ ହୋଇ ରହିଛି। ଯେଉଁ କେତେକ ଅଞ୍ଚଳରେ ପାନୀୟ ଜଳ ସୁବିଧା କରାଯାଇଛି ତାହା କେନ୍ଦ୍ର ସରକାରଙ୍କ ଅମୃତ ଯୋଜନାର ଫଳ ବୋଲି ତନ୍ତୀ ପ୍ରକାଶ କରିଥିଲେ। ସେ ଆହୁରି ଅଭିଯୋଗ କରିଥିଲେ ଯେ ଲୋକଙ୍କ ସମସ୍ୟା ବୁଝିବାକୁ ତରାଇଙ୍କ ପାଖରେ ବେଳ ନାହିଁ। ବିଧାୟକ ହେବା ପରେ ଅଧିକାଂଶ ସମୟ ସେ ଭୁବନେଶ୍ୱରରେ ବିତାଇଛନ୍ତି। ସବୁଠାରୁ ଉପେକ୍ଷିତ ଅଞ୍ଚଳ ଭାବେ ପରିଚିତ ବିଶ୍ରା ଛକଠାରୁ ବନ୍ଧମୁଣ୍ଡା ପର୍ଯ୍ୟନ୍ତ ତିଲକାନଗର ଓ ଫଟା ପାଇପ ଅଞ୍ଚଳର ବିକାଶ ହୋଇପାରିନି। ଆହୁରି ଅଧିକ ଦୟନୀୟ ଅବସ୍ଥାରେ ପଡ଼ିରହିଛି ଦକ୍ଷିଣ ରାଉରକେଲା। ଆର୍‌ଏସ୍‌ପି ଅଧୀନରେ ଥିବା ଟାଙ୍ଗରପାଲି, କନଷ୍ଟ୍ରକଶନ କଲୋନୀ, ଲୋକନାଥ ମାର୍କେଟ, ମଡର୍ନ ଇଣ୍ଡିଆ, ଲାଲଟାଙ୍କି, ଲକ୍ଷ୍ମୀ ମାର୍କେଟ, ବନ୍ଧବସା, ଲେବର କଲୋନୀ, ଫାୟାର ଫାଇଟିଂ କଲୋନୀ, ବ୍ରିଟାନିଆ କଲୋନୀ, ନାରାୟଣ ମାର୍କେଟ ଓ ଧରମଡିହି ଆଦି ଅଞ୍ଚଳବାସୀଙ୍କ ଦୁଃଖ ଲାଘବ କରିବାରେ ତରାଇ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହି ଅଞ୍ଚଳବାସୀଙ୍କୁ ସର୍ବନିମ୍ନ ସୁବିଧା ସୁଯୋଗ ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତା ପ୍ରମାଣିତ ହୋଇସାରିଛି। ତରାଇଙ୍କ ୧୦ ବର୍ଷ ବିଧାୟକତ୍ୱ ସମୟରେ ଦକ୍ଷିଣ ରାଉରକେଲାର ବିଜିବନ, ଝାରମୁଣ୍ଡା, ରେଙ୍ଗାଲି ଆଦି ଆଦିବାସୀ ବହୁଳ ବସ୍ତି ଅନ୍ଧାରରେ ରହିବା ବିଶେଷ ଉଲ୍ଲେଖନୀୟ ଘଟଣା। ଏମାନଙ୍କ ପ୍ରତି ସରକାର ଆଉ କେତେଦିନ ପରେ ସଦୟ ହେବେ ବୋଲି ତନ୍ତୀ ପ୍ରଶ୍ନ କରିଥିଲେ। ବିଧାୟକ ତରାଇଙ୍କ ନିର୍ବାଚନ ମଣ୍ଡଳୀ ଅଧୀନରେ ଲାଠିକଟା ବ୍ଲକର ମାତ୍ର ୭ଟି ପଞ୍ଚାୟତ ରହିଛି। ସେଗୁଡ଼ିକ ହେଲା ଜଲଦା, ହାତୀବନ୍ଧା, ସିଉଡିହି, ମୁଣ୍ଡାଯୋର, ରାମଯୋଡ଼ି, ଲାଠିକଟା ଓ ବଲାଣି। ଉପରୋକ୍ତ ପଞ୍ଚାୟତର ଅନେକ ଅଞ୍ଚଳକୁ ଆଜି ବି ସବୁଦିନିଆ ରାସ୍ତା ହୋଇପାରିନି। ଖରାଦିନେ ଚୁଆ ପାଣି ପିଅନ୍ତି ଅନେକ ବସ୍ତିବାସିନ୍ଦା। ସ୍ୱାସ୍ଥ୍ୟସେବା ଅନେକଙ୍କ ପାଇଁ ଅପହଞ୍ଚ। ମାଳ ମାଳ ସରକାରୀ ଯୋଜନା ସତ୍ତ୍ୱେ ଅପରିବର୍ତ୍ତିତ ରହିଛି ସମସ୍ୟା। ବିଜେଡି ୨୦ବର୍ଷ କ୍ଷମତାରେ ରହିଥିଲେ ସୁଦ୍ଧା ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାରଟିଏ ପ୍ରତିଷ୍ଠା ହୋଇ ପାରାଲାନି। ଅଭାବୀ ବିକ୍ରିର ଶିକାର ଚାଷୀ ମୁଣ୍ଡରେ ହାତଦେଇ ବସିଛି। କୃଷି ଓ କୃଷକଙ୍କୁ ନେଇ ବିଜେଡି ରାଜନୀତି କରୁଛି ବୋଲି ତନ୍ତୀ ଅଭିଯୋଗ କରିଥିଲେ। ଆଜି ବି ୯୯ପ୍ରତିଶତ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଶାସକ ଦଳ ବିଧାୟକ ତରାଇଙ୍କ ଚରମ ବିଫଳତାକୁ ଦଳ ଲୋକଲୋଚନକୁ ଆଣିବାକୁ ପଦକ୍ଷେପ ନେବ। ଆବଶ୍ୟକ ସ୍ଥଳେ ଏନେଇ ଆନ୍ଦୋଳନ କରିବାକୁ ପଛାଇବନି ବୋଲି ଏଥିରେ ଉପସ୍ଥିତ ମୋର୍ଚ୍ଚା କର୍ମକର୍ତ୍ତା ବିକାଶ ଲୁହା, ସବିତା ବେହେରା ଓ ଲିଙ୍ଗରାଜ କୁମ୍ଭାର ପ୍ରମୁଖ ପ୍ରକାଶ କରିଥିଲେ।

### ହେମଗିର ବ୍ଲକର ୬ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା

**ହେମଗିର, ୨୧।୨ (ଡି.ଏନ.ଏ)**

ଓଡିଶା ସରକାରଙ୍କ ପକ୍ଷରୁ ୨୦୧୯ ମାଟ୍ରିକ ପରୀକ୍ଷାକୁ ସ୍ୱଚ୍ଛ କରିବାକୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଏଥିପାଇଁ ବହୁ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରାର ବ୍ୟବସ୍ଥା, କେନ୍ଦ୍ରରେ ମୋବାଇଲ ନିଷେଧ, ଠିକ ସେହିଦିନ କେନ୍ଦ୍ରକୁ ପ୍ରଶ୍ନପତ୍ର ପହଞ୍ଚିବା ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ପ୍ରତ୍ୟେକ ବର୍ଷ ପରି ଏବର୍ଷ ମଧ୍ୟ ହେମଗିର ବ୍ଲକର ୬ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷାର ବ୍ୟବସ୍ଥା କରାଯାଇଛି। ସେ ଭିତରେ କନିକା ହାଇସ୍କୁଲ କେନ୍ଦ୍ରରେ ୯୭ଜଣ, ହେମଗିର ହାଇସ୍କୁଲ କେନ୍ଦ୍ରରେ ୧୮୯, ଲୁଆବାହାଲ ହାଇସ୍କୁଲରେ ୨୦୪, ଗୋପାଳପୁର ହାଇସ୍କୁଲରେ ୧୪୫, ମାଣିକେଶ୍ୱରୀ ହାଇସ୍କୁଲରେ ୨୦୪ ଓ ଗର୍ଜନବାହାଲ ହାଇସ୍କୁଲ କେନ୍ଦ୍ରରେ ୧୭୦ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ସୂଚନା ମିଳିଛି। ଏହି ୬ଟି କେନ୍ଦ୍ରରେ ମୋଟ ୨୩ଟି ହାଇସ୍କୁଲର ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏହାକୁ ବିଡିଓ ପ୍ରଦୀପ ଡାଙ୍ଗ, ଅତିରିକ୍ତ ତହସିଲଦାର କୁଳମଣି ପଟେଲ ଓ ବ୍ଲକ ଶିକ୍ଷାଧିକାରୀ ସୁରେନ୍ଦ୍ର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କରାଯିବ ବୋଲି ସୂଚନା ଦିଆଯାଇଛି ।

# ଭାଷା ସହ ମଣିଷର ନିବିଡ଼ତା କଳ୍ପନାତୀତ

**ରାଉରକେଲା ଅଫିସ,୨୧।୨**

ଓଡ଼ିଆ ଭାଷା ବିକାଶ ମଞ୍ଚ ଓ ବାଜି ରାଉତ ଶିକ୍ଷା ନିକେତନ ମିଳିତ ଆନୁକୂଲ୍ୟରେ ଗୁରୁବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଛି। ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଶାନ୍ତ ପତି ମୁଖ୍ୟଅତିଥି, କବି କୁଞ୍ଜବିହାରୀ ରାଉତ ସମ୍ମାନିତ ଅତିଥି ଓ ଆର୍ତ୍ତତ୍ରାଣ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ମୁଖ୍ୟଅତିଥି ପତି କହିଥିଲେ, ନିଜ ମାତୃଭାଷା ପ୍ରତି ସମସ୍ତଙ୍କ ମମତା ରହିଛି। ଭାଷା ସହିତ ମଣିଷର ନିବିଡ଼ତା କଳ୍ପନାତୀତ। ଏହାକୁ ଆକଳନ କରାଯାଇ ପାରିବନି। ମାତୃଭାଷାର ପ୍ରସାର ଓ ପ୍ରଚାର ସ୍ନେହ, ଶ୍ରଦ୍ଧା ଓ ସଂପ୍ରୀତିର ବାତାବରଣ ସୃଷ୍ଟି କରେ। ତେବେ ଭାରତ ଭଳି ବହୁଭାଷୀ ଦେଶରେ ମାତୃଭାଷାର ସୁରକ୍ଷା ଓ ସମୃଦ୍ଧି ନେଇ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବା ଆବଶ୍ୟକ।





ବିଶ୍ୱ ମାତୃଭାଷା ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବିଶ୍ୱ ମାତୃଭାଷା ଦିବସ**

ଭାଷା ସଙ୍କଟ ନେଇ ଅନେକ କ୍ଷେତ୍ରରେ ସନ୍ଦେହ ପ୍ରକାଶ ପାଉଥିବାବେଳେ ଏହାର ସୁରକ୍ଷା ଅପରିହାର୍ଯ୍ୟ ବୋଲି ପତି ମତ ବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ରାଉତ କହିଥିଲେ, ବିଭିନ୍ନ ରାଜ୍ୟ ତଥା ଆଞ୍ଚଳିକ ଭାଷାର ସମୃଦ୍ଧି ଓ ଏହାର ସୁରକ୍ଷା ନେଇ ପ୍ରତ୍ୟେକ ନାଗରିକ ମନରେ ସମଭାବ ପୋଷଣ କରିବା ଆବଶ୍ୟକ। ଭାଷା ପ୍ରତି ଅସୂୟା ଭାବ ଆଦୌ ଗ୍ରହଣୀୟ ନୁହେଁ। ଯେଉଁ ଦେଶର ଭାଷା ଯେତିକି ସମୃଦ୍ଧ ସେ ଦେଶର ସଂସ୍କୃତି ଓ ସାହିତ୍ୟ ସେତିକି ସମୃଦ୍ଧ ବୋଲି ରାଉତ କହିଥିଲେ। ମୁଖ୍ୟବକ୍ତା ମହାପାତ୍ର କହିଥିଲେ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୨ ବର୍ଷ ପରେ ବି ଆମେ ନିଜ ଭାଷା ସାହିତ୍ୟର ସୁରକ୍ଷା ଦିଗରେ ଆଗ୍ରହ ପ୍ରକାଶ କରିନାହୁଁ। ଭାଷାର ଅବକ୍ଷୟ ନେଇ ଆଜି ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକାଶ ପାଉଛି। ଯାହା ଆଦୌ ଶୁଭଙ୍କର ନୁହେଁ। ଆନ୍ତରିକତା ଅଭାବ ଏହାର ମୂଳ କାରଣ ହୋଇପାରେ। ଓଡ଼ିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ, ପତ୍ରପତ୍ରିକା, ନାଟକ, ଉପନ୍ୟାସ, ଗଳ୍ପ ଓ କବିତା ପଠନ ପ୍ରତି ଆମେ ଆଗ୍ରହ ପ୍ରକାଶ କରୁନୁ। ଅପରପକ୍ଷେ ଆମେ ଅନ୍ୟ ଭାଷା ସାହିତ୍ୟ ପ୍ରତି ମମତା ଦେଖାଉଛୁ। ଓଡ଼ିଆ ହେଉଛି ଦେଶର ଅନ୍ୟତମ ପ୍ରାଚୀନ ଭାଷା। ବିଶ୍ୱ ମାତୃଭାଷା ଦିବସରେ ସରକାରୀ ସ୍ତରରେ ଓଡ଼ିଆ ଭାଷାର ବହୁଳ ପ୍ରଚଳନ କରାଯିବା ଉପରେ ମହାପାତ୍ର ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ଛାତ୍ରୀଛାତ୍ର ଅନନ୍ୟା ସାମନ୍ତସିଂହାର, ସସ୍ମିତା ସେନାପତି, ଶୁଭପ୍ରିୟା ପରିଡ଼ା, ବର୍ଷା ସୁସ୍ମିତା ଗୌଡ଼ ପ୍ରମୁଖ ଏଥିରେ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ଓଡ଼ିଆ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଠିକ ଉତ୍ତରଦାତାଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ ବିପିନବିହାରୀ ସାମନ୍ତସିଂହାର ଧନ୍ୟବାଦ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ବିଶ୍ୱ ମାତୃଭାଷା ଦିବସ ପାଳିତ

**କୁଆଁରମୁଣ୍ଡା,୨୧।୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏ ନେଇ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ସକାଳ ସମୟରେ ମାତୃଭାଷା ଦିବସ ପାଳନ ଉପଲକ୍ଷେ ପ୍ଲାକାର୍ଡ, ବ୍ୟାନର ଧରି ଗ୍ରାମ ପରିକ୍ରମା କରିଥିଲେ। ଶେଷରେ ବିଦ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଜନ୍ମେଜୟ ସୁଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଗୁରୁଜୀ ପ୍ରଶାନ୍ତ ମହାନ୍ତି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁମା, ଗୁରୁଜୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଉଜ୍ଜ୍ୱଳା ଯୋଜନାରେ ପ୍ରଶିକ୍ଷଣ ଶିବିର

**ରାଉରକେଲା ଅଫିସ,୨୧।୨**

ଲାଠିକଟା ବ୍ଲକ ଅନ୍ତର୍ଗତ ୧୯ ପଞ୍ଚାୟତର ୩୮ ଉଜ୍ଜ୍ୱଳା ଦିଦିଙ୍କୁ ନେଇ ଏକ ତାଲିମ ଶିବିର ବୁଧବାର ବଲଣ୍ଡା ପିତାମହଲ ଆଇଡିଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଭାଜପା ନେତା ଚାମା ଓରାମ, ସଞ୍ଜିତ ସାହୁ, ଉମକାର ପଣ୍ଡା, ରାଜକୁମାର ଗୁପ୍ତା, ରାକେଶ ପୋଦାର, ସଜିନ ଏକ୍କା, ରଙ୍କ ଖାଖା, ଶରତ ସେଠୀ, ଦାମି ତିର୍କୀ, ଗୋବିନ୍ଦ ସିଂ, ଦେଓନାଥ ଓରାମ, ସୁକୁନ କିଷାନ, ରାଧି ମୁଣ୍ଡାରୀ, ବିକାଶ ସାହୁ, ମୁନି ବାର୍ଲା, ସବିତା ଦେଇ ପ୍ରମୁଖ ଉପସ୍ଥିତ ଥିଲେ।



ବଲଣ୍ଡା ପଞ୍ଚାୟତ ପିତାମହଲଠାରେ ଉଜ୍ଜ୍ୱଳା ଯୋଜନାରେ ମହିଳାଙ୍କୁ ତାଲିମ ପ୍ରଦାନ କରାଯାଉଛି।

### ୪୧ତମ ଜାତୀୟ ଉପକନିଷ୍ଠ ଭଲିବଲ ୨୩ରୁ

**ରାଉରକେଲା ଅଫିସ,୨୧।୨**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆସନ୍ତା ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ଜାତୀୟ ଉପକନିଷ୍ଠ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଆର୍‌ଏସ୍‌ପି ଅଗ୍ନିଶମ ବିଭାଗ କର୍ମଚାରୀ ତଥା ପ୍ରଶିକ୍ଷକ ଦେବଦତ୍ତ ଜେନା କାର୍ଯ୍ୟନିର୍ବାହୀ ଭାବେ ଯୋଗଦେବାକୁ ମନୋନୀତ ହୋଇଛନ୍ତି। ସେ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ମହିଳା ଭଲିବଲ କୋଚ୍ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି। ଦେବଦତ୍ତ ଜଣେ ପ୍ରଶିକ୍ଷକ ଭାବେ ବିଭିନ୍ନ ସମୟରେ ନିଜ ଦକ୍ଷତା ପ୍ରତିପାଦନ କରିଛନ୍ତି।

# ଶର୍ଟ ଉଇକେଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ରାଉରକେଲା ଅଫିସ,୨୧।୨**

ଛେଣ୍ଡ ଶିଶୁଭବନ ପକ୍ଷରୁ ଆୟୋଜିତ ଶର୍ଟ ଉଇକେଟ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପତ ହୋଇଛି। ଏଥିରେ ରାଉରକେଲା ସହରାଞ୍ଚଳର ୩୨ ଦଳ ଭାଗ ନେଇଥିଲେ। ମାସାଧିକ କାଳ ପର୍ଯ୍ୟନ୍ତ ଚାଲିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ସେକ୍ଟର-୬ ଗ୍ରୀନ୍ ଷ୍ଟାର ଓ ଛେଣ୍ଡ ଏକ୍ସଟ୍ରିମ ବ୍ଲାଷ୍ଟର ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିଣି ଗ୍ରୀନ ଷ୍ଟାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୫୧ ରନ ସଂଗ୍ରହ କରିଥିଲା। ତେବେ ଏକ୍ସଟ୍ରିମ ବ୍ଲାଷ୍ଟରର ବ୍ୟାଟିଂ ବିପର୍ଯ୍ୟୟ ହୋଇଥିଲା। ୫୨ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଦଳ ମାତ୍ର ୨୧ ରନ ସଂଗ୍ରହ କରିପାରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଉରକେଲା ଶିଶୁଭବନ ସମ୍ପାଦକ ପ୍ରସନ୍ନ ସେନାପତି ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ଦେବାଶିଷ ବେହେରା ଓ ବେଷ୍ଟ ପ୍ଲେୟାର ରୂପେ ଆକାଶ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଅଭିଜିତ ଦାସଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।



ଛେଣ୍ଡ ଶିଶୁଭବନ ପକ୍ଷରୁ ଆୟୋଜିତ ଶର୍ଟ ଉଇକେଟ କ୍ରିକେଟ ଟୁର୍ନାମେଣ୍ଟର ଚାମ୍ପିୟନ ଖେଳାଳି।


## ବାର୍ତ୍ତା



ଚଳିତ ୨୦୧୯ ମସିହାର ବାର୍ଷିକ ହାଇସ୍କୁଲ, ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷା ସମଗ୍ର ରାଜ୍ୟରେ ଫେବୃଆରୀ ୨୨ ତାରିଖରୁ ମାର୍ଚ୍ଚ ୦୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ଅବସରରେ ସବୁ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ପରୀକ୍ଷାର୍ଥୀମାନେ ଯେପରି ସୁସ୍ଥ ପରିବେଶରେ ପରୀକ୍ଷା ଦେବାର ସୁଯୋଗ ପାଇପାରିବେ, ସେଥିପାଇଁ ମୁଁ ରାଜ୍ୟର ଜନସାଧାରଣ, ଅଭିଭାବକ ତଥା ଛାତ୍ରଛାତ୍ରୀ ମାନଙ୍କର ସହଯୋଗ କାମନା କରୁଛି ।

( ନବୀନ ପଟ୍ଟନାୟକ )

## ବାର୍ତ୍ତା



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ଚଳିତ ମାସ ୨୨ ତାରିଖରୁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସର୍ବ ସଫଳତା କାମନା କରୁଛି । ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତିଭୂମୀ ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ଅତ୍ୟଧିକ ଚାପର ବଶବର୍ତୀ ନ ହୋଇ ଛାତ୍ରଛାତ୍ରୀମାନେ ଉତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ । ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ । ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ବଦ୍ରି ନାରାୟଣ ପାତ୍ର)

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୨ ଫେବୃୟାରୀ, ୨୦୧୯



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ଚୋରି ଗାଡ଼ି ଝାଡ଼ଖଣ୍ଡ ଅଞ୍ଚଳରୁ ଉଦ୍ଧାର

**ବାଲିଶଙ୍କରା, ୨୧।୨ (ଡି.ଏନ.ଏ)-** ତଳସରା ଥାନା ଅନ୍ତର୍ଗତ ବାଲିଶଙ୍କରା ସରବାହାଲ ପଡାର ସଞ୍ଜୟ କୁମାର ସାହୁଙ୍କ ସବାରି ଗାଡି (ଓଆର୍ ୧୫ ଜେ- ୫୨୨୯) ନିଜ ଘର ସମ୍ମୁଖରେ ରଖିଥିବା ବେଳେ ଗତ ୩ ତାରିଖ ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ଚୋରି କରି ନେଇଥିବା ତଳସରା ଥାନାରେ ଅଭିଯୋଗ କରାଯାଇଥିଲା। ବହୁ ଖୋଜାଖୋଜି କରିବା ପରେ କୌଣସି ବିଶ୍ୱସ୍ତ ସୂତ୍ରରୁ ତଳସରା ଥାନା ଆଇଆଇସି ମଞ୍ଜରୀ ନାୟକ ଗାଡ଼ି ସମ୍ପର୍କରେ ଖବର ପାଇଥିଲେ। ଝାଡ଼ଖଣ୍ଡ ପାଖରଦାଣ୍ଡ ଥାନା ଅନ୍ତର୍ଗତ ରାମରେଖା ଅଞ୍ଚଳର ନିକଟବର୍ତ୍ତି ଜଙ୍ଗଲରେ ଉକ୍ତ ଗାଡିଟି ରଖାଯାଇଥିବା ଜାଣିପାରି ଗତ ୧୯ ତାରିଖ ଗାଡିକୁ ଉଦ୍ଧାର କରିଥିଲେ। ଚୋରି କରିଥିବା କୌଣସି ଅଭିଯୁକ୍ତଙ୍କୁ ପୋଲିସ ଠାବ କରିପାରି ନ ଥିବା ଜଣାପଡିଛି।

### ବେପାରୁଆ ଗାଡ଼ି ଚାଳନା ଉପରେ ପୋଲିସର ଧରପଗଡ଼

**ସୁନ୍ଦରଗଡ, ୨୧।୨ (ଡି.ଏନ୍.ଏ)-** ସୁନ୍ଦରଗଡ ସହରରେ ଗତ କିଛି ମାସ ହେବ ବେପାରୁଆ ବାଇକ ଓ ଗାଡି ଚାଳନା ଯୋଗୁ ନିୟମିତ ବ୍ୟବଧାନରେ ଛୋଟବଡ ଦୁର୍ଘଟଣା ବୃଦ୍ଧି ପାଇ ଆସୁଛି। ଏପରିକି କିଛି ବାଇକ୍ ଚାଳକ ପରିବହନ ଓ ଟ୍ରାଫିକ ନିୟମକୁ ଉଲଘଂନ କରିଦ୍ରୁତ ଗତିରେ ଗାଡି ଚାଳନା କରିବା, ବିକୃତ ହର୍ଣ୍ଣ ବଜାଇବା, ବିକୃତ ଶବ୍ଦ ସୃଷ୍ଟିକାରୀ ସାଇଲେନ୍ସର ପାଇପ୍ ବ୍ୟବହାର କରିବା ସାଙ୍ଗକୁ ଉଜ୍ଜଳ ହେଡଲାଇଟ ଲଗାଇ ପଥଚାରୀ ଓ ଅନ୍ୟ ଗାଡି ଚାଳକମାନଙ୍କୁ ହଇରାଣ କରି ଆସୁଛନ୍ତି। ଏଭଳି ଅଭିଯୋଗ ଆସିବା ପରେ ଟାଉନଥାନା ପୋଲିସ ଏଭଳି ବେପାରୁଆ ବାଇକ ଚାଳକଙ୍କ ଉପରେ ଧରପଗଡ ଆରମ୍ଭ କରିଛି। ଗୁରୁବାର ସନ୍ଧ୍ୟାରେ ଏଭଳି ବେପାରୁଆ ଗାଡି ଚାଳନା କରୁଥିବା ୮ଟି ବୁଲେଟ ବାଇକକୁ ଥାନାକୁ ଆଣି ସେଥିରେ ଲଗାଯାଇଥିବା ବିକୃତ ଶବ୍ଦକାରୀ ସାଇଲେନ୍ସର ପାଇପ୍‌ଗୁଡିକୁ ଖୋଲା ଯାଇ ପରେ ଏହାର ଚାଳକମାନଙ୍କୁ ପୋଲିସ ତାଗିଦା କରି ଛାଡିଦେଇଛି। ପରବର୍ତ୍ତୀ ସମୟରେ ପୁଣି ଏଭଳି ବେପାରୁଆ ଗାଡିଚାଳନା କଲେ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟାଉନଥାନା ଆଇଆଇସି ବିଭିଶ୍ ପ୍ରଧାନ ପ୍ରକାଶ କରିଛନ୍ତି।

### ନବନିର୍ମାଣ କୃଷକ ସଙ୍ଗଠନର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ

# ସୁନ୍ଦରଗଡ଼ରେ ଆଂଶିକ ପ୍ରଭାବ

**ସୁନ୍ଦରଗଡ଼, ୨୧।୨ (ଡି.ଏନ୍.ଏ)**

ବିଭିନ୍ନ ଦାବି ସହ ଚାଷୀ ଆନ୍ଦୋଳନ ଉପରେ ପୋଲିସର ଦମନଲୀଳା ବିରୋଧରେ ଗୁରୁବାର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ୧୨ଘଣ୍ଟିଆ ରାଜ୍ୟ ବ୍ୟାପୀ ବନ୍ଦ ଡାକରା ସୁନ୍ଦରଗଡ ଜିଲାରେ ଆଂଶିକ ପ୍ରଭାବ ପରିଲକ୍ଷିତ ହୋଇଛି। ସଙ୍ଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭରତେନ୍ଦୁ ସ୍ୱାଇଁ, ଜିଲା ସହସଂଯୋଜକ କୃଷ୍ଣଚନ୍ଦ୍ର ପଣ୍ଡା, କୋଶଳ ସମାଜ ସଚିବ ଦିଲୀପ କୁମାର ପଣ୍ଡା, ପ୍ରସନ୍ନ କୁମାର ନାଏକ, ଅଶୋକ ବେହେରା, ସମୀର ପଟେଲ, ସୁପ୍ରିୟାନ ଖାଖା, ଗିରିଜାଶଙ୍କର ରଣା ପ୍ରମୁଖଙ୍କ ନେତୃତ୍ୱରେ ପ୍ରାୟ ୨୦ରୁ ୨୫ଜଣ ସଦସ୍ୟ ସ୍ଥାନୀୟ କିରେଇଛକସ୍ଥିତ ବିଜୁ ଏକ୍ସପ୍ରେସ ୱେରେ ସକାଳ ୮ଟାରୁ ୮ଟା ୪୫ ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟାରେ ଯାନବାହାନ ଓ ଯାତ୍ରୀବାହୀ ବସଗୁଡିକ ଅଟକି ରହିଥିଲା। ପରେ ସଦର ଓ ଟାଉନ ଥାନା ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ହଟାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ପରେ ଆନ୍ଦୋଳନକାରୀ ବିଭିନ୍ନ ବ୍ୟାଙ୍କ ପେଟ୍ରୋଲ ପମ୍ପ ଓ କିଛି ଦୋକାନରେ ପିକେଟିଂ କରି ବନ୍ଦ କରି ଦେଇଥିଲେ ହେଁ ସୁନ୍ଦରଗଡ ସଦର ମହକୁମା ସମେତ ଅନ୍ୟାନ୍ୟ ଅଞ୍ଚଳଗୁଡିକରେ ଦୋକାନ ବଜାର, ଅଫିସ୍ କଚେରୀ, ସ୍କୁଲ, କଲେଜ ଓ ଯାନବାହନ ଚଳାଚଳ ସ୍ୱାଭାବିକ ଥିଲା। ହେଲେ ଓଡିଶା ବନ୍ଦ ଡାକରାରେ କୌଣସି ଅଘଟଣ ଆଶଙ୍କାରେ କିଛି ବେସରକାରୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଗୁଡିକ ବନ୍ଦ ରହିଥିଲା। ରାଣୀ ବଗିଚାରେ ପୂର୍ବାହ୍ନ ୧୧ଟା ବେଳେ ନବନିର୍ମାଣ କୃଷକ ସଙ୍ଗଠନର କିଛି ସଦସ୍ୟ ରାସ୍ତା ଅବରୋଧ କରି ବସି ରହିବାରୁ ପୋଲିସ ସଙ୍ଗଠନର ଭରତେନ୍ଦୁ ସ୍ୱାଇଁଙ୍କୁ ଅଟକ ରଖି ସନ୍ଧ୍ୟାରେ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦେଇଥିଲା।




କିରେଇଛକସ୍ଥିତ ବିଜୁ ଏକ୍ସପ୍ରେସ ୱେକୁ ଅବରୋଧ କରାଯାଉଛି।

### ଗାଡ଼ି ସହ ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ

# ଜଣେ ଗିରଫ, ଡ୍ରାଇଭର ଫେରାର୍

**କୁତ୍ରା, ୨୧।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ଥାନା ଅଧିନ ଗଡପୋଷ ଛକ ନିକଟରେ ଗୁରୁବାର ସନ୍ଧ୍ୟା ସାଢ଼େ ୫ଟାରେ କୁତ୍ରା ପୋଲିସ ଦ୍ୱାରା ଏକ ଚାରି ଚକିଆ ଯାନକୁ ଜବତ କରିବା ସାଙ୍ଗକୁ ଗାଡିରୁ ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ଏହା ସହ ବିହାରର ରୋହିଦାସପୁର ଅଞ୍ଚଳର ଭଗବାନ ପ୍ରସାଦ (୫୫) ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଗାଡି ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡିଛି। କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡାଙ୍କଠାରୁ ଜାଣିବାକୁ ମିଳିଛି ଯେ, ଗୁରୁବାର ସନ୍ଧ୍ୟାରେ ପାଟ୍ରୋଲିଂ ସମୟରେ ଏକ ଚାରି ଚକିଆ ଗାଡ଼ି ନଂ. ଓଆର୍- ଓଏକେ- ୭୭୭୭କୁ ଦେଖି ଏହି ଗାଡି ନମ୍ବର ଓଡିଶାର ହୋଇ ନ ଥିବାବେଳେ ଏହା ଏକ ଜାଲ ନମ୍ବର ହୋଇଥିବା ଜାଣିପାରି କୁତ୍ରା ଥାନା ଅଧିନ ଗଡପୋଷ ଛକଠାରେ ରାଜ୍ୟ ରାଜପଥ- ୧୦ରେ ଗାଡିକୁ ଅଟକାଇଥିଲେ। ଗାଡି ଅଟକାଇବା ପରେ ଗାଡି ଯାଞ୍ଚ କଲା ସମୟରେ ଡ୍ରାଇଭର ଜଣକ କୌଶଳ କ୍ରମେ ଫେରାର୍ ହୋଇଯାଇଥିଲେ। ଗାଡିରେ ଥିବା ବିହାର ରାଜ୍ୟର ରୋହିଦାସପୁର ଅଞ୍ଚଳର ଭଗବାନ ପ୍ରସାଦଙ୍କୁ ପୋଲିସ ଅଟକ କରିବା ପରେ ଗାଡିକୁ ଯାଞ୍ଚ କରିଥିଲେ। ସେଥିରେ ଥିବା ଗଞ୍ଜେଇ ପ୍ୟାକେଟ ଗୁଡିକୁ ଜବତ କରିଥିଲେ। ଖବରପାଇ ରାଜଗାଙ୍ଗପୁର ଏସଡିପିଓ ବିଜୟ କୁମାର ନନ୍ଦ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ କୁତ୍ରା ତହସିଲଦାରଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରାଯିବା ସାଙ୍ଗକୁ ଗଞ୍ଜେଇକୁ ଜବତ କରି ଅଭିଯୁକ୍ତ ଭଗବାନ ପ୍ରସାଦଙ୍କୁ ଗିରଫ କରାଯାଇଛି। ଏହି ଗଞ୍ଜେଇ ଓଡିଶାର କୋରାପୁଟ ଅଞ୍ଚଳରୁ ବିହାରକୁ ଚୋରାଚାଲାଣ ହେଉଥିବା ଜଣାପଡିଛି।



ଗଞ୍ଜେଇ ପ୍ୟାକେଟ ଗୁଡିକୁ ପୋଲିସ ଜବତ କରୁଛି।




ପ୍ରଶିକ୍ଷଣ ଶିବିରରେ ବନବିଭାଗର କର୍ମଚାରୀ, ଅଧିକାରୀ ମଞ୍ଚାସୀନ।

# ବନାଗ୍ନି ପ୍ରତିକାର, ପ୍ରତିରୋଧ ନେଇ ପ୍ରଶିକ୍ଷଣ ଶିବିର

**ବଣାଇଁ, ୨୧।୨ (ସ୍ୱ.ପ୍ର)**

ଆସନ୍ନ ପ୍ରାୟ ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ନିଆଁ ଲାଗିବା ବିଷୟକୁ ଦୃଷ୍ଟିରେ ରଖି ବଣାଇଁ ବନଖଣ୍ଡ ତରଫରୁ ଏକ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ବନବିଭାଗ ନର୍ସରୀ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବଣାଇଁ ବନଖଣ୍ଡ ଅଧିକାରୀ ସୁଧାଂଶୁ ଶେଖର ଖୋରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ବଣାଇଁ ବନଖଣ୍ଡର ସମସ୍ତ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟ ଉପସ୍ଥିତ ରହି ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସମସ୍ତଙ୍କର ପ୍ରମୁଖ କର୍ତ୍ତବ୍ୟ ବୋଲି ସୂଚନା ଦିଆଯାଇଥିଲା। ଏହା ସହିତ ନିଆଁ ଲାଗିଲେ କେବଳ ଗଛପତ୍ର ନଷ୍ଟ ହେବ, ତା ନୁହେଁ ଏଥିରେ ଜଙ୍ଗଲ ଜନ୍ତୁ ମଧ୍ୟ କ୍ଷତିଗ୍ରସ୍ତ ହେବା ନିଶ୍ଚିତ ଥିବା ନେଇ ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରାଯିବା ନେଇ ଉଦଦେଶ ଦିଆଯାଇଥିଲା। ଆଧୁନିକ ପ୍ରକ୍ରିୟାରେ ନିଆଁକୁ ଆୟତ୍ତ କରିବା ଯନ୍ତ୍ରପାତି, ନିଆଁ ଲିଭାଳି ଏବଂ ସ୍ୱତନ୍ତ୍ର ସ୍କାର୍ଡ ଯାହା ପ୍ରତ୍ୟେକ ବନାଞ୍ଚଳ କାଯର୍ୟାଳୟରେ ସ୍ଥାପନ କରାଯିବା ସହ ତାଙ୍କ ପାଇଁ ଆବଶ୍ୟକୀୟ ଯୋତା, ହେଲମେଟ, ଗାଡି, ଟର୍ଚ୍ଚ ପ୍ରଭୃତି ପ୍ରଦାନ କରାଯାଇଥିବା ଦେଖାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବନ ସଂରକ୍ଷକ ଏନଏସଜେପି ସିଂ, ଦହନା ଓରାମ, ଅଗ୍ନିଶମ ସେବା ସଂସ୍ଥା ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆବଶ୍ୟକୀୟ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବଣାଇଁ ବନଖଣ୍ଡ ଅଧିକାରୀ କୌଣସି ପରିସ୍ଥିତିରେ ବିଭାଗୀୟ କର୍ମଚାରୀଙ୍କ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଚେତାଇ ଦେବା ସହିତ ପ୍ରତ୍ୟେକ ମୁହୂର୍ତ୍ତରେ ସେ ଅସୁବିଧା ଦୂର କରିବାକୁ ଥିବା ପ୍ରତିଶ୍ରୁତି ଦେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଟ୍ରେନରେ କଟି ଯୁବକ ମୃତ

**ଜୁନାଗଡ,୨୧।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ-ଭବାନୀପାଟଣା ରେଳ ଲାଇନ ମଧ୍ୟରେ ଥିବା ଶଗଡା ନିକଟରେ ଗୁରୁବାର ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ତାଙ୍କ ନାମ ବିଦ୍ୟାଧର ଯୋଷୀ ଓ ସେ ନିକଟସ୍ଥ ଭବାନୀପାଟଣା ବ୍ଲକ ତିଲଝୁଡି ଗ୍ରାମର ବୋଲି ଜଣାପଡିଛି। ଖବର ପାଇ ଜୁନାଗଡ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛି। ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ମୃତ ଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩/୧୯) ରୁଜୁ ହୋଇଛି।

## ଝାଡ଼ଖଣ୍ଡ ପାର୍ଟି ପକ୍ଷରୁ ଆମ ସଭା ବୈଠକ

**କୁଆଁରମୁଣ୍ଡା,୨୧।୨(ଡି.ଏନ.ଏ)**

ଆଦିବାସୀବହୁଳ ସୁନ୍ଦରଗଡ଼ ଜିଲାରେ ଆଗାମୀ ବିଧାନସଭା ନିର୍ବାଚନରେ ଝାଡ଼ଖଣ୍ଡ ପାର୍ଟି ପକ୍ଷରୁ ସମ୍ଭାବ୍ୟ ପ୍ରାର୍ଥୀମାନଙ୍କର ନାମ ଘୋଷଣା କରାଯାଇଛି। ଝାଡ଼ଖଣ୍ଡ ପାର୍ଟିର ଓଡିଶା ପ୍ରଭାରୀ ଲକ୍ଷ୍ମୀଧର ସାଙ୍କ ନେତୃତ୍ୱରେ ବୁଧବାର ଦଳର ଏକ ବୈଠକ ସଲଙ୍ଗାବାହାଲ ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗାମୀ ନିର୍ବାଚନରେ ଦଳ କିଭଳି ରଣନୀତିକୁ ବିସ୍ତାରିତ କରି ଘୋଷିତ ପ୍ରାର୍ଥୀମାନଙ୍କ ସ୍ଥିତି ମଜବୁତ କରିପାରିବ ସେ ନେଇ ରାଜ୍ୟ ସଭାପତି ଲକ୍ଷ୍ମୀଧର ସା ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଝାଡ଼ଖଣ୍ଡ ପାର୍ଟିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ୟାରା ମୁଣ୍ଡୁ ଉପସ୍ଥିତ ରହି ଆମ ପାର୍ଟି ହେଉଛି ଆଦିବାସୀମାନଙ୍କ ହକ୍ ପାଇଁ ସଦାସର୍ବଦା ସଂଗ୍ରାମ କରିଆସିଛି। ଏହାକୁ ପୂରଣ କରିବା ପାଇଁ ସମସ୍ତଙ୍କର ଉଦ୍ୟମ ରହିବା ଆବଶ୍ୟକ ବୋଲି କେନ୍ଦ୍ରୀୟ ଅଧ୍ୟକ୍ଷ ମୁଣ୍ଡୁ ଏହି ଅବସରରେ ପରାମର୍ଶ ଦେଇଛନ୍ତି। ବିଶ୍ରାମ ବାଗେ, ମୁକୁଟ ତିର୍କୀ, ସଂଜୟ ହରୋ, ପାତରାସ୍ ଟେଟେ, ମାଡିଆସ୍ ଯୋଯୋ, ଶରତ ଅମାତ, ରାମ ସେବକ ସାହୁ, ବାସିଲ ଏକ୍କା, କିରଣ ନାଏକ, ବ୍ରହ୍ମାନନ୍ଦ ବେହେରା, ପ୍ୟାରା କାଣ୍ଡୁଲାନାଙ୍କ ସହ ରାଜ୍ୟର ଅନ୍ୟାନ୍ୟ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ଗୁରୁଣ୍ଡିଆ ବ୍ଲକ କଂସରା ଗ୍ରାମରେ ଆୟୋଜିତ ରାହାସ ଯାତ୍ରା।

# କଂସର ଗ୍ରାମରେ ରାହାସ ଯାତ୍ରା

**ରାଉରକେଲା ଅଫିସ,୨୧।୨**

ଗୁରୁଣ୍ଡିଆ ବ୍ଲକ କୁଣ୍ଡେଇଡିହା ପଞ୍ଚାୟତ ଅନ୍ତର୍ଗତ ବଣପାହାଡ଼ ଘେରା କଂସର ଗ୍ରାମରେ ମାଘ ପୂର୍ଣ୍ଣିମା ଉତ୍ସବ ଧୁମ୍‌ଧାମରେ ପାଳିତ ହୋଇଛି। ଏହି ଅବସରରେ ଆକର୍ଷଣୀୟ ରାହାସ ଯାତ୍ରା ପରିବେଷଣ କରାଯାଇଥିଲା। ଏହାକୁ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ଚତୁର୍ଦ୍ଦଶୀ ତିଥିରେ ଆୟୋଜିତ ଅଷ୍ଟପ୍ରହର ନାମଯଜ୍ଞରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ପୂର୍ଣ୍ଣିମା ଦିନ ସମ୍ପ୍ରଦା ଓ ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା। କଂସର ମହିଳା ସମ୍ପ୍ରଦା ମଣ୍ଡଳୀ ପକ୍ଷରୁ ଏହାକୁ ଆୟୋଜନ କରାଯାଇଥିଲା। ଯାତ୍ରା କମିଟି ସଭାପତି କୁଞ୍ଜବିହାରୀ ସାମନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିକ୍ରମ ନାୟକ, ଅନନ୍ତ ନାୟକ, ଶରତ ସାମନ୍ତ, ଅଞ୍ଜନା ସାମନ୍ତ, ନବୀନ ସାମନ୍ତ, ଶିବ ସାମନ୍ତ, ତରଣୀ ସାହୁ, ବୀରେନ୍ଦ୍ର ସାମନ୍ତ, ଭିକାରୀ ସାହୁ, ସାବିତ୍ରୀ ସାହୁ ଓ ପ୍ରମିଳା ସାମନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ହକି ଟୁର୍ନାମେଣ୍ଟ: ସଉନାମରା ଚାମ୍ପିୟନ

**ବାଲିଶଙ୍କରା, ୨୧।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକର ସୀମାନ୍ତବର୍ତ୍ତୀ ଅଞ୍ଚଳ ଛତିଶଗଡ ରାଜ୍ୟର କୁନକୁରୀ ଲେଲା ମିଶନ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ୪୧ତମ ବିଷପ ଓସ୍କୋର ସେଭେରିନ ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ସର୍ବମୋଟ ୭୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ ସଉନାମରା ଓ କୁନୁକୁରୀ ଆଦିବାସୀ କ୍ଲବ ମଧ୍ୟରେ ହୋଇଥିଲା। ସଉନାମରା ଦଳ ୪ ଗୋଲ ମାରି ଚାମ୍ପିୟନ ଭାବେ ୪୧ ହଜାର ସହ ସିଲ୍ଡ ଓ ରନର୍ସଅପ୍ ଭାବେ କୁନକୁରୀ ଆଦିବାସୀ କ୍ଲବକୁ ୨୮ ହଜାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳ ପରିଚାଳନା ନୁଏଲ ତିର୍ଗା ଓ ରାଜୁରାଜ କୁଜୁର କାର୍ଯ୍ୟଭାର ତୁଲାଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ ହକି ତାରକା, ପୂର୍ବତନ କ୍ୟାପଟେନ ପ୍ରବୋଧ ତିର୍କି ଯୋଗଦେଇଥିଲେ। ସେ ତାଙ୍କ ଅଭିଭାଷଣରେ କଠିନ ପରିଶ୍ରମ କର ନିଶ୍ଚୟ ଫଳ ମିଳିବ ଓ ଜଣେ ଉଚ୍ଚକୋଟୀର ଖେଳାଳି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ପିସି କୁଜୁର, ଅଧକ୍ଷ ଫାଦର ମାରିଆନୁସ କେରକେଟା, ଯୋଶେଫ ତିର୍କି ଯୋଗଦେଇ ଖେଳ ପ୍ରତି ବିଶେଷ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ କରିଥିଲେ। ଜୀବନ ବୀମା ନିଗମ ବ୍ୟାଙ୍କ ମ୍ୟାନେଜର ସଞ୍ଜୟ କୁଜୁର ଧନ୍ୟବାଦ ପ୍ରଦାନ କରିଥିଲେ।



ହକି ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

# ଚିତାପେଡ଼ି ପଞ୍ଚାୟତରେ ପିଠାକଳି

■ ନିର୍ବାହୀ ଅଧିକାରୀଙ୍କ ବ୍ୟବହାରକୁ ନେଇ ଉଦ୍‌ବେଗ

**ନୂଆଗାଁ, ୨୧।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଚିତାପେଡି ପଞ୍ଚାୟତରେ ଗତ ୧୮ ତାରିଖ ପଞ୍ଚାୟତ ପରିସରରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚିତାପେଡି ପଞ୍ଚାୟତର ନିର୍ବାହୀ ଅଧିକାରୀ ଡି. ସରାଫ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନଙ୍କୁ କଟୁକଥା କହିବା ସହ ଏଠାରେ ରୋଷେଇ ହେଉଛି ବୋଲି ତୁମେ ଘରେ ଚୁଲି ଜଳୁନି ବୋଲି କହିଥିବା ଅଭିଯୋଗ ହୋଇଛି। ନିର୍ବାହୀ ଅଧିକାରୀଙ୍କ ଏଭଳି ବ୍ୟବହାର ଯୋଗୁ ସେଦିନ ପିଠା କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ମହିଳାମାନେ ଖାଦ୍ୟ ନଖାଇ ନିଜ ନିଜ ଘରକୁ ଫେରିଯାଇଥିଲେ। ସେହିଭଳି ଉକ୍ତ କାର୍ଯ୍ୟକ୍ରମକୁ ଚିତାପେଡି ପଞ୍ଚାୟତର ୧୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବିଭିନ୍ନ ପ୍ରକାରର ପିଠା ତିଆରି କରି ଆଣିଥିଲେ ହେଲେ ସେମାନଙ୍କୁ ମାତ୍ର ୨୦୦ ଟଙ୍କା ଦେଇଥିବାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୋଟିଏ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀରେ ପ୍ରାୟ ୧୦ଜଣ ଲେଖାଏଁ ମହିଳା ଥିବା ବେଳେ ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀରେ ପ୍ରାୟ ୧ଶହ ଜଣ ମହିଳା ଅଛନ୍ତି। ସେମାନେ ସମସ୍ତେ ଟଙ୍କା ଚାନ୍ଦାକରି ପିଠା ତିଆରି କରିଥିଲେ ହେଲେ ନିର୍ବାହୀ ଅଧିକାରୀ ସେମାନଙ୍କୁ ଦେଇଥିବା ମୋଟ ୨ଶହ ଟଙ୍କାରେ ଜଣଙ୍କୁ ୨ଟଙ୍କା ଲେଖାଏଁ ଭାଗ ପଡୁଛି। ଯାହାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏନେଇ ଉଦବେଗ ପ୍ରକାଶ କରିଛନ୍ତି। ପିଠା ତିଆରି ନେଇ ସେମାନଙ୍କ ମଧ୍ୟରେ କଳି ଆରମ୍ଭ ହୋଇଥିଲା। ପୂର୍ବରୁ ସେମାନଙ୍କୁ ଯେଉଁ ଅର୍ଥ ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା ସେହି ଅନୁସାରେ ତାଙ୍କୁ ଖର୍ଚ୍ଚ ପ୍ରଦାନ କରାଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ହେମନ୍ତି ଦାସ, ଦୁଲାରି ମିଞ୍ଜ, ଲକ୍ଷ୍ମୀ ସିଂ, ହେମାବତୀ ସିଂ ପ୍ରମୁଖ ନିର୍ବାହୀ ଅଧିକାରୀଙ୍କ ଏଭଳି ବ୍ୟବହାରକୁ ନେଇ ଉଦବେଗ ପ୍ରକାଶ କରିବା ସହ ପିଠା ତିଆରିରେ ଖର୍ଚ୍ଚ ହୋଇଥିବା ଟଙ୍କା ଶୀଘ୍ର ପ୍ରଦାନ କରାଯିବାକୁ ସେମାନେ ଦାବି କରିଥିଲେ। ସେହିଭଳି ନିର୍ବାହୀ ଅଧିକାରୀ ରୋଷେଇ କଥା କହିବା ତଥା ଖାଇବା କଥା ଉଠାଇ ମହିଳାମାନଙ୍କୁ କଟୁକଥା କହିଥିବାରୁ ଯୁବ ବିଜେଡି ନେତା ରାଜ୍ୟ ସରକାର ପିଠା ଯୋଜନାକୁ ସଫଳ କରିବା ପାଇଁ ବ୍ୟାପକ ଯୋଜନା କରିଥିବା ବେଳେ ସ୍ୱତନ୍ତ୍ର ଭାବେ ସରକାରୀ କର୍ମଚାରୀମାନଙ୍କୁ ଏହାର ଗୁରୁଦାୟିତ୍ୱ ଦେଇଛନ୍ତି। ହେଲେ ନିର୍ବାହୀ ଅଧିକାରୀଙ୍କ ଏଭଳି ବ୍ୟବହାର ଚିତାପେଡି ପଞ୍ଚାୟତ ବାସୀଙ୍କୁ ମର୍ମାହତ କରିଛି ବୋଲି ସେ କହିଛନ୍ତି। ଏନେଇ ନିର୍ବାହୀ ଅଧିକାରୀ ସରାଫଙ୍କୁ ପଚାରିବାରେ ସେ କହିଲେ ମୁଁ ସେମିତି କୌଣସି ଆକ୍ରୋଶମୂଳକ ଭାବରେ କହିନାହିଁ। ଏଥିରେ ଖରାପ ଭାବିବାର କିଛି ନାହିଁ ବୋଲି ସେ କହିଥିଲେ।

# ସ୍କାନ୍ ଷ୍ଟିଲ୍‌ରେ ସୁରକ୍ଷା ପ୍ରଶିକ୍ଷଣ ଶିବିର

**ରାଜଗାଙ୍ଗପୁର, ୨୧।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବ୍ଲକରେ ବରପାଲିଠାରେ ଥିବା ସ୍କାନଷ୍ଟିଲ ପରିସରରେ ଏକ ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସ୍କାନ ଷ୍ଟିଲ କାରଖାନାର ଶ୍ରମିକ ଓ କର୍ମଚାରୀଙ୍କୁ ପ୍ରଶିକ୍ଷକଙ୍କ ଦ୍ୱାରା ସୁରକ୍ଷା ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସୁରକ୍ଷା ଉପକରଣ ଗୁଡିକର ବ୍ୟବହାର ଓ ଏହା ଦ୍ୱାରା ମିଳୁଥିବା ସୁଫଳ ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଏହି ଶିବିରକୁ କାରଖାନାର ଚ୍ୟାରମ୍ୟାନ ରାଜେଶ ଗଡୋଡିଆ ଫିତାକାଟି ଉଦ୍‌ଘାଟନ କରିଥିଲେ। କାରଖାନାର ଡାଇରେକ୍ଟର ବିନୟ ଗୋୟଲ, ସୁବ୍ରତ କୁମାର ନାଏକ, ହିମାଂଶୁ ମେହେର, ସରୋଜ ମହାକୁଡ, ବିନିତ ଗଡୋଡିଆ, ମିରାଜ ଅହମ୍ମଦ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳିତ କରିଥିଲେ।



ସ୍କାନ ଷ୍ଟିଲ କାରଖାନାର ସୁରକ୍ଷା ପ୍ରଶିକ୍ଷଣ ଦିଆଯାଉଛି।



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ

### କୃଷକ ସଙ୍ଗଠନର ବନ୍ଦ ଫଳଶୂନ୍ୟ

**ଝାରସୁଗୁଡା ଅଫିସ, ୨୧।୨:** ପ୍ରାଇସ୍, ପ୍ରେଷ୍ଟିଜ, ପେନସନ ଦାବିରେ ନବନିର୍ମାଣ କୃଷକ ସଙ୍ଗଠନ ତରଫରୁ ଗୁରୁବାର ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ କେନ୍ଦ୍ର ଓଡ଼ିଶାରେ ଦେଖାଦେଇଥିବା ବେଳେ ପଶ୍ଚିମ ଓଡ଼ିଶାରେ ନିଷ୍ପ୍ରଭ ରହିଥିଲା। ଦୈନନ୍ଦିନ କାର୍ଯ୍ୟ,ସରକାରୀ ଅଫିସ, କଲେଜ, ସ୍କୁଲ, ଗାଡି ମୋଟର ଚଳାଚଳ, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ସରକାରୀ ଏବଂ ବେସରକାରୀ ଅଫିସ ଖୋଲା ରହିଥିଲା। ଝାରସୁଗୁଡା ଜିଲାରେ କୃଷକ ସଙ୍ଗଠନର କୌଣସି ପ୍ରଭାବ ପଡିନାହିଁ।

### ସୁବର୍ଣ୍ଣପୁର : ୩ ଇନ୍ସପେକ୍ଟର ପୁଣି ବଦଳିଲେ

**ସୋନପୁର,୨୧।୨(ନି.ପ୍ର.):** ସୁବର୍ଣ୍ଣପୁର ଏସ୍‌ପି ଦେବୀପ୍ରସାଦ ଦାଶ ଇନ୍ସପେକ୍ଟରସ୍ତରରେ ପୁଣି ଅଦଳ ବଦଳ କରିଛନ୍ତି। ଗତ ୧୬ତାରିଖର ବଦଳି ଆଦେଶକୁ ବୁଧବାର ଆଂଶିକ ପରିବର୍ତ୍ତନ କରିଛନ୍ତି। ନିରଞ୍ଜନ ଦାସଙ୍କୁ ଡୁଙ୍ଗୁରିପାଲି ଥାନା ଅଧିକାରୀ, ରାଜେନ୍ଦ୍ର ସମରିଆଙ୍କୁ ବିନିକା ଓ ବୀରମହାରାଜପୁର ଆଇଆଇସି କୁଶ ପାଣିଗ୍ରାହୀଙ୍କୁ ଆଇୟୁସିଏଡବ୍ଲ୍ୟୁ ସୁବର୍ଣ୍ଣପୁର ଭାବେ ବଦଳି କରାଯାଇଛି। ପୂର୍ବରୁ ଦାସଙ୍କୁ ବିନିକା, ସମରିଆଙ୍କୁ ରାମପୁର ଓ ପାଣିଗ୍ରାହୀଙ୍କୁ ଉଲୁଣ୍ଡା ଥାନା ଅଧିକାରୀ ଭାବେ ବଦଳି କରାଯାଇଥିଲା।

### ଶିକ୍ଷା ସମାଜର ମେରୁଦଣ୍ଡ

**ବିନିକା, ୨୧।୨(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ଫୁଲମୁଠୀ ଭବିଷ୍ୟ ଇଂଲିଶ ମାଧ୍ୟମ ସ୍କୁଲର ୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସସ୍ମିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ କୁମରମଣୀ ମେହେର ଯୋଗଦେଇଥିଲେ। ସେ ତାଙ୍କ ଅଭିଭାଷଣରେ ସମ୍ମିଳିତ ବିଦ୍ୟାର୍ଥୀ ଓ ଅଭିଭାବକମାନଙ୍କୁ କହିଥିଲେ ଯେ, ଶିକ୍ଷା ହେଉଛି ସମାଜର ମେରୁଦଣ୍ଡ। ରାଷ୍ଟ୍ରର ବିକାଶ ପାଇଁ ଶିକ୍ଷା କ୍ଷେତ୍ରରେ ବିକାଶ ନିହାତି ଜରୁରୀ। ମୁଖ୍ୟବକ୍ତା ପ୍ରାକ୍ତନ ଡିଏଲ୍‌ସି ଡ. ପ୍ରଫୁଲ୍ଲ କୁମାର ରଥ ଯୋଗଦେଇ କହିଥିଲେ ଯେ, ସୁନାଗରିକ ଗଢି ତୋଳିବାରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ମାତାପିତାଙ୍କର ମଧ ଗୁରୁ ଦାୟିତ୍ୱ ରହିଛି। ସମ୍ମାନିତ ଅତିଥି ହିସାବରେ ଶିବ ସୁବୁଦ୍ଧି ଯୋଗ ଦେଇଥିଲେ। ଏହି ଅବସରରେ ୨୦୧୮-୧୯ରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଜୁନିୟର ବର୍ଗର ଓମ୍‌କାର ମେହେର, ତୁରିଆ ନାୟକ, ସିନିୟର ବର୍ଗରେ ଦିଲ୍‌ଖୁସ୍ ରାଜା ଓ ଅନନ୍ୟା ସାହୁ କୃତିତ୍ୱ ଅର୍ଜନ କରିଥିଲେ। ଚଳିତ ବର୍ଷର ଶ୍ରେଷ୍ଠ ବିଦ୍ୟାର୍ଥୀ ଭାବେ ସ୍ନେହା ସାହୁ(୭ମ), ଶ୍ରେଷ୍ଠ ଶିକ୍ଷୟିତ୍ରୀ ଯସସ୍ୱିନୀ ହେତା ଏବଂ ଶ୍ରେଷ୍ଠ ଅଭିବାବକ ଭାବେ ଶୁଭଲକ୍ଷ୍ମୀ ମିଶ୍ର, ୟଶରାଜ, ଅନୁପ କୁମାର ମେହେରଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଛାତ୍ରୀ ଆର୍ଯ୍ୟାନ୍ ଏବଂ ମମତା। ସ୍କୁଲ ଏକାଡେମୀ ମୁଖ୍ୟ ଡଃ ଭବାନୀ ଶଙ୍କର ମେହେର ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ମାନୀତ କରିଥିଲେ। ବାର୍ଷିକ ବିବରଣୀ ପଠନ ସ୍କୁଲ ମ୍ୟାନେଜିଂ ଡାଇରେକ୍ଟର ସୁଧାଂଶୁ ଶେଖର ଦାଶ କରିଥିଲେ। ଏହାପରେ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ସ୍କୁଲ ଉପାଧକ୍ଷ ସଞ୍ଜୀବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବେଲପାହାଡ଼ ପୌର ପରିଷଦ

# ଅସ୍ଥାୟୀ କର୍ମଚାରୀଙ୍କ ପ୍ରସ୍ତାବିତ ଧର୍ମଘଟ ସ୍ଥଗିତ

**ବେଲପାହାଡ଼,୨୧।୨(ଡ଼ି.ଏନ୍.ଏ)**

- ସମସ୍ତଙ୍କୁ ପ୍ରୋତ୍ସାହନ ଭତ୍ତା ମିଳିବ
- ଉଚ୍ଚ କୁଶଳୀ ଯୋଗ୍ୟ କର୍ମଚାରୀଙ୍କ ବେତନ ବୃଦ୍ଧି ହେବ

ଚଳିତ ମାସରୁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରପରିଷଦ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ୭୯ ଜଣ ଏନ୍‌ଏମଆର ଓ ଡ଼ିଏଲଆର୍ କର୍ମଚାରୀଙ୍କୁ ମାସିକ ୨ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ଭତ୍ତା ମିଳିବ। ଏଥିସହିତ ଉଚ୍ଚ କୁଶଳି ଯୋଗ୍ୟ ବିବେଚିତ ହେଉଥିବା କୁଶଳି କର୍ମଚାରୀଙ୍କ ପାଇଁ ବେତନ ବୃଦ୍ଧି କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀ ପ୍ରକାଶ କରିଛନ୍ତି। ନିର୍ବାହୀ ଅଧିକାରୀଙ୍କ ଏହି ପ୍ରତିଶ୍ରୁତି ମିଳିଲା ପରେ ଆସନ୍ତା ଶୁକ୍ରବାରରୁ ହେବାକୁ ଥିବା ଧର୍ମଘଟକୁ ସ୍ଥଗିତ ରଖାଯାଇଛି ବୋଲି ପୌର କର୍ମଚାରୀ ସଂଘର ସମ୍ପାଦକ ଶୈଳେଶ ବହିଦାର ପ୍ରକାଶ କରିଛନ୍ତି। ଗତ ୬ ଦିନ ପୂର୍ବରୁ ପୌର କର୍ମଚାରୀମାନେ ସ୍ଥାୟୀ ନିଯୁକ୍ତି, ବେତନ ବୃଦ୍ଧି ଓ ପ୍ରୋତ୍ସାହନ ଭତ୍ତା ଲାଗୁ ସମ୍ବଳିତ ୩ ଦଫା ଦାବି ପୂରଣ ପାଇଁ ପୌର ନିର୍ବାହୀ ଅଧିକାରୀ, ଜିଲାପାଳ, ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଚିଠି ପଠାଇ ଦୃଷ୍ଟି ଆକର୍ଷଣ କରିଥିଲେ। ଦାବି ପୂରଣ ନ ହେଲେ ଶୁକ୍ରବାର ୨୨ତାରିଖରୁ ଧର୍ମଘଟ ଆରମ୍ଭ କରିବା ପାଇଁ ଚେତାବନୀ ଦେଇଥିଲେ। ଏହି ଚେତାବନୀକୁ ଆଖି ଆଗରେ ରଖି ଗୁରୁବାର ପୂର୍ବାହ୍ନରେ ପୌର ସଭାଗୃହରେ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ, ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ ଓ ବରିଷ୍ଠ ସହାୟକ ଲାଲମୋହନ କିଷାନଙ୍କ ସମେତ ସମସ୍ତ ଏନ୍‌ଏମଆର୍ ଓ ଡ଼ିଏଲ୍‌ଆର କର୍ମଚାରୀ ଯୋଗ ଦେଇଥିଲେ। ବୈଠକରେ ପୌରନିର୍ବାହୀ ଅଧିକାରୀ ସ୍ଥାୟୀ ନିଯୁକ୍ତି ସଂକ୍ରାନ୍ତୀୟ ଦାବି ରାଜ୍ୟ ସରକାରଙ୍କ ନିକଟରେ ବିଚାରାଧୀନ ରହିଛି। ମାତ୍ର ପରିଷଦର ପୂର୍ବ ନିଷ୍ପତି ଅନୁଯାୟୀ ଅନ୍ୟ ଦୁଇଟି ଦାବି ବେତନ ବୃଦ୍ଧି ଓ ପ୍ରୋତ୍ସାହନ ଭତ୍ତାକୁ ଚଳିତ ମାସରୁ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକ ପରେ ପୌର ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀଙ୍କୁ ପଚରାଯିବାରୁ ପୂର୍ବରୁ କର୍ମଚାରୀମାନଙ୍କୁ ବର୍ଷକୁ ଥରେ ପ୍ରୋତ୍ସାହନ ଭତ୍ତା ପ୍ରଦାନ କରାଯାଉଥିଲା। ମାତ୍ର ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଚଳିତ ଫେବୃୟାରୀ ମାସରୁ ପ୍ରତି ମାସ ଦରମାରେ ନିୟମିତ ସମସ୍ତ ଏନଏମଆର୍ ଓ ଡ଼ିଏଲଆର୍ କର୍ମଚାରୀଙ୍କୁ ୨ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ଭତ୍ତା ପ୍ରଦାନ କରାଯିବ। ଏଥିସହିତ ନିୟମ ଅନୁଯାୟୀ ଯେଉଁ କୁଶଳି କର୍ମଚାରୀମାନେ ଉଚ୍ଚ କୁଶଳି ବିବେଚିତ ହେବେ ସେହି କର୍ମଚାରୀଙ୍କ ପାଇଁ ହିଁ କେବଳ ବେତନ ବୃଦ୍ଧି କରାଯିବ ବୋଲି ପ୍ରକାଶ କରିଛନ୍ତି।



ବିଭିନ୍ନ ଦାବିକୁ ନେଇ ଆଲୋଚନା ବୈଠକରେ ପୌରପରିଷଦର ଅସ୍ଥାୟୀ କର୍ମଚାରୀ।



### ବାଇକ୍ ଭାଙ୍ଗିଲା ହାତୀ, ବର୍ତ୍ତିଲେ ଆରୋହୀ

**ଉଲୁଣ୍ଡା, ୨୧।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଜଉଁରାଭଉଁରା ପଞ୍ଚାୟତର ପୁତାମାଲିଆ ରାସ୍ତାରେ ଏକ ହାତୀ ଜଣେ ଯୁବକଙ୍କ ବାଇକ ଭାଙ୍ଗି ଦେଇଥିବା ବେଳେ ଆରୋହୀ ଜଣକ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ ସାଗଜୁରି ଗ୍ରାମର ଜଗଦୀଶ ପଧାନ ଗୁରୁବାର ଅପରାହ୍ନରେ ଉପରୋକ୍ତ ସ୍ଥାନରେ ନିଜ ବାଇକ ରଖି ରାସ୍ତାକାମ କରୁଥିଲେ। ଏହି ସମୟରେ ହାତୀ ଆସିଯିବାରୁ ସେଠାରୁ ଜୀବନ ବଞ୍ଚି ବାଇକ ଛାଡି ଦୌଡି ପଳାଇଥିଲେ। ହାତୀ ତାଙ୍କ ବାଇକକୁ ଟେକି କଚାଡି ଦେବାରେ କିଛି ଅଂଶ ଭାଙ୍ଗି ଯାଇଥିଲା। ଖବର ପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାଇକ ଉଦ୍ଧାର କରିବା ସହିତ ହାତୀକୁ ଘଉଡାଇ ଦେଇଥିବା ଜଣାପଡଛି।

## ସାରଙ୍ଗଲୋଇରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ଲଇକେରା, ୨୧।୨ (ଡି.ଏନ.ଏ)**

ଜମ୍ମୁ- କଶ୍ମୀରର ପୁଲଓାମାଠାରେ ଶହୀଦ ହୋଇଥିବା ଯବାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ବୁଧବାର ସନ୍ଧ୍ୟାରେ ଝାରସୁଗୁଡା ଜିଲା ଲଇକେରା ବ୍ଲକ ସାରଙ୍ଗଲୋଇର ଯୁବଗୋଷ୍ଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମର ଜନସାଧାରଣ ସ୍ୱତଃପୂର୍ତ୍ତ ଭାବେ ଏକତ୍ରିତ ହୋଇ ମହମବତୀ ଜଳାଇ ବିରାଟ ଶୋଭାଯାତ୍ରା କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଗ୍ରାମର ଜନ୍ମେଜୟ ନାଏକ, ଲୁକେଶ ପୃଷେଟ, ସଞ୍ଜୟ ବେହେରା, ମହାଦେବ ବେହେରା, ଈଶ୍ୱର ବେହେରା, ଗୁରୁ ପ୍ରସାଦ ନାଏକ, ଦଶରଥ ନାଏକ, ଆକାଶ ସାହୁ, କିରଣ ପୃଷେଟ, ବିବୁଧି ସେଠ ପ୍ରମୁଖ ଏହାର ନେତୃତ୍ୱ ନେଇଥିବା ବେଳେ ପୂର୍ବତନ ସୈନିକ ପରକ୍ଷୀତ ସେଠ ସଭା ପରିଚାଳନା କରିଥିଲେ।



ଲଇକେରାରେ ମହମବତୀ ଜଳାଇ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟିତ

**ବିନିକା,୨୧।୨(ଡି.ଏନ୍.ଏ.)**

ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ବିନିକାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ ଉପସ୍ଥିତ ଥିଲେ। ଉଦ୍‌ଘାଟିତ ପ୍ରକଳ୍ପଗୁଡିକ ହେଲା ସିଲାଟି ଗାଁରେ ୧୭ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମିତ ୩ଟି ଅଙ୍ଗନବାଡି କେନ୍ଦ୍ର, ୩୫ଲକ୍ଷ ବ୍ୟୟରେ ନିର୍ମିତ କଲ୍ୟାଣ ମଣ୍ଡପ, ହରିଜନ ସାହି କମ୍ୟୁନିଟି ସେଣ୍ଟର। ପରେ ସିଂଘିଯୁବା ଗ୍ରାମରେ ୫୦ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ମା ମାହେଶ୍ୱରୀ ଅନୁଷ୍ଠାନର ଅତିରିକ୍ତ ଶ୍ରେଣୀକୋଠା ଓ ଶ୍ରୀମା ଅରିବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗୃହର ଉଦ୍‌ଘାଟନ କରିଥିଲେ ବିଧାୟକ। ଅପରାହ୍ନରେ ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ୨୪ଲକ୍ଷ ବ୍ୟୟବରାଦରେ ନିର୍ମିତ ସାଇକେଲ ଷ୍ଟାଣ୍ଡ ଓ ଉପର ମହଲ ଗୃହ ଉଦ୍‌ଘାଟିତ ହୋଇଥିଲା।

ଗୌତମ ମେମୋରିଆଲ ଫୁଟବଲ

## ଉତ୍କଳ ଆଥ୍‌ଲେଟିକ୍ ବିଜୟୀ

**ଝାରସୁଗୁଡା ଅଫିସ, ୨୧।୨**

ଝାରସୁଗୁଡା ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ପଡିଆରେ ୧୧ତମ ଗୌତମ ସ୍ମାରକୀ ଫୁଟବଲ ବୁଧବାର ଉଦଘାଟିତ ହୋଇଯାଇଛି। ପ୍ରତିଯୋଗିତାକୁ ୨ୟ ବାଟାଲିୟନର ଦୁର୍ଗପତି ଏମ.ଡି.ଜାହିଦ୍ ଉଦ୍‌ଘାଟନ କରିଥିଲେ। ଉତ୍କଳ ଆଥଲେଟିକ କ୍ଲବ୍ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ସମ୍ବଲପୁର, ସୁନ୍ଦରଗଡ ଓ ଝାରସୁଗୁଡାର ୬ଟି ଫୁଟବଲ ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ଝାରସୁଗୁଡା ଜିଲା କ୍ରୀଡାସଂଘ କାର୍ଯ୍ୟକାରୀ ସଭାପତି ବିଜୟ ବେହେରା, ଉପସଭାପତି ଜୀବନ ମହାନ୍ତି, ଗଣେଷ ନାୟକ, ପ୍ରଜ୍ୱଳ ପଟେଲ, ପ୍ରଶାନ୍ତ ତ୍ରିପାଠୀ, ମୁନା ମହାନ୍ତି, ମନୋଜ ଦାସ, ଦିଲୀପ ସାହୁ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ ଓ.ଏସ୍.ଏ.ପି. ଓ ଉତ୍କଳ ଆଥଲେଟିକ୍ କ୍ଲବ ମଧ୍ୟରେ ହୋଇଥିଲା। ଉତ୍କଳ ଆଥଲେଟିକ୍ କ୍ଲବ୍ ୨-୧ ଗୋଲରେ ବିଜୟୀ ହୋଇଥିଲା। ଏହି ଖେଳକୁ ସଞ୍ଜୟ ଦାସ, ଅଜିତ କୁଜୁର, କ୍ଷମାଶିଳ କିଶାନ, ଶୀତଳ ଗୁଡୁମ୍ ପରିଚାଳନା କରିଥିଲେ।



ଅଂଶଗ୍ରହଣକାରୀ ଦଳ ସହ ପରିଚିତ ହେଉଛନ୍ତି ଅତିଥି।

## ଧାରା ୩୭୦ ଉଚ୍ଛେଦ ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ବ୍ରଜରାଜନଗର, ୨୧।୨ (ଡି.ଏନ.ଏ)**

ଭାରତ ସମ୍ବିଧାନର ଧାରା ୩୭୦ ଉଚ୍ଛେଦ କରିବା ପାଇଁ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ରାଜପୁର ପଞ୍ଚାୟତର ନେତାଜୀ କ୍ଲବ ଓ ବ୍ୟବସାୟୀ ସଂଘର ଶତାଧିକ ସଦସ୍ୟ। ୪୧୨ଜଣ ସଦସ୍ୟ ସ୍ୱାକ୍ଷରିତ କରି ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସମ୍ବିଧାନର ଧାରା ୩୭୦ ଲାଗି କଶ୍ମିରରେ ଆତଙ୍କବାଦୀମାନେ ତିଷ୍ଠି ରହି ସେନା ସହିତ ନୀରବ ଜନତାଙ୍କ ଉପରେ ଆକ୍ରମଣ କରି ଅନାୟାସରେ ବର୍ତ୍ତି ଯାଉଛନ୍ତି। ଏହି ଧାରାକୁ ଉଚ୍ଛେଦ କରିବା ଦ୍ୱାରା ସେନା ସକ୍ରିୟ ହୋଇ ପୂର୍ଣ୍ଣ ସ୍ୱାଧୀନତା ସହିତ କାର୍ଯ୍ୟକରି ପାରିବ ଓ ଆତଙ୍କବାଦୀମାନଙ୍କୁ ସମୁଳ ନିପାତ କରି ପାରିବ ବୋଲି ସଦସ୍ୟମାନେ ମତଦେଇଛନ୍ତି। ଶହୀଦ ହୋଇଥିବା ଯବାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ତାଙ୍କ ପରିବାରର ସମସ୍ତ ସଦସ୍ୟମାନଙ୍କୁ ଜଗନ୍ନାଥ ସହାୟ ହୁଅନ୍ତୁ ବୋଲି ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟମାନେ ଅଂଶ ଗ୍ରହଣ କରିଥିଲେ।




ଶହୀଦ ଯବାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଉଛି।

## ବିଏସ୍‌ଏନ୍‌ଏଲ୍ କର୍ମଚାରୀଙ୍କ ୩ ଦିନିଆ ବନ୍ଦ

**ଝାରସୁଗୁଡା ଅଫିସ, ୨୧।୨**

ଅଖିଳ ଭାରତୀୟ ବିଏସ୍‌ଏନ୍‌ଏଲ କର୍ମଚାରୀ ଓ ଅଫିସର ସଂଘ ତରଫରୁ ୩ ଦିନିଆ ବନ୍ଦ ଡାକର। ଶେଷ ହୋଇଛି। ୧୮, ୧୯, ଏବଂ ୨୦ ତାରିଖ ତିନିଦିନ ଧରି ବିଏସ୍‌ଏନ୍‌ଏଲ୍ କର୍ମଚାରୀ ଏହି ଆନ୍ଦୋଳନ କରିଥିଲେ। ବନ୍ଦ ପାଳନ ଅବସରରେ ଝାରସୁଗୁଡା ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏ.ଆର.ଡି ଚାନ୍ଦ ଅଧକ୍ଷତା କରିଥିଲେ। ମଜୁରି ସଂଶୋଧନ କରିବା, ଘରୋଇ କରଣକୁ ବନ୍ଦ କରିବା, ବିଏସ୍‌ଏନ୍‌ଏଲର ୩୧୦୦୦ କୋଟି କ୍ଷତିର ମିଛ ବାହାନା ବନ୍ଦ କରିବା, ବିଏସ୍‌ଏନ୍‌ଏଲ୍‌କୁ ଅନ୍ୟ ଟେଲିକମ୍ କମ୍ପାନୀ ଭଳି ୪ଜି ସେବା ଉପଲବ୍ଧ କରାଇବା, ଘରୋଇ କମ୍ପାନୀକୁ ଲାଭ ଦେବା ବନ୍ଦ କରିବାକୁ ବିଏସ୍‌ଏନ୍‌ଏଲ୍ କର୍ମଚାରୀ ଦାବି କିରିଛନ୍ତି। ତେଣୁ ଏହାର ସମାଧାନ କରିବା ସହ ବିଏସ୍‌ଏନଏଲ୍‌କୁ ଲାଭାନ୍ୱିତ କମ୍ପାନୀରେ ପରିଣତ କରିବାକୁ ଦାବି ହୋଇଛି। ଏହି ପ୍ରତିବାଦ ସଭାରେ ଶରତ ମିଶ୍ର, ଛବିଳ ଜୟପୁରିଆ, ଦିବାକର ସେଠି, ଗ୍ରେଡେସନ୍ ତିର୍କୀ, ଶିବଲାଲ ରାଉତ, ନିଳମଣି ପରୁଆ, ଆର.କେ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

ଆଜି ମାଟ୍ରିକ୍ ପରୀକ୍ଷା

## ୪୧ କେନ୍ଦ୍ରରେ ପରୀକ୍ଷା ଦେବେ ୭୧୦୦ ପରୀକ୍ଷାର୍ଥୀ

**ଝାରସୁଗୁଡା ଅଫିସ, ୨୧।୨**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ମାଟ୍ରିକ୍ ପରୀକ୍ଷା ଶୁକ୍ରବାର ଠାରୁ ଆରମ୍ଭ ହେବ। ଝାରସୁଗୁଡା ଜିଲାରେ ଏହି ପରୀକ୍ଷାକୁ ଶୃଙ୍ଖଳିତ କରିବା ପାଇଁ ଜିଲା ଶିକ୍ଷା ବିଭାଗ ଲାଗିପଡିଛି। ସମସ୍ତ ବର୍ଗର ପରୀକ୍ଷାର୍ଥୀଙ୍କ ପାଇଁ ଜିଲାରେ ମୋଟ ୪୧ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ନିୟମିତ ପରୀକ୍ଷାର୍ଥୀଙ୍କ ପାଇଁ ୩୯ଟି ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀ(ଏସ୍‌ଓଏସ୍‌ସି) ୨ଟି ପରୀକ୍ଷାକେନ୍ଦ୍ର କରାଯାଇଛି। ସେହିପରି ଜିଲାର ୧୧୭ଟି ସ୍କୁଲର ୬୫୫୭ ରେଗୁଲାଗ, ୧୮୨ ଏକ୍ସ-ରେଗୁଲାର, ୩୨୭ ଜଣ ଓପନ ସ୍କୁଲ ପରିକ୍ଷାର୍ଥୀ ସମେତ ମୋଟ ୭୧୦୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏହାକୁ ପରିଚାଳନା କରିବା ପାଇଁ ଝାରସୁଗୁଡା, ଲଇକେରା, ଲଖନପୁର ଏବଂ ବେଲପାହାଡ ଭଳି ଜିଲାରେ ୪ଟି ନୋଡାଲ ସେଣ୍ଟର କରାଯାଇଛି। ସେହିପରି ଜିଲାରେ ପରୀକ୍ଷାକୁ ଶୃଙ୍ଖଳିତ କରିବା ପାଇଁ ଗୋଟିଏ ଫ୍ଲାଇଙ୍ଗ ସ୍କ୍ୱାର୍ଡ, ୪୧ ଜଣ ପରୀକ୍ଷା କେନ୍ଦ୍ର ସୁପରିଟେଣ୍ଡେଣ୍ଟ, ୪୪ ଜଣ ଡେପୁଟି ସୁପରି ଟେଣ୍ଡେଣ୍ଟ, ୩୦୧ ଇନିଭିଜିଲେଟର, ୧୪୮ ରୋଭର, ୮୯ ରିଲିଭର, ୪୧ କିରାଣୀ ସମେତ ମୋଟ ୭୩ ଜଣଙ୍କୁ ନିୟୋଜିତ କରାଯାଇଛି ବୋଲି ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ କହିଛନ୍ତି।

## ଈଶ୍ୱରଙ୍କ ଆଖିରେ ବାଟ ଚାଲୁଛନ୍ତି ଦିବ୍ୟାଙ୍ଗ ମା' ଝିଅ

**ରାଉରକେଲା ଅଫିସ, ୨୧।୨**

- ମିଳିନି ପଡ଼ି କାର୍ଡ
- ସରକାରୀ ଭତ୍ତାରେ ବିତୁଛି ଜୀବନ

ଈଶ୍ୱରଙ୍କ ଆଖିରେ ବାଟ ଚାଲୁଛୁ। ସରକାରୀ ଭତ୍ତାରେ ଦିନ ବିତୁଛି। ମା ଝିଅଙ୍କ ଚାରି ଆଖି ଥାଇ ସୁଦ୍ଧା ଦୁନିଆଁ ଆମ ପାଇଁ ଅନ୍ଧାର ପାଲଟିଛି। ବଞ୍ଚିବା ପାଇଁ କାହା ଗୋଡ ମୋଡିବାକୁ ପଡୁଛି ତ ଆଉ କାହା ଘରେ ଝାଡୁ ପୋଛା। ଅନ୍ଧ ଆଖିକୁ କିଛି ଦିଶୁ ନଥିବାରୁ ଲୋକେ ଆମ କାମରେ ସନ୍ତୁଷ୍ଟ ନୁହଁନ୍ତି। ତଥାପି କିଛି ଦୟାଳୁଙ୍କ ସହଯୋଗ ଆମ ମା ଝିଅଙ୍କୁ ବଞ୍ଚାଇ ରଖିଛି। ଏଭଳି ହିନିମାନିଆ ଜୀବନ ନେଇ ବଞ୍ଚିବା ବାବୁ ଆମ ଭାଗ୍ୟରେ ଲେଖା। ପରକୁ ଦୋଷ ଦେଇ ଲାଭ କଣ ବୋଲି କହିଛନ୍ତି ଫର୍ଟିଲାଇଜର ଟାଉନଶିପ ନିକଟବର୍ତ୍ତୀ ଜଲଦା ଏବିସି କଲୋନୀ ବାସିନ୍ଦା ଆଖିରୁ ଜ୍ୟୋତି ହରାଇଥିବା ମା' ସାବିତ୍ରୀ ତନ୍ତି(୬୫) ଓ ଝିଅ ବାସନ୍ତୀ(୩୬)। ଅନ୍ଧାର ଘରେ ବିତୁଛି ଜୀବନ। ଖାଦ୍ୟାଭାବରୁ କେହି ମରିବେନି ବୋଲି ସରକାର କହୁଥିବା ବେଳେ ଦିବ୍ୟାଙ୍ଗ ମା' ଝିଅଙ୍କୁ ଆଜି ପର୍ଯ୍ୟନ୍ତ ଖଣ୍ଡେ ପଡି କାର୍ଡ ସୁଦ୍ଧା ମିଳି ପାରିନି। ଘର ପାଖରେ ରହୁଥିବା ୱାର୍ଡ ସଭ୍ୟ ସରପଞ୍ଚ ଓ ବ୍ଲକ ଅଧକ୍ଷାଙ୍କ ନଜର ନାହିଁ ଏମାନଙ୍କ ଉପରେ। ଗତ ପଞ୍ଚାୟତ ନିର୍ବାଚନରେ ଆମକୁ ରାଶନ କାର୍ଡ ଖଣ୍ଡେ ଦିଆଯାଇଥିଲା। ଆମେ ମା ଝିଅ ସେଥିରେ ୧୦କିଲୋ ଚାଉଳ ପାଉଥିଲୁ। କଣ ହେଲା କେଜେଣି ପରେ ସେ କାର୍ଡ ଖଣ୍ଡିକ ଆମ ଠାରୁ ଛଡାଇ ନିଆଗଲା। ସେବେଠୁ ଆମ ପାଇଁ ସରକାରୀ ପଡି ସାତ ସପନ ପାଲଟିଛି ବୋଲି କହନ୍ତି ଝିଅ ବାସନ୍ତୀ। ଆଗରୁ ୩ଶହ କରି ଦୁଇ ଜଣଙ୍କୁ ଭତ୍ତା ମିଳୁଥିଲା।

ଏବେ କୁଆଡେ ସରକାର ଏହାକୁ ୫ଶହ କରିଛନ୍ତି। ଭଲ ହେଲା। ଆମକୁ ଏଥିରୁ ଆଉ କିଛି ସହାୟତା ମିଳିବ। ହେଲେ ଘରେ ଗହମ କି ଚାଉଳ ନାହିଁ। ବଜାର ଦରରେ ଏତିକ କିଣିବା ପରେ ଲୁଣ ତେଲ, ପନିପରିବା ପାଇଁ କଣ ଟଙ୍କା ଅଣ୍ଟିବ କି ବୋଲି ପ୍ରଶ୍ନ କରିଥିଲେ ବାସନ୍ତୀ। ବୃଦ୍ଧା ମା ସାବିତ୍ରୀଙ୍କ ଆଖି ଓ କାନ ଦୁଇଟି ଅଚଳ। ବଳ ବୟସ ଥିଲା ବେଳେ ମୂଲମଜୁରି କରୁଥିଲେ। ଏବେ ମା'କୁ ଛାଡିବାକୁ ମନ ବଳୁନି। ଏଣୁ ନିଜ ସହ ମା ବୋଝ ଉଠାଇବାକୁ ପଡୁଛି ବୋଲି କହନ୍ତି ବାସନ୍ତୀ। ଏଣେ ଅନ୍ଧାର ଘରେ ଡିବି ଜାଳିବାକି କିରୋସିନ ମିଳୁନି। ବାହାରୁ ଲିଟରେ କିରୋସିନ କିଣିଲେ ୪୦ଟଙ୍କା ଦେବାକୁ ପଡୁଛି। ଅବସ୍ଥା ଏମିତି ଯେ ମାସର ଅର୍ଦ୍ଧାଧିକ ଦିନ ଘର ଅନ୍ଧାରରେ ରହୁଛି। ସରକାର କହୁଛନ୍ତି ଗରିବଙ୍କ ପାଇଁ ଆମେ ଯୋଜନା କରିଛୁ। କେହି ଜଣେ ହେଲେ ଭୋକ ଉପାସରେ ରହିବେନି। କାହା ଘର ଅନ୍ଧାରରେ ରହିବନି। ଦେଖନ୍ତୁ ଆମେ ତ ଟାଉନଶିପ ପାଖରେ ରହୁଛୁ। ଜଲଦା ଏକ ପୁନର୍ବସତି ଉନ୍ନତ ପଞ୍ଚାୟତ। ଏହା ଅଧିନରେ ଆମେ ଦୀର୍ଘ ୫୦ ବର୍ଷ ହେବ ରହିଲୁଣି। ଏହା ସତ୍ତ୍ୱେ ନା ଆମକୁ ମିଳୁଛି ରାଶନ କାର୍ଡ ନା ବିଜୁଳି। ଆମ ମା ଝିଅଙ୍କ ଦୁଃଖ ଦୁର୍ଦ୍ଦଶା କାହାକୁ ଅମାଲୁମ ନାହିଁ। ହେଲେ ଆମେ କାହାକୁ କିଛି ଦେଇ ସରକାରୀ ସୁବିଧା ପାଇବା ସମ୍ଭବ ହୋଇପାରୁନି। ଯେତେବେଳେ ଯାହାକୁ ଘର ଆଗରେ ଭେଟିଛୁ ଦୁଃଖ ଜଣାଇଛୁ। ସମସ୍ତେ ପ୍ରତିଶୃତି ଦେଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ଆମ ଦୁଃଖ ଲାଘବ ହେଲା ପରି ପଦକ୍ଷେପ କେହି ନେଇ ନାହାଁନ୍ତି। ଦୁଇ ଜଣଙ୍କ ଆଖିକୁ ଦିଶୁନି। କେହି ଜଣେ ଭଲ ଥିଲେ କୁଆଡେ ଯାଇ ନେହୁରା ହୁଅନ୍ତୁ। ଆମର ସେ ଅବସ୍ଥା ବି ନାହିଁ। ଯଦି ସରକାରୀ ବାବୁଙ୍କ ଦୟା ଧରମ ହେବ ତାହେଲେ ରାଶନ କାର୍ଡ ଖଣ୍ଡେ ମିଳିଯିବ। ନହେଲେ ଏମିତି ଆଉ କିଛି ଦିନ ଚଳିଯିବୁ ବୋଲି କହିଛନ୍ତି ଝିଅ ବାସନ୍ତୀ। ଦୀର୍ଘ ବର୍ଷ ହେବ ରାସ୍ତା ପାର୍ଶ୍ୱ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ଝୁମ୍ପୁଡି ଘରେ ରହି ଆସୁଥିବା ଏହି ମା ଝିଅଙ୍କ ଉପରେ ପ୍ରଶାସନ ଦୃଷ୍ଟି ଦେଲେ ଏମାନେ ଯୋଜନାର ସୁଫଳ ପାଇ ପାରନ୍ତେ ବୋଲି କହିଛନ୍ତି ସାମାଜିକ କର୍ମୀ ବସନ୍ତ ଦାସ।



ମା' ସାବିତ୍ରୀଙ୍କ ସହ ଝିଅ ବାସନ୍ତୀ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ। - ସନ୍ଥ କବୀର ଦାସ



# ମା'ଙ୍କୁ ଜାଣିଲେ ଜୀବନ ଛନ୍ଦମୟ ହୋଇଉଠେ

**ନୂଆପଡା ଅଫିସ,୨୧।୨**

ନୂଆପଡ଼ା ଜିଲା କୋମନା ବ୍ଲକର ବିଭିନ୍ନ ଅନୁଷ୍ଠାନରେ ଶ୍ରୀମାଙ୍କ ୧୦୧ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀମା ଆଧ୍ୟାତ୍ମିକାର ମୂର୍ତ୍ତିମନ୍ତ ରୂପ। ଆଧ୍ୟାତ୍ମିକତାର ପ୍ରତୀକ । ତାଙ୍କର ସତା ଜାଣିଲେ ଜୀବନ ଛନ୍ଦ ମୟ ହୋଇଥାଏ ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ଶ୍ରୀଅରୋମ କମ୍ପ୍ୟୁଟର କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ଶ୍ରୀମାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା । ଏହି ଅବସରରେ ମା' ଦୁର୍ଗାଙ୍କ ସ୍ତୋତ୍ର ଗାନ କରାଯାଇଥିଲା । ଏହି ଅବସରରେ ଯୋଗଦେଇଥିବା ପୁଣ୍ୟବନ୍ତ ଦୁରିଆ ଶ୍ରୀମାଙ୍କ ଜୀବନ ଉପରେ ଆଲୋଚନା କରିଥିବାବେଳେ ତାଙ୍କର ଜୀବନାଦର୍ଶରେ ଆମକୁ ଅନୁପ୍ରାଣୀତ ହୋଇ କାମ କରିବାକୁ ହେବ ବୋଲି କହିଥିଲେ । ଏହିଭଳି କମ୍ପ୍ୟୁଟର ପ୍ରଶିକ୍ଷକ ଭାଗିରଥୀ ଭୋଇ ନିଜର ଅନୁଭୂତି ବଖାଣିଥିଲେ। ବିଶେଷ ବକ୍ତା ଭାବରେ ଯୋଗଦେଇଥିବା ଶିକ୍ଷାବିତ ଅଜୟ କୁମାର ମଲ୍ଲିକ ଅତିମାନବ ଏବଂ ପାଠଚକ୍ର ଉପରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରିଥିଲେ। ଏହିଭଳି କୋମନାସ୍ଥିତ ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ଶ୍ରୀମାଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ସକାଳ ୭ଟାରୁ ଆରମ୍ଭ କରି ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ନାମ ଜପ କରାଯାଇଥିଲା । ପୂର୍ବାହ୍ନ ସାଢେ ୮ଟାରେ ଆଧ୍ୟାତ୍ମିକ ପତାକା ଉତୋଳନ କରାଯାଇଥିଲା। ଏହାକୁ ମୁଖ୍ୟଅତିଥି ଭଗବାନ ପାଣିଗ୍ରାହୀ ଉତ୍ତୋଳନ କରିଥିଲେ । ପତାକା ଉତ୍ତୋଳନ ପରେ ବନ୍ଦେ ମାତରମକୁ ସାମୁହିକ ଗାନ କରାଯାଇଥିଲା। ଏଥିରେ ଛାତ୍ରୀଛାତ୍ରଙ୍କ ସମେତ ଶତାଧିକ ଗ୍ରାମବାସୀ ଯୋଗଦେଇଥିଲେ। ଏହି ଅବସରରେ ୨ୟରୁ ୪ର୍ଥ ଶ୍ରେଣୀ ଯାଏଁ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗୀତା ହୋଇଥିଲା ।

# ୮ ବର୍ଷ ହେଲା କାର୍ଯ୍ୟକ୍ଷମ ହୋଇନି

**ଭବାନୀପାଟଣା,୨୧।୨ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ୍ ଅନ୍ତର୍ଗତ ନୂଆପଟଡାସ୍ଥିତ ଛାୟା ଦେବୀ ଉଚ୍ଚବିଦ୍ୟାଳୟଠାରେ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରୀ ନିବାସ ଦୀର୍ଘ ୮ ବର୍ଷ ହେଲା ବିଭାଗୀୟ ଅବହେଳା ଯୋଗୁ ଆଜି ଯାଏ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ୨୦୧୧-୧୨ରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଥୁଆମୂଳ ରାମପୁର, ଭବାନୀପାଟଣା ପକ୍ଷରୁ ଅଞ୍ଚଳର ଗରିବ ଆଦିବାସୀମାନଙ୍କୁ ମାଗଣାରେ ରହିବା ଖାଇବା ଓ ପାଠ ପଢିବା ପାଇଁ ସୁଯୋଗ ସୃଷ୍ଟି ପାଇଁ ୪୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଛାତ୍ରୀ ନିବାସ ନିର୍ମାଣ ଆରମ୍ଭ କରାଯାଇଛି। କିନ୍ତୁ ବିଭାଗୀୟ ଅଧିକାରୀ ଉକ୍ତ ଛାତ୍ରୀ ନିବାସ ନିର୍ମାଣ ଶେଷ ହୋଇ ଦୀର୍ଘ ୮ ବର୍ଷ ବିତିଯାଇ ଥିଲେ ହେଁ ଏଯାଏଁ ହସ୍ତାନ୍ତର କିମ୍ବା କାର୍ଯ୍ୟକ୍ଷମ ପାଇଁ କୌଣସି ପଦକ୍ଷେପ ନେଇ ନ ଥିବାରୁ ଏହି ଆଦିବାସୀ ଛାତ୍ରୀ ନିବାସ ଧୀରେ ଧୀରେ ନଷ୍ଟହୋଇ ଏବେ ଭୁତ କୋଠି ପାଲଟିଛି। ଛାତ୍ରୀ ନିବାସ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଓ ବିଭାଗୀୟ ଅଧିକାରୀମାନେ ମିଶି ମିଥ୍ୟା ବିଲ କରି ଟଙ୍କା ଆତ୍ମସାତ କରିଥିବାରୁ ଛାତ୍ରୀ ନିବାସର ଶୌଚାଳୟ ନଷ୍ଟ ହୋଇ ଯାଇଥିବା ବେଳେ ହଷ୍ଟେଲର ପାଚେରୀ ନିର୍ମାଣ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଛାୟାଦେବୀ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ପଚାରିବାରୁ ହଷ୍ଟେଲର ନିର୍ମାଣ କାର୍ଯ୍ୟ ବହୁଦିନରୁ ଶେଷ ହୋଇଥିଲେ ହେଁ ବିଭାଗୀୟ ଅଧିକାରୀ ବର୍ତ୍ତମାନ ଯାଏଁ ଦାୟିତ୍ୱ ହସ୍ତାନ୍ତର କରି ନାହାନ୍ତି । ଫଳରେ ଏବେ ଧୀରେ ଧୀରେ ହଷ୍ଟେଲର ବିଭିନ୍ନ ଅଂଶ ନଷ୍ଟ ହୋଇଯାଇଥିବା ବେଳେ ପାଚେରୀ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିବାରୁ କାର୍ଯ୍ୟକ୍ରମ ହୋଇପାରି ନ ଥିବା ପ୍ରକାଶ କରିଥିଲେ। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୀନକେତନ ମିଶ୍ର, ବୋର୍ଡା ସରପଞ୍ଚ ରୀନାରାଣୀ ଜାଲ, କମ୍ଳୁପାଣି ପଧାନ, ଗୋପାଳ ଦୁର୍ଗା, କିଶୋରଚନ୍ଦ୍ର ମିଶ୍ର, ହର ମାଝି, କେଦାରନାଥ ପାଧାନ, କମ୍ଳମାଣି ସାହୁ, ଜୟ ସାହୁ, ଡୁଲେଶ୍ୱର ସାହୁ, ମିଳିକି ଅଞ୍ଚଳ ବିକାଶ ପରିଷଦ ସମ୍ପାଦକ ରୋଷନଲାଲ ଛତର ପ୍ରମୁଖ ଛାତ୍ରୀ ନିବାସ କର୍ଯ୍ୟକ୍ଷମ ପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପିଏଙ୍କୁ ବାରମ୍ବାର ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସମନ୍ୱିତ ଆଦିବାସୀ ସଂସ୍ଥା ଭବାନୀପାଟଣା ପିଏ ବିରଞ୍ଚି ନାରାୟଣ ଦରୁଆନଙ୍କୁ ପଚାରିବାରୁ ଉକ୍ତ ହଷ୍ଟେଲରସ୍ଥିତି ସମ୍ପର୍କରେ ଖୁବଶୀଘ୍ର ଅନୁଧାନ କରାଯାଇ ତାହା କାର୍ଯ୍ୟକ୍ଷମ କରାଯିବ ବୋଲି କହିଥିଲେ।



ନିର୍ମାଣାଧୀନ ଆଦିବାସୀ ଛାତ୍ରୀ ନିବାସ ।

# ବଏସ୍ ୭୦ ଟପ୍‌ଲା: ଭତାରୁ ବଁଚିତ୍ ୨ ବୁରୁଧ୍

**ଖପ୍ରାଖୋଲ, ୨୧।୨(ଡି.ଏନ.ଏ)**



ବୁଢ଼ାବୁଢ଼ି ଭତାରୁ ବଁଚିତ୍ ମହାଦେବ ଆର ନୃପ।

ସରକାର ସାମାଜିକ ସୁରକ୍ଷାକେ ମଜବୁତ କରବାର ଲାଗି ଅନେକ ପରକାର ସାମାଜିକ ସୁରକ୍ଷା କାଯ୍‌କରମ ହାତକେ ନେଇଛନ୍। ଇଥିରେ ୬୦ ବଛରରୁ ଅଧିକା ବଏସ୍‌ର ବୁଢ଼ାବୁଢ଼ି, ଭିନ୍ନକ୍ଷମ, ବିଧବା ମହିଲାକୁଁ ବି ଭତା ଯୁଗେଇ ଦେବାର ନିୟମ ରହିଛେ। ସେନ୍‌ତା ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତା ଆର ମଧୁବାବୁ ପେନସନ ଲେଖେଁ ଯୋଜନା ବି କାଯ୍‌କାରି ହେଉଛେ। ହେଲେ ବହୁତ୍ ଜାଗାରେ ହକ୍‌ଦାର ହିତାଧିକାରୀ ଇ ସବୁ ଯୋଜନାର ସୁଫଲ ପାଏବାରୁ ବଁଚିତ୍ ହେଉଥିବାର ଦେଖିବାକେ ମିଳୁଛେ। ଏନ୍‌ତା ଗୁଟେ ଘଟନା ଦେଖିବାକେ ମିଳିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଁଚେତ୍‌ର ଦେଦର୍ହ ଗାଁରେ। ଗାଁର ମହାଦେବ ବରିହା ଆର ନୃପ ବରିହା ଦୁହିଁକର ବଏସ୍ ୭୦ ଟପି ଗଲାନ। ଭୋଟର କାର୍ଡହିସାବେ ମହାଦେବକୁଁ୭୦ ବଛର ହେଉଥିଲା ବେଲେ ନୃପକୁଁ ୮୦ ବଛର। ହେଲେ ଆଏଜ୍‌ତକ୍ ଦୁଇଝନ ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ଦୁଇଝନ ପଁଚେତ୍‌ନୁ ମୂଲ୍ କରି ବ୍ଲକ ତକ୍ ସବୁନେ ଭତାର ଲାଗି ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇ ବାବ୍‌ଦେ ଖପ୍ରାଖୋଲ ବିଡିଓ ତରଣୀ ସୁନାକୁଁ ପଚରାଲାରୁ ଘଟନାର ତଦଁତ୍ କରି ହକ୍‌ଦାର ହିତାଧିକାରୀକୁଁ ଯେତେ ଜଲ୍‌ଦି ହେବା ଭତା ଦିଆଯିବା ବଲି ସେ କହିଛନ୍।

■ଓକିଲ ସଂଘର କାର୍ଯ୍ୟକାରୀ କମିଟି ବୈଠକରେ ନିଷ୍ପତ୍ତି

# ୨୩ରୁ ଖୋଲିବ ଜିଲାପାଳଙ୍କ କାର୍ଯ୍ୟାଳୟ

**ବଲାଙ୍ଗୀର ଅଫିସ, ୨୧।୨**

ବଲାଙ୍ଗୀରଠାରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପୁନଃସ୍ଥାପନ ଦାବିକୁ ନେଇ ଦୀର୍ଘ ୮୧ଦିନ ହେଲା ଜିଲାପାଳଙ୍କ କାର୍ଯ୍ୟାଳୟ ବନ୍ଦ ରଖି ଧାରଣା ଦିଆଯାଉଛି। ତେବେ ଜିଲା ଓକିଲ ସଂଘ କାର୍ଯ୍ୟକାରୀ କମିଟି ବୈଠକ ଅନୁଯାୟୀ ଆସନ୍ତା ୨୩ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଖୋଲାଯିବ ବୋଲି ନିଷ୍ପତ୍ତି ହୋଇଛି। ସାଧାରଣ ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଜିଲା ଓକିଲ ସଂଘ କାର୍ଯ୍ୟକାରୀ କମିଟି ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବିନେଇ ଗତ ଡିସେମ୍ବର ୩ତାରିଖରୁ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ, ସିଭିଲ କୋର୍ଟ ବନ୍ଦ ରହିଥିଲା। ତେବେ ଆସନ୍ତା ୨୩ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଖୋଲିବାକୁ ଜିଲା ଓକିଲ ସଂଘ କାର୍ଯ୍ୟକାରୀ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ତେବେ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ଓକିଲମାନେ କୋର୍ଟ କାମରୁ ନିବୃତ୍ତ ରହିବେ । ଆସନ୍ତା ୨୨ତାରିଖ ମାସର ଶେଷ ଶୁକ୍ରବାର ଓକିଲ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ସିଭିଲ କୋର୍ଟ ଆଗରେ ଧାରଣା ଦିଆଯିବା ପରେ ୨୩ ତାରିଖରୁ ସମସ୍ତ କାର୍ଯ୍ୟାଳୟ ସ୍ୱାଭାବିକ ଭାବେ ଚାଲିବ ବୋଲି କୁହାଯାଇଛି । ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଓକିଲ ସଂଘ ପକ୍ଷରୁ ଦୀର୍ଘ ୮୧ ଦିନର ଆନ୍ଦୋଳନକୁ ଜିଲାର ସମସ୍ତ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ତଥା ଦଳମତ ନିର୍ବିଶେଷରେ ଅକୁଣ୍ଠ ସମର୍ଥନ ଜଣାଇଥିବାରୁ ସମସ୍ତଙ୍କୁ ଓକିଲ ସଂଘ ସଭାପତି ଅଶୋକ କୁମାର ମହାନ୍ତି ଓ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ କୁମାର ନାୟକ ଧନ୍ୟବାଦ ଜଣାଇଛନ୍ତି। ଆସନ୍ତା କିଛି ଦିନ ଭିତରେ ଜିଲାର ସମସ୍ତ ଓକିଲ ସଂଘର ସଭ୍ୟମାନଙ୍କୁ ଏକତ୍ରିତ କରି କଣ୍ଟାବାଞ୍ଜିଠାରେ ଏକ ବୈଠକ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ବୁଧବାର ଅନୁଷ୍ଠିତ ବୈଠକରେ ସଂଘ ସମ୍ପାଦକ ଅମନ ନାଗ, ସହସମ୍ପାଦକ ଜଗଦୀଶ ପ୍ରଧାନ, କୋଷାଧ୍ୟକ୍ଷ ମାନଭଞ୍ଜନ ବେରିହା, ସଭ୍ୟ ବୀରେନ୍ଦ୍ର ମିଶ୍ର, ପ୍ରବୀଣ ମିଶ୍ର, ଜୟରାମ ମିଶ୍ର, ରାଧାକାନ୍ତ ମହାକୁଡ, ରଘୁନନ୍ଦନ ସିଂ, ଦେବାଶିଷ ବିଶ୍ୱାଳ, ଅଧିକାରୀ ଦନ୍ତା, ମହେନ୍ଦ୍ର ବାଗ ଏବଂ ବାସୁଦେବ ରଥ ଅଂଶଗ୍ରହଣ କରିଥିଲେ।

# ପଶ୍ଚିମ ଓଡ଼ିଶା ଇତିହାସ କଂଗ୍ରେସ ସ୍ଥାପନ

**ଭବାନୀପାଟଣା, ୨୧।୨ (ଡି.ଏନ.ଏ.)**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ସରକାରୀ ମହାବିଦ୍ୟାଳୟ (ସ୍ୱୟଂଶାସିତ) ଭବାନୀପାଟଣା ଆନୁକଲ୍ୟରେ ୨୦ ଓ ୨୧ ତାରିଖ ୨ ଦିନ ଧରି ଚାଲିଥିବା ଜାତୀୟ ସେମିନାରର ଉଦଯାପିତ ହୋଇଛି। ଏହି ସେମିନାରରେ 'ପଶ୍ଚିମ ଓଡିଶା ଇତିହାସ କଂଗ୍ରେସ' ଗଠନ କରାଯିବା ସଂକଳ୍ପ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ବାବା ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ର. ରାମଚନ୍ଦ୍ର ମିଶ୍ର, ଡ. ପି.କେ. ଦଣ୍ଡସେନା, ଗୋରାଚାନ୍ଦ ମହାପାତ୍ର, ଡ. ଟି. ଜେନା ଏବଂ ଡ. ନଳୀନିକାନ୍ତ ରଣା ଉପସ୍ଥିତ ରହିବା ସହିତ ଜାତୀୟ ସେମିନାରରେ ଡେଲିଗେଟ୍‌ସ, ଛାତ୍ରୀଛାତ୍ର ତଥା ମହାବିଦ୍ୟାଳ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ବୃନ୍ଦ ଉପସ୍ଥିତ ଥିଲେ। ଏଥିରେ 'ପଶ୍ଚିମ ଓଡିଶା ଇତିହାସ କଂଗ୍ରେସ'ର ଭବିଷ୍ୟତର ବିଭିନ୍ନ ରୂପରେଖ, କାର୍ଯ୍ୟ ପ୍ରଣାଳୀ, ନୀୟମାବଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଡ. ବାବା ମିଶ୍ରଙ୍କୁ ଅଧ୍ୟକ୍ଷ, ଡ. ପି.କେ. ଦଣ୍ଡସେନାଙ୍କୁ ଯୁଗ୍ମ ଅଧ୍ୟକ୍ଷ, ଗୋରାଚାନ୍ଦ ମହାପାତ୍ରଙ୍କୁ କୋଷାଧ୍ୟକ୍ଷ, ଡ. ତ୍ରିଲୋଚନ ଜେନାଙ୍କୁ ସଚିବ, ତଥା ନଳିନୀକାନ୍ତ ରଣାଙ୍କୁ ଯୁଗ୍ମ ସଚିବ ଭାବେ ପ୍ରାଥମିକ ରୂପରେ କାର୍ଯ୍ୟଭାର ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ଏହାର ନିୟମାବଳୀକୁ ଚୁଡାନ୍ତ କରି ଅବିଳମ୍ବ ଭାରତୀୟ ସୋସାଇଟି ରେଜିଷ୍ଟ୍ରେନ ଆକ୍ଟରେ ପଞ୍ଜୀକୃତ କରିବାକୁ ପ୍ରସ୍ତାବ ରଖାଯାଇଥିଲା। ଏହି ସଙ୍ଗଠନ ଆଞ୍ଚଳିକସ୍ତରର ଗବେଷଣକୁ ବିଶ୍ୱଦରବାରରେ ପହଞ୍ଚାଇବା ସଂକଳ୍ପ ବଦ୍ଧ ବୋଲି ସମସ୍ତେ ସୂଚନା ଦେଇଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }


ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.

**ODISHA POWER TRANSMISSION CORPORATION LTD.**

A GOVT. OF ODISHA UNDERTAKING
Office Of The Deputy General Manager (Electrical)
EHT (O&M) Division, Chatrapur, At-Puti-Gopalpur, Chatrapur, Dist- Ganjam (Odisha),Pincode-761020 CIN:U40102OR2004SGC007553

Advt. No. 06/2018-19 **NOTICE INVITING TENDER**

Sealed tenders are invited by the undersigned from the Contractors having both valid H.T contract license and Civil contract license along with I.T. PAN, GST Registration certificate for "Shifting & Commissioning of 1 no. of existing 250KVA, 33/0.4KV Station Transformer along with provision of new DP structure nearer to 33Kv Main Bus Side at 132/33Kv Grid S/s Ganjam under EHT (O&M) Division Chatrapur". **Cost of Tender Paper:** - Rs2000/-+ GST @12% (Rs2240/-) **EMD @ 1% of estimated cost:** -Rs 3340/- **Sale of Tender documents:** From Dt 21.02.19 to Dt. 07.03.19 up to 5.00PM on working days only. **Last date of submission of tender:** Dt. 08.03,19 up to 2,00 PM. **Date of opening of tender:** Dt. 08.03.19 at 4.00 PM. For details please visit our web site : **www.optcl.co.in**. Corrigendum if any will be published in the web site only

*Dy.General Manager, EHT(O&M) Div.*

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

**ODISHA POWER TRANSMISSION CORPORATION LIMITED**

(A Government of Odisha Undertaking)
Regd.Office: Janpath, Bhubaneswar-751022, CIN:U4102OR2004SGC007553

**e-TENDER NOTICE NO. CPC-58/2018-19**

For and on behalf of ODISHA POWER TRANSMISSION CORPORATION LTD., C.G.M. (CPC) invites bids from reputed manufacturers in two part bidding system for supply of Porcelain long rod insulators. The interested bidders would be required to enroll themselves on the tender portal **www.tenderwizard.com/OPTCL.** Complete set of bidding documents are available at **www.tenderwizard.com/OPTCL** from **21.02.2019 (11.00 hr)** to **14.03.2019 (13.00 hr).** Interested manufacturers may visit OPTCL's official website **http://www.optcl.co.in** and **www.tenderwizard.com/OPTCL** for detail specification.

**N.B:** All subsequent addendum/corrigendum to the tender shall be hosted in the OPTCL's official website **http://www.optcl.co.in, www.tenderwizard.com/OPTCL** only.

CR-Advt.No.- 80/18-19 **Chief General Manager (CPC)**

Please connect us: optcl.odisha optcl_odisha energyodisha

**Expression of Interest (EOI) is sought for Agency for running of One Stop Centre (OSC) in Angul District**

**Notice No. 350** **Date 16.02.2019**

Sealed applications are invited from organizations for selection of Agency to run One Stop Centre (OSC) in Angul District. Details of eligibility criteria, selection procedure and application form is available in Angul District website www.angul.nic.in. The application complete in all respect should be reached to the office of the District Social Welfare Officer, Angul on or before 11.03.2019 by 1.00 PM through Speed Post/ Registered Post only.

**Sd./- Collector, Angul**

OFFICE OF THE MUNICIPAL COUNCIL, TITILAGARH

**No. 135** **Dated : 19.02.2019**

**"e"- Tender Notice**

**BID Identification No. MUN-TIG No. 008/2018-19**

Bid Documents consisting of work, Estimated Cost, Cost of Tender Paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in.

| | | | |
|---|---|---|---|
| 1. | Name of the work | : | Civil Construction works as mentioned in website |
| 2. | No. of works | : | 2 Nos. |
| 3. | Estimated Cost | : | 2.22 lakhs to 4.29 Lakhs |
| 4. | Period of Completion | : | 60 Days to 90 Days. |
| 5. | Date & Time of availability of Bid Documents in the Portal | : | From 20.02.2019, 11.00 AM to 26.02.2019, 5.00 PM |
| 6. | Last date & time for receipt of bids in the portal | : | On 26.02.2019 at 5.00 PM. |
| 7. | Last date & time for deposit of Fees & Documents (in sealed envelope) at Office | : | On 27.02.2019 at 12.00 PM |
| 8. | Bids received online shall be opened on | : | On 28.02.2019 at 11.00 AM. |
| 9. | Name and address of the officer inviting Bid | : | Executive Officer, Titilagarh Municipality. |

Further details c an be seen from the procurement portal i.e. https://tendersodisha.gov.in.

**Sd./- Executive Officer, Titilagarh Municipality**

GOVT. OF ODISHA
DEPARTMENT OF WATER RESOURCES

**OFFICE OF THE SUPERINTENDING ENGINEER, CENTRAL IRRIGATION CIRCLE, BHUBANESWAR**

No.1295-A:- **'e' Procurement Notice No. SECIC - 20 / 2018-19**

| Procure-ment Officer | Bid Identification No. | Name of Work | Cost of Work (Rs. in Lakhs) | Bid Security(Rs.) E.M.D. | Cost of Bid docu-ments (Rs) | Class of Contractors | Bid documents available online for bidding | | Date of open-ing of Techni-cal Bid | Period of completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| SE, CIC, Bhubane-swar | SECIC/ PID-06 of 2018-19 | Construction of Dry Weather control structure at 85 M U/S of Railway Bridge across Dhau-dia Nallah near Malatipatapur. | 379.96 | 380000/- (On-line) | 10000/- (On-line) | "A" Class & "Special" Class | 25.02. 2019 at 11.00 A.M. | 11.03.2019 up to 5.00 P.M | 12 .03.2019 at 11.00 A.M. | 06 (Six) Calendar Months |

e-mail ID:- secic_dowr@yahoo.com.
Further details conditions can be seen from Govt. website www.tenderorissa.gov.in.
**32160/11/0034/1819** **Sd./- Superintending Engineer, Central Irrigation Circle**

**PANCHAYAT SAMITI OFFICE, AGALPUR**

Letter No. 423 Date: 20.02.2019

**INVITATIONS FOR BIDS**

**Detail Tender Call Notice No. 01 APR/2018-19, Dated: 20.02.2019**

1. The Block Dev. Officer, Agalpur on behalf of Governor of Odisha invites percentage rate bids in sealed cover in conformity with detailed tender call notice No. 01/APR/2018-19 to be eventually drawn up in State P.W.D. Form P-1 contract for the execution of works detailed in the table from eligible class of contractors mentioned against the work registered with the State Governments and Contractors of equivalent Grade Calss Registered with Central Government / MES / Railways for execution of Civil works on production of definite proof from the appropriate authority. The bidders may submit bids for any or all of the following works.

| Sl. No. | Name of Work | Approximate value of work (Rs.) | Bid Security 1% EMD (Rs.) | Cost of docu-ment | Class of Con-tractor | Period of Com-pletion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Const. of BDO Quarter (1 No.) & staff quarter (2 nos.) at Agalpur Block premises | 31,22,822/- | 31,300/- | 6,000/- | C&B | 09 (Nine) calender Months |
| 2. | Const. of 100 seated ST Boy's hostel building at Rampur Govt. High School under Agalpur Block. | 57,54,390/- | 57,600/- | 10,000/- | B&A | 12 (Twelve) Calendar months |

2. Bid documents consisting of plans, specifications, the schedule of quantities and the set of terms and conditions of contract and other necessary documents can be seen in the office of the undersigned during office hours everyday except on Sundays and Public Holidays till last date of sale and receipt of tender papers. Interested bidders may obtain further information at the same address.
3. Bid must be accompanied by bid security (EMD 1%) of the amount specified for the work in the table above in any one of the forms as specified in the bidding document i.e. N.S.C. / K.V.P./ Postal Savings Bank Accounts / Deposit receipt of Scheduled Bank / Post Office Term Deposit Account duly pledged in favour of the Block Dev. Officer, Agalpur. Bids must also be accompanied by self attested xerox copy of valid GST clearance, PAN Card and valid contract registration certificate, upto date ITCC failing which the bid will be liable for rejection.
4. The sale of the Bid document shall start from Dt.21.02.2019 to Dt.13.03.2019 upto 1.00PM at Panchayat Samiti, Agalpur and receipt of bid documents shall close on Dt.13.03.2019 at 2.00PM in Panchayat Samiti, Agalpur & DRDA, Bolangir.
5. Bids must be delivered in the tender box having mentioned as Tender Call Notice No. 01/APR/18-19 in Panchayat Samiti, Agalpur & DRDA, Bolangir.
6. Bid documents can be downloaded from official website of Government of Odisha (http://www.balangir.nic.in). The bidders who have downloaded the bidding documents from the internet site will have to pay the cost of tender document as indicated in Col. No.5 of the above table in shape of demand draft / bankers chqeue in favour of Block Dev. Officer, Agalpur, payable at SBI Duduka in a separate envelope marked "Cost of bidding documents downloaded from the internet" with the bid document. Authority will not be held responsible, if any portion of the bid document is excluded or modified in the downloaded bid document.
7. Bidding documents requested by mail will have to be dispatched by registered / speed post on payment of an extra amount of Rs. 500/- over the cost of documents. The undersigned will not be held responsible for the postal delay if any in the delivery of the documents or non-receipt of the same.
8. The Bids will be opened on the Dt. 13.03.2019 at 3.30 PM in the office of the undersigned in the presence of the members of tender commitee of Panchayat Samiti, Agalpur bidders or their authorized agents who wish to attend at the Conference hall of Panchayat Samti, Agalpur. If the office happens to be closed on the date of opening of the bids as specified the bids will be opened on the next working day at the same time and venue respectively. Other details can be seen in the bidding documents.
9. Additional performance security shall be deposited by the successful bidder when the bid amount is less than the estimated cost put to tender. In such an event, the bidder who have quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the qoted amount as APS in shape of Demand Draft/ Term Deposit Receipt pledged in favour of Development Officer, Agalpur by the successful bidder within seven days opening of the bid.
10. In case of Engineering contractors seeking exemption of EMD are instructed to enclose an affidavit regarding the list of works awarded during the current financial year 2018-19 with exemption of EMD along with an application to avail the same for this work and will submit copy of original contract license and produce the original license at the time of opening of tender, otherwise the tender will be rejected.
11. Scheduled Caste and Scheduled Tribe Tenderers will be given concession where their tenders are within 10% of the rate quoted by the lowest tenderer, for any work. The work may be considered for award to him/them at the lowest tendered rate.
12. If any bidder quotes less than 15% (fifteen) of the amount put to tender then such a bid shall be rejected and the tender shall be finalized basing on merit of the rest bids.
13. The tenderer while submitting tender shall furnish an affidavit along with the tender about the authenticity of the tender documents including E.M.D. The conditional tender will not be accepted on any circumstances by the authority.
14. The tender bidding for more than one work is required to submit the bid documents separately i.e. one envelope for each work within individual EMD. The bidding documents are to be properly sealed and clearly superscripted with the name of work with serial nos. of the work.
15. The percentage quoted in the tender without mentioning excess or less shall be treated as excess.
16. The agency bidding for the work put of this notice, shall have to mention percentage of excess less (both in words & figure) over the amount put to tender required by him in the prescribed format at the end of the bill of quantity. In the event of discrepancies the words & figure, the percentage quoted in words will count.
17. Validity of tender shall be 90 days from the date of opening of tender.
18. The Block Dev. Officer reserves right to reject any or all the tenders without assigning any reason thereof.

***Sd./- [S.Say, OAS(I) SB], Block Dev. Officer, Agalpur***